# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୬/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, September 26/2023 | Page 14 | ₹ 7.00

୪୯ଶ ଭାଗ ୩୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 302 | ମୂଲ୍ୟ ₹୭/-




## ବିପର୍ଯ୍ୟୟ ପୀଡ଼ିତଙ୍କୁ ଆମୀରଙ୍କ ସହାୟତା

ବଲିଉଡ୍ ଅଭିନେତା ଆମୀର ଖାନ୍ ନିକଟରେ ହିମାଚଳ ପ୍ରଦେଶରେ ବନ୍ୟା-ଭୂସ୍ଖଳନରେ ପ୍ରଭାବିତ ଲୋକଙ୍କ ସାହାଯ୍ୟ ପାଇଁ ବିପର୍ଯ୍ୟୟ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ଦେଇଛନ୍ତି।

୧୦

୧୪

## ଟିଟାସ ସାଧୁଙ୍କ ପ୍ରଭାବୀ ବୋଲିଂ

ଶ୍ରୀଲଙ୍କା ବିପକ୍ଷ ଏସିଆନ୍ ଗେମ୍ସ ଟି୨୦ କ୍ରିକେଟର ଫାଇନାଲ ମ୍ୟାଚରେ ୬ ରନ୍‌ରେ ୩ ଉଇକେଟ ଅକ୍ତିଆର କରିଛନ୍ତି ଭାରତର ଟିଟାସ ସାଧୁ।





ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ସୋମବାର ପୁରୁଷ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଭାରତର ରୁଦ୍ରାଂଶ ପାଟିଲ (ଡାହାଣ), ଐଶ୍ୱରୀ ପ୍ରତାପ ସିଂ ତୋମାର (ମଝି) ଓ ଦିବ୍ୟାଂଶ ସିଂ ପନୱାର।

# ପ୍ରତାପଙ୍କ ନାଁରେ ହତ୍ୟା ମାମଲା ଚାଲିବ

## ମାହାଙ୍ଗା ଡବଲ ମର୍ଡର ଘଟଣା

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୨୫।୯ (ଅଶୋକ କୁମାର ମହାପାତ୍ର/ଯଯାତି ସିଂ)

- ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହେବ ବିଚାର
- ଚାର୍ଜଶିଟ୍‌ରୁ ବିଧାୟକ ଜେନାଙ୍କ ନାମ କାଟିଥିଲା ପୋଲିସ



ପ୍ରତାପ ଜେନା

ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାର ୧୩ ନମ୍ବର ଅଭିଯୁକ୍ତ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ପାଇଁ ଅଡୁଆ ବଢ଼ିଛି। ବିଧାୟକ ଜେନାଙ୍କ ନାମରେ ଆଇପିସି ଦଫା ୩୦୨, ୧୨୦ ବି ଓ ୫୦୬ (ହତ୍ୟା, ଷଡ଼ଯନ୍ତ୍ର, ହତ୍ୟା ଧମକ ଦେବା) ଅନୁଯାୟୀ ମାମଲା ଚାଲୁ ରହିବ ବୋଲି ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ ବିଧାୟକ ହୋଇଥିବାରୁ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିଶନାଲ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ କମ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର ପାଇଁ ଜେଏମ୍‌ଏଫ୍‌ସି ଆଦେଶ ଦେଇଛନ୍ତି। ଏହି ସ୍ପେଶାଲ କୋର୍ଟରେ ଏମ୍‌ପି, ବିଧାୟକ ଆଦି ଲୋକପ୍ରତିନିଧିମାନଙ୍କ ବିରୋଧରେ ଥିବା ମାମଲାର ତ୍ୱରିତ ବିଚାର ହୋଇଥାଏ।

ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ (୮୨)ଙ୍କୁ ୨୦୨୧ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା କୁଳମଣି ଅଭିଯୋଗ ଆଣିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଏହି ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲା (ନଂ.୫/୨୧)ରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତଙ୍କ ତାଲିକାର ୧୩ ନମ୍ବର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ (ନଂ.୨୧୭/୨୧) ଦାଏର କରିଥିଲେ। ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ୍ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ବିଧାୟକ ☞ପୃଷ୍ଠା–୪

# ଶୁଟିଂରୁ ଭାରତକୁ ସ୍ୱର୍ଣ୍ଣ

**ଏସିଆନ ଗେମ୍ସ**

### ବିଶ୍ୱ ରେକର୍ଡ ସହ ୧୦ ମିଟର ଏୟାର ରାଇଫଲ୍ସରେ ସଫଳତା

ହାଙ୍ଗଝୋ, ୨୫।୯ (ପି.ଟି.)

ଚଳିତ ଏସିଆନ ଗେମ୍ସରେ ଶୁଟିଂ ଇଭେଣ୍ଟରୁ ଭାରତ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛି। କେବଳ ସେତିକି ନୁହେଁ, ବିଶ୍ୱ ରେକର୍ଡ ସ୍କୋର ସହ ଭାରତୀୟ ୧୦ ମିଟର ଏୟାର ରାଇଫଲ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ସୋମବାର ଶୁଟିଂରୁ ଆଉ ୨ଟି ବ୍ରୋଞ୍ଜ ପଦକ ମଧ୍ୟ ଆସିଛି। ଫଳରେ ଏହି ଇଭେଣ୍ଟରୁ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଭାରତୀୟ ମହିଳା କ୍ରିକେଟ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହା ବ୍ୟତୀତ ରୋଇଂ ଇଭେଣ୍ଟରୁ ୨ଟି ବ୍ରୋଞ୍ଜ ପଦକ ମିଳିଛି।

ଶୁଟିଂର ୧୦ ମିଟର ଏୟାର ରାଇଫଲରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଟିନ୍‌ଏଜ୍ ବିଶ୍ୱ ଚାମ୍ପିୟନ ରୁଦ୍ରାଂଶ ପାଟିଲ। ଅନ୍ୟ ଦୁଇ ସଦସ୍ୟ ଥିଲେ ଅଲିମ୍ପିଆନ ଦିବ୍ୟାଂଶ ସିଂ ପନୱାର ଓ ଐଶ୍ୱର୍ଯ୍ୟ। ଭାରତୀୟ ତ୍ରୟ ୧୮୯୩.୭ ପଏଣ୍ଟ ସ୍କୋର କରି ଶୁଟିଂ ପାୱାର ହାଉସ ଚାଇନା ଓ ଦକ୍ଷିଣ କୋରିଆକୁ ପଛରେ ପକାଇ ଦେଇଥିଲେ। ପ୍ରତିଯୋଗିତା ସମୟରେ ଭାରତୀୟ ଶୁଟରମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୧୯ ବର୍ଷୀୟ ରୁଦ୍ରାଂଶ ୬୩୨.୫, ତୋମାର ୬୩୧.୬ ଓ ପନୱାର ୬୨୯.୬ ପଏଣ୍ଟ ସ୍କୋର କରିଥିଲେ। ଓଭରଅଲ୍ ମିଳିତଭାବେ ଏହା ବିଶ୍ୱ ରେକର୍ଡ ସ୍କୋର ହୋଇଥିଲା। ୧୮୯୦.୧ ପଏଣ୍ଟ ସହିତ ଦକ୍ଷିଣ କୋରିଆ ଦ୍ୱିତୀୟ ଓ ୧୮୮୮.୨ ପଏଣ୍ଟ ସ୍କୋର କରି ଚାଇନା ତୃତୀୟ ସ୍ଥାନରେ ରହିଥିଲା।

୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ବ୍ରୋଞ୍ଜ ପଦକ ପାଇଛନ୍ତି। ତୃତୀୟ ସ୍ଥାନ ପାଇଁ ଐଶ୍ୱର୍ଯ୍ୟ ଓ ରୁଦ୍ରାଂଶଙ୍କ ମଧ୍ୟରେ ଶୁଟ୍-ଅଫ୍ ହୋଇଥିଲା। ଏଥିରେ ଐଶ୍ୱର୍ଯ୍ୟ ବାଜି ମାରିଥିଲେ। ତୋମାର ୨୫୩.୩ ଓ ରୁଦ୍ରାଂଶ ୨୨୮.୮ ପଏଣ୍ଟ ସ୍କୋର କରିଥିଲେ। ସେହିପରି ୨୫ ମିଟର ରାପିଡ-ଫାୟାର ପିସ୍ତଲ ଇଭେଣ୍ଟରେ ଭାରତର ଅନିଶ ଭାନୱାଲା, ବିଜୟବୀର ସିଦ୍ଧୁ ଓ ଆଦର୍ଶ ସିଂ ୧୭୧୮ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବିଭାଗରେ ସିଦ୍ଧୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

# ଉଚ୍ଚଶିକ୍ଷା ପାଇଁ ଛୁଟି ନେଇପାରିବେ ଡାକ୍ତର

ଭୁବନେଶ୍ୱର, ୨୫।୯ (ଅସମାପିକା ସାହୁ)

ଉଚ୍ଚଶିକ୍ଷା ନିମନ୍ତେ ଯିବାକୁ ଚାହୁଁଥିବା ଡାକ୍ତରଙ୍କୁ ଛୁଟି ମିଳିବ। କେତେଜଣ ପିଜି ଏବଂ ପୋଷ୍ଟ ପିଜି ଡାକ୍ତରଙ୍କ ଅଭିଯୋଗ ଶୁଣିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ଉଚ୍ଚଶିକ୍ଷା ପାଇଁ ଛୁଟି ମିଳିପାରିବ। ଏପରିକି ସେମାନଙ୍କ ପ୍ରଥମ ୫ବର୍ଷ ସେବା ମଧ୍ୟରେ ଛୁଟି ନେଇପାରିବେ। ଅର୍ଥ ବିଭାଗର ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ସର୍ବାଧିକ ୬ବର୍ଷ ଛୁଟି ନେଇହେବ ଏବଂ ତାହା ପୁଣି କାର୍ଯ୍ୟରୁ ଅନୁପସ୍ଥିତ ରହିବା ଦିନରୁ ସର୍ତ୍ତାବଳୀକୁ ଆଧାର କରାଯିବ। ଏହି ଛୁଟି ସମୟ ପଦୋନ୍ନତି ପାଇଁ ମଧ୍ୟ ଗଣନା କରାଯାଇପାରିବ। ତେବେ ଛୁଟି ସମୟରେ ଓଏମ୍‌ଏଚ୍‌ଏସ୍/ଓଏମ୍‌ଇଏସ୍ କ୍ୟାଡରର ସମସ୍ତ ପିଜି/ପୋଷ୍ଟ ପିଜି ଡାକ୍ତରଙ୍କୁ ଦରମା ମିଳିବ।

**ଆଜିର ସମ୍ପାଦକୀୟ**

**ରାସ୍ତା ହେଲାଣି ମୃତ୍ୟୁଯନ୍ତା**

# ଜନତାଙ୍କ ଅଭିଯୋଗ ଶୁଣାଣି ମୋ ପାଇଁ ସର୍ବୋଚ୍ଚ: ନବୀନ

## ବିଧାନସଭାରେ ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜବାବ

ଭୁବନେଶ୍ୱର, ୨୫।୯ (ଅନିଲ ଦାସ)



- ୫୭ ହଜାର ଅଭିଯୋଗରୁ ୪୩ ହଜାର ସମାଧାନ
- ସାଢ଼େ ୩ ବର୍ଷରେ ହେଲିକପ୍ଟର ଖର୍ଚ୍ଚ ୪୦ କୋଟି

ଆମେ ସମସ୍ତେ ଜନତାଙ୍କ ସେବକ। ଜନସାଧାରଣଙ୍କ ଅଭିଯୋଗର ଶୁଣାଣି ଆମର ସର୍ବୋଚ୍ଚ ପ୍ରାଥମିକତା। ଜନସାଧାରଣଙ୍କ ଖୁସିରେ ଲୋକ ପ୍ରତିନିଧିମାନେ ଖୁସି। ବିରୋଧୀ ଦଳର ସଦସ୍ୟମାନେ କେବଳ ରାଜନୈତିକ କାରଣ ଦୃଷ୍ଟିରୁ ଅସନ୍ତୁଷ୍ଟ ହେଉଛନ୍ତି। ମୋ ସରକାର ପାଇଁ ଜନସାଧାରଣ ହେଉଛନ୍ତି ପ୍ରଥମ। ଏହାକୁ ସର୍ବୋତ୍ତମ ଭାବରେ ସମ୍ପାଦନ କରିବା ପାଇଁ ମୁଁ କାମ କରିଚାଲିବି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏଭଳି କିଛି ତଥ୍ୟ ଉପସ୍ଥାପନ କରି ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି।

ଗତ କିଛିମାସ ଧରି ବିରୋଧୀ ଦଳଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ଓ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଜିଲାଗସ୍ତକୁ ନେଇ ବିରୋଧ କରିବା ସହ ସମାଲୋଚନା କରି ଆସୁଛନ୍ତି। ସୋମବାର ବିଧାନସଭାରେ ମଧ୍ୟ ମୁଖ୍ୟ ବିରୋଧୀ ଦଳ ଭାଜପା ମନ୍ତ୍ରୀ ବନାମ ଅଫିସର ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରି ଗୃହକୁ ଅଚଳ କରିଥିଲେ। ବିରୋଧୀଙ୍କ ଏଭଳି ଅଭିଯୋଗକୁ କଡ଼ା ଜବାବ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଜନସାଧାରଣଙ୍କ ଅଭିଯୋଗ ସମାଧାନ ଉପରେ ସବୁବେଳେ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି। କୋଭିଡ୍ ମହାମାରୀ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅଭିଯୋଗ ଶୁଣାଣି କରି ସମାଧାନ ପାଇଁ ପଦକ୍ଷେପ ନେଉଥିଲା। ସାରା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଦାଖଲ କରୁଥିଲେ। ସୁଦୃଢ଼ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଜରିଆରେ ସେଗୁଡ଼ିକର ସମାଧାନ କରାଯାଉଥିଲା। ରାଜ୍ୟର ସର୍ବୋଚ୍ଚ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ଜଣାଇବା ବ୍ୟବସ୍ଥା ଲୋକମାନଙ୍କ ମନରେ ବ୍ୟବସ୍ଥା ପ୍ରତି ଆସ୍ଥା ସୃଷ୍ଟି କରୁଥିଲା। କୋଭିଡ୍ ସମୟରେ କଟକଣା ଯୋଗୁ ପ୍ରାୟ ୨ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ଏହା ପୁଣି ଥରେ ତା'ର କାର୍ଯ୍ୟ ଆରମ୍ଭ କରିଥିଲା। ତେବେ କୋଭିଡ୍ ପରବର୍ତ୍ତୀ ସମୟରେ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଲୋକଙ୍କ ସଂଖ୍ୟା ତଥା ଅଭିଯୋଗର ହାରାହାରି ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲା। ୨ ବର୍ଷ ଧରି କୋଭିଡ୍ କଟକଣା ଲାଗୁ ରହିବା ଫଳରେ ଅଭିଯୋଗ ସମାଧାନରେ ସମସ୍ୟା ଦେଖାଦେଇଥିଲା। ତେଣୁ ଲୋକଙ୍କ ଘର ପାଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନେଇ ପହଞ୍ଚାଇବା ପାଇଁ ସେ ଚିନ୍ତା କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ସବୁ ବ୍ଲକ ଓ ସବୁ ସହରାଞ୍ଚଳରେ କମ୍ ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିପରି ପହଞ୍ଚିପାରିବ ସେ ଦିଗରେ ପଦକ୍ଷେପ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ। ମୋ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାଜ୍ୟର ବିଭିନ୍ନ ଜିଲାରେ ବିକେନ୍ଦ୍ରିତ ଅଭିଯୋଗ ଶୁଣାଣି ପରିଚାଳନା କଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୬ ମାସ ମଧ୍ୟରେ ରାଜ୍ୟର ୧୯୦ରୁ ଅଧିକ ସ୍ଥାନରେ ଏହି ଅଭିଯୋଗ ଶୁଣାଣି ଆୟୋଜନ ☞ପୃଷ୍ଠା–୪

# ଭାରତୀୟ ଜଳବାୟୁରେ ଆଧାର ବାୟୋମେଟ୍ରିକ ନିର୍ଭରଯୋଗ୍ୟ ନୁହେଁ

**ମୁଡିସ୍ ରିପୋର୍ଟ**

ନୂଆଦିଲ୍ଲୀ, ୨୫।୯




ଆଧାର କାର୍ଯ୍ୟକ୍ରମ ଗୋପନୀୟତା ଏବଂ ସୁରକ୍ଷା ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଥିବାବେଳେ ଏହାର ବାୟୋମେଟ୍ରିକ୍ ପ୍ରଯୁକ୍ତି ଭାରତର ଉତ୍ତପ୍ତ ଏବଂ ଆର୍ଦ୍ର ଜଳବାୟୁରେ ନିର୍ଭରଯୋଗ୍ୟ ନୁହେଁ ବୋଲି ରେଟିଂ ସଂସ୍ଥା ମୁଡିସ୍ ଇନ୍‌ଭେଷ୍ଟର୍ସ ସର୍ଭିସ ଏକ ରିପୋର୍ଟରେ କହିଛି। ସମାଜର ଅବହେଳିତ ବର୍ଗଙ୍କୁ ଏକତ୍ର କରି କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା ଲାଗି ଭାରତର ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଆଧାର ପରିଚୟପତ୍ର ପ୍ରଚଳନ କରିଥିଲା। ତେବେ ଏହି ବ୍ୟବସ୍ଥା ବେଳେବେଳେ କେତେକଙ୍କୁ ସେବାରୁ ବଞ୍ଚିତ କରୁଥିବାବେଳେ ଉତ୍ତପ୍ତ ଏବଂ ଆର୍ଦ୍ର ଜଳବାୟୁରେ ମୁଖ୍ୟତଃ ଶ୍ରମିକ ଶ୍ରେଣୀଙ୍କ କ୍ଷେତ୍ରରେ ବାୟୋମେଟ୍ରିକ୍ ଟେକ୍‌ନୋଲୋଜିର ନିର୍ଭରଯୋଗ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଡିସ୍‌ର 'ଡିସେଣ୍ଟ୍ରାଲାଇଜ୍‌ଡ ଫାଇନାନ୍ସ ଆଣ୍ଡ ଡିଜିଟାଲ ଆସେଟ୍ସ' ରିପୋର୍ଟରେ ଏହା କୁହାଯାଇଛି।

ଆଧାର ବିଶ୍ୱର ସର୍ବବୃହତ୍ ଡିଜିଟାଲ ପରିଚୟ କାର୍ଯ୍ୟକ୍ରମ ଭାବେ ରିପୋର୍ଟରେ ସ୍ୱୀକାର କରାଯାଇଛି। ତେବେ ଅଧିକାର ସାବ୍ୟସ୍ତ କରିବାରେ ଏହା ପ୍ରତିବନ୍ଧକର ସମ୍ମୁଖୀନ ହେବା ସହ ବାୟୋମେଟ୍ରିକ୍ ନିର୍ଭରଯୋଗ୍ୟତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କେନ୍ଦ୍ରୀକୃତ ବ୍ୟବସ୍ଥାରେ ତଥ୍ୟ ସଂଗ୍ରହକୁ ନେଇ ଆଶଙ୍କା ଦେଖାଦେବା ସହ ବ୍ୟବହାରକାରୀମାନଙ୍କର କ୍ୱଚିତ୍ ନିୟନ୍ତ୍ରଣ ରହୁଛି। ସେଣ୍ଟ୍ରାଲାଇଜ୍‌ଡ ସିଷ୍ଟମ୍‌ରେ ବ୍ୟାଙ୍କ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ କିମ୍ବା ସରକାରଙ୍କ ଭୋଟର ☞ପୃଷ୍ଠା–୪

# ଭାଜପା ମେଣ୍ଟରୁ ଓହରିଲା ଏଆଇଏଡିଏମ୍‌କେ

ଚେନ୍ନାଇ, ୨୫।୯ (ପି.ଟି.)

ଅଲ୍ ଇଣ୍ଡିଆ ଆନ୍ନା ଦ୍ରାଭିଡ଼ ମୁନେତ୍ରା କାଜାଗମ୍ (ଏଆଇଏଡିଏମ୍‌କେ) ସୋମବାର ଭାରତୀୟ ଜନତା ପାର୍ଟି (ଭାଜପା) ମେଣ୍ଟରୁ ଓହରିଯାଇଛି। ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମାଲାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡୀୟ ଆଇକନ୍ ସି. ଏନ୍. ଆନ୍ନାଦୁରାଇଙ୍କ ନାମରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ଏଆଇଏଡିଏମ୍‌କେ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଚେନ୍ନାଇସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ବୈଠକରେ ବିଧିବଦ୍ଧ ଭାବେ ଏହା ଘୋଷଣା କରାଯିବା ପରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ତା'ର ଏକ ସହଯୋଗୀକୁ ହରାଇଛି। ସୋମବାରଠାରୁ ଭାଜପା ତଥା ଏନ୍‌ଡିଏ ମେଣ୍ଟଠାରୁ ଦଳ ସବୁ ପ୍ରକାର ସମ୍ପର୍କ ଛିନ୍ନ କଲା ବୋଲି ଏଆଇଏଡିଏମ୍‌କେ ପକ୍ଷରୁ କୁହାଯାଇଛି। ରାଜ୍ୟ ଭାଜପା ନେତୃତ୍ୱ ପୂର୍ବତନ ନେତା, ସାଧାରଣ ସମ୍ପାଦକ ଇଡାପାଡି କେ ପାଲାନିସ୍ୱାମୀ ଓ ଅନ୍ୟାନ୍ୟ କ୍ୟାଡରଙ୍କ ବିରୋଧରେ ବର୍ଷେ ହେବ ଅନାବଶ୍ୟକ ମନ୍ତବ୍ୟ ମଧ୍ୟ ଦେଇଆସୁଥିଲେ ବୋଲି ଏଆଇଏଡିଏମ୍‌କେ ନେତା କେ. ପି. ମୁନୁସାମୀ କହିଛନ୍ତି। ଭାଜପାଠାରୁ ସମ୍ପର୍କ ଛିନ୍ନ କରାଯିବା ପରେ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ବାଣ ଫୁଟାଯାଇ ଉତ୍ସବ ଭାବେ ଏହାକୁ ପାଳନ କରାଯାଇଥିବା ଦେଖିବାକୁ ମିଳିଛି।

୧୯୫୬ରେ ମଦୁରାଇଠାରେ ଆନ୍ନାଦୁରାଇ ହିନ୍ଦୁତ୍ୱକୁ ଅପମାନିତ କରିଥିଲେ ବୋଲି କହି ଭାଜପା ନେତା ଆନ୍ନାମାଲାଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ଆହୁରି କହିଥିଲେ, ଆନ୍ନାଦୁରାଇଙ୍କୁ ମଦୁରାଇଠାରେ ଲୁଚାଇ ରଖାଯାଇଥିଲା ଏବଂ ତାଙ୍କୁ କ୍ଷମା ମାଗିବାକୁ କୁହାଯିବାରୁ ସେ ଲୁଚି ପଳାଇଥିଲେ। ଏହି ମନ୍ତବ୍ୟକୁ ନେଇ ଗତ କିଛି ଦିନ ହେବ ଦୁଇ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ତେବେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେଇଥିବାରୁ କ୍ଷମା ମାଗିବା ଲାଗି ଆନ୍ନାମାଲାଇଙ୍କୁ କୁହାଯାଇଥିଲେ ମଧ୍ୟ ସେ ମନା କରିଦେଇଥିଲେ। ୨୧ ସେପ୍ଟେମ୍ବରରେ ସେ କହିଥିଲେ ଯେ, ତାଙ୍କ ଦଳ ଓ ଏଆଇଏଡିଏମ୍‌କେ ମଧ୍ୟରେ କୌଣସି ସମସ୍ୟା ନାହିଁ। ଆନ୍ନାଦୁରାଇଙ୍କ ବିରୋଧରେ କିଛି କହି ନ ଥିଲେ, ବରଂ ୧୯୫୬ର ଏକ ଘଟଣାକୁ ମନେପକାଇ ଦେଇଥିଲେ ବୋଲି ଆନ୍ନାମାଲାଇ ସଫେଇ ଦେଇଥିଲେ।

ସୂଚନାଯୋଗ୍ୟ, ୨୦୧୯ ଲୋକ ସଭା ନିର୍ବାଚନବେଳେ ଭାଜପା ସହ ଏଆଇଏଡିଏମ୍‌କେ ମିଶି ଲଢ଼ିଥିବା ବେଳେ ୨୦୨୧ ବିଧାନସଭା ନିର୍ବାଚନ ବେଳେ ଉଭୟ ମେଣ୍ଟ କରିଥିଲେ।




## ସଂକ୍ଷେପରେ

### ସୁପ୍ରିମକୋର୍ଟରେ ଯୁକ୍ତି ରଖିଲେ ମୂକ, ବଧିର ଆଇନଜୀବୀ

**ନୂଆଦିଲ୍ଲୀ,୨୫।୯:** ସୁପ୍ରିମକୋର୍ଟରେ ପ୍ରଥମ ଥର ପାଇଁ ଜଣେ ମୂକ, ବଧିର ଆଇନଜୀବୀ ଜଣେ ଇଣ୍ଟରପ୍ରିଟରଙ୍କ ଜରିଆରେ ସାଙ୍କେତିକ ଭାଷାରେ ଯୁକ୍ତି ଉପସ୍ଥାପନ କରିଛନ୍ତି। ସର୍ବୋଚ୍ଚ ଅଦାଲତରେ ଭର୍ଚୁଆଲ ଶୁଣାଣିର ପରିଚାଳନା କରୁଥିବା କଣ୍ଟ୍ରୋଲ ରୁମ୍ ମୂକ ବଧିର ଆଇନଜୀବୀ ସାରା ସନ୍ନିଙ୍କୁ ସ୍କ୍ରିନ୍ ସ୍ପେସ୍ ଦେବାକୁ ମନା କରି ଦେଇଥିଲା। ଶୁଣାଣି ବେଳେ ସନ୍ନିଙ୍କ ପାଳି


ସାରା ସନ୍ନି

ଆସିବାରୁ ତାଙ୍କ ଇଣ୍ଟରପ୍ରିଟର ସୌରଭ ରାୟ ଚୌଧୁରୀ ସ୍କ୍ରିନ୍‌ରେ ଦେଖାଦେଇଥିଲେ। ଯୁକ୍ତି ଆରମ୍ଭ ହେବା ମାତ୍ରେ ସନ୍ନିଙ୍କ ସାଙ୍କେତିକ ଭାଷାକୁ ସୌରଭ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସମ୍ମୁଖରେ ପଢ଼ିଥିଲେ। ଏହା ପରେ ସନ୍ନିଙ୍କୁ ମଧ୍ୟ ସ୍କ୍ରିନ୍ ସ୍ପେସ୍‌ରେ ସ୍ଥାନ ଦେବା ଲାଗି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କଣ୍ଟ୍ରୋଲ ରୁମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉଭୟ ସନ୍ନି ଏବଂ ସୌରଭ ସୁପ୍ରିମକୋର୍ଟଙ୍କ ଆଗରେ ଯୁକ୍ତି ଉପସ୍ଥାପନ କରୁଥିବା ସ୍କ୍ରିନ୍‌ରେ ଦେଖାଯାଇଥିଲା।

### କେରଳରେ ସେନା ଯବାନଙ୍କୁ ଆକ୍ରମଣ

#### ପିଠିରେ 'ପିଏଫ୍‌ଆଇ' ଲେଖିଲେ

**କୋଲାମ୍,୨୫।୯:** କେରଳରେ କେତେଜଣ ଦୁର୍ବୃତ୍ତ ଭାରତୀୟ ସୈନ୍ୟ ବାହିନୀର ଜଣେ ଯବାନଙ୍କୁ ରବିବାର ରାତିରେ ଆକ୍ରମଣ କରିବା ସହ ତାଙ୍କ ପିଠିରେ 'ପିଏଫ୍‌ଆଇ' ଲେଖିଛନ୍ତି। କୋଲାମ ଜିଲା କଡକ୍କଲ ସହର ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆକ୍ରମଣର ସମ୍ମୁଖୀନ ହୋଇଥିବା ଶାଇନ୍ କୁମାରଙ୍କ କହିବା ଅନୁଯାୟୀ, ତାଙ୍କ ଘର ନିକଟରେ ଥିବା ରବର ଜଙ୍ଗଲରେ ୬ ଜଣ ଲୋକ ତାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେମାନେ ଯବାନଙ୍କ ହାତ ବାନ୍ଧିଦେଇ ପିଠିରେ କଳା ଓ ସବୁଜ ରଙ୍ଗରେ ପିଏଫ୍‌ଆଇ ଲେଖିଥିଲେ। ପିଏଫ୍‌ଆଇ ବେଆଇନ ଘୋଷିତ ଇସ୍‌ଲାମିକ୍ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ହୋଇପାରେ ବୋଲି କୁହାଯାଉଛି।

### ୩ ବର୍ଷ ପରେ ବିଦେଶୀଙ୍କ ପାଇଁ ସୀମା ଖୋଲିଲା ଉତ୍ତର କୋରିଆ

**ବେଜିଂ, ୨୫।୯ (ପି.ଟି.):** କୋଭିଡ୍-୧୯ ମହାମାରୀ ଯୋଗୁ ଦୀର୍ଘ ୩ ବର୍ଷ ଧରି ନିଜ ସୀମାକୁ ବିଦେଶୀମାନଙ୍କ ପାଇଁ ବନ୍ଦ ରଖିଥିବା ଉତ୍ତର କୋରିଆ ସୋମବାର ତାହାକୁ ଖୋଲିଛି। ଚାଇନାର ସରକାରୀ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୋଭିଡ୍ ବିଶ୍ୱବ୍ୟାପୀ ଭୟ ସୃଷ୍ଟି କରିଥିବାରୁ ଉତ୍ତର କୋରିଆ କର୍ତ୍ତୃପକ୍ଷ ବାହାରେ ରହୁଥିବା ତା' ନିଜ ଦେଶର ନାଗରିକଙ୍କୁ ମଧ୍ୟ ୨୦୨୦ ପ୍ରାରମ୍ଭରୁ ପ୍ରବେଶ ନିଷିଦ୍ଧ କରିଥିଲା। ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ଚଳିତ ମାସ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଭେଟିବା ଓ ଚାଇନାର ପୂର୍ବାଞ୍ଚଳ ସହର ହାଙ୍ଗଝୁରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଦେଶର ଖେଳାଳିଙ୍କୁ ଭାଗ ନେବା ଲାଗି ଅନୁମତି ଦେବା ପରିପ୍ରେକ୍ଷୀରେ ସୀମାକୁ ଖୋଲି ଦେଇଥିବା କୁହାଯାଉଛି। ତେବେ ଦେଶ ଭିତରକୁ ଆସୁଥିବା ବ୍ୟକ୍ତି ଦୁଇ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ଉତ୍ତର କୋରିଆ ସରକାରୀ ଗଣମାଧ୍ୟମରେ ସୀମା ଖୋଲିବା ନେଇ କୌଣସି ଖବର ପ୍ରକାଶ ପାଇନାହିଁ।

# ଭାରତର ବିଭାଜନ ଚାହୁଁଥିଲେ ଖଲିସ୍ତାନୀ ଆତଙ୍କବାଦୀ

**ନୂଆଦିଲ୍ଲୀ,୨୫।୯**

ଖଲିସ୍ତାନୀ ଆତଙ୍କବାଦୀ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍‌ଙ୍କର ପଞ୍ଜାବର ଅମୃତସର ଏବଂ ଚଣ୍ଡିଗଡ଼ରେ ଥିବା ସମ୍ପତ୍ତି ଜବତ ହୋଇଥିବାବେଳେ ସେ ଭାରତକୁ ଅନେକ ଦେଶରେ ବିଭାଜନ କରିବାକୁ ଚାହୁଁଥିଲେ। ବେଆଇନ ବିଚ୍ଛିନ୍ନତାବାଦୀ ସଂଗଠନ 'ଶିଖ୍‌ସ ଫର୍ ଜଷ୍ଟିସ୍'ର ମୁଖ୍ୟ ପନ୍ନୁନ୍‌ଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସଂଗ୍ରହ କରିଥିବା ତଥ୍ୟ ପ୍ରମାଣରୁ ଏହା ଜଣାପଡ଼ିଛି। ଏକ ଅଡିଓ ବାର୍ତ୍ତାରେ ପନ୍ନୁନ ଭାରତର ଏକତା ଓ ସଂହତିକୁ ଚ୍ୟାଲେଞ୍ଜ କରିବା ସହ କଶ୍ମୀର ଜନସାଧାରଣଙ୍କ ପାଇଁ ଏକ ସ୍ୱତନ୍ତ୍ର ଦେଶ ଏବଂ ଏକ ମୁସଲମାନ ରାଷ୍ଟ୍ର ଗଠନ ଚାହୁଁଥିଲେ। ପଞ୍ଜାବ ସମେତ ସାରା ଦେଶରେ ଆତଙ୍କର ବାତାବରଣ ସୃଷ୍ଟି କରିବାରେ ପନ୍ନୁନ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ାଇବାରେ ମୁଖ୍ୟ


ଗୁରପତ୍‌ୱନ୍ତ ସିଂ ପନ୍ନୁନ୍

ଭୂମିକା ନେଇଥିଲେ। ତାଙ୍କୁ ଧରିବା ପାଇଁ ଏନ୍‌ଆଇଏ ୨୦୧୯ରୁ ଉଦ୍ୟମ ଚଳାଇଥିଲା। ନିରୀହ ଯୁବକମାନଙ୍କୁ କଟ୍ଟରପନ୍ଥୀ କରାଇବାରେ ପନ୍ନୁନ୍ ସାଇବରସ୍ପେସ୍‌ର ଅପବ୍ୟବହାର କରୁଥିଲେ। ଖଲିସ୍ତାନ ସ୍ୱାଧୀନ ରାଷ୍ଟ୍ର ଗଠନ ଲାଗି ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ହେବା ଲାଗି ସେ ସେମାନଙ୍କୁ ଉସୁକାଉଥିଲେ। ୨୦୨୨ ଜୁଲାଇରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପନ୍ନୁନ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲେ ମଧ୍ୟ ପର୍ଯ୍ୟାପ୍ତ ତଥ୍ୟ ନ ଥିବା ଦର୍ଶାଇ ତାଙ୍କ ବିରୋଧରେ ରେଡ୍ କର୍ନର ନୋଟିସ୍ ଜାରି ଲାଗି ଭାରତର ଅନୁରୋଧକୁ ଇଣ୍ଟରପୋଲ୍ ୨ ଥର ପ୍ରତ୍ୟାଖ୍ୟାନ କରିଦେଇଥିଲା।

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାକୁ ନେଇ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ବିବାଦ ତୀବ୍ର ହୋଇଛି। ଇତିମଧ୍ୟରେ କାନାଡାରେ ଥିବା ବରିଷ୍ଠ ଭାରତୀୟ କୂଟନୀତିଜ୍ଞ ଏବଂ ସରକାରୀ ଅଧିକାରୀମାନଙ୍କୁ ପନ୍ନୁନ୍ ଧମକ ଦେଇଥିଲେ। ପନ୍ନୁନ୍‌ଙ୍କ ନାଁରେ ପଞ୍ଜାବ, ଦିଲ୍ଲୀ, ହିମାଚଳପ୍ରଦେଶ, ହରିୟାଣା ଏବଂ ଉତ୍ତରାଖଣ୍ଡରେ ୧୬ଟି ମାମଲା ରହିଛି। ସେଥିରୁ ୯ଟି ମାମଲା ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ (ୟୁଏପିଏ)ରେ ରୁଜୁ ହୋଇଛି।

## କାନାଡାରେ ରହିବାକୁ ଭୟ କରୁଛନ୍ତି ହିନ୍ଦୁ

### ଟ୍ରୁଡୋଙ୍କ ଦଳର ଏମ୍‌ପିଙ୍କ ଅଭିଯୋଗ

ଖଲିସ୍ତାନୀ ଆତଙ୍କବାଦୀ ହରମିତ୍ ସିଂ ନିଜ୍ଜର ହତ୍ୟା ସହ ଭାରତ ସରକାରଙ୍କ ଏଜେଣ୍ଟ ସମ୍ପୃକ୍ତ ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବା ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଟ୍ରୁଡୋଙ୍କ ଦଳର ଏମ୍‌ପି ଚନ୍ଦ୍ର ଆର୍ଯ୍ୟ ଏକ ଉଲ୍ଲେଖନୀୟ ମନ୍ତବ୍ୟ ଦେଇଛନ୍ତି। କାନାଡାରେ ରହୁଥିବା ହିନ୍ଦୁମାନଙ୍କୁ ଉଗ୍ରପନ୍ଥୀ ତତ୍ତ୍ୱମାନେ ଧମକ ଦେବା ସହ ସେମାନଙ୍କୁ ଭାରତ ଫେରିଯିବା ପାଇଁ ବାଧ କରୁଥିବା ଆର୍ଯ୍ୟ ଅଭିଯୋଗ କରିଛନ୍ତି। ହିନ୍ଦୁ କାନାଡୀୟମାନେ ସତର୍କ ରହିବା ସହ ମାନସିକ ସନ୍ତୁଳନ ରକ୍ଷା କରିବାକୁ ଏବଂ କୌଣସି ଅପ୍ରତ୍ୟାଶିତ


ଚନ୍ଦ୍ର ଆର୍ଯ୍ୟ

ଘଟଣା ଦେଖିଲେ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଆର୍ଯ୍ୟ ପରାମର୍ଶ ଦେଇଛନ୍ତି। କାନାଡାରେ ଶିଖ୍‌ସ ଫର୍ ଜଷ୍ଟିସ୍‌ର ମୁଖ୍ୟ ଖଲିସ୍ତାନୀ ଆତଙ୍କବାଦୀ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍ ନିକଟରେ ସେଠାରେ ଥିବା ହିନ୍ଦୁମାନଙ୍କୁ ଧମକ ଦେବା ସହ ଭାରତ ଚାଲିଯିବାକୁ କହିଥିଲେ।

## ନାଜି ନେତାଙ୍କୁ ସମ୍ମାନିତ କରି ଅଡୁଆରେ ଟ୍ରୁଡୋ


ଜଷ୍ଟିନ୍ ଟ୍ରୁଡୋ

**ୱାଶିଂଟନ,୨୫।୯**

ଖଲିସ୍ତାନୀ ଆତଙ୍କବାଦୀଙ୍କ ହତ୍ୟା ସହ ଭାରୀୟ ଏଜେଣ୍ଟର ସମ୍ପୃକ୍ତି ଥିବା ଅଭିଯୋଗ ଆଣି କୂଟନୈତିକ ତିକ୍ତତା ସୃଷ୍ଟି କରିଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଶୁକ୍ରବାର ୟୁକ୍ରେନ୍‌ର ନାଜି ନେତାଙ୍କୁ ସମ୍ମାନିତ କରି ଅଡୁଆରେ ପଡ଼ିଛନ୍ତି। ଏହି ନେତା ଜଣକ ହିଟ୍‌ଲରଙ୍କ ସେନାରେ ରହି ଇହୁଦୀ ଗଣହତ୍ୟାରେ ସାମିଲ ଥିଲେ। ନିକଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି ଓଟ୍ଟାୱା ଗସ୍ତ କରିଥିବାବେଳେ କାନାଡା ହାଉସ୍ ଅଫ୍ କମନ୍ସରେ ନାଜି ଏସ୍ଏସ୍‌ର ୧୪ତମ ୱାଫେନ୍ ଗେନାଡିଏର ଡିଭିଜନରର ବରିଷ୍ଠ ସଦସ୍ୟ ୟାରୋସ୍ଲାଭ୍ ହୁଙ୍କାଙ୍କୁ ଷ୍ଟାଣ୍ଡିଂ ଓଭେଶନ ଜଣାଯାଇଥିଲା। ଏଥିପାଇଁ ହାଉସ୍ ସ୍ପିକର ଆନ୍ଥୋନି ରୋଟା ନିଜକୁ ଦାୟୀ କରି କ୍ଷମା ମାଗିଛନ୍ତି। ତେବେ ୟାରୋସ୍ଲାଭ୍‌ଙ୍କୁ ସମ୍ମାନିତ କରିବା ପୂର୍ବରୁ ଟ୍ରୁଡୋ ତାଙ୍କୁ ଭେଟିଥିଲେ ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଆଡଲଫ୍ ହିଟଲରଙ୍କ ସେନାରେ କାମ କରୁଥିବା ଜଣେ ୟୁକ୍ରେନୀୟଙ୍କୁ କାନାଡା ପାର୍ଲାମେଣ୍ଟରେ ହିରୋ ଭାବେ ସମ୍ମାନିତ କରାଯିବାକୁ କ୍ରେମ୍ଲିନ୍ କଡ଼ା ସମାଲୋଚନା କରିଛି। ଐତିହାସିକ ସତ୍ୟତା ପ୍ରତି ଏହା ଦାୟିତ୍ୱହୀନ ଉପେକ୍ଷା ବୋଲି କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି।

## ନିଜ୍ଜର ହତ୍ୟାର ତଦନ୍ତ ଜରୁରୀ: କାନାଡା ମନ୍ତ୍ରୀ

ଭାରତ ସହ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ବୋଲି କାନାଡା ପ୍ରତିରକ୍ଷା ମନ୍ତ୍ରୀ ବିଲ୍ ବ୍ଲେୟାର କହିଛନ୍ତି। ତେବେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାରେ ଭାରତ ସରକାରଙ୍କ ଏଜେଣ୍ଟ ସମ୍ପୃକ୍ତ ଥିବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଏହା ଭାରତ ସହ ଆମର ସମ୍ପର୍କରେ ଏକ ଚ୍ୟାଲେଞ୍ଜିଂ ପ୍ରସଙ୍ଗ ହୋଇପାରେ। ତେବେ ଉପଯୁକ୍ତ ତଦନ୍ତ କରି ସତ୍ୟ ପଦାକୁ ଆଣିବା ମଧ୍ୟ ଆମର ଦାୟିତ୍ୱ ବୋଲି ବ୍ଲେୟାର ମନ୍ତବ୍ୟ ଦେଇଛନ୍ତି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ କାନାଡାର ସାର୍ବଭୌମତ୍ୱ ଉଲ୍ଲଂଘନ ହୋଇଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ସୂଚନାଯୋଗ୍ୟ, ନିଜ୍ଜର ହତ୍ୟା ସହ ଭାରତ ସମ୍ପୃକ୍ତ ଥିବା ନେଇ 'ଫାଇଭ୍ ଆଇଜ୍' ଗୋଇନ୍ଦା ସଂସ୍ଥା ତଥ୍ୟ ଜଣାଇବା ପରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ନୂଆଦିଲ୍ଲୀ ବିରୋଧରେ ଅଭିଯୋଗ ଆଣିଥିଲେ ବୋଲି ଆମେରିକା କୂଟନୀତିଜ୍ଞ ଡାଭିଡ୍ କୋହେନ୍ କହିଥିଲେ।

## ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ସମ୍ପୃକ୍ତ ୪୮ ସ୍ଥାନରେ ଚଢ଼ାଉ

**ଫିରୋଜପୁର,୨୫।୯**

ଖଲିସ୍ତାନୀ ଆତଙ୍କବାଦୀ ଲଖବୀର ସିଂ ଲଣ୍ଡା ଓ ତାଙ୍କ ସହଯୋଗୀମାନଙ୍କ ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ପଞ୍ଜାବ ପୋଲିସ ସୋମବାର ଚଢ଼ାଉ କରିଛି। ଫିରୋଜପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ୪୮ଟି ସ୍ଥାନରେ ଏକସଙ୍ଗେ ତଲାସି କରାଯାଇଥିଲା। ଫିରୋଜପୁରର ଜିରା ଅଞ୍ଚଳରେ ଦାଦାବଟି ଆଦାୟରେ ଲଖବୀର ଓ ତାଙ୍କ ଗ୍ୟାଙ୍ଗ ସଦସ୍ୟ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।


ଲଖବୀର ସିଂ ଲଣ୍ଡା

ଉକ୍ତ ଗ୍ୟାଙ୍ଗର ୨ ଜଣ ମୁଖାପିନ୍ଧା ବ୍ୟକ୍ତି ଜଣେ ଦୋକାନୀଙ୍କୁ ଗୁଳି କରିଥିଲେ। ଲଖବୀର ଏବଂ ହରୱିନ୍ଦର ସିଂ ସାନ୍ଧୁ ଓରଫ ରିଣ୍ଡାଙ୍କୁ ଧରାଇଦେଲେ ୧୦ ଲକ୍ଷ ଏବଂ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ୍‌ର ୩ ଜଣ କାର୍ଯ୍ୟକର୍ତ୍ତାଙ୍କ ସମ୍ପର୍କରେ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ନିକଟରେ ଏନ୍‌ଆଇଏ ଘୋଷଣା କରିଥିଲା। ଭାରତରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବରେ ବ୍ୟାଘାତ ସୃଷ୍ଟି କରିବା ଏବଂ ପଞ୍ଜାବରେ ଆତଙ୍କ ଖେଳାଇବା ଲକ୍ଷ୍ୟରେ ଲଖବୀର ଓ ତାଙ୍କ ସହଯୋଗୀମାନେ ସମ୍ପୃକ୍ତ ଥିବାନେଇ ଏନ୍‌ଆଇଏ ମାମଲା ରୁଜୁ କରି ସେମାନଙ୍କୁ ଖୋଜୁଥିଲା।


ହିଣ୍ଡୋନ୍ ଏୟାରବେସ୍ ଷ୍ଟେଶନରେ ଡ୍ରୋନ୍ ଶକ୍ତି ୨୦୨୩ ପ୍ରଦର୍ଶନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରୁଛନ୍ତି। ପାଖରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ, ଆଇଏଏଫ୍ ମୁଖ୍ୟ ଏୟାର ମାର୍ଶାଲ ଭି.ଆର୍. ଚୌଧରୀ ଉପସ୍ଥିତ ଅଛନ୍ତି।

## ବାୟୁସେନାରେ ସାମିଲ ହେଲା ପ୍ରଥମ ସି-୨୯୫ ବିମାନ

**ଗାଜିଆବାଦ,୨୫।୯**

ଭାରତୀୟ ବାୟୁସେନାରେ ସୋମବାର ପ୍ରଥମ ସି-୨୯୫ ପରିବହନ ବିମାନ ସାମିଲ ହୋଇଛି। ଏହା ବାୟୁସେନାର ଲଜିଷ୍ଟିକ୍ ସାମର୍ଥ୍ୟ ବଢ଼ାଇବାରେ ସହାୟକ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ହିଣ୍ଡନ ବାୟୁସେନା ଷ୍ଟେଶନରେ ସି-୨୯୫ ସାମିଲ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ଏହି ଅବସରରେ ରାଜନାଥ ସେଠାରେ ସର୍ବଧର୍ମ ପୂଜା କରିଥିଲେ। ଉତ୍ସବରେ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଭି.ଆର୍. ଚୌଧରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରୁଣା ଆଭ୍ରୋ-୭୪୮ ବିମାନ ସ୍ଥାନରେ ସି-୨୯୫ ବିମାନ ସାମିଲ କରିବାକୁ ଏୟାରବେସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ ସହ ୨୧,୯୩୫ କୋଟି ଟଙ୍କାର ଡିଲ୍ ହୋଇଥିଲା। ୫୬ଟି ବିମାନ ଅଣାଯିବାକୁ ଥିବାବେଳେ ଗତ ୧୩ ତାରିଖରେ ଭାରତକୁ ପ୍ରଥମ ସି-୨୯୫ ବିମାନ ମିଳିଥିଲା। ୨୦ ତାରିଖରେ ଉକ୍ତ ବିମାନ ବଡୋଦରାରେ ଅବତରଣ କରିଥିଲା।

ହିଣ୍ଡନ ଏୟାରବେସ୍‌ରେ ଏକ ମେଗା ଡ୍ରୋନ୍ ଶୋ'କୁ ପ୍ରତିରକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଭାରତ ଡ୍ରୋନ୍ ଶକ୍ତି ୨୦୨୩ ନାମରେ ଉକ୍ତ ଶୋ' ବାୟୁସେନା ଏବଂ ଡ୍ରୋନ୍ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଉଛି। ଏହି ଶୋ'ରେ ୭୫ଟି ଡ୍ରୋନ୍ ସାମିଲ ହୋଇଛନ୍ତି।

## ଏସ୍‌ଡିଜେ ଆଡ଼କୁ ଭାରତର ଯାତ୍ରା ଏକ ପ୍ରେରଣାଦାୟୀ ଦୃଷ୍ଟାନ୍ତ: କାମ୍ବୋଜ

**ନ୍ୟୁୟର୍କ, ୨୫।୯(ପି.ଟି.)**

ଭାରତ ଅଧ୍ୟକ୍ଷତାରେ ଜି୨୦ ସମ୍ମିଳନୀ ଆୟୋଜନ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜେ) ହାସଲ ଦିଗରେ ବେଶ୍ ସହାୟକ ହୋଇ ଏକ ପ୍ରେରଣାଦାୟୀ ଦୃଷ୍ଟାନ୍ତ ସୃଷ୍ଟି କରିଛି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କାମ୍ବୋଜ କହିଛନ୍ତି। ଜାତିସଂଘ ସାଧାରଣ ସଭାର ୭୮ତମ ଅଧିବେଶନ ପୃଷ୍ଠଭୂମିରେ ଜାତିସଂଘରେ ଭାରତର ସ୍ଥାୟୀ ମିଶନ, ଅବଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ରିଲାଏନ୍ସ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ 'ଇଣ୍ଡିଆ ରାଉଣ୍ଡଟେବୁଲ: ଡେଲିଭରିଂ ଡେଭଲପ୍‌ମେଣ୍ଟ: ଜର୍ନିଜ୍, ଡିରେକ୍ସନ୍ସ ଆଣ୍ଡ ଲାଇଟ୍‌ହାଉସେସ୍' ଶୀର୍ଷକ ଆଲୋଚନାରେ ଭାଗ ନେଇ କାମ୍ବୋଜ ଏଭଳି ମତ ଦେଇଛନ୍ତି। ସେ ଏସ୍‌ଡିଜେ ପ୍ରଗତି ରିପୋର୍ଟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଶ୍ୱସ୍ତରରେ ଅଦ୍ୟାବଧି କେବଳ ନିରନ୍ତର ବିକାଶ ଲକ୍ଷ୍ୟର ୧୨%କୁ ଚିହ୍ନଟ କରାଯାଇଛି, ୫୦% କାର୍ଯ୍ୟ ଦୁର୍ବଳ ରହିଥିବା ବେଳେ ୩୦% ଉପରେ ଗୁରୁତ୍ୱ ଦିଆଯାଇପାରି ନାହିଁ। ବର୍ତ୍ତମାନ ଅତି ଗରିବ ଲୋକଙ୍କ ସଂଖ୍ୟା ବିଗତ ୪ ବର୍ଷଠାରୁ ଅଧିକ ରହିଛି। ୨୦୩୦ ସୁଦ୍ଧା ସବୁ ଦେଶ କେବଳ ୩୦ ପ୍ରତିଶତ ଏସ୍‌ଡିଜେ-୧ରେ ଥିବା ବିନା ଦାରିଦ୍ର୍ୟ ଲକ୍ଷ୍ୟ ହାସଲ ଦିଗରେ କାମ କରୁଛନ୍ତି। ତେବେ ଏସ୍‌ଡିଜେ-୧ ହାସଲ ଦିଗରେ ଭାରତର ପ୍ରଦର୍ଶନ ଭଲ ରହିଛି। ୨୦୩୦ ପୂର୍ବରୁ ଭାରତ ଅତି କମ୍‌ରେ ତା'ର ଅଧା ଲକ୍ଷ୍ୟ ପୂରଣରେ ସକ୍ଷମ ହେବ ବୋଲି କାମ୍ବୋଜ ଆଶାବ୍ୟକ୍ତ କରିଛନ୍ତି। ଭାରତର ଜି୨୦ ସମ୍ମିଳନୀ ଆୟୋଜନ ଏ ଦିଗରେ ଏକ ବୃହତ୍ ସଫଳତା ଆଣିଦେଇଛି, ଯେଉଁଥିରେ ବିଶ୍ୱ ନେତାମାନେ ୨୦୨୩ ଆକ୍ସନ ପ୍ଲାନ୍ କ୍ଷେତ୍ରରେ ନୂଆଦିଲ୍ଲୀର ସକାରାତ୍ମକ ଦୃଷ୍ଟିକୋଣକୁ ମାନ୍ୟତା ଦେଇଛନ୍ତି।

## ଦିଲ୍ଲୀରେ ହିନ୍ଦୁ ସନ୍ଥଙ୍କ ବିକ୍ଷୋଭ

### ସନାତନ ଧର୍ମ ବିବାଦ

**ନୂଆଦିଲ୍ଲୀ,୨୫।୯**

ସନାତନ ଧର୍ମ ବିବାଦକୁ ନେଇ ନୂଆଦିଲ୍ଲୀରେ ବହୁସଂଖ୍ୟାରେ ହିନ୍ଦୁ ସନ୍ଥ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦିଲ୍ଲୀର ତାମିଲନାଡୁ ଭବନଠାରେ ସୋମବାର ସେମାନେ ଉଦୟନିଧିଙ୍କ କୁଶପୁତ୍ତଳିକା ଦାହ କରିବା ସହ ଅନୁରୂପ ମନ୍ତବ୍ୟ ଦେଉଥିବା ଅନ୍ୟ ରାଜନେତାମାନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦିଲ୍ଲୀ ସନ୍ଥ ମହାମଣ୍ଡଳ ବ୍ୟାନରରେ ହିନ୍ଦୁ ସନ୍ଥମାନେ ସରୋଜିନୀ ନଗର ମନ୍ଦିରଠାରୁ ତାମିଲନାଡୁ ଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ପୋଲିସ ଅଟକାଇବାରୁ ସେମାନେ ଉଦୟନିଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ପ୍ରଥମ ସବୁଜ ଉଦ୍‌ଜାନଚାଳିତ ବସ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୫।୯**

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂ ପୁରି ସୋମବାର ଇଣ୍ଡିଆ ଗେଟ୍ ନିକଟରେ ଦେଶର ପ୍ରଥମ ସବୁଜ ଉଦ୍‌ଜାନଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସରକାର ନୂତନ ପିଢ଼ିର ସବୁଜ ଯାନ ଚଳାଚଳ ଲାଗି ମିଶନ ମୋଡ୍‌ରେ କାର୍ଯ୍ୟ କରୁଛନ୍ତି। ସବୁଜ ଶକ୍ତିର ଉପକାରିତା ଉପରେ ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି, ଏହା ଦେଶର ଆମଦାନୀ ବିଲ୍‌କୁ କମାଇବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି କହିଛନ୍ତି, ଏହି ବସ୍‌ଗୁଡ଼ିକ ୨୦୭୦ ସୁଦ୍ଧା ଭାରତର ଶୂନ୍ୟ ଆଙ୍ଗାରକ ନିର୍ଗମନ



ଭାରତର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ଚାଳିତ ବସ୍ ଚଳାଚଳକୁ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଲକ୍ଷ୍ୟ ହାସଲ ଦିଗରେ ଏକ ସକାରାତ୍ମକ ଯୋଗଦାନ ଦେବ। ଇଣ୍ଡିଆନ୍ ଅଏଲ୍ ଅଧ୍ୟକ୍ଷ ଶ୍ରୀକାନ୍ତ ମାଧବ ବୈଦ୍ୟ କହିଛନ୍ତି, ଚଳିତ ବର୍ଷ ଶେଷ ଆଡ଼କୁ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏହିଭଳି ୧୩ଟି ଅଧିକ ବସ୍ ଚଳାଚଳ କରିବ।

### ଛାତ୍ରଙ୍କୁ ସହପାଠୀଙ୍କ ଦ୍ୱାରା ମାଡ଼ ମରାଇବା ମାମଲା

## ତଦନ୍ତ ଲାଗି ବରିଷ୍ଠ ଆଇପିଏସ୍ ଅଫିସର ନିଯୁକ୍ତ କର

### ୟୁପି ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୫।୯(ପି.ଟି.)**

ଉତ୍ତରପ୍ରଦେଶର ମୁଜାଫରନଗରସ୍ଥିତ ଏକ ଘରୋଇ ସ୍କୁଲ୍‌ରେ ଜଣେ ୮ ବର୍ଷର ମୁସଲମାନ ଛାତ୍ରଙ୍କୁ ସହପାଠୀମାନଙ୍କ ଦ୍ୱାରା ଶିକ୍ଷୟିତ୍ରୀ ମାଡ଼ ମରାଇବା ଘଟଣା ଅତ୍ୟନ୍ତ ସାଂଘାତିକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଜଣେ ବରିଷ୍ଠ ଆଇପିଏସ୍ ଅଫିସର ନିଯୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସୋମବାର ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତକାରୀ ଅଫିସର ତାଙ୍କ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିବାକୁ ଜଷ୍ଟିସ ଅଭୟ ଏସ୍. ଓକା ଏବଂ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାର ପୀଡ଼ିତ



ଛାତ୍ର ଓ ଅନ୍ୟମାନଙ୍କୁ କୌଣସି ପେସାଦାର ପରାମର୍ଶଦାତାଙ୍କ ଦ୍ୱାରା କାଉନ୍‌ସେଲିଂ କରାଇବା ପାଇଁ କହିଛନ୍ତି। ଉତ୍ତରପ୍ରଦେଶ ସରକାର ଶିକ୍ଷା ଅଧିକାର ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକର ଅନୁପାଳନରେ ବିଫଳ ହୋଇଥିବା ଏହି ମାମଲାରୁ ଜଣାପଡ଼ିଛି। ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ କୌଣସି ଭେଦଭାବ ନ ରଖି ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଉନ୍ନତ ମାନର ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାକୁ ଶିକ୍ଷା ଅଧିକାର ଆଇନରେ ବ୍ୟବସ୍ଥା ରହିଛି। ସାରା ଦେଶରେ ଥିବା ସ୍କୁଲ୍‌ଗୁଡ଼ିକରେ ଉକ୍ତ ଆଇନ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହାର ଏକ ଷ୍ଟାଟସ୍ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ଶୀଘ୍ର ବିଚାର ଲାଗି ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଛାତ୍ରଙ୍କୁ ମାଡ଼ ମରାଇବା ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ଗତ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ମୁଜାଫରନଗର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘର ପାଠପଢ଼ା କରି ନ ଥିବାରୁ ଛାତ୍ରଙ୍କ ସମ୍ପ୍ରଦାୟ ନାଁ ନେଇ ଗାଳିଦେବା ସହ ପିଲାମାନଙ୍କ ଦ୍ୱାରା ମାଡ଼ ମରାଇଥିବା ଶିକ୍ଷୟିତ୍ରୀଙ୍କ ବିରୋଧରେ ମୁଜାଫରନଗର ପୋଲିସ ମାମଲା ରୁଜୁ କରିଥିଲା।




# ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

## ଋଣଚାପରୁ ଆତ୍ମହତ୍ୟା ସନ୍ଦେହ

**ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି ଗ୍ରାମ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ପୂର୍ବତନ ବ୍ୟାଙ୍କ୍ କର୍ମଚାରୀ ତଥା ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ଅରୁହାବଡ଼ ଅଞ୍ଚଳର ସନ୍ତୋଷ ଅଗସ୍ତି (୪୪)। ପୋଲିସ ତାଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ସନ୍ତୋଷଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଡ଼ଭାଇ ସଞ୍ଜୟ କୁମାର ଅଗସ୍ତିଙ୍କ ଏତଲାକୁ ଆଧାର କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ସନ୍ତୋଷ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବାବେଳେ ମୃତ୍ୟୁର କାରଣ ନେଇ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ତେବେ ଋଣଚାପରୁ ସନ୍ତୋଷ ଏଭଳି ଚରମ ନିଷ୍ପତ୍ତି ନେଇଥିବା ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ସନ୍ତୋଷ ଏକ ବ୍ୟାଙ୍କରେ କାମ କରୁଥିଲେ। ୮ ମାସ ତଳେ ଚାକିରି ଛାଡ଼ି ଦେଇଥିଲେ। ସେ ଋଣଗ୍ରସ୍ତ ଥିବାରୁ ଘରେ ମାନସିକ ଚାପରେ ରହୁଥିଲେ। ଏପରିକି ବିବାହକୁ ୧୦ ବର୍ଷ ହୋଇଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ହୋଇ ନ ଥିଲା। ରବିବାର ବଡ଼ଭାଇ ତାଙ୍କ ସହ ଆଲୋଚନା କରିବାକୁ ଆସୁଥିବା ଜଣାଇଥିଲେ। ହେଲେ ଭାଇଙ୍କ ଆସିବା ବିଳମ୍ବ ହେବାରୁ ରାତି ପ୍ରାୟ ୧୨ଟାରେ ସନ୍ତୋଷ ସ୍କୁଟି ଯୋଗେ ଘରୁ ପଳାଇ ଆସିଥିଲେ। ଏହାପରେ ତାଙ୍କୁ ବାରମ୍ବାର କଲ୍ କରାଗଲେ ମଧ୍ୟ ସେ ମୋବାଇଲ ରିସିଭ୍ କରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏପଟେ ସୋମବାର ସକାଳେ ଜାମୁକୋଳି ଗାଁ ନିକଟ ପଣସ ଗଛରେ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କ ସ୍କୁଟି ନମ୍ବରରୁ ଟ୍ରେସ୍ କରି ପରିବାର ଲୋକଙ୍କ ସନ୍ଧାନ ପାଇ ଖବର ଦେଇଥିଲା।

## ସଂକ୍ଷେପରେ

### ଚେତାବନୀ ଦେଲା ୬୬୨ ବର୍ଗ କଲେଜ ସଂଘ

#### ଆଜି ବିଧାୟକ ବାସଭବନ ଘେରିବେ ଅଧ୍ୟାପକ

**ଭୁବନେଶ୍ୱର, ୨୫।୯ (ଅସମାପିକା ସାହୁ):** ରାଜ୍ୟରେ ଏବେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ସ୍କୁଲ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇପଡିଥିବାବେଳେ କଲେଜରେ ମଧ୍ୟ ପାଠପଢ଼ା ବନ୍ଦ କରିବାକୁ ସୋମବାର ଅଧ୍ୟାପକମାନେ ଚେତାବନୀ ଦେଇଛନ୍ତି। ଚଳିତ ବିଧାନସଭା ଅଧିବେଶନ ଭିତରେ ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସମସ୍ତ କଲେଜରେ ପାଠପଢ଼ା ଠପ୍ କରିଦିଆଯିବା ସହ ବିଧାନସଭା ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ୬୬୨ ବର୍ଗ କଲେଜ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ସମାନ ଗ୍ରେଡ୍ ପେ' ଆଧାରରେ ସମାନ କାମକୁ ସମାନ ଦରମା, ଏହି ବର୍ଗର କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା ଆଦି ୪ଦଫା ଦାବି ନେଇ ଦୀର୍ଘ ୨୨୫ଦିନ ହେବ ୬୬୨ ବର୍ଗ କଲେଜ ସଂଘ ଅହୋରାତ୍ର ଆନ୍ଦୋଳନ ଚଳାଇଥିଲେ ମଧ୍ୟ ସରକାର କୌଣସି ଦାବି ପୂରଣ କଲେ ନାହିଁ। ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୫ଥର ମହାସମାବେଶ କରାଯାଇଛି। ଏହି ସମୟରେ ସରକାର ଆଲୋଚନାକୁ ଡାକି ସବୁ ଦାବି ଯୁକ୍ତିଯୁକ୍ତ ଏବଂ ଅତିଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ବସିଛନ୍ତି। ସରକାରଙ୍କ କଥାକୁ ସମ୍ମାନ ଜଣାଇ ଏବଂ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧ୍ୟାପକମାନେ ନିଜ କାର୍ଯ୍ୟ ତୁଲାଉଛନ୍ତି। କିନ୍ତୁ ସରକାର ଆମକୁ ଠକି ଚାଲିଛନ୍ତି। ସେଥିପାଇଁ ଆମେ ବାଧ୍ୟ ହୋଇ ସୋମବାର ପୁଣି ଥରେ ରାସ୍ତାକୁ ଓହ୍ଲାଇଛୁ। ମଙ୍ଗଳବାର ବିଧାୟକଙ୍କ ବାସଭବନ ଘେରାଉ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ସଭାପତି ନାୟକ କହିଛନ୍ତି।

### ଆମରଣ ଅନଶନରେ ଜେଲ କର୍ମଚାରୀ, ଜଣେ ଅସୁସ୍ଥ

**ଭୁବନେଶ୍ୱର,୨୫।୯ (ସତ୍ୟଜିତ୍ ରାଉତ):** ପାଞ୍ଚ ଦଫା ଦାବି ନେଇ ନିଖିଳ ଓଡ଼ିଶା କାରାଗାର ମହାସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ଜେଲରେ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର କାରବାର ଗେଟ୍ ସମ୍ମୁଖରେ ମଧ୍ୟ ସଂଘ ସବ୍ କମିଟିର ସଦସ୍ୟ ତଥା ଜେଲ୍ କର୍ମଚାରୀମାନେ କଳା ବ୍ୟାଚ୍ ପରିଧାନ କରି ଅନଶନ ଜାରି ରଖିଛନ୍ତି। ଅନଶନରତ ଜଣେ କର୍ମଚାରୀ ଅସୁସ୍ଥ ହୋଇପଡିଥିବା ସୂଚନା ମିଳିଛି। କାରାରକ୍ଷୀଙ୍କ ଗ୍ରେଡ ପେ' ୧୯୦୦ରୁ ୨୦୦୦ଟଙ୍କା ଓ ମୁଖ୍ୟ କାରାରକ୍ଷୀଙ୍କ ଗ୍ରେଡ ପେ' ୨୦୦୦ରୁ ୨୪୦୦କୁ ବୃଦ୍ଧି, କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପଦବୀ ପାଇଁ ପୁରୁଣା ପଦୋନ୍ନତି ନିୟମ (ବରିଷ୍ଠତା ଭିତ୍ତିକ) ୨୦୧୨ ଲାଗୁ, ଉପଖଣ୍ଡ ସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦କୁ ବୃଦ୍ଧି ଓ ୧୩ ମାସିଆ ଦରମା ବୃଦ୍ଧି ଆଦି ଦାବି ରହିଛି। ଏସବୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସବ୍ କମିଟି ସଭାପତି ମଙ୍ଗୁଲୁ ସେଠୀ କହିଛନ୍ତି। ତେବେ ଏହାପୂର୍ବରୁ ସଂଘ ପକ୍ଷରୁ ଜେଲ୍ ଡିଜିଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇ ଅବଗତ କରାଯାଇଥିଲା। ସେପ୍ଟେମ୍ବର ୧୨ ମଧ୍ୟରେ ଦାବି ପୂରଣ ନ ହେବାରୁ ଜେଲ୍ କର୍ମଚାରୀମାନେ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ କରି କାର୍ଯ୍ୟ କରିଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ପାଇଁ ଆଜିଠୁ ପ୍ରମାଣପତ୍ର ଦାଖଲ

**ଭୁବନେଶ୍ୱର, ୨୫।୯(ଅସମାପିକା ସାହୁ)**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ରେ ୨୦୨୩-୨୪ ବ୍ୟାଚ୍‌ରେ ନାମଲେଖା ପାଇଁ ଅନ୍‌ଲାଇନ ମାଧ୍ୟମରେ ସାର୍ଟିଫିକେଟ ଓ ଆବଶ୍ୟକ ବିଭିନ୍ନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟା ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ଏହା ୩୦ ତାରିଖ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗରେ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା ଦେଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଏବଂ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗରେ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଏହି ନିର୍ଦ୍ଧାରିତ ସମୟ ଭିତରେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ ଦକ୍ଷତା କେନ୍ଦ୍ର ପକ୍ଷରୁ କୁହାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟ୍ www.worldskillcenter.orgରେ ଦିଆଯାଇଥିବା ଲିଙ୍କ୍‌ରେ କ୍ଲିକ କରି ପ୍ରାର୍ଥୀମାନେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିପାରିବେ।

# ଭିନ୍ନ ସ୍ୱାଦ ଦେଲା ମିଲେଟ୍ ଫୁଡ୍ ଫେଷ୍ଟିଭାଲ



କଳାଭୂମିଠାରେ ମିଲେଟ୍ ଫୁଡ୍ ଫେଷ୍ଟିଭାଲକୁ କୃଷି ବିଭାଗ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୨୫।୯ (ଅନୁରାଧା ମହାରଣା)**

ଓଡ଼ିଶା ମିଲେଟ୍‌ସ ମିଶନ(ଓଏମ୍‌ଏମ୍) ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସୋମବାର ସ୍ଥାନୀୟ କଳାଭୂମିଠାରେ ମିଲେଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ରେଷ୍ଟୁରାଣ୍ଟ ସାମିଲ ହୋଇ ମିଲେଟ୍‌କୁ ବ୍ୟବହାର କରାଯାଇ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ସହ ପରିବେଷଣ କରିଥିଲେ। ମାଇକେଲ୍ସ କିଚେନ, ଓବରଏ କାଫେ, ଗ୍ରୀନ୍ ଚିଲି, ବୋକା କାଫେ ଏବଂ ଓଡ଼ିଶା ହୋଟେଲ ପ୍ରମୁଖ ଏହି ମିଲେଟ୍ ଫୁଡ୍ ଫେଷ୍ଟିଭାଲରେ ଯୋଗଦେଇଥିଲେ। ଭୁବନେଶ୍ୱର ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଇଥିବା ମିଲେଟ୍ ଶକ୍ତି ଷ୍ଟଲ୍‌ରେ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ମିଲେଟ୍ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। କୃଷି ବିଭାଗର ମୁଖ୍ୟ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ମିଲେଟ୍‌ରୁ ନୂଆନୂଆ ଡିସ୍ ପ୍ରସ୍ତୁତ କରିବା ତଥା ଏହାକୁ ଅଧିକରୁ ଅଧିକ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶା ମିଲେଟ୍‌ସ ମିଶନ୍ ସବୁବେଳେ ରେଷ୍ଟୁରାଣ୍ଟ ଆସୋସିଏଶନର ସହଯୋଗ ଲୋଡୁଛି। ଏହି ଫୁଡ୍ ଫେଷ୍ଟିଭାଲରେ ଓଲିଉଡ୍ ଅଭିନେତ୍ରୀ ଶିବାଙ୍ଗୀ ସଙ୍ଗୀତା, ଭୂମିକା ଦାସ, ଦିବ୍ୟାଦିଶା ମହାନ୍ତି ପ୍ରମୁଖ ଯୋଗଦେଇ ମିଲେଟ୍ ଖାଦ୍ୟ ଷ୍ଟଲ୍ ବୁଲି ଦେଖିଥିଲେ। ସେହିଭଳି ଅନ୍ୟ ପରିଦର୍ଶକ ଓ ସାଧାରଣ ଲୋକେ ମିଲେଟ୍ ଆଧାରିତ ରୋଷେଇ ତଥା ଖାଦ୍ୟ ସମ୍ପର୍କରେ ଜାଣିବା ସହ କିଣାକିଣି କରିନେଉଥିବା ଦେଖିବାକୁ ମିଳିଥିଲା।

# ରାଜ୍ୟର ଋଣ ଭାର ୮୮ ହଜାର ୪୮୭ କୋଟି

**ଭୁବନେଶ୍ୱର,୨୫।୯(ଅନିଲଦାସ)**

ରାଜ୍ୟରେ ୨୦୨୩ ଜୁଲାଇ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କର ମୋଟ ଋଣ ଭାର ୮୮ ହଜାର ୪୮୭ କୋଟି ଟଙ୍କା। ସେଥିରୁ ବିଦେଶରୁ ୬୮୬୮.୨୬ କୋଟି ଟଙ୍କାର ଋଣ ରହିଛି। ଏଥିସହିତ ରାଜ୍ୟରେ ମୁଣ୍ଡପିଛା ଋଣଭାର ୧୯ ହଜାର ୧୭୧ ଟଙ୍କା। ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ତଳେ ରହିଛି। ବିଜେଡି ସଭ୍ୟ ନିତ୍ୟାନନ୍ଦ ଗଣ୍ଡଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଜଳସେଚନ, ଶକ୍ତି, ସଡକ, ବିପର୍ଯ୍ୟୟ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ଭଳି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କ, ଏସିଆନ ଡେଭେଲପମେଣ୍ଟ ବ୍ୟାଙ୍କ, ଜାପାନ ଇଣ୍ଟରନ୍ୟାଶନାଲ କୋପରେଶନ ଏଜେନ୍ସି, ବ୍ରିକ୍ସ ବ୍ୟାଙ୍କ ଭଳି ସଂସ୍ଥାରୁ ଋଣ ଆଣିଥାଆନ୍ତି। ସର୍ତ୍ତାବଳୀ ଅନୁଯାୟୀ ରାଜ୍ୟ ସରକାର ଋଣ ପରିଶୋଧ କରିଥାଆନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

**ବଡ଼ଗାଁ,୨୫।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ହାତୀ ଆକ୍ରମଣରେ ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିମନା କିସାନପଡାର ବିପିନ ଟପୋ (୪୩)। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଗୋଟିଏ ହାତୀ ଗାଁ ଭିତରେ ପଶି ବିପିନଙ୍କ ଘରର ଚାଳ ଟାଣିଥିଲା। ଶବ୍ଦ ଶୁଣି ବିପିନ ଘରୁ ବାହାରକୁ ପଳାଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉଲ୍ଲେଖଯୋଗ୍ୟ, ଝାଡ଼ଖଣ୍ଡ ରାଜ୍ୟ ଜଙ୍ଗଲରୁ ଆସିଥିବା ୨୨ ଟିକିଆ ହାତୀ ପଲ କିଛିମାସ ହେଲା ବଡ଼ଗାଁ ଓ କୁତ୍ରା ବ୍ଲକ ଅଞ୍ଚଳରେ ଉପଦ୍ରବ କରିଆସୁଛନ୍ତି। ରବିବାର ବଡ଼ଗାଁ ଫରେଷ୍ଟ ରେଞ୍ଜ ବନକର୍ମଚାରୀ ହାତୀ ପଲକୁ ଝାଡଖଣ୍ଡ ରାଜ୍ୟ ଜଙ୍ଗଲପଟକୁ ଘଉଡାଇଛନ୍ତି। ତେବେ ୨ଟି ହାତୀ ରହିଯାଇଛନ୍ତି।

# ୧୭ ଜିଲାକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୨୫।୯(ଅସମାପିକା ସାହୁ)**

ରାଜ୍ୟରେ ଏବେ କୌଣସି ପ୍ରକାର ଘୂର୍ଣ୍ଣିବଳୟର ପ୍ରଭାବ ନ ଥିବାବେଳେ ମୌସୁମୀ ଦୁର୍ବଳ ଅବସ୍ଥାରେ ରହିଛି। ଏପରିସ୍ଥିତିରେ ସୋମବାର ବାରିପଦାରେ ସର୍ବାଧିକ ୫୮ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୨୯ ମିମି ଓ ଜଗତସିଂହପୁରରେ ୨୭.୧ ମିମି ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଆଦି ଜିଲାର କିଛି ସ୍ଥାନରେ ବଜ୍ରପାତ ଆଶଙ୍କା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୭ ତାରିଖରୁ ରାଜ୍ୟର କିଛି ଜିଲାରେ ସ୍ୱଳ୍ପ ଧରଣର ବର୍ଷା ହେବା ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଖଟିଆରେ ରୋଗୀଙ୍କୁ ନଦୀ ପାରକଲେ



ନଦୀରେ ବିପଦସଙ୍କୁଳ ଭାବେ ଖଟିଆରେ ବୋହି ରୋଗୀଙ୍କୁ ନିଆଯାଉଛି।

## ଜୀବନ ବଞ୍ଚାଇବା ପାଇଁ ଜୀବନକୁ ବାଜି

**ଭବାନୀପାଟଣା,୨୫।୯ (ଉତ୍ତମ କୁମାର ଦାଶ)**

ସରକାର କଳାହାଣ୍ଡିକୁ ଆକାଂକ୍ଷା ଜିଲା ଭାବେ ଘୋଷଣା କଲାପରେ ମଧ୍ୟ ଆଜି ବି ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଖରେ ବିକାଶ ପହଞ୍ଚି ପାରିନାହିଁ। ଜିଲାର ଦୁର୍ଗମ ପାହାଡିଆ ଅଞ୍ଚଳରେ ବର୍ତ୍ତମାନ ବି ରାସ୍ତାଘାଟ ଓ ପୋଲ ସୁବିଧା ନ ଥିବାରୁ ଅନେକ ସମୟରେ ରୋଗୀ ଖଟିଆରେ ବୁହା ହେଉଛନ୍ତି। ଏପରି ପୁଣି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅଧୀନ ତଳଝାପି ପଞ୍ଚାୟତ ରାଣୀପଦର ଗାଁରେ।

ରାଣୀପଦର ଗାଁର ସୁନ୍ଦର ମାଝି ନାମକ ଜଣେ ମହିଳା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ଗାଁ ନିକଟସ୍ଥ ଇନ୍ଦ୍ରାବତୀ ନଦୀରେ ପୋଲ ନ ଥିବାରୁ ପ୍ରବଳ ପାଣିସ୍ରୋତରେ ଜୀବନ ବଞ୍ଚାଇବା ପାଇଁ ତାଙ୍କୁ ବିପଦସଙ୍କୁଳ ଭାବେ ଖଟିଆରେ ବୋହି ସମ୍ପର୍କୀୟମାନେ ନଦୀ ପାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଡାକ୍ତରଖାନାକୁ ନେଇ ତାଙ୍କ ଚିକିତ୍ସା କରାଯାଇଥିଲା। ଏହି ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଥିବାବେଳେ ଅନ୍ୟ କୌଣସି ବାଟ ନ ଥିବାରୁ ଏଇ ନଦୀ ବାଟ ଦେଇ ସେମାନଙ୍କୁ ଯିବାକୁ ପଡ଼ିଥାଏ। ରାଣୀପଦର ଗାଁକୁ ଗମନାଗମନ ସୁବିଧା ନ ଥିବାରୁ ଗର୍ଭବତୀ ଓ ରୋଗୀଙ୍କୁ ଖଟିଆରେ ବୋହି ନେବା ନିତିଦିନିଆ ଘଟଣା ପାଲଟିଛି। ରାସ୍ତା ଓ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ରାଜନେତାଠାରୁ ଆରମ୍ଭ କରି ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ।

# ବର୍ଷା-ଅନୁଭବଙ୍କୁ କାଉନସେଲିଂ

## ଏସ୍‌ଡିଜେଏମ୍ କୋର୍ଟରେ ଘରୋଇ ହିଂସା ମାମଲା

**କଟକ,୨୫।୯(କାର୍ତ୍ତିକ ସାହୁ)**

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ସୋମବାର କଟକ ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି। ଘରୋଇ ହିଂସା ନେଇ ବର୍ଷା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ଦାୟର କରିଥିଲେ। ଏବେ ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଅଛି। ଉଭୟେ କୋର୍ଟରେ ହାଜର ହେବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁହିଁଙ୍କୁ କାଉନସେଲିଂ କରାଯାଇଛି। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଏବଂ ବର୍ଷାଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧାର୍ଥ ଦାସ ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ବର୍ଷାଙ୍କୁ ତାଙ୍କ ଶାଶୁଘରେ ନିର୍ଯାତନା ଦିଆଯାଉଥିବା ସମ୍ପର୍କିତ ଘରୋଇ ହିଂସାକୁ ନେଇ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବର୍ଷାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଦାଲତ ଏହି ମାମଲାର ଶୁଣାଣି କରୁଥିବା ବେଳେ ବର୍ଷାଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ବର୍ଷାଙ୍କୁ ସୁରକ୍ଷା ଯୋଗାଇଦେଇଥିଲେ ବି ସେ ଅନୁଭବଙ୍କ ବିରୋଧରେ କେତେକ ମାମଲା ଦାୟର କରିଥିଲେ। ସେଗୁଡ଼ିକ ଅଦାଲତରେ ବିଚାରାଧୀନ ଅଛି। ତନ୍ମଧ୍ୟରୁ ପରିବାର ଅଦାଲତରେ ବର୍ଷା ଅନୁଭବଙ୍କ ସହ ଏକତ୍ର ରହିବାକୁ କରିଥିବା ଆବେଦନ ଏବଂ ଅନୁଭବ ବର୍ଷାଙ୍କୁ ଛାଡ଼ପତ୍ର ଦେବାକୁ କରିଥିବା ଆବେଦନ ଖାରଜ ହୋଇସାରିଛି। ଶାଶୁଘରେ ବର୍ଷା ନିଜକୁ ସୁରକ୍ଷିତ ମଣୁ ନ ଥିବା ଏବଂ ଏନେଇ ଏକାଧିକ ମାମଲା ଚାଲିଥିବା ବେଳେ ଅନୁଭବଙ୍କ ସହ ଦାମ୍ପତ୍ୟ ଜୀବନ ବିତାଇବା ପ୍ରାର୍ଥନା ଗ୍ରହଣୀୟ ନୁହେଁ ବୋଲି ଅଦାଲତ କହିଥିଲେ। ସେହିପରି ଏକ ବିବାହ ଦୁଇଟି ପରିବାର ଓ ସେମାନଙ୍କ ବନ୍ଧୁବାନ୍ଧବଙ୍କ ଭିତରେ ସୀମିତ ଥିବାବେଳେ ବିବାହ ବିଚ୍ଛେଦ ପୂରା ସମାଜକୁ ପ୍ରଭାବିତ କରିଥାଏ ବୋଲି ଅଦାଲତ କହିଥିଲେ। ତେଣୁ ହିନ୍ଦୁ ବିବାହ ଆଇନର ଧାରା-୨୩ ଅନୁସାରେ ଦୁଇପକ୍ଷ ନିଜ ନିଜ ସପକ୍ଷରେ କୌଣସି ନିର୍ଦ୍ଦେଶ ପାଇବା ପାଇଁ ଯୋଗ୍ୟ ନୁହନ୍ତି ବୋଲି ଅଦାଲତ ସ୍ପଷ୍ଟ କରି ଦୁଇଟିଯାକ ମାମଲାକୁ ଖାରଜ କରିଥିଲେ।

# ବ୍ରାହ୍ମଣୀରେ ବହଳିଆ କଳାପାଣି

## ତାଳଚେର ସହରକୁ ପାନୀୟ ଜଳଯୋଗାଣ ବନ୍ଦ

**ତାଳଚେର,୨୫।୯(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ସହରର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ ନଦୀରେ ସୋମବାର ଅପରାହ୍ନଠାରୁ ହଠାତ୍ ବହଳିଆ କଳାପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇବା ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ବିଭାଗୀୟ ଅଧିକାରୀ ନଦୀ ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ବ୍ରାହ୍ମଣୀରୁ ସହରକୁ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇଥିଲା।

ସୂଚନା ଅନୁଯାୟୀ, ତାଳଚେର ସହର ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ପାଣିକୁ ସହରବାସୀଙ୍କ ସହିତ ନଦୀର ଉଭୟ ପାର୍ଶ୍ୱରେ ଥିବା ଗ୍ରାମବାସୀ ବ୍ୟବହାର କରନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପମ୍ପହାଉସ୍ ଜରିଆରେ ଏହି ନଦୀରୁ ଦୈନିକ ୯୦ ଲକ୍ଷ ଲିଟର ପାଣି ଉଠାଯାଇ ବିଶୁଦ୍ଧ କରାଯିବା ପରେ ତାଳଚେର ସହରବାସୀଙ୍କୁ ପାନୀୟ ଜଳ ଭାବେ ଯୋଗାଇ ଦିଆଯାଇଥାଏ। ବିଭାଗର ୬ ହଜାର କଞ୍ଜୁମର ସମେତ ସହରର ୫୦ ହଜାର ଲୋକ ଏହି ପାଇପ୍ ପାଣିକୁ ପାନୀୟ ଭାବେ ଗ୍ରହଣ କରିଥାନ୍ତି। ତେବେ ଅପରାହ୍ନ ୨ଟା ପରଠାରୁ ନଦୀରେ ପ୍ରବଳ ବେଗରେ ମୋଟା ବହଳିଆ କଳାପାଣି ପ୍ରବାହିତ ହୋଇଥିଲା। ଏହାକୁ ନେଇ ସହରବାସିନ୍ଦା ଉଦ୍‌ବେଗ ପ୍ରକାଶ କରିବା ପରେ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଭାଗୀୟ ଅଧିକାରୀ ପମ୍ପହାଉସ ନିକଟରେ ପହଞ୍ଚି ନଦୀରେ କଳାପାଣି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସହରକୁ ଜଳ ଯୋଗାଣ ବନ୍ଦ ରଖାଯିବା ସହ ଏ ସମ୍ପର୍କରେ ସ୍ଥାନୀୟ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତାଳଚେର କୋଲ୍ ଫିଲ୍ଡ୍ସର କୋଇଲାଗୁଣ୍ଡ ମିଶା କଳା ପାଣି ବଙ୍ଗାରୁ ଯୋରଦେଇ ବ୍ରାହ୍ମଣୀରେ ମିଶିଛି କିମ୍ବା ନଦୀର ଉପରମୁଣ୍ଡରେ ଥିବା କାରଖାନାରୁ ରାସାୟନିକ ପଦାର୍ଥ ମିଶ୍ରିତ ପାଣି ନଦୀରେ ଆସୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏପରି ଘଟଣାକୁ ନେଇ ପରିବେଶବିତ୍ ବାଉରୀ ବନ୍ଧୁ ବେଜ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସହରରେ ଏବେ ଗଣପର୍ବ ଗଣେଶ ପୂଜା ପାଳନ ହେଉଥିବାରୁ ଏପରି ଦୂଷିତ ପାଣି ଲୋକେ ବ୍ୟବହାର କଲେ କିମ୍ବା ଯୋଗାଣ କରାଗଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଆଶଙ୍କା ଥିବାରୁ ତୁରନ୍ତ ପ୍ରଶାସନ ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଜଲେନ୍ଦ୍ର ଦେବତା କହିଛନ୍ତି, ନଦୀରେ କଳାପାଣି ଦେଖିବା ପରଠାରୁ ଅପରାହ୍ନ ୨ଟାରୁ ସହରକୁ ପାନୀୟ ଜଳଯୋଗାଣ ବନ୍ଦ ରଖାଯାଇଛି। ଉପଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି। ପାଣିର ରଙ୍ଗ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ସହରକୁ ଜଳଯୋଗାଣ ହେବା ସମ୍ଭବ ନୁହେଁ।



ତାଳଚେର ସହର ନିକଟ ବ୍ରାହ୍ମଣୀ ନଦୀରେ କଳାପାଣି ପ୍ରବାହିତ ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଣିତ ହୋଇଛି ବୁଢ଼ୀ**
**ଆସିବ କି ଆଉ ବଳ ବୟସ**
**ପିନ୍ଧିବି ମୁଁ ସୁନା ଚୁଡ଼ି ।**

ପିଲାଦିନର ଚପଳତା ବୟସ ବଢିବା ସହ କମି କମି ଯାଇଥାଏ । ବୟସ ଯେତେ ଆଗକୁ ବଢ଼ିଥାଏ ପିଲାଦିନର ସ୍ମୃତି ମନକୁ ସେତେ ଆନ୍ଦୋଳିତ କରିଥାଏ । ବୃଦ୍ଧାର ପରିପକ୍ୱ ବୟସରେ ଯୌବନର ସ୍ମୃତିଚାରଣ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଜଳ ବହୁଳେ ସୃଷ୍ଟି ନାଶ**
**ଜଳ ବିହୁନେ ସୃଷ୍ଟି ନାଶ ।**

ପ୍ରକୃତିର କ୍ରୁର ରୂପ ଆଗରେ ମଣିଷ ଅତ୍ୟନ୍ତ ଅସହାୟ ହୋଇଥାଏ । ଅଧିକ ବର୍ଷା ହେଲେ ବଢ଼ି ହୁଏ, ଫସଲ ବଢ଼ି ବା ବନ୍ୟାରେ ଧୋଇଯାଏ । ସେହିପରି ବର୍ଷା ନ ହେଲେ ମରୁଡ଼ି ପଡ଼େ, ଜଳ ଅଭାବରୁ ଫସଲ ନଷ୍ଟ ହୋଇଯାଏ । ଯେ କୌଣସି କଥା ମାତ୍ରାଧିକ ହେଲେ ସୁପରିଣାମ ନ ଦେଇ କୁପରିଣାମ ଦେଇଥାଏ । ତା'ର ଭଲ ଗୁଣ ବଦଳରେ ଖରାପ ଗୁଣ ପ୍ରକାଶ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିରୋଧୀ-ଶାସକ ମୁହାଁମୁହିଁ

## ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨୫।୯(ଅନିଲ ଦାସ)

ବିଧାନସଭାରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି । ବିରୋଧୀ ଦଳ ଭାଜପା ସଦସ୍ୟମାନେ ସଚିବ ନା ମନ୍ତ୍ରୀ ବଡ଼କୁ ପ୍ରସଙ୍ଗ କରି ବିଧାନସଭାରେ ସରକାରଙ୍କୁ ଘେରିଥିଲେ । ବିରୋଧୀଙ୍କୁ କଡ଼ା ଜବାବ ଦେବା ପାଇଁ ଶାସକ ବିଜେଡି କେନ୍ଦ୍ରୀୟ ଅବହେଳାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା । ଭାଜପା ସଦସ୍ୟଙ୍କ ହଟ୍ଟଗୋଳରେ ବିଧାନସଭାର ଦିନ ତମାମ କାର୍ଯ୍ୟ ବରବାଦ ହୋଇଯାଇଥିଲା । ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ସଫଳ ହୋଇପାରି ନ ଥିଲା ।

ସୋମବାର ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ପରିଚାଳନା କରିବା ପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ପ୍ରବେଶ କରିଥିଲେ । ସଦସ୍ୟମାନେ ବାଚସ୍ପତିଙ୍କୁ ନମସ୍କାର କରି ସ୍ୱାଗତ କରିଥିଲେ । ସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଗଣତନ୍ତ୍ରକୁ ହତ୍ୟା ଚଳିବ ନାହିଁ...ଚଳିବ ନାହିଁ ... ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ପ୍ରବଳ ହୋ ହଲ୍ଲା କରିଥିଲେ । ଏହାର ଜବାବରେ ବିଜେଡି ସଭ୍ୟମାନେ ନିଜ ଆସନରେ ଛିଡ଼ା ହୋଇ କେନ୍ଦ୍ର ସରକାର ହାଏ ହାଏ..,କେନ୍ଦ୍ରୀୟ ଅବହେଳା ଚଳିବ..ନାହିଁ ଚଳିବ ନାହିଁ.., ସମ୍ବଲପୁର ଜାତୀୟ ରାଜପଥ କେବେ ସରିବ ଜବାବ ଦିଅ.. ଜବାବ ଦିଅ ...ସ୍ଲୋଗାନ ଦେଇ ଭାଜପାକୁ କାଉଣ୍ଟର ଆଟାକ କରିଥିଲେ । ଉଭୟ ବିରୋଧୀ ଓ ଶାସକ ଦଳଙ୍କ ହଟ୍ଟଗୋଳରେ ବିଧାନସଭା ପ୍ରକମ୍ପିତ ହୋଇଥିଲା । ତେବେ କଂଗ୍ରେସ



ସଦସ୍ୟମାନେ ହଟ୍ଟଗୋଳରୁ ନିଜକୁ ଦୂରେଇ ରଖିଥିଲେ । ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ବୁଝାଇଥିଲେ ମଧ୍ୟ ଭାଜପା ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ । ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ ।

୧୧ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିବୃତି ଦେବାକୁ କହିଥିଲେ । ଏହି ସମୟରେ ପୁଣି ଭାଜପା ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ପାଟିତୁଣ୍ଡ କରିଥିଲେ । ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଚିବ ବନାମ ଅଫିସର ପ୍ରସଙ୍ଗରେ ବିବୃତି ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ବାଚସ୍ପତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ । ଜୟନାରାୟଣ କହିବା ମାତ୍ରେ ଶାସକ ଦଳର ସଦସ୍ୟମାନେ କେନ୍ଦ୍ର ଅବହେଳା ପ୍ରସଙ୍ଗ ଉଠାଇ ପୁଣି ହଟ୍ଟଗୋଳ କରିଥିଲେ । ପାଟିତୁଣ୍ଡ ମଧ୍ୟରେ ଜୟନାରାୟଣଙ୍କ ପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ନିଜର ବକ୍ତବ୍ୟ ରଖିବାକୁ ବାଚସ୍ପତି ଅନୁମତି ଦେଇଥିଲେ । ଉଭୟ ଭାଜପା ଓ ବିଜେଡି ସଦସ୍ୟମାନେ ପରସ୍ପରଙ୍କୁ ଆକ୍ଷେପ କରି ପାଟିତୁଣ୍ଡ କରିଥିଲେ । ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ୧୧ଟା ୫୦ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ନରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିଲା । ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ । ତେବେ ଏହା ସଫଳ ହୋଇ ପାରି ନ ଥିଲା । ଭାଜପା ସଦସ୍ୟମାନେ ଗୃହରେ ହୋହଲ୍ଲା ଜାରି ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ଗୃହରେ ପଞ୍ଚମ ଅର୍ଥ କମିଶନ ରିପୋର୍ଟ, ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ରିପୋର୍ଟ ସମେତ କେତେକ ବିଲ୍ ଆଗତ ହୋଇଥିଲା । ଏହାପରେ ବାଚସ୍ପତି ଗୃହକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ ।

# ଯାଞ୍ଚବେଳେ ପୋଲିସକୁ ଗାଡ଼ି ମଡ଼ାଇବାକୁ ଉଦ୍ୟମ



ଜବତ ସ୍କର୍ପିଓ



**■ ବାଇକ୍, ସ୍କୁଟିକୁ ଧକ୍କା ଦେଲା ଗଞ୍ଜେଇ ଚାଲାଣକାରୀ ଗାଡ଼ି**

**■ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ**

ନନ୍ଦପୁର, ୨୫।୯ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଛକୁଣ୍ଡ ପୋଲିସ ଏକ ଗଞ୍ଜେଇ ଗାଡ଼ିକୁ ପିଛା କରି ୧କୁଇଣ୍ଟାଲ ୪୨କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଚାଲାଣରେ ବ୍ୟବହୃତ ସ୍କର୍ପିଓ (ଓଡି୦୨ ସିସି-୯୪୩୧) ଜବତ ହୋଇଛି । ଜଣକୁ ଗିରଫ କରାଯାଇଥିବା ଜଣାପଡିଛି । ସେ ହେଲେ ଝାଡଖଣ୍ଡର ମୁରଲୀ ମୋହନ ପାଲ । ତାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି । ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ସ୍କର୍ପିଓର ପିଛା କରୁଥିବା ସମୟରେ ସ୍କର୍ପିଓଟି ରାସ୍ତାରେ ଥିବା ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟିକୁ ଧକ୍କା ଦେଇ ପୋଲିସ ଉପରକୁ ଗାଡି ମଡାଇ ଦେବାକୁ ଉଦ୍ୟମ କରିଥିବା ଜଣାପଡିଛି । ତେବେ କ୍ଷତିଗ୍ରସ୍ତ ଉଭୟ ଗାଡିର ଚାଳକ ବର୍ତ୍ତି ଯାଇଛନ୍ତି । ଅନ୍ୟପକ୍ଷରେ ମାଛକୁଣ୍ଡ ପୋଲିସ ପକ୍ଷରୁ ଏହି ଯାଞ୍ଚ ଲାଗି ରାସ୍ତାରେ ସ୍କୁଟି ଓ ବାଇକ୍‌କୁ ଯୋଜନାବଦ୍ଧ ଭାବେ ରଖାଯାଇଥିବା ଆଲୋଚନା ହେଉଛି ।

ଖବରରୁ ଜଣାପଡିଛି, ଆନ୍ଧ୍ର ମୁଚିଙ୍ଗପୁଟ ଅଞ୍ଚଳରୁ ଲମତାପୁଟ ଦେଇ ସ୍କର୍ପିଓଟି ଝାଡ଼ଖଣ୍ଡ ଅଞ୍ଚଳକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଗୋଇନ୍ଦା ସୂଚନା ପାଇ ମାଛକୁଣ୍ଡ ଥାନାଧିକାରୀ ଡି.ବଦ୍ରିଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ସ୍କର୍ପିଓ ସମେତ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାକୁ ଯୋଜନା ହୋଇଥିଲା । ଲମତାପୁଟ କଲେଜ ନିକଟରେ ଫାଣ୍ଡି ଅଧିକାରୀ ନାକା ଲଗାଇ ଜଗି ବସିଥିଲେ । ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓ ସମ୍ମୁଖରେ ପୋଲିସ ଦେଖି ଇତସ୍ତତଃ ହୋଇ ରାସ୍ତାରେ ରଖାଯାଇଥିବା ବୈପାରିଗୁଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସ୍କୁଟି ଓ ଡୁସୁବା ଗ୍ରାମର ଯୁବକଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ପରେ ସେଠାରେ ସଙ୍ଗେସଙ୍ଗେ ପୋଲିସ ପହଞ୍ଚି ସ୍କର୍ପିଓ ସହ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବା ବେଳେ ଚାଲାଣକାରୀ ପାଲ୍ ପୋଲିସ ଉପରକୁ ଗାଡି ମଡାଇ ଦେବାକୁ ଉଦ୍ୟମ କରିଥିଲେ ।

# 'ନିଷ୍ପେଷିତଙ୍କ ଉନ୍ନତି ଲାଗି ସର୍ବଦା ଚେଷ୍ଟିତ ଥିଲେ'

## ଶହୀଦ ବିକା ନାୟକଙ୍କ ଘରୁ ଅମୃତ କଳସରେ ମାଟି ସଂଗ୍ରହ କଲେ କେନ୍ଦ୍ରମନ୍ତ୍ରୀ

କଣିହାଁ,୨୫।୯(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନରେ ଶହୀଦ ହୋଇଥିବା ଅନୁଗୋଳ ଜିଲା କଣିହାଁ ବ୍ଲକ ଚନ୍ଦ୍ରବିଲ ଅଞ୍ଚଳର ବିକା ନାୟକଙ୍କ ଭଳି ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ କାରଣରୁ ଦେଶ ଆଜି ସ୍ୱାଭିମାନୀ ଓ ସୁରକ୍ଷିତ ଅଛି । ଶହୀଦ ନାୟକ ସମାଜର ନିରାଶ୍ରୟ, ନିଷ୍ପେଷିତ ଲୋକଙ୍କ ଉନ୍ନତି ଲାଗି ସର୍ବଦା ଚେଷ୍ଟା କରିଥିଲେ । ଶହୀଦ୍ ବିକା ନାୟକଙ୍କ ଜନ୍ମମାଟିରେ 'ମୋ ମାଟି ମୋ ଦେଶ' ଅଭିଯାନରେ ସୋମବାର ସାମିଲ ହେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ବଡ଼ତ୍ରିବିଡାସ୍ଥିତ ହାଇସ୍କୁଲ ପରିସରରେ ଶହୀଦ ନାୟକଙ୍କ ପୁଣ୍ୟ 'ସ୍ମୃତି ସ୍ତମ୍ଭ'ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଚନ୍ଦ୍ରବିଲ ଗ୍ରାମକୁ ଯାଇ ଶହୀଦ ନାୟକଙ୍କ ଘରୁ 'ଅମୃତ କଳସ'ରେ ପବିତ୍ର ମାଟି ସଂଗ୍ରହ କରିଥିଲେ । ପରେ ଗାଁର ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ । ଏହାପରେ ଆୟୋଜିତ ସଭାରେ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ । ଶହୀଦ 'ସ୍ମାରକୀ ଫଳକ'ର ଉନ୍ମୋଚନ କରିବା ସହ ଚାରା ରୋପଣ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଶହୀଦ ବିକା ନାୟକଙ୍କ ପବିତ୍ର ଗ୍ରାମ ମୋ ପାଇଁ ତୀର୍ଥସ୍ଥଳୀ । ୧୯୩୮ ସେପ୍ଟେମ୍ବର ୨୧ରେ ଏହି ଅଞ୍ଚଳ ସେହି



'ଅମୃତ କଳସ'ରେ ପବିତ୍ର ମାଟି ସଂଗ୍ରହ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସୁପୁତ୍ରଙ୍କୁ ଜନ୍ମ ଦେଇ ଇତିହାସ ପୃଷ୍ଠାରେ ନିଜ ନାଁକୁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରାଇଥିଲା । ବ୍ରିଟିଶ ଆଦେଶକୁ ଅମାନ୍ୟ କରି ସେ ଗୁଳିମାଡ଼ରେ ଶହୀଦ ହୋଇଥିଲେ । ତାଙ୍କ ବଳିଦାନ ବିଷୟ ଦିଲ୍ଲୀର ଏକ ମ୍ୟୁଜିୟମରେ ସ୍ଥାନ ପାଇବା ଖୁସିର ବିଷୟ । ଗ୍ରାମର ଜଣେ ବ୍ୟକ୍ତି ସ୍ମାରକୀ ପାଇଁ ଜମି ଦେଇଥିବାରୁ ଏହି ଚନ୍ଦ୍ରବିଲକୁ ଦେଶର ତୀର୍ଥସ୍ଥାନ କରାଇବାକୁ ସମସ୍ତେ ଦାୟିତ୍ୱ ନେବା ପାଇଁ ପ୍ରଧାନ ଆହ୍ୱାନ ଦେଇଥିଲେ । ଏହି ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ସାନତ୍ରିବିଡାସ୍ଥିତ ଓଡ଼ିଶା ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟତମ ବିପ୍ଳବୀ ମହାନ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, କାଳନ୍ଦୀ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ରାଜେନ୍ଦ୍ର ସିଂହ, ବିରଞ୍ଚି ସାହୁ, ମନୋଜ ପ୍ରଧାନଙ୍କ ସମେତ ସହସ୍ରାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

**ପ୍ରଥମ ପୃଷ୍ଠାରୁ...**

## ପ୍ରତାପଙ୍କ ନାଁରେ...

ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି), ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଏବଂ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ୍ ଡିଟେଲ ରେକର୍ଡ (ସିଡିଆର) ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହେଲେ ବାରମ୍ବାର କୋର୍ଟଙ୍କୁ ସମୟ ମାଗି ମାହାଙ୍ଗାର ତତ୍କାଳୀନ ଥାନାଧିକାରୀ ନୀହାର ରଞ୍ଜନ ମହାନ୍ତି ଅଡୁଆରେ ପଡିଥିଲେ । ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହୋଇ ତଥ୍ୟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସମୟ ଗଡ଼ାଇବା ଯୋଗୁ କୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ । ଶେଷରେ ପୋଲିସ ଚାର୍ଜଶିଟ୍, ସିଡିଆର ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା । ଇତିମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ । ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ଗତ ୧୫ ତାରିଖରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଉପରୋକ୍ତ ସଙ୍ଗିନ ଦଫାରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଥାଉ କି, ନୃତାଙ୍ଗ ପଞ୍ଚାୟତର କୁଳମଣି ଓ ସହଯୋଗୀ ଦିବ୍ୟସିଂହ ଘଟଣାଦିନ ବାଇକ୍‌ରେ ଘରକୁ ଆସୁଥିଲାବେଳେ ଜଁଅକୋଠି ନିକଟରେ ସେମାନଙ୍କୁ ବୀଭତ୍ସ ଭାବେ ଆକ୍ରମଣ କରାଯାଇଥିଲା । ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ବିଧାୟକ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନାରେ ରମାକାନ୍ତ ଅଭିଯୋଗ କରିଥିଲେ । ପୋଲିସ ୯ ଜଣଙ୍କୁ ଗିରଫ କରିଥିଲା । ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ଘଟଣାର କିଛିଦିନ ପରେ ସନ୍ଦେହଜନକ ଭାବେ ଗାଡ଼ି ଚାପାରେ ମୃତ୍ୟୁ ଘଟିଥିଲା । ଅନ୍ୟଜଣେ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଥିବା କୁହାଯାଉଛି । ଏହି ରାଜନୈତିକ ଡବଲ ମର୍ଡର ନେଇ ସେତେବେଳେ ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା । ଭାଜପା ଓ କଂଗ୍ରେସ ପକ୍ଷରୁ ତତ୍କାଳୀନ ମନ୍ତ୍ରୀ ଜେନାଙ୍କ ଗିରଫ ଦାବିରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା । ପରେ କୋର୍ଟଙ୍କ ଆଦେଶ ବଳରେ ସାଲେପୁର ଏସ୍‌ଡିପିଓ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ । ଅଭିଯୋଗକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପ୍ରବୀଣ କୁମାର କାନୁନ୍‌ଗୋ କହିଛନ୍ତି ଯେ, ଏହି ରାୟ ଆସିବାପରେ ନ୍ୟାୟିକ ସଂସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଓ ଭରସା ବଢ଼ିଛି । ବିଳମ୍ବରେ ହେଲେ ବି ତତ୍କାଳୀନ ଆଇନମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଜେନାଙ୍କ ବିରୋଧରେ କୋର୍ଟ ମାମଲା ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସତ୍ୟର ଜୟ ହେବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବିଧାୟକ ଜେନା କହିଛନ୍ତି ଯେ, ଡବଲ ମର୍ଡର ଘଟଣାରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟାସତ୍ୟ ନାହିଁ । ତାଙ୍କ ବିରୋଧରେ ଭାଜପାର କେତେଜଣ ନେତା ଚକ୍ରାନ୍ତ ଚଳାଇଛନ୍ତି । ବିଶେଷକରି ଗତ ବିଧାନସଭା ନିର୍ବାଚନରେ ତାଙ୍କଠାରୁ ହାରିଥିବା ଭାଜପା ନେତା ଶାରଦା ପ୍ରଧାନ ଏହି ରାଜନୈତିକ ଷଡ଼ଯନ୍ତ୍ର କରିଛନ୍ତି । ଘଟଣାର ଅଭିଯୁକ୍ତମାନେ ଗଣମାଧ୍ୟମ ଆଗରେ ନିଜ ଦୋଷ ସ୍ୱୀକାର କରି କେଉଁଥି ପାଇଁ ହତ୍ୟା କରିଥିଲେ ତାହା କହିଥିଲେ । ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବ୍ୟକ୍ତିମାନଙ୍କର ନାର୍କୋ ଟେଷ୍ଟ କରାଯାଉ । ଏହାସହ ତାଙ୍କର ମଧ୍ୟ ନାର୍କୋ ଟେଷ୍ଟ ପାଇଁ ସେ ପ୍ରସ୍ତୁତ ଥିବା ଗଣମାଧ୍ୟମ ଆଗରେ ବିବୃତି ଦେଇ କହିଛନ୍ତି ।

## ଭାରତୀୟ ଜଳବାୟୁରେ...

ତାଲିକା ଭଳି ଏକକ ସଂସ୍ଥା ଜଣେ ବ୍ୟବହାରକାରୀଙ୍କ ପରିଚୟ ଗୋପନୀୟତାକୁ ନିୟନ୍ତ୍ରଣ ଓ ପରିଚାଳନା କରିବା ସହ ଅନ୍‌ଲାଇନ୍ ଉତ୍ସଗୁଡ଼ିକୁ ଏହା ଉପଲବ୍ଧ କରାଇଥାଏ । ଏହି ସଂସ୍ଥା ଜଣେ ବ୍ୟକ୍ତିଙ୍କ ନାମ, ଠିକଣା, ସାମାଜିକ ସୁରକ୍ଷା ନମ୍ବର ଆଭ୍ୟନ୍ତରୀଣ କିମ୍ବା ତୃତୀୟ ପକ୍ଷ ପ୍ରୋଫାଇଲିଂ ଉଦ୍ଦେଶ୍ୟରେ ଦେଇପାରେ ବୋଲି ରିପୋର୍ଟରେ କୁହାଯାଇଛି । ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର ଲାଭ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ଆଧାରକୁ ନିର୍ଭରଯୋଗ୍ୟ ଭାବେ ଗ୍ରହଣ କରିଥିବାବେଳେ ମୁଡିସ୍ ରିପୋର୍ଟ ପରେ ଏହା ଉପରେ ଚିନ୍ତା କରିବା ଆବଶ୍ୟକ ହୋଇପଡ଼ିଛି ।

## ଜନତାଙ୍କ ଅଭିଯୋଗ...

କରାଯାଇଛି । ପ୍ରତ୍ୟେକ ଦିନ ୩ରୁ ୫ଟି ସ୍ଥାନରେ ଅଭିଯୋଗ ଶୁଣାଣି ହୋଇଛି । ଏହି ପ୍ରକ୍ରିୟାରେ ଲୋକଙ୍କଠାରୁ ୫୭୪୪୨ଟି ଦରଖାସ୍ତ ଗ୍ରହଣ କରାଯାଇଛି । ଆଜି ପର୍ଯ୍ୟନ୍ତ ୪୩୫୩୬ଟି ଦରଖାସ୍ତର ଫୈସଲା କରାଯାଇଛି । ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ସ୍ୱଚ୍ଛତାର ସହ ସମ୍ପାଦନ କରାଯାଇଛି । ଏହି ସମସ୍ତ ଦରଖାସ୍ତ ଏବଂ ତା' ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ତଥା ଫୈସଲାର ବିଭିନ୍ନ ପର୍ଯ୍ୟାୟର ସମ୍ପୂର୍ଣ୍ଣ ବିବରଣୀ ଜନଶୁଣାଣି ପୋର୍ଟାଲରେ ସ୍ଥାନିତ ହୋଇଛି । ଉତ୍ତରାଧିକାରୀ ସ୍ୱତ୍ୱ ସଂକ୍ରାନ୍ତୀୟ ବିଷୟଗୁଡ଼ିକ ବାରମ୍ବାର ଆଲୋଚନା ଜରିଆରେ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଦୀର୍ଘଦିନ ଧରି ପଡ଼ିରହିଥିବା ଏହି ସମସ୍ୟାଗୁଡ଼ିକର ଆଗାମୀ ୨ରୁ ୩ ମାସ ମଧ୍ୟରେ ସମାଧାନ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି । ଅଭିଯୋଗକାରୀଙ୍କୁ ଲିଖିତ ଉତ୍ତର ଦିଆଯାଉଛି । ମୋ ସରକାର ଜରିଆରେ ଫୋନ୍ କରାଯାଇ ସେମାନଙ୍କଠାରୁ ମତାମତ ମଧ୍ୟ ସଂଗ୍ରହ କରାଯାଉଛି । ଦେଶର ଯେ କୌଣସି ସରକାରଙ୍କ ଦ୍ୱାରା ପରିଚାଳିତ ଜନସାଧାରଣଙ୍କ ଅଭିଯୋଗର ସମାଧାନ ନିମନ୍ତେ ଥିବା ବ୍ୟବସ୍ଥା ମଧ୍ୟରେ ଏହା ହେଉଛି ସର୍ବୋତ୍କୃଷ୍ଟ ବ୍ୟବସ୍ଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କୋଭିଡ୍ ପରିଚାଳନା ସମ୍ପର୍କରେ ତଦାରଖ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସେହି ଟିମ୍ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା । ଯେତେବେଳେ ସମସ୍ତେ ଘର ଭିତରେ ଆବଦ୍ଧ ଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଟିମ୍ ନିଜ ଜୀବନକୁ ବିପନ୍ନ କରି ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲାରୁ ଜିଲାକୁ ବୁଲି କୋଭିଡ୍ ପରିସ୍ଥିତିର ତଦାରଖ କରୁଥିଲେ ଏବଂ ଲୋକମାନଙ୍କର ମତାମତ ନେଉଥିଲେ । ଏହି ବ୍ୟବସ୍ଥା ଆମକୁ ତ୍ୱରିତ୍ ନିଷ୍ପତ୍ତି ନେବାରେ ସହାୟକ ହୋଇଥିଲା । ଫଳରେ ଆମେ ଆମ ରାଜ୍ୟବାସୀଙ୍କର ଅମୂଲ୍ୟ ଜୀବନ ରକ୍ଷାକରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ସାହାଯ୍ୟ କରିଆସିଥିଲୁ । ବର୍ତ୍ତମାନ ଏହି ବ୍ୟବସ୍ଥା ସମ୍ପର୍କରେ ରାଜନୈତିକ ସମାଲୋଚନା ହେଉଛି । ଏହା ଉପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ପ୍ରକୋଷ୍ଠ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ । ଭୁବନେଶ୍ୱରରେ ମନ୍ତ୍ରୀମାନଙ୍କର ଏହି ବ୍ୟବସ୍ଥାରେ ସାମିଲ ହେବାରେ କୌଣସି ଆବଶ୍ୟକତା ପଡ଼ିନାହିଁ । ଗୋଟିଏ ଅଭିଯୋଗ ଦରଖାସ୍ତ ମିଳିବା ପରେ ଏହାକୁ ସମ୍ପୃକ୍ତ ବିଭାଗକୁ ପଠାଯାଇଥାଏ । ତେଣୁ ଏଥିରେ ମନ୍ତ୍ରୀ ବନାମ ଅଫିସର ପ୍ରସଙ୍ଗ ଉଠୁଛି କେଉଁଠି । ଅଭିଯୋଗ ଦରଖାସ୍ତର ବିଭାଗ ସ୍ତରୀୟ ସମାଧାନରେ ବିଭାଗର ମୁଖ୍ୟ ଭାବରେ ମନ୍ତ୍ରୀମାନେ ସବୁବେଳେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି । ଏହା ସର୍ବୋଚ୍ଚ ସ୍ତରରେ ଟିମ୍ ୱାର୍କ ଅଟେ ଏବଂ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବୃତ୍ତିଗତ ଭାବରେ ଏହା କରାଯାଇଥାଏ । ଲୋକଙ୍କ ଅଭିଯୋଗର ଯେଭଳି ଠିକ୍ ଭାବରେ ସମାଧାନ ହେବ ଏବଂ ଜନସାଧାରଣ ଯେପରି ସର୍ବୋତ୍ତମ ସନ୍ତୁଷ୍ଟି ଲାଭ କରିବେ, ତାହା ହିଁ ଆମର ଲକ୍ଷ୍ୟ । ଯଦି ସମସ୍ତ ୫୭ ହଜାର ଅଭିଯୋଗକାରୀ (ତନ୍ମଧ୍ୟରୁ ସଂଖ୍ୟାଧିକ ହେଉଛି ଗୋଷ୍ଠୀଗତ ଅଭିଯୋଗ) ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥାନ୍ତେ, ଯିବା ଆସିବା ଓ ରହଣିରେ ସେମାନଙ୍କର କେତେ ଖର୍ଚ୍ଚ ହୋଇଥାନ୍ତା । ସେମାନେ କେତେ ମଜୁରି ହରାଇ ଥା'ନ୍ତେ ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଜନସାଧାରଣଙ୍କ ଘରପାଖକୁ ଯାଇ ଅଭିଯୋଗ ସଂଗ୍ରହ କରିଥିବାରୁ, ଜନସାଧାରଣଙ୍କ ଅର୍ଥ ଓ ସମୟ ବଞ୍ଚିପାରିଛି ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ହେଲିକପ୍ଟର ବ୍ୟବହାର ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଯଦି ହେଲିକପ୍ଟର ବ୍ୟବହାର ନ କରି ସଡ଼କ ପଥରେ ଯାଇଥାନ୍ତୁ, ତେବେ ଏଥିପାଇଁ ଆମକୁ ଦେଢ଼ବର୍ଷ ସମୟ ଲାଗିଥାନ୍ତା । ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ୩ରୁ ୫ଟି ସଭା କରିବା ଏବଂ ତା' ପୁଣି ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୧୦ଟାରୁ ୩ଟା ମଧ୍ୟରେ କରିବା ଯେକୌଣସି ମଣିଷ ପକ୍ଷେ ଅସମ୍ଭବ । ଗତ ସାଢେ ତିନି ବର୍ଷ ମଧ୍ୟରେ ଆମେ ହେଲିକପ୍ଟର ବ୍ୟବହାରରେ ୪୦ କୋଟି ଟଙ୍କା ଖର୍ଚ୍ଚ କରିଛୁ । ହାରାହାରି ଭାବରେ ପ୍ରତି ମାସରେ ହେଲିକପ୍ଟର ବ୍ୟବହାର ବାବଦକୁ ୧ କୋଟିରୁ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଗତ ୬ ମାସ ମଧ୍ୟରେ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟାପକ ଭାବରେ ହେଲିକପ୍ଟର ବ୍ୟବହାର କରାଯାଇଛି, ଯାହାର କି ହାରାହାରି ଖର୍ଚ୍ଚ ମାସ ପିଛା ୧ କୋଟିରୁ ଦେଢ଼ କୋଟି ଟଙ୍କା ମଧ୍ୟରେ ହୋଇଛି । ହେଲିକପ୍ଟର ବ୍ୟବହାରରେ ମାତ୍ରାଧିକ ଖର୍ଚ୍ଚ ସଂକ୍ରାନ୍ତୀୟ ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ଓ ଅଭିସନ୍ଧିମୂଳକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମ୍ପୂର୍ଣ୍ଣ ବୃତ୍ତିଗତ ଭାବରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଅଭିଯୋଗ ଶୁଣାଣି କରିଛି । ଏହି ଶୁଣାଣି ସମୟରେ ଲୋକଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଛି । ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଏବଂ ସେଥିପାଇଁ ହୋଇଥିବା ଅର୍ଥ ମଞ୍ଜୁରୀ ସମ୍ପର୍କରେ ସୂଚନା ଦିଆଯାଇଛି । ଲୋକଙ୍କ ଅଭିଯୋଗର ସମାଧାନ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଁ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦେଶ ଦେଇଥିଲି । ଲୋକଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ବିଭିନ୍ନ ସ୍ଥାନରେ ଯେଭଳି ବୃତ୍ତିଗତ ଭାବରେ ଦକ୍ଷତାର ସହ ପଦକ୍ଷେପ ଗ୍ରହଣ କରାଗଲା, ସେଥିପାଇଁ ମନ୍ତ୍ରୀଗଣ, ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସରକାରଙ୍କ ବିଭିନ୍ନ ବିଭାଗ ତଥା ଏଥିରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆନ୍ତରିକ ଧନ୍ୟବାଦ ଦେଇଛନ୍ତି । ସେମାନଙ୍କ ଅଞ୍ଚଳରେ ଅନେକ ଅଭିଯୋଗର ସମାଧାନ କରାଯାଇଥିବାରୁ, ବିରୋଧୀ ଦଳର ସଦସ୍ୟମାନେ ମଧ୍ୟ ଖୁସି ହେବା ଉଚିତ । ଲୋକଙ୍କ ସମସ୍ୟା ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପକୁ କିଏ କିପରି ବିରୋଧ କରିପାରିବ ତାହା ମୁଁ ବୁଝିପାରୁ ନାହିଁ । ଏଭଳି ବିରୋଧ ଜନବିରୋଧୀ ଏବଂ ଜନସାଧାରଣ ଏଭଳି ମନୋବୃତ୍ତିକୁ ଉଚିତ ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଚେତାଇ ଦେଇଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନିଙ୍କ ଗୃହରେ ଚନ୍ଦ୍ର ଥିବାରୁ ଅତୀତ କଥାକୁ ନେଇ ଚିନ୍ତିତ ରହିବେ । କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ । ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ । ବନ୍ଧୁଙ୍କଠାରୁ ସାହାଯ୍ୟ, ସହଯୋଗ ପାଇ ଖୁସି ହେବେ । ଆଜିର ସକାଳୁଆ ଯାତ୍ରାରେ ଅଭିଳଷିତ ଫଳ ପାଇବା ସାଙ୍ଗକୁ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ ।

**ବୃଷ** ନବମସ୍ଥ ଚନ୍ଦ୍ରଙ୍କ ଯୋଗୁ ଘର କଥା ବିଷୟରେ ଚିନ୍ତାକରିବେ । ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ । କୌଣସି କାମରେ ଦୂରକୁ ପଠାଇବା ସକାଶେ ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତି ପ୍ରକାଶ କରିପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ ।

**ମିଥୁନ** ଆର୍ଥିକ ଅନଟନଜନିତ କାମ ସ୍ଥଗିତ ରହିଯିବା ଭଳି ପରିସ୍ଥିତି ଆଜିର ମୁଖ୍ୟ ସମସ୍ୟା ହେବ । ସମ୍ପର୍କୀୟଙ୍କ ପାଇଁ ଭଲକାମ କରିବାକୁ ଯାଇ ଅପଦସ୍ଥହେବାକୁ ପଡ଼ିପାରେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଓ ପ୍ରିୟବନ୍ଧୁମାନଙ୍କ ସହାନୁଭୂତି ଅବଶ୍ୟ ପାଇବେ । ପାରିବାରିକ ତିକ୍ତତାକୁ ଆତ୍ମୀୟଙ୍କ ସହାୟତାରେ ସମାପ୍ତି କରିବେ ।

**କର୍କଟ** ଶୁକ୍ର ରାଶିରେ ରହି ଆଜି ଆପଣଙ୍କୁ ରୁଚିକର ଭୋଜନ, ନୂତନ ବସ୍ତ୍ରଭୂଷଣ ଓ ମଜା ମଉଜର ଅବସର ଜୁଟାଇ ପାରନ୍ତି । କିନ୍ତୁ ଅଶ୍ଳେଷା ନକ୍ଷତ୍ର ଖାଇବା, ପିଇବାରେ ଅବହେଳାକରି ନିଜର ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ । ଟଙ୍କା ପଇସାର ଅଭାବ ନ ଥିଲେ ମଧ୍ୟ ଖର୍ଚ୍ଚକରିବାରେ ସାବଧାନ ହେବା ନିତାନ୍ତ ଆବଶ୍ୟକ ।

**ସିଂହ** ଆଜି ହଠାତ୍ କୌଣସି ବନ୍ଧୁଙ୍କ ଜରୁରୀ ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ । ବହୁ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ । ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧିପାଇବ ।

**କନ୍ୟା** ମଙ୍ଗଳ ରାଶିରେ ଥିବାରୁ ବନ୍ଧୁ କଥା ରଖି ଯଥା ସମୟରେ ଆସିବେ । ଆବଶ୍ୟକ ଅର୍ଥ କିମ୍ବା ବାଚନିକ ସାହାଯ୍ୟ ସକାଶେ ସମ୍ପର୍କୀୟ ସହଯୋଗର ପ୍ରତିଶ୍ରୁତି ଦେବେ । ଚିତ୍ରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର । ଭୁଲ୍ ବୁଝାମଣାରେ ତର୍କବିତର୍କ ବଢ଼ିବା କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ ।

**ତୁଳା** ଆଜି ଅଭିଳାଷ ପୂରଣହେବା କାରଣରୁ ସମୟ ଆନନ୍ଦରେ କଟାଇବେ । କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ । ନିଜ ପରିସରରେ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତରୁ ଶୁଭଫଳ ପାଇବେ ।

**ବିଛା** ଆଜିର ଚନ୍ଦ୍ର ରାଶି ପ୍ରତି ବିଶେଷ ଅନୁକୂଳ ନ ଥିବା ହେତୁ ସାଧାରଣ କଥାରେ ବିରକ୍ତି ହୁଅନ୍ତୁ ନାହିଁ । ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ । ସଙ୍ଗଠନ, ରାଜନୀତି, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ।

**ଧନୁ** ପାରିବାରିକ ସ୍ଥିତିରେ ଉନ୍ନତି ହେବାର ଅନୁଭବକରି ଆଶ୍ୱସ୍ତି ଲଭିବେ । ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ସଭାସମିତିରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**ମକର** ଆଜି ଯାହାକୁ ଯାହା କହିବେ ସେ ପ୍ରତିବାଦ କରିପାରିବେ ନାହିଁ । ବାରମ୍ବାର ମାଗିଲେ ମଧ୍ୟ ଦେଉ ନ ଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ । ଦେହ ଭଲ ରହିଲେ ମଧ୍ୟ ସାମୟିକ କେତେକ ପାରିପାର୍ଶ୍ୱିକ ସମସ୍ୟା ମନକୁ ଆକ୍ରାନ୍ତ କରିବ । ନିଜର ସୁଖ, ସୁବିଧାକୁ ପ୍ରାଧାନ୍ୟଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି ।

**କୁମ୍ଭ** ଟିକିଏ ସହି ସମ୍ଭାଳି ରହିଗଲେ ପରିବାରରେ ସୁଖ ଶାନ୍ତି ଫେରିଆସିବ । ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ବୁଦ୍ଧିମାନ୍‌ର କାମ ହେବ । ଅନ୍ୟଥା ଏଥିପାଇଁ ପରକ୍ଷଣରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ । ଏଣେ ଆକସ୍ମିକ ଭାବରେ ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ ।

**ମୀନ** ବୃଥା ଭାବନାରେ ସମୟ ଅପଚୟ ନ କରି ଯେତିକି ପାରିବେ ତାହା କରିନେବା ଆଜି ପାଇଁ ଭଲ । ସ୍ୱାସ୍ଥ୍ୟ ହାନି ଓ ପାଖପଡ଼ୋଶୀଙ୍କ କଟୂକ୍ତି ମନରେ ଗଭୀର ରେଖାପାତ କରିପାରେ । ଆବଶ୍ୟକତା ପୂରଣ କରିବା ସକାଶେ ଋଣ କରିବାକୁ ପଡ଼ିପାରେ । ସାଧାରଣ କଥାକୁ ନେଇ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ ।

ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ସେପ୍ଟେମ୍ବର ୨୬ ତାରିଖ, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ସର୍ବସମ୍ମତ ବାମନ ଜନ୍ମ, ସୁନିଆ, ଶ୍ରୀଦିବ୍ୟସିଂହ ମହାରାଜାଙ୍କ ୬୭ ଅଙ୍କ ଆରମ୍ଭ, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ, ଇନ୍ଦ୍ରଧ୍ୱଜପୂଜା ଆରମ୍ଭ । ରାଶି ନକ୍ଷତ୍ର-ଶ୍ରବଣା ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ. ୦୫।୨୯ ଗତେ, ଘ.୦୬।୨୭ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ. ୦୨।୩୭ ଗତେ, ଘ.୦୪।୦୬ ମଧ୍ୟେ ରାହୁକାଳ ।

# ଜଙ୍ଗଲରୁ କନିଷ୍ଠଯନ୍ତ୍ରୀଙ୍କ ମୃତଦେହ ଜବତ



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ଓ ପୋଲିସ ତଦନ୍ତ କରୁଛି।

**ଚମ୍ପୁଆ,୨୫।୯(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଜୟନ୍ତିନାପୁର ଜଙ୍ଗଲରୁ ଜଣେ କନିଷ୍ଠଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଜୟନ୍ତିନାପୁର ଗ୍ରାମର ରାମକୃଷ୍ଣ ସିଂ(୩୫)। ସେ ଚମ୍ପୁଆ ବ୍ଲକ୍‌ରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ରବିବାର ରାତିରୁ ନିଖୋଜ ଥିଲେ। ପୋଲିସ ସାଇଣ୍ଟିଫିକ୍ ଦଳଦ୍ୱାରା ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରାମକୃଷ୍ଣ ଗତ ରବିବାର ଘରୁ କୁଆଡ଼େ ପଳାଇ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ଜୟନ୍ତିନାପୁର ଛକଠାରୁ କିଛିଦୂର ବୈତରଣୀ ନଦୀ କୂଳ ଘଞ୍ଚ ଜଙ୍ଗଲରେ ତାଙ୍କ ପଲ୍‌ସର ବାଇକ୍ ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଲୋକଙ୍କ ସହ ଖୋଜାଖୋଜି କରିବାରୁ ଏକ ଆକାଶିଆ ଗଛରେ ମୃତଦେହ ଝୁଲୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ତଳକୁ କାଢ଼ି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୧/୨୩) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଜରିଆରେ ନମୁନା ସଂଗ୍ରହ କରାଯାଇଛି। ଦୀର୍ଘଦିନରୁ ସେ ଅସୁସ୍ଥ ରହିଥିବାରୁ ଏପରି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଥିବା ତଦନ୍ତକାରୀ ଅଫିସର ଶାନ୍ତନୁ କୁମାର ଜେନା ସୂଚନା ଦେଇଛନ୍ତି।

# ରାହୁଲଙ୍କ ଚିତ୍ରକଳାକୁ ପ୍ରଶଂସା କଲେ କିଙ୍ଗ୍ ଖାନ୍

## ଟୁଇଟ୍ କରି ଧନ୍ୟବାଦ ସହ ରାହୁଲଙ୍କ ଚିତ୍ରର ପ୍ରଶଂସା କରିଛନ୍ତି

**ପାପଡ଼ାହାଣ୍ଡି,୨୫।୯ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ମହକୁମା ନୂଆସାହିର ରାହୁଲ ପାତ୍ରଙ୍କ ଚିତ୍ରକଳା ଦେଖି ପ୍ରଶଂସା କରିଛନ୍ତ ବଲିଉଡ୍ ଅଭିନେତା ଶାହାରୁଖ ଖାନ୍। ରାହୁଲ ପ୍ରଧାନୀଗୁଡ଼ା କାଜୁମିଲଠାରେ ଶାହାରୁଖଙ୍କ ଯବାନ ଚଳଚ୍ଚିତ୍ରର ୧୦ଫୁଟ୍ ଉଚ୍ଚତା ଓ ୬ଫୁଟ୍ ଲମ୍ବ ବିଶିଷ୍ଟ ଏକ ଫଟୋ ଚିତ୍ର ଆଙ୍କିଥିଲେ। ଉକ୍ତ ଫଟୋ ତିଆରି କରିବାକୁ ତାଙ୍କୁ ୩ଦିନ ସମୟ ଲାଗିଥିଲା। ଆକ୍ରିଲିକ୍ ପେଣ୍ଟ ସାହାଯ୍ୟରେ ଏହି ଚିତ୍ର ଆଙ୍କି ମ୍ୟୁଜିକ୍ ଦେଇ ରାହୁଲ ତାହାକୁ ସୋସିଆଲ ମିଡିଆ ୟୁ ଟ୍ୟୁବ୍‌ରେ ଶେୟାର କରିଥିଲେ। ଅଭିନେତା ଶାହାରୁଖ ଖାନ୍ ତାହାକୁ ଦେଖି




ଶାହାରୁଖ୍‌ଙ୍କ ଟୁଇଟ୍।

ରାହୁଲଙ୍କ ଚିତ୍ରକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ସେ ଏହାକୁ ନିଜ ଟୁଇଟର ଆକାଉଣ୍ଟରୁ ଶେୟାର କରିଛନ୍ତି। ଆପଣ ଜଣେ ଦକ୍ଷ ଚିତ୍ରକର। ଏହା ସୁନ୍ଦର ଚିତ୍ରକଳା ବୋଲି ନିଜ ଟୁଇଟ୍‌ରେ ଜଣାଇଛନ୍ତି। ଶାହାରୁଖ୍‌ଙ୍କ ଟୁଇଟ୍ ପରେ ରାହୁଲଙ୍କୁ ତାଙ୍କ ପରିବାର,




ରାହୁଲ ଆଙ୍କିଥିବା ୱାଲ ପେଣ୍ଟିଂ।

ବନ୍ଧୁ ଓ ସମ୍ପର୍କୀୟମାନେ ପ୍ରଶଂସା କରୁଛନ୍ତି। ପ୍ରକାଶ ଯେ, ରାହୁଲଙ୍କ ବାପା ଶିବପ୍ରସାଦ ପାତ୍ର ଓ ମା ସୁବାସିନୀ ଉଭୟେ ଶିକ୍ଷକ। ରାହୁଲ ଇଞ୍ଜିନିୟରିଂ ସାରିବା ପରେ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରନ୍ତି। ତେବେ ବର୍ତ୍ତମାନ ତାଙ୍କର ୱାର୍କ ଫ୍ରମ୍ ହୋମ୍ ଚାଲିଛି। ଫୁର୍‌ସତ ମିଳିଲେ ସେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥାନ୍ତି।

# ୧୦ କୁକୁଡ଼ା ଗିଳିଦେଲା ଅଜଗର

**ଅନୁଗୋଳ, ୨୫।୯ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବନ୍ତଳା ଥାନା ଧୋକୁଟା ଗ୍ରାମର ଜନକ ନାୟକଙ୍କ କୁକୁଡ଼ା ଫାର୍ମରେ ସୋମବାର ଏକ ଅଜଗର ପଶି ୧୪ କୁକୁଡ଼ା ମାରିବା ସହ ୧୦ଟିକୁ ଗିଳି ଦେଇଥିବା ଅଭିଯୋଗ ହୋଇଛି। ଜନକଙ୍କଠାରୁ ଖବରପାଇ ସର୍ପ ଉଦ୍ଧାରକାରୀ ଟିମ୍‌ର ସଦସ୍ୟମାନେ ପହଞ୍ଚି ଅଜଗରକୁ ଉଦ୍ଧାର କରି ଅନୁଗୋଳ ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ସାପଟିକୁ ସାତକୋଶିଆ ଅଭୟାରଣ୍ୟର କୃଷ୍ଣଚକ୍ରଗଡ଼ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଥିବା ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଜନକ ସକାଳେ ତାଙ୍କ ଫାର୍ମରେ କାର୍ଯ୍ୟ କରୁଥିଲେ। ଏହି ସମୟରେ କେତୋଟି କୁକୁଡ଼ା ଉଚ୍ଚ ସ୍ୱରରେ ବୋବାଇବାରୁ କିଛି ଅଘଟଣ ଆଶଙ୍କାରେ ସେ ସେଠାକୁ ଯାଇଥିଲେ। ଫାର୍ମ ଭିତରରେ ଏକ ଅଜଗର ପଶି କୁକୁଡ଼ା ମାରିବା



କୁକୁଡ଼ା ଫାର୍ମ ଭିତରେ ପଶିଥିବା ଅଜଗର।

ସହିତ ଗିଳି ଦେଇଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜନକ ଦାବି କରିଛନ୍ତି। ତେବେ ଏପରି ଘଟଣାରେ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା ନ ଥିବା ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୁତୁରାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲେ କକା

**ଭବାନୀପାଟଣା,୨୫।୯ (ଉତ୍ତମ କୁମାର ଦାଶ)**

ଅବୈଧ ସମ୍ପର୍କରୁ ହତ୍ୟାକାଣ୍ଡ। ତୁଚ୍ଛ ହେଲା ରକ୍ତ ସମ୍ପର୍କ। ଶୋଇଥିବା ବେଳେ ପୁତୁରାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କଲେ କକା (ଦାଦା)। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଲବଣିସର ଗାଁରେ। ଏହି ଗାଁର ପ୍ରଶାନ୍ତ ମାଝି (୨୦)ଙ୍କୁ କକା ମୁଗାନା ମାଝି ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ଭବାନୀପାଟଣା ସଦର ଥାନା ପୋଲିସ ଏକ ମାମଲା (ନଂ. ୩୬୬/୨୩) ରୁଜୁ କରି ହତ୍ୟାକାରୀ କକା ମୁଗାନାଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

## ଅବୈଧ ସମ୍ପର୍କରୁ ହତ୍ୟାକାଣ୍ଡ

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଗଡ଼ଜାତ ଅଞ୍ଚଳରେ ନୂଆଁଖାଇ ପାଳନ ହେଉଥିଲା। ପ୍ରଶାନ୍ତଙ୍କ ପରିବାର ମଧ୍ୟ ନୂଆଁଖାଇଥିଲେ। ନୂଆଁଖାଇ ସାରିବା ପରେ କକା ମୁଗାନା ତାଙ୍କ ବୋହୂ ସହିତ ଅବୈଧ ସମ୍ପର୍କ ରଖିଥିବା ନେଇ ପୁତୁରା ପ୍ରଶାନ୍ତଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତିରେ ପ୍ରଶାନ୍ତ ଏକୁଟିଆ ଶୋଇଥିବା ବେଳେ ଟାଙ୍ଗିଆରେ ହାଣି ମୁଗାନା ହତ୍ୟା କରିଥିଲା ବୋଲି ପୋଲିସଠାରୁ ସୂଚନା ମିଳିଛି। ସୋମବାର ସକାଳେ ପ୍ରଶାନ୍ତଙ୍କ ମୃତଦେହ ଘରେ ଭିତରେ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।


## ପୂର୍ବ ତଟ ରେଳପଥ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-40-23
କାର୍ଯ୍ୟର ବିବରଣୀ : ରେଳକୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଟ୍ରାଞ୍ଜିଟ୍ ବ୍ଲକ୍-1&2 ରେ 16 ଗୋଟି ସୁଟ୍ (Suites)ଗୁଡ଼ିକର ନବୀକରଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹25,11,263.10

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-41-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ରିଲେ ପ୍ରକୋଷ୍ଠଗୁଡ଼ିକରେ ଶକ୍ତି ଅପଚୟ (Energy efficient) ଡକ୍ଟେବଲ ଏୟାର କଣ୍ଡିସନର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,78,45,574.43

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-42-23
କାର୍ଯ୍ୟର ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ 250 LHB AC କୋଚଗୁଡ଼ିକରେ Meta-Aramide ଫାବ୍ରିକ୍ ବିଲୋ ଡକ୍ଟ ଦ୍ୱାରା ବିଲୋ ଡକ୍ଟ (Bellow duct)ର ପୁନଃସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹5,71,37,725/-

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଧାନମଣ୍ଡଳ (DNM) ଗୁଡ୍‌ସ ସେଡ୍ ଠାରେ ପ୍ଲାଟଫର୍ମ ସେଡ୍ ଏବଂ କଟକ (CTC) ଗୁଡ୍‌ସ ସେଡ୍ ଠାରେ ପ୍ଲାଟଫର୍ମ ପୃଷ୍ଠଭାଗର ଉନ୍ନୟନ ସମ୍ବନ୍ଧୀୟ ବିଦ୍ୟୁତୀକରଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹11,63,000.46

EMD: ₹50,200/- (କ୍ରମ ସଂ.1 ପାଇଁ), ₹2,39,200/- (କ୍ରମ ସଂ.2 ପାଇଁ), ₹4,35,700/- (କ୍ରମ ସଂ.3 ପାଇଁ) ଏବଂ ₹23,300/- (କ୍ରମ ସଂ.4 ପାଇଁ)।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ଏବଂ 4 ପାଇଁ), 6 ମାସ (କ୍ରମ ସଂ.2 ପାଇଁ) ଏବଂ 12 ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ଼
PR-601/O/23-24

## OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR

"e"-Procurement Notice No.04/2023-24
No.KK-227: No.2652/DPP, Dt.21.09.23

| | | |
|---|---|---|
| 1. | Name of the Work | Construction of Proposed Veterinary Clinical Complex at College of Veterinary Science & Animal Husbandry OUAT, Bhubaneswar |
| 2. | Total No. of Works | 01 No. |
| 3. | Estimated Cost | Rs.362.98 Lakh approximate |
| 4. | Class of Contractor | "A" |
| 5. | Period of Completion | 12 (Twelve) Calendar Months |
| 6. | Type of Tender | Double Cover System |
| 7. | Date and Time of availability of Bid documents in the portal | From Dt.26.09.2023 to 17.00 Hrs. of dt.16.10.2023 |
| 8. | Last date/time for receipt of bids in the portal | Dt.16.10.2023 upto 17.00 Hrs. |
| 9. | Submission of Original documents (TP cost, EMD, affidavit etc as per DTCN) | During Office hours from dt.17.10.2023 to dt.18.10.2023 upto 17.00 hrs. in the office of the undersigned. |
| 10. | Date of Opening of Bid (Cover-I) through online | Dt.19.10.2023 at 11.00 hrs in the office of the undersigned. |
| 11. | Name & address of the O.I.T. (Officer Inviting Tender) | Director of Physical Plants, OUAT, BBSR |

Further details can be seen from the e-Procurement portal https://tendersodisha.gov.in.
N.B.: Subsequent corrigendum/addendum if required shall be available in the website as indicated above.
Sd./- Director of Physical Plants OUAT, Bhubaneswar
OIPR-01036/11/0026/2324

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

No.B-945
e-mail ID - supenger_rbjyp@yahoo.co.in; Phone No.- 06854-231528

INVITATIONS FOR BIDS (IFB)
Bid Identification No. C.C.E.J.C. (R&B)- 25/2023-24
No. 4980 Date: 22.09.2023

| | | |
|---|---|---|
| 1. | Nature of the work: | BUILDING WORK |
| 2. | Total No. of Works: | 01 (One) No. |
| 3. | Estimated Cost: | Rs.1.03 Crs. |
| 4. | Period of completion: | 06 (Six) Months |
| 5. | Cost of Bid Document: | Rs.10,000/- Each |
| 6. | Bid Security (EMD): | Rs.1.03 Lac (As per column No. 06 of IFB) |
| 7. | Class of Contractor: | "B" & "A" Class as per cl. No. 05 of TCN & acocording to Financial Eligibility. |
| 8. | Date & time of availability of bid document in the portal: | From 11.00 hours of 28.09.2023 to 17.00 hours of 12.10.2023 |
| 9. | Last date / Time for receipt of bids in the Portal: | 17.00 hours of 12.10.2023 |
| 10. | Opening date of Bid: | 10.00 hours of 13.10.2023 |
| 11. | Name and address of the Officer Inviting Bid: | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.
Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0028/2324

## ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୬୫୨-ଭେହିକଲ୍। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ନିମ୍ନ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡରଗୁଡ଼ିକ ତା୨୦।୧୦।୨୦୨୩ରିଖ ୧୫.୩୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ। ଉକ୍ତ ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିନିୟର ଡିଇଇ/ଟିଆରଡି/ସିକେପିଙ୍କ ପାଇଁ ଦୁଇବର୍ଷ ଅବଧି ଲାଗି ଗୋଟିଏ ଡିଜେଲ ଚାଳିତ ଅଣ-ଏସି ଚାରିଚକିଆ ଗାଡ଼ି (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନ ଧରଣର) ଭଡ଼ା ସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹ ୧୦,୭୦,୦୬୯/-। **ଇଏମ୍‌ଡି:** ₹ ୨୧,୪୦୦/-। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୦।୧୦।୨୦୨୩ରିଖ ୧୫.୩୦ ଘଟିକାରେ। **ସମାପ୍ତି ଅବଧି:** ୨୪ ମାସ। **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଇଇ/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୦।୧୦।୨୦୨୩ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଏବଂ ସମୟ:** ତା୨୦।୧୦।୨୦୨୩ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧୀୟ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-643)

## NANDANKANAN

NOTICE No. 34 of 2023. Date 22.09 2023
OFFICE OF DEPUTY DIRECTOR, NANDANKANAN ZOOLOGICAL PARK FOR ENGAGEMENT OF HORTICULTURAL EXPERT IN PROJECT MANAGEMENT WING OF NANDANKANAN ZOOLOGICAL PARK

No.MM-179: Office of Deputy Director, Nandankanan invites eligible and interested candidates for selection of Horticultural Expert on purely contractual basis for working in the Project Management Wing of Nandankanan Zoological Park. Complete advertisement, application form, qualifications and ToR shall be available in the website www.nandankanan.org from 22.09.2023 onwards. The Last date of submission of application form is 28.09.2023. After scrutiny, shortlisted candidates shall be called for an interview further, for final selection.
Sd./-Deputy Director, Nandankanan Zoological Park
OIPR-08070/11/0020/2324

See Career Appointment on every Wednesday & Saturday

## ODISHA LIFT IRRIGATION CORPORATION LIMITED (A Government of Odisha Undertaking) OFFICE OF THE EXECUTIVE ENGINEER L.I.DIVISION, ROURKELA

No.CAD-2163:
e-mail ID-eeolicrourkela@gmail.com
NATIONAL COMPETITIVE BIDDING THROUGH e-Procurement
Identification No.EEOLICRKL-07/23-24, Dt.22.09.2023

| | | |
|---|---|---|
| 01 | Name of Work | Revival of 23 No. defunct LIPs in different Block of Sundargarh Dist. under State Plan 23-24 grant. |
| 02 | Estimated Cost | Rs.12.65 lakhs to 14.21 lakhs |
| 03 | Period of Completion | 90 days |
| 04 | Date & Time of availability of bid document in the portal | From 10.00 Hrs. of 30.09.23 to 17.00 Hrs. of 06.10.23 |
| 05 | Date & Time of opening of bids | 15.00 Hrs. of 07.10.23 |
| 06 | Name and Address of the officer inviting bid | Executive Engineer, L.I.Division, Rourkela |

NB:-GST@ 18% on tender paper cost may be deposited separately on reverse charges basis and deposited challan should be uploaded.
Further details can be seen from the website www.tendersorissa.gov.in.
Sd./- Executive Engineer L.I.Division, Rourkela
OIPR-32332/11/0003/2324

## TP SOUTHERN ODISHA DISTRIBUTION LIMITED

TPSODL
(Procurement Department)
BPR North Star Building, 2nd Floor, Khodasingi, Berhampur, Odisha-760010

NOTICE INVITING TENDER Dt.: 26.09.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Engineering, Supply, Erection & Commissioning of 1.1 MVA power supply to 300 bedded District Head Quarter Hospital (DHH), Koraput at Jeypore on 33 KV on "Turnkey Contract Basis". | TPSODL/OT/2023-24/051 | 6.00 Lacs | 5,000 | 10.10.2023; 18:00 Hrs. |
| 2 | Rate Contract for Engineering, Supply, Erection & Commissioning of River Crossing Infrastructure across PAN TPSODL on "Turnkey Contract Basis" | TPSODL/OT/2023-24/052 | 2.00 Lacs | 5,000 | 08/10/2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
"e" Procurement Notice for Road Work
Identification No.- Online Tender- Road N.C.B. No. 314 for 2023-24.
Letter No. 4814 / Date. 22.09.23

No.O-1107: 1. Name of the Work :- Road Work in the District of Mayurbhanj for the year 2022-23. 2. Total No. of Work :- 01 No.(One). 3. Estimated Cost :- Rs.920.55 lakhs (Approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.314 | Dt.27.09.2023 at 11.00 A.M. | Dt.11.10.2023 upto 5.00 P.M. | Dt.10.10.2023 Upto 5.00 P.M. | Dt.12.10.2023 at 11.00 A.M. | Will be Intimated Later |

• Further details can be seen from the website www.tendersodisha.gov.in.
• Any Corrigendum/Addendum will be displayed in the above e_tender website only.
Sd./- S.K.Rout, Chief Construction Engineer, R.W.Circle, Baripada
OIPR-25014/11/0010/2324

## GOVERNMENT OF ODISHA DEPARTMENT OF WATER RESOURCES Office of the Additional Chief Engineer, Rushikulya Bahuda Basin, Berhampur - 760004

No. A-586
e-Procurement Notice No. ACE, RBB-06/2023-24
e-mail id: se_sicbam@yahoo.com

1. Type of Work :- Flood Protection Work.
2. Total No. of Works :- 01 (One) No.
3. Amount put to Tender :- Rs.768.32 Lakh
4. Period of Completion :- 12 (Twelve) calendar Months.

| Procurement Officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID)-16/ 2023-24 | 768.32 | From 30.09.2023, 10.00 A.M. to 16.10.2023, 5.00 P.M. |

Date of opening of the Technical Bid:- 17.10.2023 at 11.30 A.M.
Further details can be seen from the Govt. website www.tendersodisha.gov.in
Sd./- Additional Chief Engineer Rushikulya Bahuda Basin, Berhampur
OIPR-32411/11/0009/2324

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SAMBALPUR

E-mail id- serwcirclesbp@yahoo.com
Bid Identification No. Road Tender Online-RWCSBP-31 No.: 2583 Dated: 18.09.2023

No. O-1104:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) No. of Road work under CMRL, 04 (Four) Nos. of Road work under Transfered Road Improvement Programme (TRIP) & 01 (one) No. of Road work under Improvement to existing RD road for the year 2023-24.
1. Name of work: Road works under CMRL, TRIP & Improvement to existing RD road for the year 2023-24. 2. No. of works: 06 (Six) Nos. of Road works details as per DTCN. 3. Estimated Cost: Approximately cost Rs.281.69 lakhs to Rs.714.15 lakhs. 4. Class of Contractor: 'B', 'A' & 'Special' Class. 5. Cost of tender paper and mode of deposit: Rs.10,000/- per set. (to be deposited On-line) in favour of concerned Executive Engineer. 6. Mode of submission of tender: Tender should be submitted only Online in website www.tendersorissa.gov.in. (https//tendersodisha.gov.in). 7. EMD and mode of deposit: 1% of estimated cost of the work to be remitted online as mentioned in DTCN.

8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online-RWCSBP-31/ 2023-24 | 28.09.2023 at 11.00 AM | 12.10.2023 upto 5.00 PM | 10.10.2023 upto 5.00 PM | 13.10.2023 at 11.00 AM | To be intimated later |

● Further details can be seen from the e-procurement portal www.tendersorissa.gov.in (https//tendersodisha.gov.in).
● Subsequent modification/corrigendum/addendum if required shall appear in website only. ● The amount put to bid is exclusive of GST. ● Bidder should inspect the road before bidding and quote his rate accordingly.
Sd./- Chief Construction Engineer, Rural Works Circle, Sambalpur
OIPR-25091/11/0052/2324

## ପ୍ରସାର ଭାରତୀ (ଭାରତର ଲୋକସେବା ପ୍ରସାରକ) ଆକାଶବାଣୀ, କଟକ

ବିଜ୍ଞାପନ

ଆକାଶବାଣୀ କଟକ କେନ୍ଦ୍ର, ପ୍ରସାର ଭାରତୀ (ଆକାଶବାଣୀ) ପାଇଁ ଅନୁଗୁଳ, ବାଲେଶ୍ୱର, ଗଞ୍ଜାମ, ଜଗତ୍‌ସିଂହପୁର, କନ୍ଧମାଳ, ମୟୂରଭଞ୍ଜ ଜିଲ୍ଲା ଏବଂ ଭୁବନେଶ୍ୱର ପାଇଁ ଚୁକ୍ତିଭିତ୍ତିରେ ସାମୟିକ ସମ୍ବାଦଦାତା (Part-Time Correspondent - PTC) ଆବଶ୍ୟକ କରୁଛନ୍ତି। PTC ନିଯୋଜନ ସଂକ୍ରାନ୍ତୀୟ ସଂଶୋଧିତ ନିୟମାବଳୀର ସମସ୍ତ ବିବରଣୀ ଆକାଶବାଣୀ ସମ୍ବାଦ ବିଭାଗର ୱେବ୍‌ସାଇଟ୍ www.newsonair.gov.in (PTC Guidelines Section)ରେ ଉପଲବ୍ଧ।

**ଆବଶ୍ୟକ ଯୋଗ୍ୟତା**
୧. ପ୍ରାର୍ଥୀ ସାମ୍ବାଦିକତା/ଗଣଯୋଗାଯୋଗରେ ସ୍ନାତକ/ସ୍ନାତକୋତ୍ତର ଡିପ୍ଲୋମା ହାସଲ କରିଥିବେ କିମ୍ବା ସ୍ନାତକ ଡିଗ୍ରୀ ସହ ସାମ୍ବାଦିକତାରେ ଅନ୍ୟୁନ ଦୁଇବର୍ଷର ଅଭିଜ୍ଞତା ହାସଲ କରିଥିବା ଆବଶ୍ୟକ।
୨. **ବୟସସୀମା :** ୨୪ରୁ ୪୫ ବର୍ଷ (ଏହି ବିଜ୍ଞାପନ ପ୍ରକାଶନର ଶେଷ ତାରିଖ ସୁଦ୍ଧା)
୩. ପ୍ରାର୍ଥୀ ସମ୍ପୃକ୍ତ ଜିଲ୍ଲାର ସଦର ମହକୁମା କିମ୍ବା ସଦର ମହକୁମାର ୧୦ କିଲୋମିଟର ବ୍ୟାସାର୍ଦ୍ଧ ପୌରାଞ୍ଚଳ ସୀମା ମଧ୍ୟରେ ବାସ କରୁଥିବା ଆବଶ୍ୟକ।
୪. କମ୍ପ୍ୟୁଟର ଉପରେ ଜ୍ଞାନ ଓ ଟାଇପିଂରେ ଦକ୍ଷତା।
୫. ସମ୍ବାଦ ସଂଗ୍ରହ ପାଇଁ ଆବଶ୍ୟକ ଉପକରଣ ପ୍ରାର୍ଥୀଙ୍କ ପାଖରେ ଥିବା ଦରକାର।

**ବାଞ୍ଛନୀୟ ଯୋଗ୍ୟତା :**
ବୈଦ୍ୟୁତିକ ଗଣମାଧ୍ୟମରେ ସମ୍ବାଦ ସଂଗ୍ରହର ଅଭିଜ୍ଞତା।

ଆକାଶବାଣୀ ସମ୍ବାଦ ବିଭାଗ ୱେବ୍‌ସାଇଟ୍ www.newsonair.gov.in (Under Vacancies Section)ରେ ଉପଲବ୍ଧ ଦରଖାସ୍ତ ଫର୍ମରେ ନିଜର ଫଟୋ ଓ ଆବଶ୍ୟକ ବିବରଣୀ, ଶିକ୍ଷାଗତ ଯୋଗ୍ୟତା, ସାମ୍ବାଦିକତାରେ ଅଭିଜ୍ଞତା, ବୟସ, ଠିକଣା, ପ୍ରମାଣପତ୍ର ଆଦିର ନକଲ (Self Attested) ସହ ତାରିଖ ୧୬-୧୦-୨୦୨୩ ମଧ୍ୟରେ The Head of Office, Akashvani, 3-Cantonment Road, Cuttack-753001, Odisha ଠିକଣାରେ ପହଞ୍ଚିବା ଆବଶ୍ୟକ।

*ବି.ଦ୍ର. : ୧. ସାମୟିକ ସମ୍ବାଦଦାତା ନିଯୋଜନ ସଂକ୍ରାନ୍ତୀୟ ଚୟନ ପ୍ରକ୍ରିୟାକୁ କୌଣସି କାରଣ ନ ଦର୍ଶାଇ କେନ୍ଦ୍ରମୁଖ୍ୟ, ଆକାଶବାଣୀ କଟକ ବାତିଲ କରିପାରିବେ।*
*୨. ଅସଂପୂର୍ଣ୍ଣ ଆବେଦନପତ୍ର ଏବଂ ଶେଷ ତାରିଖ ପରେ ମିଳିଥିବା ଆବେଦନପତ୍ରଗୁଡ଼ିକୁ କୌଣସିମତେ ଗ୍ରହଣ କରାଯିବ ନାହିଁ।*

❝ ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା- ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। -ଶ୍ରୀଅରବିନ୍ଦ



# ରାସ୍ତା ହେଲାଣି ମୃତ୍ୟୁଯନ୍ତା

ଭୁବନେଶ୍ୱରରେ ଖାଲଖମା ରାସ୍ତା ଯୋଗୁ ଦୁର୍ଘଟଣା ଘଟି ଯୁବ ଡାକ୍ତର ଅମିତ ବିଶୋଇଙ୍କ ମୃତ୍ୟୁ ଘଟିଛି। ସେପ୍ଟେମ୍ବର ୨୩ ବିଳମ୍ବିତ ରାତିରେ ଡ୍ୟୁଟିସାରି ଫେରିବା ବେଳେ କଟକ ରୋଡ୍ ବମିଖାଲ ନିକଟରେ ତାଙ୍କ କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। କ୍ଷତିଗ୍ରସ୍ତ ଗାଡ଼ିର ଛବି ଦେଖିଲେ ବୁଝାପଡୁଛି ଯେ, ସେହି ଗାଡ଼ିର ବେଗ ଦ୍ରୁତ ଥାଇପାରେ। ସମ୍ଭବତଃ ସେଥିପାଇଁ ଚାଳକ ନିୟନ୍ତ୍ରଣରେ ଆଣି ନ ପାରିବାରୁ ଗାଡ଼ିର ଧକ୍କା ହୋଇଥିଲା। ଲକ୍ଷ୍ମୀସାଗର ଥାନାରେ ଅମିତଙ୍କ ପିତା ଏତଲା ଦେବା ପରେ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। କିନ୍ତୁ ଅମିତଙ୍କ କାର୍ ଖାଲରେ ପଡ଼ି ଉପରକୁ ଉଠି ଫ୍ଲୁଟ୍ ଓଭରବ୍ରିଜ ବିମ୍‌ରେ ଧକ୍କା ଖାଇଥିଲା ବୋଲି କୁହାଯାଉଛି। ଦୁର୍ଘଟଣା ସ୍ଥଳୀ ନିକଟ ରାସ୍ତାରେ ବୃହତ୍‌କାୟ ଖାଲଖମା ସବୁ ରହିଛି, ଯାହା ଏହି ଆଶଙ୍କାକୁ ମଜଭୁତ କରିଛି। ଏହି କାରଣକୁ ହୁଏତ ଘୋଡ଼ାଯାଇପାରେ କିନ୍ତୁ ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିବ। ପୂର୍ବରୁ ମଧ୍ୟ ରାଜଧାନୀରେ ଖାଲଖମା ରାସ୍ତା ଅନେକ ଲୋକଙ୍କ ଜୀବନ ନେଇଥିବା ଦେଖାଯାଇଛି। କେବଳ ଭୁବନେଶ୍ୱର ନୁହେଁ, ଓଡ଼ିଶାର ଅନ୍ୟ ସହରଗୁଡ଼ିକରେ ସମାନ ଘଟଣା ଦେଖିବାକୁ ମିଳେ। କଟକରେ ମଧ୍ୟ ରାସ୍ତାରେ ଖାଲଖମା ହେବା କିମ୍ବା ପାଣି ଜମିବା କଥା ସମସ୍ତେ ଜାଣନ୍ତି। ଏଭଳି ସ୍ଥିତିରେ ଦୁର୍ଘଟଣା ଘଟିବା ସ୍ୱାଭାବିକ। କିନ୍ତୁ ସ୍ମାର୍ଟସିଟି ଭୁବନେଶ୍ୱରର ଖାଲଖମାପୂର୍ଣ୍ଣ ରାସ୍ତା ପ୍ରମାଣ କରୁଛି, ଏହି ସହର କେତେ ସ୍ମାର୍ଟ। ଏହି ସହରରେ ଥିବା ରାସ୍ତା ପାର୍ଶ୍ୱର ନର୍ଦ୍ଦମାରେ ପଡ଼ି ଅନେକ ଲୋକଙ୍କ ଜୀବନ ବିଗତ ବର୍ଷଗୁଡ଼ିକରେ ଯିବାର ଖବର ବାରମ୍ବାର ଆସିଛି। ସହରର ବିଭିନ୍ନ ରାସ୍ତାରେ ଯେଉଁଭଳି ପାଣିର ସୁଅ ଛୁଟୁଛି ସେଥିରୁ ପରିସ୍ଥିତି ସହଜରେ ବୁଝି ହେଉଛି। ଯଦି ଏହି ପରିସ୍ଥିତି ଲାଗି ରହେ ତେବେ ହୁଏତ ଗାଡ଼ି ପରିବର୍ତ୍ତେ ଭୁବନେଶ୍ୱରର ରାଜରାସ୍ତାରେ ଡଙ୍ଗା ଚାଲିବ। ଏଭଳି ପରିସ୍ଥିତି କେବଳ ଭୁବନେଶ୍ୱର ଭିତରେ ସୀମିତ ରହିନାହିଁ। ୨୦୨୩ ମସିହାରେ ବିଳମ୍ବରେ ଆସିଥିବା ବର୍ଷାଋତୁ ପ୍ରମାଣ କରୁଛି ଯେ,ରାଜ୍ୟର ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାସ୍ତାର ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ।

ଦେଖାଯାଏ, ରାସ୍ତାରେ ଦୁର୍ଘଟଣା ଘଟିବା ପରେ ପୋଲିସ ଏହାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଦିଏ। ସବୁଠୁ ଚିନ୍ତାଜନକ ହେଉଛି, କୌଣସି ପରିସ୍ଥିତିରେ ପୋଲିସ ରାସ୍ତା ନିର୍ମାଣରେ ଜଡ଼ିତ ଇଞ୍ଜିନିୟର କିମ୍ବା ଠିକାଦାରଙ୍କୁ ଗିରଫ କରିବା ଦେଖାଯାଏ ନାହିଁ। ଖାଲଖମା ଯୋଗୁ ଘଟୁଥିବା ଦୁର୍ଘଟଣା ସକାଶେ ସମ୍ପୃକ୍ତ ରାସ୍ତାର ମରାମତି ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କେବେହେଲେ ଗ୍ରହଣ କରାଯାଇ ନାହିଁ। ମନେପଡ଼େ ସେହି ବମିଖାଲ ଫ୍ଲାଏ ଓଭର ଦୁର୍ଘଟଣା। ପ୍ରଥମେ ୨୦୧୭ ସେପ୍ଟେମ୍ବର ୧୦ରେ ଫ୍ଲାଏଓଭରରୁ ଏକ କଂକ୍ରିଟ ଖଣ୍ଡ ଭାଙ୍ଗିପଡ଼ିବା ଫଳରେ ତାହା ଦୁଇଜଣ ସ୍କୁଟର ଆରୋହୀଙ୍କ ଉପରେ ପଡ଼ିଥିଲା। ଏହି ଦୁଇଜଣ ଥିଲେ ବାପଝିଅ। ଦୁର୍ଘଟଣାରେ ବାପର ମୃତ୍ୟୁ ଘଟିଥିଲା। ପୁନର୍ବାର ସେହି ଫ୍ଲାଏ ଓଭରରୁ ୨୦୧୮ ମେ ୩ରେ ଏକ ଅଂଶ ଭୁଶୁଡ଼ିପଡ଼ିବା ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସାଧାରଣରେ ଅନେକ ପ୍ରତିବାଦ ସତ୍ତ୍ୱେ ସମ୍ପୃକ୍ତ ଠିକାଦାର ପଣ୍ଡା ଇନ୍‌ଫ୍ରାପ୍ରୋଜେକ୍ଟସ୍ ପ୍ରାଇଭେଟ ଲିମିଟେଡ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପୁନର୍ବାର ୧୩ ସେପ୍ଟେମ୍ବର ୨୦୨୩ରେ ବମିଖାଲ ଫ୍ଲାଏଓଭର ବ୍ରିଜ୍‌ରେ ବାଇକ ଦୁର୍ଘଟଣା ଘଟି ତଳକୁ ଖସିପଡ଼ି ଜଣଙ୍କର ମୃତ୍ୟୁ ହୋଇଥିଲା। କୁହାଯାଇପାରେ ରାସ୍ତାର ୱାରେଣ୍ଟି ସମୟ ପରେ ଖାଲଖମା ପାଇଁ ଇଞ୍ଜିନିୟର ଓ ଠିକାଦାର ଦାୟୀ ନୁହନ୍ତି। କିନ୍ତୁ ୱାରେଣ୍ଟି ମଧ୍ୟରେ ଖାଲଖମାରେ ପଡ଼ି ଦୁର୍ଘଟଣା ହେଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କେହି ଉତ୍ତରଦାୟୀ ହେଉ ନ ଥିବାରୁ ରାସ୍ତା ନିର୍ମାଣରେ ଦୁର୍ନୀତି ଆକାଶଛୁଆଁ ହୋଇଗଲାଣି। ଗୋଟିଏ ପଟେ ମୋଟରଗାଡ଼ି ଏବଂ ଦୁଇଚକିଆ ଯାନଗୁଡ଼ିକର ଅହେତୁକ ସଂଖ୍ୟା ବୃଦ୍ଧି ସହିତ ଅତ୍ୟାଧୁନିକ ଗାଡ଼ି ରାଜ୍ୟରେ ବ୍ୟବହୃତ ହେଉଛି। ଅନ୍ୟ ପଟେ ଗାଡ଼ିଚାଳକମାନଙ୍କୁ ଏବଂ ରାସ୍ତାକଡ଼ର ପଥଚାରୀଙ୍କୁ ଆଧୁନିକ ରାସ୍ତାର ଉଚିତ ବ୍ୟବହାର ସମ୍ପର୍କରେ ତାଲିମ ଦେବାର କୌଣସି ବ୍ୟବସ୍ଥା ନାହିଁ। ଗୋଟିଏ ପଟେ ମର୍ସିଡିଜ୍ ଏବଂ ବିଏମ୍‌ଡବ୍ଲ୍ୟୁ ଗାଡ଼ି ଦ୍ରୁତଗତିରେ ଗଡୁଥିବା ବେଳେ ରାଜ୍ୟବାସୀ ସେଗୁଡ଼ିକୁ ଅଣଦେଖା କରି ରାଜରାସ୍ତାକୁ ନିଜର ବାରିପଟ ଭଳି ବ୍ୟବହାର କରୁଛନ୍ତି। ଟ୍ରାଫିକ ପୋଲିସବାହିନୀର ସଦସ୍ୟମାନେ କେବଳ ଛକରେ ନୀରବ ହୋଇ ଠିଆ ହେବା ବ୍ୟତୀତ ଅନ୍ୟ କୌଣସି ନିୟନ୍ତ୍ରଣ ସମ୍ପର୍କରେ ତାଲିମ ପାଇ ନ ଥିବା ଭଳି ମନେହୁଏ, ଯେଉଁଥିପାଇଁ ସବୁ ରାସ୍ତାରେ ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇବା ଚାଳକଙ୍କୁ କେହି ଜଣେ ଅଟକାଇବାକୁ ଆଗେଇ ଆସୁନାହାନ୍ତି। ରାସ୍ତାରେ ଏହିଭଳି ଅରାଜକତା ବୃଦ୍ଧି ପାଇବାରେ ଲାଗିଛି ବୋଲି ଆଜି ସ୍ପଷ୍ଟ ବୁଝାପଡୁଛି। ଏଥିସହିତ ରାସ୍ତା ମରାମତି ହୋଇ ପାରୁ ନ ଥିବାରୁ ଦୁର୍ଘଟଣାଜନିତ ମୂଲ୍ୟବାନ ଜୀବନହାନି ବୃଦ୍ଧିପାଇବା ସ୍ୱାଭାବିକ ଦୃଶ୍ୟ ହୋଇଗଲାଣି।

## ହାତୀ:ଶତ୍ରୁ ନୁହେଁ ମିତ୍ର



ଡ. ପ୍ରଫୁଲ୍ଲ କୁମାର ସାହୁ

ଖବରକାଗଜରେ ପ୍ରକାଶିତ ତଥ୍ୟ ଅନୁସାରେ ସାତକୋଶିଆ ଅଭୟାରଣ୍ୟରୁ ଉଦ୍ଧାର ହୋଇଛି ୨ଟି ହାତୀର ଗଳିତ ମୃତଦେହ। ଶିକାରୀମାନେ ବିଛେଇଥିବା ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ଦୁଇ ହାତୀଙ୍କର ମୃତ୍ୟୁ ଘଟିଛି ବୋଲି ବନବିଭାଗର ପ୍ରାଥମିକ ତଦନ୍ତରୁ ପ୍ରକାଶ। ବନ ବିଭାଗର ସମସ୍ତ ପଦକ୍ଷେପ ସତ୍ତ୍ୱେ ପ୍ରତି ସପ୍ତାହରେ ସାମ୍ନାକୁ ଆସୁଛି ହାତୀ ମୃତ୍ୟୁ ଖବର। କେତେବେଳେ ଶିକାରୀ ଗୁଳି କିମ୍ବା ତୀର ମାରି ହାତୀର ଜୀବନ ନେଉଛି ତ ଅନ୍ୟ କେଉଁଠି ହାତୀର ଜୀବନ ଯାଉଛି ବିଦ୍ୟୁତ୍ ଆଘାତ କିମ୍ବା ରେଳଗାଡ଼ି ଧକ୍କାରେ। ଏହି ପରିପ୍ରେକ୍ଷୀରେ ସବୁଠାରୁ ବିମର୍ଶକର ଓ ବେଦନାଦାୟକ ଘଟଣା ହେଉଛି ହାତୀ-ମଣିଷ ଲଢ଼େଇ। ଗଲା କେତେବର୍ଷ ଧରି ଚାଲିଥିବା ଏହି ଲଢ଼େଇରେ କେଉଁଠି ହାତୀ ମଣିଷକୁ କଚାଡ଼ି ମାରୁଛି ତ ଅନ୍ୟ କେଉଁଠି ମଣିଷ ହାତରେ ମରି ଶୋଉଛି ହାତୀ।

ହାତୀ ଜଙ୍ଗଲର ଏକ ପରାକ୍ରମଶାଳୀ ପ୍ରାଣୀ ହେଲେ ମଧ୍ୟ ଖୁବ୍ ଶାନ୍ତିପ୍ରିୟ। ଏକଦା ସେ ମଣିଷର ବଶତା ସ୍ୱୀକାର କରିଥିଲା ଏବଂ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ଭାବପ୍ରବଣତାର ଏକ ବନ୍ଧନ। ହାତୀ ଓ ମଣିଷ ମଧ୍ୟରେ ଗଢ଼ି ଉଠିଥିବା ନିବିଡ଼ ବନ୍ଧୁତାକୁ ଆଧାର କରି ଦେଶରେ ବହୁ ଚଳଚ୍ଚିତ୍ର ନିର୍ମାଣ ହୋଇଛି, ଯାହାର ଏକ ଦୃଷ୍ଟାନ୍ତ ହେଉଛି ହିନ୍ଦୀ ଚଳଚ୍ଚିତ୍ର 'ହାତୀ ମେରା ସାଥୀ'।

ବହୁ ପ୍ରାଚୀନ କାଳରୁ ଆମ ଐତିହ୍ୟ, ପରମ୍ପରା ଓ ଆଧ୍ୟାତ୍ମିକ ଭାବନା ସହ ହାତୀ ଓତପ୍ରୋତ ଭାବେ ଜଡ଼ିତ। ପୌରାଣିକ ମତରେ ସାଗର ମନ୍ଥନରୁ ମିଳିଥିବା ନବରତ୍ନ ମଧ୍ୟରେ ଐରାବତ ହସ୍ତୀ ଅନ୍ୟତମ, ଯାହାକୁ ନିଜର ବାହନ ଭାବେ ଗ୍ରହଣ କରିଥିଲେ ଦେବରାଜ ଇନ୍ଦ୍ର। ହାତୀ ମା' ଲକ୍ଷ୍ମୀଙ୍କର ବାହନ ହୋଇଥିବାରୁ ମା'ଙ୍କୁ କୁହାଯାଏ ଗଜଲକ୍ଷ୍ମୀ। ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଦୁଇଟି ହସ୍ତୀ ଦଣ୍ଡାୟମାନ ଥିବାରୁ ତାକୁ କୁହାଯାଉଛି ହସ୍ତୀଦ୍ୱାର। ମାଘ ପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାରଣ କରନ୍ତି ଗଜ ଉଦ୍ଧାରଣ ବେଶ। ହସ୍ତୀମୁଖ ଧାରଣ କରିଥିବାରୁ ବିଦ୍ୟାଦାତା ଗଣେଶଙ୍କର ଅନ୍ୟନାମ ଗଜାନନ। ହାତୀ ଥିଲା ବୌଦ୍ଧଧର୍ମର ପ୍ରତୀକ। ସେଥିପାଇଁ ବୌଦ୍ଧ କୀର୍ତ୍ତିରେ ଖୋଦିତ ହୋଇ ରହିଛି ହାତୀମାନଙ୍କ ଚିତ୍ର।

ଆଗେ ଉତ୍କଳର ଘନବନାନୀ ଥିଲା ଲକ୍ଷାଧିକ ହାତୀଙ୍କ ଆବାସସ୍ଥଳୀ। ସେଥିପାଇଁ ଉତ୍କଳ ସମ୍ରାଟଙ୍କ ସୈନ୍ୟବାହିନୀରେ ସହସ୍ରାଧିକ ଗଜାରୋହୀ ସୈନିକ ଥିଲେ ଏବଂ ହାତୀ ଥିଲା ରାଜାଙ୍କ ସାମରିକ ସାମର୍ଥ୍ୟର ସୂଚକ। ବୋଧହୁଏ ସେହି କାରଣରୁ ସେତେବେଳେ (ଦ୍ୱାଦଶ ଶତାବ୍ଦୀ) ଗଜପତି ଉପାଧିରେ ଭୂଷିତ ହୋଇଥିଲେ କଳିଙ୍ଗ ସାମ୍ରାଜ୍ୟର ଅଧିପତି। କେବଳ ଯୁଦ୍ଧବେଳେ ନୁହେଁ, ମହାପ୍ରଭୁଙ୍କ ସେବାପୂଜାରେ ନିୟୋଜିତ ହେଉଥିଲେ ହାତୀ। ଏଥିସହିତ ଭାରବାହୀ ପଶୁ ଭାବରେ ମନ୍ଦିର, ପ୍ରାସାଦ ଓ ରେଳଧାରଣା ଆଦି ନିର୍ମାଣ କାର୍ଯ୍ୟରେ ହାତୀର ବିଶେଷ ଯୋଗଦାନ ଥିଲା, ଯାହା ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ।

ଏହି ପରିପ୍ରେକ୍ଷୀରେ ସ୍ୱତଃ ପ୍ରଶ୍ନ ଉଠେ ଯିଏ ଥିଲା ମଣିଷର ଯୁଗଯୁଗର ମିତ୍ର ଓ ଯାହାର ପାଦ ପଡ଼ିଲେ ଓ ମଳ ପଡ଼ିଲେ ସୁନାର ଫସଲ ଫଳେ ବୋଲି ଲୋକଙ୍କ ମନରେ ବିଶ୍ୱାସ ବସା ବାନ୍ଧିଥିଲା, ତା'ସହିତ ଏ ଶତ୍ରୁତା ଭାବ କାହିଁକି ? ପୋଷାହାତୀ ତା'ର ମାହୁନ୍ତ ସହିତ ଗାଁକୁ ଆସିଲେ ଦିନେ ଯେଉଁ ଲୋକେ ଶ୍ରଦ୍ଧା ଓ ଭକ୍ତିରେ ତାକୁ ଫଳ, ମୂଳ ଓ ଶସ୍ୟ ଆଦି ଖାଇବାକୁ ଦେଉଥିଲେ, ସେହି ହାତୀ ପ୍ରତି ମଣିଷ ଆଜି ଏତେ ନିର୍ଦ୍ଦୟ ହେଲା କେମିତି ? ସ୍ଥଳଚର ପ୍ରାଣୀ ମଧ୍ୟରେ ଏବେ ପୃଥିବୀର ବୃହତ୍ତମ ପ୍ରାଣୀ ହେଉଛି ହାତୀ, ଯା'ର ଓଜନ ୩୦ ଟନ୍‌ରୁ ଅଧିକ। ଉଚ୍ଚତା ପାଖାପାଖି ଆଠ ଫୁଟ। ଦୈନିକ ଆବଶ୍ୟକ ହେଉଥିବା ଖାଦ୍ୟର ପରିମାଣ ଅନ୍ୟୂନ ୩ କୁଇଣ୍ଟାଲ। ପିଇବା ପାଇଁ ୧୦୦ ଲିଟର ପାଣି। ସ୍ନାନ ପାଇଁ ଆବଶ୍ୟକ ବଡ଼ ଜଳାଶୟ। ଖାଦ୍ୟ ତାଲିକାରେ ଦୂବରୁ ଦ୍ରୁମଯାଏ ଶହେରୁ ଅଧିକ ପ୍ରଜାତିର ବୃକ୍ଷ ଥିଲେ ମଧ୍ୟ ବର, ପିପ୍ପଳୀ, ବିଭିନ୍ନ ପ୍ରକାର କୋଳିଗଛ ଏବଂ ସିଆଳି ପତ୍ର ଓ ଲଟା ତା'ର ପ୍ରିୟ ଖାଦ୍ୟ। ଗୋଷ୍ଠୀବଦ୍ଧ ଭାବେ ଜୀବନ ଧାରଣ କରୁଥିବାରୁ ସେମାନଙ୍କ ପାଇଁ ଦରକାର ହୁଏ ଏକ ଅନୁକୂଳ ଓ ଧାରଣକ୍ଷମ ବିସ୍ତୃତ ବନମଣ୍ଡଳ।

ଆଗେ ଗାଁ ମୁଣ୍ଡଯାଏ ଲମ୍ବିଥିଲା ଜଙ୍ଗଲ। ଘଞ୍ଚ ଜଙ୍ଗଲ ଭିତରେ ନିର୍ବିଘ୍ନରେ ବିଚରଣ କରୁଥିଲେ ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁ। ଶିଳ୍ପାୟନ, ସହରୀକରଣ, ଖଣି ଖନନ ଓ ବନାଗ୍ନି ବିଭୀଷିକା ଆଦି ନାନାଦି କାରଣରୁ ସଙ୍କୁଚିତ ହେବାକୁ ଲାଗିଲା ଜଙ୍ଗଲର କ୍ଷେତ୍ରଫଳ। ହାତୀ ପାଇଁ ଆଉ ଉପଲବ୍ଧ ହେଲାନାହିଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ। ସାଧାରଣତଃ ଜଙ୍ଗଲ ଧ୍ୱଂସ ପାଇଲେ ପାହାଡ଼ ମୁଣ୍ଡିଆରୁ ସବୁଜିମା କମିଗଲେ ଶୁଖିଯାଏ ପାହାଡ଼ ଉପତ୍ୟକା ଦେଇ ବହି ଯାଉଥିବା ଝରଣାର ଜଳ। ଖାଦ୍ୟ, ଜଳ ଓ ବାସସ୍ଥାନ ଅଭାବରୁ ଉହଳବିକଳ ହୁଅନ୍ତି ବନ୍ୟଜନ୍ତୁ। ଏହି କାରଣରୁ ହାତୀ ପାଇଁ ଉପୁଜିଲା ବିସ୍ଥାପନ ସମସ୍ୟା।



ହାତୀ ସ୍ୱଭାବତଃ ପରିବ୍ରାଜକ ଶ୍ରେଣୀର ଏକ ଯାଯାବର ଜାତୀୟ ପ୍ରାଣୀ। ମାଇଲ ମାଇଲ ବାଟ ଅତିକ୍ରମ କରି ଖାଦ୍ୟ, ପାନୀୟ ଓ ପ୍ରଜନନ ପାଇଁ ଏମାନେ ଏ ଜଙ୍ଗଲରୁ ସେ ଜଙ୍ଗଲ ଘୂରି ବୁଲନ୍ତି ଦଳବଦ୍ଧ ହୋଇ। କେବଳ ନିର୍ଦ୍ଦିଷ୍ଟ ଜିଲା କିମ୍ବା ରାଜ୍ୟ ଭିତରେ ନୁହେଁ, ଏମାନେ ଗୋଟିଏ ରାଜ୍ୟର ସୀମା ଡେଇଁ ଅନ୍ୟ ଏକ ରାଜ୍ୟର ଜଙ୍ଗଲ ଭିତରେ ଅନୁପ୍ରବେଶ କରନ୍ତି ବର୍ଷରେ ଏକ ନିର୍ଦ୍ଦିଷ୍ଟ ଋତୁରେ। ଏଇ ଯେମିତି ପ୍ରାୟତଃ ପ୍ରତିବର୍ଷ ଝାଡ଼ଖଣ୍ଡ ରାଜ୍ୟର ଶତାଧିକ ହାତୀ ପଶ୍ଚିମବଙ୍ଗ ଦେଇ ଓଡ଼ିଶାର ଶିମିଳିପାଳ ଓ ବାଲେଶ୍ୱରର ନୀଳଗିରିକୁ ଆସନ୍ତି ଏବଂ ଓଡ଼ିଶାର ସମ୍ବଲପୁର ଓ ଗଜପତି ଜିଲାର ହାତୀମାନେ ପ୍ରବେଶ କରନ୍ତି ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଜଙ୍ଗଲରେ।

ଆମ ଦେଶର ଆଇନ କହୁଛି- ହାତୀ କୌଣସି ରାଜ୍ୟର ନୁହେଁ, ଦେଶର ସମ୍ପତ୍ତି ଓ ଗୌରବ। ତେଣୁ ସେମାନଙ୍କ ଅନୁପ୍ରବେଶକୁ ରୋକିବା ପାଇଁ କୌଣସି ରାଜ୍ୟ ତା' ସୀମାରେ ବାଡ଼, ପାଚେରି ଓ ଖାଇ (ଟ୍ରପି) ଆଦି ନିର୍ମାଣ କରିବା ବେଆଇନ। ହାତୀମାନଙ୍କର ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଯାତାୟାତ କିଛି ନୂଆ କଥା ନୁହେଁ, ଏହା ଜାରି ରହିଛି କାହିଁ କେତେ ଦଶନ୍ଧି ପୂର୍ବରୁ। ଆଗେ କିନ୍ତୁ ସେମାନଙ୍କ ଚଲାପଥ ନିର୍ଦ୍ଦିଷ୍ଟ ଥିଲା ଏବଂ ସେମାନେ ସେହି ଚଲାପଥରେ ଶହ ଶହ ମାଇଲ ଅତିକ୍ରମ କଲେ ବି କେବେ ମୁହାଁଉନଥିଲେ ଜନପଦ ଆଡ଼କୁ। ପରବର୍ତ୍ତୀ ସମୟରେ ରାସ୍ତାଘାଟ, ରେଳପଥ, ନଦୀବନ୍ଧ ଓ ନୂଆ ନୂଆ ସହର ଗଢ଼ିଉଠିବା ଫଳରେ ଖଣ୍ଡବିଖଣ୍ଡିତ ହୋଇଗଲା ସେମାନଙ୍କ ଚଲାପଥ। ଜଙ୍ଗଲ କ୍ଷୟ ତାଙ୍କ ପାଇଁ ଯେତିକି ସମସ୍ୟା ସୃଷ୍ଟି କଲା, ତା' ଠାରୁ ଅଧିକ ସମସ୍ୟା ସୃଷ୍ଟିକଲା ରାସ୍ତା ଅବରୋଧ। ବିକଳ୍ପ ବାଟ ଅନୁସନ୍ଧାନ କରିବାକୁ ଯାଇ ଅନେକ ସମୟରେ ସେମାନେ ବାଟବଣା ହୋଇ ମୁହେଁଇଲେ ଜନପଦ ଆଡ଼େ। ଫସଲ କିଆରିରେ ପଶି ଯେତିକି ଖାଇଲେ, ପାଦରେ ଦଳିମକଚି ନଷ୍ଟ କଲେ ତା'ଠାରୁ ବେଶି। ଲୋକେ ଘଉଡ଼ାଇବା ଫଳରେ ସେମାନେ ପ୍ରତିକ୍ରିୟାଶୀଳ ହୋଇ ଏବେ ଗାଁ ଭିତରକୁ ପଶି ଘରଦ୍ୱାର ଭାଙ୍ଗୁଛନ୍ତି ଏବଂ ସାମ୍ନାରେ ପଡ଼ିଲେ ମଣିଷକୁ ବି କଚାଡ଼ି ମାରୁଛନ୍ତି ଅତି ନିର୍ମମ ଭାବରେ। କେଉଁଠି ହାତୀ ଆକ୍ରମଣର ଶିକାର ହୋଇ ମଣିଷର ଜୀବନ ଯାଉଛି ତ ଆଉ କେଉଁଠି ଉଜୁଡ଼ି ଯାଉଛି ତା'ର ଫସଲ। ଏଥିରେ ଅତିଷ୍ଠ ହୋଇ ପାଲଟା ଆକ୍ରମଣ କରୁଛି ମଣିଷ। ୱାଇଲ୍ଡ ଲାଇଫ୍ ସୋସାଇଟି ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟରୁ ଜଣାଯାଏ ହାତୀ-ମଣିଷ ଲଢ଼େଇ ଯୋଗୁ ଗୋଟିଏ ବର୍ଷ ମଧ୍ୟରେ (ମାର୍ଚ୍ଚ ୨୦୨୧ ରୁ ୨୦୨୨) ୧୧୪ଟି ହାତୀ ମରିଥିବା ବେଳେ ପ୍ରାଣ ହରାଇଛନ୍ତି ୯୭ ଲୋକ। ୨୦୧୪ ରୁ ୨୦୨୨ ସୁଦ୍ଧା ଏହି ସଂଘର୍ଷରେ ମୃତ୍ୟୁବରଣ କରିଛନ୍ତି ୬୧୪ଟି ହାତୀ ଏବଂ ୬୩୦ଲୋକ। ମୃତ୍ୟୁ ସଂଖ୍ୟା ଯେଉଁ ପକ୍ଷର ଅଧିକ ହେଉନା କାହିଁକି ଏହି ସଂଘର୍ଷ ମୂଳରେ ରହିଛି ମଣିଷର ସ୍ୱାର୍ଥପରତା। କାରଣ ହାତୀ ଜୀବନ ବଞ୍ଚିବାର ମୌଳିକ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିବା ବେଳେ ମଣିଷ ଚାହୁଁଛି ଭୋଗର ସୀମା ସମ୍ପ୍ରସାରଣ। ତେଣୁ ସମସ୍ୟା ସମାଧାନର ସୂତ୍ର ହାତୀ ପାଖରେ ନାହିଁ, ଅଛି ମଣିଷ ପାଖରେ। ଜଙ୍ଗଲ ସଂରକ୍ଷଣ, ହାତୀ ଚଲାପଥ ଗୁଡ଼ିକର ପୁନରୁଦ୍ଧାର, ରାସ୍ତା ପାଖରେ ଚାରା ରୋପଣ, ଜଳାଶୟ ଖନନ, ରାଜପଥ, ରେଳରାସ୍ତା ଓ କେନାଲ ଅତିକ୍ରମ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସ୍ଥାନୀୟ ପରିବେଶରେ ଆହାର ଉପଯୋଗୀ ଚାରା ରୋପଣ, ହାତୀ ଶିକାର ଉପରେ ସମ୍ପୂର୍ଣ୍ଣ କଟକଣା ଓ ଜନ ସଚେତନତା ସୃଷ୍ଟି କରିବା ଇତ୍ୟାଦି ହାତୀ-ମଣିଷ ସଂଘର୍ଷ ଏଡ଼େଇବାର ସୂତ୍ର। ସେଥିପ୍ରତି ଅବହେଳା ପ୍ରଦର୍ଶନ କଲେ ହାତୀ ଭଳି ଏକ ବିଶାଳ ଜୀବର ବିଲୟ ଘଟିବ, ଯାହା ଜୈବ ବିବିଧତା ପ୍ରତି ଏକ ବିରାଟ ଆହ୍ୱାନ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ- ୬୩୭୧୬୪୨୪୬୪

## ମିଛର ଦୈର୍ଘ୍ୟ ପ୍ରସ୍ଥ



ଧ୍ରୁବ ଚରଣ ଘିବେଲା

ପିଲାଦିନୁ ଆମେ ଶୁଣିଛୁ, ଜାଣିଛୁ, ମିଛ କହିବା ମହାପାପ। ମିଛକୁ ଘୃଣା କରିବା ଉଚିତ। ହେଲେ ମିଛ କହିବା କିଏ ଛାଡ଼େ ? ମିଛକୁ କେ ପୁଣି ଘୃଣା କରେ ! ବରଂ, ମିଛକୁ ଅନେକ କରନ୍ତି ଏଠି ଜପାମାଳି। କାହିଁକି ନା, ମିଛ ଥାଏ ସୁଖକର। ସୁଖଦିଆ। ମିଛର ସ୍ୱାଦ ବି ଥାଏ ନିଆରା। ମିଛ କହି ନିଆରା ସ୍ୱାଦ ଅନୁଭବ କରନ୍ତି ଖାସ ଖାଣ୍ଟି ମିଛୁଆ। ମିଛ ସହ ମିତ ମଇତ୍ର ବସିଥା'ନ୍ତି ଅନେକ। ମିଛ ନ ଥାଏ କେବେ ଏକୁଟିଆ। ଥାଏ ସଦଳବଳ। ଗୋଷ୍ଠୀବଳରେ ମିଛ ହୁଏ ବଳୀୟାନ୍। ତେଣୁ କରି ମିଛ ପ୍ରାୟତଃ ନ ଥାଏ ଦୁର୍ବଳ। ମିଛ ସଦା ହୃଷ୍ଟପୁଷ୍ଟ। ମିଛର ନଈ ସବୁବେଳେ କୂଳ ଛୁଇଁ ଧାଏଁ। କେବେ ଭଟ୍ଟା ପଡ଼େନି ମିଛର ନଈ। ସଦାସର୍ବଦା ଭରାପୂର। ମିଛ ନଈ ନାଆର ଏଠି ନାଉରିଆ ଅନେକ। ମିଛ ନଈରେ ପହଁରା ସୁଖ ବି ନିଆରା। ଏମିତି କାଁ ଭାଁ କିଏ କେମିତି କେଉଁଠି ଥିବେ, ଯିଏ କି ପହଁରି ନ ଥିବେ ମିଛର ନଈରେ। ନ ହେଲେ ମିଛ ନଈର ପହଁରାଳି ଏଠି ଅନେକ।

ମିଛର ଭଉଣୀ ସିନା ସତ। ହେଲେ ଉଭୟେ ବିପରୀତମୁଖୀ। କେବେ ସେମାନେ ପୂର୍ବ ଓ ପଶ୍ଚିମମୁହାଁ ରହନ୍ତି ତ କେତେବେଳେ ଯେ ଜଣେ ଉତ୍ତରକୁ ମୁହଁ କଲେ ଆର ଜଣକ ଦକ୍ଷିଣମୁହାଁ ରହେ। ମୁହାଁମୁହିଁ କେବେ ହୁଅନ୍ତିନି। ଲଗାଲଗି ହୋଇ ବସନ୍ତିନି ମଧ୍ୟ। କେହି କାହା ମୁହଁ ଚାହାନ୍ତିନି। ଜଣକର ବେଙ୍ଗ ରାଶିକୁ ଆର ଜଣକର ଯେମିତି ଚେଙ୍ଗ ରାଶି। ରାଶି ଅଲଗା ଥିବାରୁ ମିଛ ଓ ସତ ଭିତରେ ଅନେକ ଅମେଳ। ମିଛର କିନ୍ତୁ ସତକୁ ଭାରି ଡର। କାରଣ ସତ କହେ ଠିକ କଥା। ନ୍ୟାୟର କଥା। ସ୍ପଷ୍ଟ କଥା। ସତର ସାମ୍ନାକୁ ଆସିବାକୁ ମିଛର ନ ଥାଏ ସାହସ। ସତର କଥା ଶାଣଦିଆ କଥା। ସତ ଶୁଣିଲେ ଅସୁଖ ଲାଗେ ବୋଲି ସତର ପାଖ ମାଡ଼େନି ମିଛ। ସତ ଭଳି ସ୍ପଷ୍ଟ କହିବାର ବଳ/ଯୁ ନ ଥାଏ ମିଛର। ମିଛ ପୁଣି ଥାଏ ଅହରହ ଭୁଲ ମତରେ, ଭୁଲ୍ ପଥରେ। ଠିକ୍‌ରେ କେବେ ନ ଥାଏ ମିଛ। ମିଛ ଫୁଟଦିଆ/ରଙ୍ଗଲେସା କଥା କହେ। ମିଛ ପୁଣି କାନକୁ ଭଲ ଲାଗୁଥିବା/ ଭଲ ଶୁଭୁଥିବା କଥା କହେ, ଯେଉଁଥିରେ କି ନ ଥାଏ କାଣିଚାଏ ସତ୍ୟତା।

ମିଛର ବାଟରେ ସତ ତ କେବେ ନ ଥାଏ। ସେମିତି ସତର ଧାର ଧରି ନ ଥାଏ ମିଛ। ସତ, ମିଛ କହେ ନାହିଁ କି ମିଛ, ସତ କହେନି। ହେଲେ ଇଚ୍ଛା କଲେ ସତ, ମିଛ କହିପାରେ। କିନ୍ତୁ ସତ କହିବା ପାଇଁ ମିଛର ଜିଭ କେବେ ଓଲଟିବ ନାହିଁ। ସତ କହିବାର ସାମର୍ଥ୍ୟ ମିଛର କେବେ ନ ଥିଲା, ଏବେ ବି ନାହିଁ କି ରହିବ ନାହିଁ ମଧ୍ୟ। ମିଛ, ସତ କହିଦେଲେ ମରିଯିବ। ମିଛର ସବୁ ଫନ୍ଦିଫିକର ବନ୍ଦ ହୋଇଯିବ। ସତ କହିଦେଲେ ମିଛର ଛାତି ଫାଟିଯିବ। ମିଛ ମରିଯିବ ମାନେ ତା' ସତ୍ତା ଲୋପ ପାଇଯିବ। ସତ, ମିଛ କହିଲେ ବେଦ ଅଶୁଦ୍ଧି ହୋଇଯିବ ନାହିଁ। ହେଲେ ମିଛ, ସତ ଓଗାଳିଲେ ମିଛର ମୁହଁ ସବୁଦିନ ପାଇଁ ବନ୍ଦ ହୋଇଯିବ। ଥରେ ସତ କହିଲା ମାନେ ଆଉ ମିଛ କହି ବସିଲେ ଲୋକହସା ହେବ। ତେଣୁ ମିଛର ମୁହଁରେ ସତ କେବେ ଶୋଭାପାଏନା। କେବଳ ମିଛ କଥା ହିଁ କହେ ମିଛ। ସତ କହିବାରେ ତା' ପାଇଁ ଅଡୁଆ ଥାଏ।



ମିଛ କଥାର ଦୈର୍ଘ୍ୟରେ ସୀମିତତା ନ ଥାଏ ଯେମିତି, ଠିକ୍ ସେମିତି ଅସୀମ ଭାବେ ବ୍ୟାପ୍ତ ରହିପାରେ ମିଛର ପ୍ରସ୍ଥ। ମିଛ ଯେତେ ଫୁଲିପାରେ, ଯେତେ ମୋଟେଇ ପାରେ, ଯେତେ ବଢ଼ିପାରେ, ଯେତେ ଉଚ୍ଚ ଚଢ଼ିପାରେ। କୌଣସିଥିରେ ତା'ର ସୀମା ନ ଥାଏ। ସତର ତ ଏତେ ବ୍ୟାପ୍ତି ନ ଥାଏ ମିଛ ଭଳି। ସତର ପଥ ମଧ୍ୟ ସଂକୀର୍ଣ୍ଣ। ସତର ସେଇ ସଂକୀର୍ଣ୍ଣ ପଥରେ ଚାଲିବା ସହଜ ହୁଏନି ବୋଲି ସତମୁହାଁ ହୁଅନ୍ତିନି ଅନେକ। ଉତ୍ତମ ଦୈର୍ଘ୍ୟ ତଥା ପ୍ରସ୍ଥ ନ ଥିବା ସତର ପଥରେ ଚାଲିବା ସତରେ ଦୁରୂହବ୍ୟାପାର। ସେଠି ଚାଲିବା, ଚଳିବା କଷ୍ଟକର ମଧ୍ୟ। ସତର ପଥ ସୁଗମ ନ ଥାଏ। ସେତିକି ଦୃଢ଼ମନା ନ ହେଲେ ସତର ପଥରେ ଚାଲିବା ସହଜ ହୁଏନି। ସତର ଆକର୍ଷଣ ସତ୍ୟପ୍ରିୟ ହିଁ ଜାଣିଥା'ନ୍ତି।

ଶେଷକଥା- ସତ ଓ ମିଛ ଭିତରେ ଫରକ ହେଉଛି ମିଛ ହଠାତକୁ ମିଠା ଲାଗେ। ସତ ଯେ ଅନେକଙ୍କ ପାଇଁ ଅସୁଖ ଭାବ ଆଣି ଦେଇଥାଏ। ସତ କଥାରେ ମନ ଆଘାତ ପାଏ। ହୃଦୟ ହାଣି ହୋଇଯାଏ। ମିଛର ସୁପ୍ରଶସ୍ତ ପଥରେ ଚାଲିବା ଯେତେ ସହଜ, ସତ ପଥରେ ସେ ଅନୁଭବ ମିଳିନଥାଏ। ମିଛର ମିଠା ସତରେ କାହୁଁ ମିଳେ, ଏ ବିଚାର ଆପଣେଇବା ଲୋକ ମିଛ ମିଠା ପଛରେ ଅହରହ ଧାଇଁବ। ସତ ପଥରେ ଚାଲି କାହିଁକି ବା କିଏ କଷ୍ଟ ପାଇବ ? ସଂଖ୍ୟା ଯେତେ କମ ରହିଥାଉ, ଏବେ ବି ସତ ପଥର ପଥିକ ରହିଛନ୍ତି। ଆଜିର ଦିନରେ ସ୍ୱାର୍ଥ ଓ ସୁବିଧାକୁ ସାଥି କରିଥିବା ସାର୍ଥୀ ହିଁ ମିଛ ପଥରେ/ମତରେ ରହିଥା'ନ୍ତି। ରହିପାରନ୍ତି। ଅସଂଖ୍ୟ, ଅଜସ୍ର ତାରାଙ୍କ ମେଳରେ ଚନ୍ଦ୍ର ଯେମିତି ଶୋଭା ପାଆନ୍ତି, ତଦନୁରୂପ ଗହଳ ମିଛ ମେଳରେ ସତର ଅନୁଭୂତ ହୁଏ ସ୍ଥିତି।

ବଉଦରାଜ, ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଏଇ ଭାରତରେ

ବୟସ ଏକ ସଂଖ୍ୟା, ଏହା ପ୍ରମାଣିତ କରିଛନ୍ତି ବେମେରଟର ମଧୁ ପ୍ରକାଶ। ୬୦ ବର୍ଷ କହିଲେ ଜଣେ ଚାକିରିରୁ ଅବସର ନେଇ ଆରାମ କରନ୍ତି। କିନ୍ତୁ ଏହି ବୟସରେ ଏକ ବିଜ୍‌ନେସ ଆରମ୍ଭ କରି ସଫଳ ହେବା ସହ ୨୦-୭୦ ବର୍ଷ ବୟସ୍କା ୨୦ ଜଣ ମହିଳାଙ୍କୁ ରୋଜଗାର ଦେବାରେ ସେ ସକ୍ଷମ ହୋଇପାରିଛନ୍ତି। ମଧୁ ତାଙ୍କ ବିଜ୍‌ନେସର ନାମ ରଖିଛନ୍ତି 'ଫୁଲ ଫଳ'। ୨୦୨୧ରେ ସେ ଏହାକୁ ଆରମ୍ଭ କରିଥିଲେ। ମଧୁ ବିଜନେସ ପରିବାର ସଦସ୍ୟ ହୋଇଥିବାରୁ ସେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଘରେ ମସଲା, ଆଚାର,ମୁଖବାସ ଆଦି ୪୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରି ତାହାକୁ ଦେଶର ବିଭିନ୍ନ ସ୍ଥାନରେ 'ଫୁଲ ଫଳ'ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏହି ବିଜ୍‌ନେସରେ ସାମିଲ ହୋଇଥିବା ମହିଳାମାନେ ମଧ୍ୟ ସେମାନଙ୍କ ଉତ୍ପାଦକୁ 'ଫୁଲ ଫଳ' ବ୍ରାଣ୍ଡ ମାଧ୍ୟମରେ ବିକ୍ରି କରୁଛନ୍ତି। ମଧୁଙ୍କୁ ଶ୍ରଦ୍ଧାରେ ବୁଆଜି ଡାକୁଛନ୍ତି। ମଧୁଙ୍କ ସ୍ୱାମୀ କର୍କଟରେ ପୀଡ଼ିତ ହେଲେ ମଧ୍ୟ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୮

- ଆନ୍ଧ୍ରପ୍ରଦେଶର ନାଲଗୋଣ୍ଡା ଜିଲା ଅନ୍ତର୍ଗତ ବୋଥାଲଗାଲମ ଗ୍ରାମ ନିକଟରେ ଥିବା ଏକ ଜଗୁଆଳିବିହୀନ ରେଳଫାଟକଠାରେ ଟ୍ରେନ୍ ଇଞ୍ଜିନ ବସ୍ ଉପରେ ମାଡ଼ିଯିବାରୁ ୨୫ ମୃତ।
- ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ରାଷ୍ଟ୍ରପତି କେ.ଆର୍. ନାରାୟଣନ ବିହାରରେ କେନ୍ଦ୍ରୀୟ ଶାସନ ଜାରି ସଂକ୍ରାନ୍ତ ସୁପାରିଶକୁ ପୁନର୍ବିଚାର ପାଇଁ କେନ୍ଦ୍ର କ୍ୟାବିନେଟକୁ ଫେରାଇ ଦେଇଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 4 | | | 9 | 5 |
| | 3 | | | 9 | 8 | | | |
| 2 | 4 | | | | | 3 | | |
| | | | | | 7 | | 2 | 3 |
| | | | | 2 | | | | |
| | 8 | | | | 4 | | | 9 |
| | | | | 1 | | | | |
| | | | | 6 | | | 7 | 2 |
| 5 | | 8 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 7 | 5 | 1 | 3 | 4 | 6 |
| 4 | 3 | 1 | 8 | 6 | 9 | 5 | 7 | 2 |
| 6 | 7 | 5 | 2 | 4 | 3 | 9 | 1 | 8 |
| 9 | 6 | 7 | 4 | 3 | 2 | 8 | 5 | 1 |
| 2 | 5 | 3 | 6 | 1 | 8 | 4 | 9 | 7 |
| 1 | 8 | 4 | 5 | 9 | 7 | 6 | 2 | 3 |
| 3 | 4 | 6 | 1 | 2 | 5 | 7 | 8 | 9 |
| 5 | 1 | 8 | 9 | 7 | 6 | 2 | 3 | 4 |
| 7 | 9 | 2 | 3 | 8 | 4 | 1 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାର କଳାବଜାର

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସାରର ଅଭାବୀ ବିକ୍ରି ଯୋଗୁ କଳାବଜାର ହେଉଥିବା ଅଭିଯୋଗ ହେଉଛି। ବିଶେଷତଃ ଧାନ ଚାଷୀଙ୍କର ଚିନ୍ତା ବଢ଼ିଯାଇଛି। କାରଣ ଚାଷୀମାନେ ବିଶେଷତଃ ୟୁରିଆ, ପଟାସ୍ ଓ ସୁପର ଧାନଚାଷ ପାଇଁ ବିନିଯୋଗ କରିଥାନ୍ତି। ଗତ କିଛିଦିନ ଧରି ୟୁରିଆ ସାର ବସ୍ତା ପିଛା (୫୦କେ.ଜି.)କୁ ସରକାରୀ ଦର ୨୬୬ ଟଙ୍କା ରହିଥିବା ବେଳେ ୩୫୦ରୁ ୩୮୦ ଟଙ୍କାରେ ବିକ୍ରି ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨ ବସ୍ତା ୟୁରିଆ ସାର ପ୍ୟାକେଟ୍ ସହିତ ୧ କେ.ଜି. ନାନୋ ତରଳ ସାର ପ୍ରଦାନ କରାଯାଇଛି। ଫଳରେ ୧ କୁଇଣ୍ଟାଲ ୟୁରିଆ ସାର ସହ ୧୫୦ ଟଙ୍କାର ତରଳ ଅଣୁସାର ଦେବା ପାଇଁ ଚାଷୀ ବାଧ୍ୟ ହେଉଛି। । ବ୍ଲକର ଅଧିକାଂଶ ପଞ୍ଚାୟତରେ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସାର ବିକ୍ରୟ ହେଉ ନ ଥିବା ଯୋଗୁ ଅଞ୍ଚଳର ଚାଷୀମାନେ କଳାବଜାର ବ୍ୟବସାୟୀଙ୍କ ଦ୍ୱାରା ଶିକାର ହେଉଛନ୍ତି। ବିଭାଗୀୟ ମନ୍ତ୍ରୀ, ସଚିବ ଓ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।

– ଦେବତିକ୍ତ ମିଶ୍ର, ସାମ୍ବାଦିକ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖଶାଳା ପରେ ତାର
ଉଭାହୋଇ କିଏ ଉଠେ ଡାକି
ଖେଳିଯାଏ ସେ ଶବଦ
ଦଶ ଦିଗପାଳେ କରି ସାକ୍ଷୀ।
-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଅକ୍ଟୋବର ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ କାଳିଭଞ୍ଜଡ଼ିଆ ଦ୍ୱୀପ

ରାଜନଗର, ୨୫ା୯ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡ଼ିଆ ଦ୍ୱୀପ ଆସନ୍ତା ଅକ୍ଟୋବର ୧ରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ। ୮ କିଲୋମିଟର ଲମ୍ବ ଓ ୧ କିଲୋମିଟର ଓସାର ବିଶିଷ୍ଟ କାଳିଭଞ୍ଜଡିଆକୁ ଚାରିପଟୁ ନଦୀ ଓ ମୁହାଣ ଘେରି ରହିଛି। ଏଠାରେ ଅହିରାଜ, ଅଜଗର ସହ ଚନ୍ଦନବୋଡ଼ା, ଗୋଖର, ତମ୍ପ, ଡାଲୁଆ ବୋଡା, ଧୂଳିଆ ବୋଡା, ଶଙ୍ଖାମୁଠିଆ ରଣା, ଚିତି ସହିତ ଅଣ ବିଷଧର ସାପ ମଧ୍ୟ ଦେଖିବାକୁ ମିଳେ। ଏଥିସହ ହରିଣ, ବାର୍‌ହା, ଝିଙ୍କ ସହ ଅଧିକ ସଂଖ୍ୟାରେ ଫିସିଂକ୍ୟାଟ୍ ଦେଖିବାକୁ ମିଳେ। ଭିତରକନିକାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ଆସନ୍ତା ଅକ୍ଟୋବର ୧ ତାରିଖରୁ କାଳିଭଞ୍ଜଡିଆ ବୁଲିପାରିବେ, କେବଳ ଦିନବେଳା ପର୍ଯ୍ୟଟକମାନେ ସେଠାକୁ ଯାଇ ୪ଟା ସୁଦ୍ଧା ଫେରିବାକୁ ପଡ଼ିବ। କେବଳ ଗବେଷକମାନଙ୍କ ପାଇଁ ରାତ୍ରିଯାପନର ବ୍ୟବସ୍ଥା ଥିବାବେଳେ ପର୍ଯ୍ୟଟକମାନଙ୍କ ପାଇଁ କେବଳ ଦିନ ବେଳା ବୁଲିବାକୁ ଛଡ଼ାଯିବ। ପର୍ଯ୍ୟଟକଙ୍କ ପାଇଁ ଜେଟି ଓ ୱାଚ ଟାୱାର ନିର୍ମାଣ କରାଯାଇଛି। ୭ କି.ମି. ପାଦଚଲା ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ପର୍ଯ୍ୟଟକମାନଙ୍କୁ କେବଳ ୩ କି.ମି. ଯାଏ ଛଡ଼ାଯିବ। ସେଠାରେ ବନ କର୍ମଚାରୀଙ୍କ ରହିବା ପାଇଁ ୱାଚ ଟାୱାର ନିର୍ମାଣ କରାଯାଇଛି। ଖୋଲାରୁ ବୋଟ ଯୋଗେ କାଳିଭଞ୍ଜଡିଆ ଗଲେ ଦେଢ ଘଣ୍ଟା ସମୟ ଲାଗୁଥିବା ବେଳେ ଡାଲଚୁଆରୁ କାଳିଭଞ୍ଜଡିଆ ଜଳପଥରେ ମାତ୍ର ୧୫ ମିନିଟ ସମୟ ଲାଗିବ ବୋଲି ବନ ବିଭାଗ ସୂତ୍ରରୁ କୁହାଯାଇଛି।

### କେନାଲ୍‌ରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଡେରାବିଶ, ୨୫ା୯ (ବେଦବ୍ରତ ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ରାଜନଗର ଗାଁର ଚୁକୁନା ଦାସଙ୍କ ସ୍ତ୍ରୀ ବିଦୁ (୭୦)ଙ୍କ ମୃତଦେହ ଗାଁ ନିକଟରେ ଯାଇଥିବା ୮ନଂ. କେନାଲ୍‌ରୁ ସୋମବାର ଉଦ୍ଧାର କରାଯାଇଛି। ଶନିବାର ସନ୍ଧ୍ୟାରେ କେନାଲ୍‌କୁ ଶୌଚ ହେବାକୁ ଯାଇଥିବା ବୃଦ୍ଧା ବିଦୁ ଆଉ ଘରକୁ ଫେରି ନ ଥିଲେ। ତେବେ ସୋମବାର ସକାଳୁ ବିଦୁଙ୍କ ମୃତଦେହ କେନାଲ୍‌ରେ ଭାସୁଥିବା ଦେଖି ଗାଁ ଲୋକେ ଦେଖି ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଦୁଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ନୂଆଁଖାଇ ପାଇଁ ନବାନ୍ନ ନୈବେଦ୍ୟ

ରାଜନଗର, ୨୫ା୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ମହିମା ଅଲେଖ ଆଶ୍ରମରେ ପବିତ୍ର ନୂଆଁଖାଇ ପାଇଁ ସୋମବାର ନବାନ୍ନ ପରବ୍ରହ୍ମଙ୍କୁ ଲାଗି କରାଯାଇଛି। ଆଠଗଡ଼ ଓ ବରୀ ଅଞ୍ଚଳରୁ ସଂଗ୍ରହ ହୋଇଥିବା ନୂଆ ଧାନରୁ ଚୁଡାଘଷା କରାଯାଇ ନବାନ୍ନ ପ୍ରସ୍ତୁତ ହୋଇଛି। ମହିମା ଧର୍ମର ସାଧୁ ବାବା ନଟବର ଦାସଙ୍କ ପୌରୋହିତ୍ୟରେ ବାବା ସୁବ୍ରତ ଦାସ, ପରିକ୍ଷିତ ମହାରାଜ, ମାଧବାନନ୍ଦ ଗିରିମହାରାଜଙ୍କ ସହ ଭକ୍ତ, ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପରିଚାଳନା କମିଟି ସଭାପତିଙ୍କ ନାଁରେ ଯୌନ ଉତ୍ପୀଡ଼ନ ଅଭିଯୋଗ

**ବ୍ୟାସନଗର ମହାବିଦ୍ୟାଳୟ**

■ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ଯାଜପୁର ରୋଡ୍, ୨୫ା୯
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ବିଶ୍ୱାଳ ଛାତ୍ରୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି। ଜଣେ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଜିଲା ଅନ୍ତରୀଣ ଅଭିଯୋଗ କମିଟିକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଗତ ମାସ ୧ ତାରିଖରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବଙ୍କୁ ଏକ ଚିଠି ହସ୍ତଗତ ହୋଇଥିଲା। ଏହି ଚିଠି ମାଧ୍ୟମରେ ବ୍ୟାସନଗର ମହାବିଦ୍ୟାଳୟର ଜଣେ ଛାତ୍ରୀ ଯାଜ୍ଞସେନୀ (ଛଦ୍ମନାମ) କଲେଜ ପରିଚାଳନା କମିଟି ସଭାପତିଙ୍କ ନାମରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଛନ୍ତି। ମହାବିଦ୍ୟାଳୟ ଛାତ୍ରୀନିବାସର ଅଧୀକ୍ଷକ ଅନ୍ତେବାସୀମାନଙ୍କୁ କଲେଜ ଗେଷ୍ଟ ହାଉସକୁ ପଠାଇ ପରିଚାଳନା କମିଟି ସଭାପତି ବିଶ୍ୱାଳଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିବା ଚିଠିରେ ଦର୍ଶାଯାଇଛି। ଶାରୀରିକ ସମ୍ପର୍କ ନ ରଖିଲେ ମାର୍କ କାଟିଦେବା ଏବଂ ପରୀକ୍ଷାରେ ଫେଲ୍ କରିଦେବାର ଭୟ ଦେଖାଯାଉଛି। ଏପରି କି ବିଶ୍ୱାଳ ସମ୍ପୃକ୍ତ ଛାତ୍ରୀଙ୍କୁ ପାଖକୁ ଡାକି ତାଙ୍କ ଲିପଷ୍ଟିକ୍, ହେୟାର ଷ୍ଟାଇଲ ଏବଂ ସମ୍ବେଦନଶୀଳ ଅଙ୍ଗ ଉପରେ ଅଶ୍ଳୀଳ ମନ୍ତବ୍ୟ ଦେବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ ବୋଲି ଚିଠିରେ ଦର୍ଶାଯାଇଛି। ଛାତ୍ରୀ ଜଣକ ଏ ସମ୍ପର୍କରେ ଛାତ୍ରୀନିବାସ ଅଧୀକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ସେ ମୁହଁ ବନ୍ଦ ରଖିବା ପାଇଁ କହିଥିଲେ। ପାଠପଢ଼ା ବନ୍ଦ ହୋଇଯିବା ଭୟରେ ସେ ଏକଥା ପରିବାର ଲୋକଙ୍କୁ ଜଣାଇ ନ ଥିବା ଉଲ୍ଲେଖ କରିଛନ୍ତି। ସଭାପତି ବିଶ୍ୱାଳ ଛାତ୍ରୀନିବାସ ଅଧୀକ୍ଷକଙ୍କ ନିକଟରୁ ଫୋନ ନମ୍ବର ନେଇ ଛାତ୍ରୀମାନଙ୍କୁ ଫୋନ କରିବା ସହିତ ଜଣେ ଅଧ୍ୟାପିକାଙ୍କୁ ବଳାତ୍କାର କରିଥିବା ମଧ୍ୟ ଚିଠିରେ ଦର୍ଶାଯାଇଛି। ସମ୍ପୃକ୍ତା ଅଧ୍ୟାପିକା ଏ ବିଷୟରେ ପ୍ରଘଟ କରିଦେବା ନେଇ କହିବାରୁ ତାଙ୍କୁ ଚାକିରିରୁ ବିଦା କରାଯାଇଥିବା ସମ୍ପୃକ୍ତ ଛାତ୍ରୀ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ବର୍ତ୍ତମାନର କଲେଜ ଅଧ୍ୟକ୍ଷ ନିଜ ପେନସନ ଚାଲିଯିବା ଭୟରେ ଚୁପ୍ ରହୁଥିବା ମଧ୍ୟ ଛାତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ତଦନ୍ତ ପାଇଁ ସୋମବାର ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଜିଲାପାଳଙ୍କ କାର୍ଯ୍ୟାଳୟର ଜିଲା ଅନ୍ତରୀଣ ଅଭିଯୋଗ କମିଟିକୁ ନିର୍ଦ୍ଦେଶ (ଚିଠି ସଂଖ୍ୟା ଏଚ୍‌ଇ-ଏନ୍‌ସିଇଟି-୧-ମିସ-୦୪୦୭-୨୦୨୩/ ୪୧୧୯୯/ ଚ୍‌ଇ/୨୫।୯।୨୦୨୩) ଦେବା ସହିତ ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ୭ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ନିକଟରେ ପ୍ରଦାନ କରିବାକୁ ସମୟସୀମା ଧାର୍ଯ୍ୟ କରିଛନ୍ତି।

ଅପରପକ୍ଷରେ ପରିଚାଳନା କମିଟି ସଭାପତି ପ୍ରଦୀପ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କଲେଜରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା, ଏପରିକି ମଦ୍ୟପାନ କରି ଏବଂ ମନଇଚ୍ଛା କଲେଜ ଆସି ଶିକ୍ଷାଦାନ କରୁଥିବା କେତେଜଣ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ପରେ ଏପରି ବେନାମୀ ଚିଠି କରାଯାଇ ତାଙ୍କୁ ବଦନାମ କରାଯାଉଛି। ଅଭିଯୋଗର ସତ୍ୟାସତ୍ୟ କିଛି ନାହିଁ। ଯେକୌଣସି ତଦନ୍ତର ସମ୍ମୁଖୀନ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା ଏବଂ ଏଭଳି ଚିଠି ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

# ଶିକ୍ଷକ ପଦବୀ ପୂରଣ ଦାବିରେ ପିଲାଙ୍କ ଧାରଣା

**ଶାସନିପଡ଼ା ଉଚ୍ଚ ବିଦ୍ୟାଳୟ**




ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ମାର୍ଶାଘାଇ, ୨୫ା୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିକ୍ଷା ବର୍ଷକୁ ୬ ମାସ ପୂରିବାକୁ ବସିଲାଣି। ମାତ୍ର ବହି ଖୋଲାଯାଇନାହିଁ। ମାଟ୍ରିକ ପରୀକ୍ଷା ମୁଣ୍ଡ ଉପରେ, ଆମେ କେମିତି ପଢ଼ିବୁ, ଭବିଷ୍ୟତ ଗଢ଼ିବୁ, ଆମକୁ ଶିକ୍ଷକ ଦିଅ ବୋଲି ଦାବି କରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡା ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର ଶ୍ରେଣୀ ବର୍ଜନ କରି ଫାଟକ ପାଖରେ ଧାରଣାରେ ବସିଥିଲେ। ସେମାନଙ୍କ ଦାବି ଅନୁଯାୟୀ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ମୋଟ ୮୨ ପିଲା ଅଧ୍ୟୟନ କରୁଛନ୍ତି। ମାତ୍ର ୨ଜଣ ଗଣିତ ଓ ବିଜ୍ଞାନ ଶିକ୍ଷକ ଅଛନ୍ତି। ଇଂରାଜି, ଇତିହାସ, ସାହିତ୍ୟ, ଭୂଗୋଳ ଓ ସଂସ୍କୃତ ପାଠ ପଢାଇବାକୁ କୌଣସି ଶିକ୍ଷକ ନାହାନ୍ତି। ସେମାନେ ପଢିବେ କେମିତି। ଏ ସମ୍ପର୍କରେ ଅଭିଭାବକମାନେ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତ ଯଦି କରା ନ ଯାଏ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶ୍ରେଣୀ ବର୍ଜନ କରିବା ସହ ଧାରଣାରେ ବସି ରହିବେ ବୋଲି କହିଛନ୍ତି। ପିଲାମାନଙ୍କ ସହ ସେମାନଙ୍କର ଅଭିଭାବକ ମଧ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

# ୨ ପାଣିଟାଙ୍କିରେ ଫାଟ

**ମେଗା ଜଳ ଯୋଗାଣ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ**

ସୁକିନ୍ଦା, ୨୫ା୯ (ସତ୍ୟଜିତ ଦାଶ)

ଘରେ ଘରେ ପାନୀୟଜଳ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସୁକିନ୍ଦା ବ୍ଲକରେ ମଧ୍ୟ ଜାରି ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ସାଙ୍ଗକୁ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ସଂସାଇଲୋ ପଞ୍ଚାୟତର ପାଟପୁର ଏବଂ ନୂଆସାହି ଗ୍ରାମରେ ନବନିର୍ମିତ ୨ ଉଚ୍ଚ ଜଳଧାରଣ କ୍ଷମତା ସମ୍ପନ୍ନ ପାଣିଟାଙ୍କିରେ ଫାଟ ହୋଇ ସେଥିରୁ ପାଣି ଝରୁଛି। ୨ ପାଣିଟାଙ୍କି ନିର୍ମାଣସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାବେଳେ ତାହା ବିଭାଗକୁ ହସ୍ତାନ୍ତର ମଧ୍ୟ କରାଯାଇନାହିଁ। ଟାଙ୍କିଗୁଡ଼ିକରୁ ପାଣି ଏପରି ଝରୁଛି ଯେ ଲୋକେ ତାହା ଭୁଶୁଡ଼ି ପଡ଼ିବା ଆଶଙ୍କା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ କାର୍ଯ୍ୟକୁ ନାଗାର୍ଜୁନ କନଷ୍ଟ୍ରକଶନ କମ୍ପାନୀକୁ ପ୍ରଦାନ କରାଯାଇଥିଲା। ଓଡ଼ିଶା ଖଣି ପ୍ରଭାବିତ ଅଞ୍ଚଳ ଉନ୍ନୟନ ନିଗମ ପାଣ୍ଠି ସହାୟତାରେ ଉକ୍ତ କାର୍ଯ୍ୟକୁ ୨ ଭାଗରେ କରାଯାଇଛି। ପ୍ରଥମାର୍ଦ୍ଧ କାର୍ଯ୍ୟର ମୂଲ୍ୟ ୫୪ କୋଟି ୮୧ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟାର୍ଦ୍ଧ କାର୍ଯ୍ୟ ନିମନ୍ତେ ୧୦୧ କୋଟି ୨୪ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ତେବେ ପ୍ରଥମ ଭାଗ କାର୍ଯ୍ୟରେ ଠିକାସଂସ୍ଥା ନିମ୍ନମାନର ଲୁହାଛଡ଼ ବ୍ୟବହାର କରିବା, କଂକ୍ରିଟ ଖୁଣ୍ଟଗୁଡ଼ିକୁ ବଙ୍କାତେଢ଼ା ଭାବେ ନିର୍ମାଣ କରିବା, ଅନୁମୋଦିତ ମାନକର ପାଇପ୍ ଉପଯୁକ୍ତ ଗଭୀରରେ ବିଛା ନ ଯିବା ଆଦି ଅଭିଯୋଗ ହୋଇଛି। ଏହାକୁ ନେଇ ୨୦୧୯ ଜୁଲାଇରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିରୋଧ କରିବା ସହ କାର୍ଯ୍ୟକୁ ପୁନର୍ବାର ଠିକ୍ ଭାବରେ



ଫାଟ ସୃଷ୍ଟି ହୋଇଥିବା ପାଣିଟାଙ୍କି।

କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ମୁଖ୍ୟ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଯନ୍ତ୍ରୀ ମଧ୍ୟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ୭୨୨୮/୨୦।୦୮।୨୦୧୯ ନମ୍ବରରେ ଏକ ଚିଠିକରି ଅଧୀକ୍ଷଣ ଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମସ୍ତ ତଥ୍ୟ ପ୍ରମାଣ ଥାଇ ମଧ୍ୟ ସମ୍ପୃକ୍ତ କମ୍ପାନୀ କୌଣସିମତେ ଏହି ଅଭିଯୋଗରୁ ନିଜକୁ ମୁକ୍ତ କରିନେବାରେ ସକ୍ଷମ ହୋଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟରେ ପାଣି ଟାଙ୍କି ଥିବାରୁ ସେଗୁଡ଼ିକରୁ ମଧ୍ୟ ଅତ୍ୟଧିକ ଲାଭ ଆଶାରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଉପରୋକ୍ତ ୨ ପାଣିଟାଙ୍କି ମଧ୍ୟରୁ ପାଟପୁରସ୍ଥିତ ଟାଙ୍କି ୩ ଲକ୍ଷ ୫୦ ହଜାର ଲିଟର ଜଳ ଧାରଣ କ୍ଷମତା ଥିବାବେଳେ ନୂଆସାହିସ୍ଥିତ ଟାଙ୍କିରେ ୪ ଲକ୍ଷ ୫୦ ହଜାର ଲିଟର ଜଳ ଧାରଣ କରିବାର କ୍ଷମତା ରହିଛି। ସରକାରୀ ହିସାବ ଅନୁଯାୟୀ ପ୍ରତି ଲିଟର ଜଳ ଧାରଣ ନିମନ୍ତେ ୨୨ ଟଙ୍କା ହିସାବରେ ଉକ୍ତ ୨ ଟାଙ୍କି ପାଇଁ ୧ କୋଟି ୭୬ ଲକ୍ଷଟଙ୍କା ପ୍ରଦାନ କରାଯାଇଛି। ଏତେ ଟଙ୍କାର ପ୍ରକଳ୍ପ ଏଭଳି ଭାବେ ନିର୍ମାଣ ହେବା ଏବଂ ସେଥିପ୍ରତି ଉଚ୍ଚାଧିକାରୀମାନେ ଆଖିବୁଜି ଦେବାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ଏହି ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ପ୍ରଶ୍ନ କରାଯିବାରୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକଚନ୍ଦ୍ର ଦାସ ଏହା ଏକ ତ୍ରୁଟି ବୋଲି ମାନିଛନ୍ତି। ଏଥିସହିତ ଏହାର ସମାଧାନ ନିମନ୍ତେ ରାଜ୍ୟ ବାହାରୁ କୁଶଳୀ କାରିଗରମାନଙ୍କୁ ଡକାଯାଇଛି ବୋଲି କହିଛନ୍ତି। ତେବେ ବିପୁଳ ଟଙ୍କାରେ ହେଉଥିବା ନିର୍ମାଣରେ ତ୍ରୁଟି ଯୋଗୁ ପୁଣି ଖର୍ଚ୍ଚ କରାଯାଇ ସମାଧାନ କରାଯିବାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

### ହାଟସାହି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୧୪୯ଟି ଅଭିଯୋଗ

ରାଜକନିକା, ୨୫ା୯ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କନିକା ତହସିଲଦାର ଅଶୋକ କୁମାର ଦେହୁରି ଓ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତହସିଲ ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗରୁ ୨୧ଟି ଟେବୁଲ କରାଯାଇ ୨୧ ଅଧିକାରୀ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ୧୪୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ କେତେକ ଅଭିଯୋଗ ତତ୍କାଳ ସମାଧାନ ,ହୋଇଥିବା ବେଳେ ଅବଶିଷ୍ଟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ବିଡିଓ କହିଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ମହିଳା ସରପଞ୍ଚ ସୀତା ଦାସ ଅନୁପସ୍ଥିତ ଥିବା ବେଳେ, ସମିତିସଭ୍ୟ ସଞ୍ଜୟ କୁମାର ବେଉରିଆ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜିତ ପରିଡା ଓ ଜିଆରଏସ୍ ଦେବାଶିଷ ଲେଙ୍କା ପ୍ରମୁଖ ସମ୍ପାଦନ କରିଥିବା ଦେଖିବାକୁ ମିଳିଥିଲା।

### ରାଜକନିକାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ରାଜକନିକା, ୨୫ା୯ (ସଞ୍ଜୟ କୁମାର ଦାଶ)

ରାଜକନିକା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୭ତମ ଜୟନ୍ତୀ ମେଡିକାଲ ଛକସ୍ଥିତ ଯୁବମୋର୍ଚ୍ଚା କାର୍ଯ୍ୟାଳୟରେ ସୋମବାର ପାଳନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନୀତି ଆଦର୍ଶ ଓ ଦେଶ ପାଇଁ କରିଥିବା ମହତ କାର୍ଯ୍ୟ ବିଷୟରେ ଯୁବନେତା ସନ୍ତୋଷ କର ବକ୍ତବ୍ୟ ରଖିଥିଲେ।

# ଦାବି ପୂରଣ ଦାବିରେ ଜେଲ କର୍ମଚାରୀଙ୍କ ଅନଶନ



ବାରିମୂଳସ୍ଥ କେନ୍ଦ୍ରାପଡ଼ା ଉପକାରାଗାର କର୍ମଚାରୀ ଅନଶନରେ ବସିଛନ୍ତି।

କେନ୍ଦ୍ରାପଡା, ୨୫ା୯ (ଜଗନ୍ନାଥ ଧଳ)

ଡେରାବିଶ ବ୍ଲକ ବାରିମୂଳସ୍ଥ କେନ୍ଦ୍ରାପଡ଼ା ଉପକାରାଗରର ୧୨ କର୍ମଚାରୀ ୫ ଦଫା ଦାବିର ସମାଧାନ ଦାବିରେ ସୋମବାରଠାରୁ ଅନଶନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଉପକାରାଗାର ସବ୍‌କମିଟି ସଭାପତି ଗୋପୀନାଥ ବେହେରା କହିଛନ୍ତ, କାରାଗାର କର୍ମଚାରୀ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଛନ୍ତ। କାରାରକ୍ଷୀଙ୍କ ଗ୍ରେଡ ପେ ୧୯୦୦ରୁ ୨୦୦୦ ଟଙ୍କା ଓ ମୁଖ୍ୟ କାରାରକ୍ଷୀଙ୍କ ଗ୍ରେଡ ପେ ୨୦୦୦ଟଙ୍କାରୁ ୨୪୦୦ ଟଙ୍କା ବୃଦ୍ଧି ପାଇଁ ନିଖିଳ ଓଡ଼ିଶା କାରା କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ପୁରୁଣା ପଦୋନ୍ନତି ନିୟମ ୨୦୧୨କୁ ଲାଗୁ କରିବା, ଉପଖଣ୍ଡସ୍ତରରେ ବଦଳି ନିୟମରେ କୋହଳ, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦ ଟଙ୍କାକୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି ଦାବିରେ ମହାସଂଘ ପକ୍ଷରୁ ଗତ ୧୩ ତାରିଖରୁ ଗତ ୨୪ ତାରିଖ ପର୍ଯ୍ୟନ୍ତ ଦାବି କରାଯାଇ କର୍ମଚାରୀମାନେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରିଥିଲେ। ଏବେ କାରାଗାରର ଦୈନିକ କାର୍ଯ୍ୟକ୍ରମ ସହ ଜେଲ ସମ୍ମୁଖରେ କର୍ମଚାରୀ ଅନଶନ ଆରମ୍ଭ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଅଧୀକ୍ଷକ, ଜିଲାପାଳ, ସିଡିଏମ୍‌ଓ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଭାପତି ବେହେରା କହିଛନ୍ତି। ଏହି ଅନଶନରେ ସଭାପତି ବେହେରା, କୈଳାସ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ରାୟ, ଏସ୍ ସୋରେନ, ମାଥା ମାରାଣ୍ଡିଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି।




ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା।

# ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

ଯାଜପୁର ଟାଉନ, ୨୫ା୯
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ବରିଷ୍ଠ ଭବନଠାରେ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ୯ ତାରିଖରେ ରାମଲକ୍ଷ୍ମଣ ଉଚ୍ଚ ବିଦ୍ୟାଳୟରେ ୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପୁସ୍ତକ ବଣ୍ଟନ ଓ ପରିବେଶ ସୁରକ୍ଷା ନିମନ୍ତେ ବିଦ୍ୟାଳୟ ପ୍ରାଙ୍ଗଣରେ ଫଳ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଆସନ୍ତା ମାସରେ ଯେକୌଣସି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ନିମନ୍ତେ କେଉଁ ପାଠ ଅଧ୍ୟୟନ କଲେ ନିଜ ନିଜର ରୁଚିକୁ ସୁହାଇଲା ଭଳି ପଥ ଗ୍ରହଣ କରିପାରିବେ ସେଥି ନିମନ୍ତେ ଏକ କର୍ମଶାଳା କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକକୁ ସମ୍ପାଦକ ପ୍ରବୋଧ କୁମାର ନାୟକ ପରିଚାଳନା କରିଥିବା ବେଳେ ଗଦାଧର ରାଉତ, ଶିକ୍ଷାବିତ୍ ଉଦୟନାରାୟଣ ପରିଡ଼ା, ସହସମ୍ପାଦକ ବୃନ୍ଦାବନ ମିଶ୍ର, କୋଷାଧ୍ୟକ୍ଷ ଗୋପୀନାଥ ସେଠୀ, ପ୍ରଦୀପ କୁମାର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରଶାନ୍ତ ନାୟକ, ମଧୁସୂଦନ ମହାନ୍ତି, ନିରୁପମା ମହାନ୍ତି, ଲକ୍ଷ୍ମୀନାରାୟଣ ପତି, କୁଳମଣୀ ରାଉତ, କୈଳାସ ଚନ୍ଦ୍ର ମଲିକ, ଶିଶିର କୁମାର ମହାପାତ୍ର, ଧିରେନ୍ଦ୍ର କୁମାର ପରିଡ଼ା, ନୃସିଂହ ଚରଣ ଜେନା, ନିଶିଥ୍ କୁମାର ଦାସ, ପ୍ରଶନ୍ନ କୁମାର ରାଉତରାୟ, ଅଭିମନ୍ୟୁ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିଶିଥ୍ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା

ଯାଜପୁର ଟାଉନ, ୨୫ା୯
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ‘ଘରେ ଘରେ କଂଗ୍ରେସ ଘରେ ଘରେ ହାତ’ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଯାଜପୁର ଜିଲା କଂଗ୍ରେସ କମିଟିର ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଯାଜପୁର ବ୍ଲକର ପଣସା ପଞ୍ଚାୟତଠାରେ ଏହି କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ଶୋଭାଯାତ୍ରାରେ ସାମିଲ ହୋଇ ପଣସା ପଞ୍ଚାୟତରେ ପଦଯାତ୍ରା କରିଥିଲେ। କଂଗ୍ରେସ କର୍ମୀ ଓ ନେତାମାନେ ଘରେ ଘରେ ପହଞ୍ଚି ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି ବୋଲି କହିଥିଲେ। ବେକାରୀ ସମସ୍ୟା, ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା, ସାମାଜିକ ସୁରକ୍ଷା, କୃଷକର ଆୟ, ମହିଳାମାନଙ୍କ ସୁରକ୍ଷା ଉପରେ ଲୋକମାନଙ୍କୁ




ଶୋଭାଯାତ୍ରାରେ ସାମିଲ କଂଗ୍ରେସ କର୍ମୀ ଓ ନେତା।

ବୁଝାଇଥିଲେ । ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ କେମିତି ବିଫଳ ହୋଇଛି ସେ କଥା କହିଥିଲେ । ସେହିପରି କେନ୍ଦ୍ର ସରକାର ଦେଶର କୃଷକ, ଶ୍ରମିକ, ଯୁବକ, ମହିଳା, ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ; ତାହା ଆଜି ମିଛ ପ୍ରତିଶ୍ରୁତି ବୋଲି ପ୍ରମାଣିତ ବୋଲି କହିଥିଲେ । ଦରଦାମ ଆକାଶ ଛୁଆଁ, ପେଟ୍ରୋଲ୍, ଡିଜେଲ୍, ରନ୍ଧନ ଗ୍ୟାସର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ଏଣୁ କଂଗ୍ରେସ ସରକାର ପ୍ରତିଷ୍ଠା ହେଲେ ରାଜ୍ୟର ଯୁବକ, କୃଷକ, ଶ୍ରମିକ, ମହିଳା ବିଶେଷକରି ଆଦିବାସୀ, ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ସଂଖ୍ୟାଲଘୁ ବର୍ଗର ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ପଦଯାତ୍ରାରେ ଉପସ୍ଥିତ ନେତୃମଣ୍ଡଳୀ ଲୋକମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ସନ୍ତୋଷ ନନ୍ଦ, ବିଭୂତି ମହାପାତ୍ର, ବଳଭଦ୍ର ଦାସ, ଦୁର୍ଯ୍ୟୋଧନ ବେହେରା, ନାରାୟଣ ଚନ୍ଦ୍ର ସାମନ୍ତ, ଅକ୍ଷୟ ଶତପଥୀ, ଦେବେନ୍ଦ୍ର ପଣ୍ଡା, ଗଦାଧର ଦାସ,କନକଲତା ରାଉତ, ଅମୂଲ୍ୟ ବିଶ୍ୱାଳ, ରବିନ୍ଦ୍ର ସ୍ୱାଇଁ, ଅର୍ଜୁନି ଜେନା, ମାନସ ପଣ୍ଡା, ସବିତା ମହାନ୍ତି, ବିଜୟ ମହାପାତ୍ର ପ୍ରଭୃତି ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଅକ୍ଟୋବର ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ କାଳିଭଞ୍ଜଡ଼ିଆ ଦ୍ୱୀପ

ରାଜନଗର, ୨୫।୯ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡ଼ିଆ ଦ୍ୱୀପ ଆସନ୍ତା ଅକ୍ଟୋବର ୧ରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ। ୮ କିଲୋମିଟର ଲମ୍ବ ଓ ୧ କିଲୋମିଟର ଓସାର ବିଶିଷ୍ଟ କାଳିଭଞ୍ଜଡିଆକୁ ଚାରିପଟୁ ନଦୀ ଓ ମୁହାଣ ଘେରି ରହିଛି। ଏଠାରେ ଅହିରାଜ, ଅଜଗର ସହ ଚନ୍ଦନବୋଡ଼ା, ଗୋଖର, ତମ୍ପ, ଡାଲୁଆ ବୋଡା, ଧୂଳିଆ ବୋଡା, ଶଙ୍ଖାମୁଠିଆ ରଣା, ଚିତି ସହିତ ଅଣ ବିଷଧର ସାପ ମଧ୍ୟ ଦେଖିବାକୁ ମିଳେ। ଏଥିସହ ହରିଣ, ବାରହା, ଝିଙ୍କ ସହ ଅଧିକ ସଂଖ୍ୟାରେ ଫିସିଂକ୍ୟାଟ୍ ଦେଖିବାକୁ ମିଳେ। ଭିତରକନିକାକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ଆସନ୍ତା ଅକ୍ଟୋବର ୧ ତାରିଖରୁ କାଳିଭଞ୍ଜଡିଆ ବୁଲିପାରିବେ, କେବଳ ଦିନବେଳା ପର୍ଯ୍ୟଟକମାନେ ସେଠାକୁ ଯାଇ ୪ଟା ସୁଦ୍ଧା ଫେରିବାକୁ ପଡ଼ିବ। କେବଳ ଗବେଷକମାନଙ୍କ ପାଇଁ ରାତ୍ରିଯାପନର ବ୍ୟବସ୍ଥା ଥିବାବେଳେ ପର୍ଯ୍ୟଟକମାନଙ୍କ ପାଇଁ କେବଳ ଦିନ ବେଳା ବୁଲିବାକୁ ଛଡ଼ାଯିବ। ପର୍ଯ୍ୟଟକଙ୍କ ପାଇଁ ଜେଟି ଓ ୱାଚ ଟାୱାର ନିର୍ମାଣ କରାଯାଇଛି। ୭ କି.ମି. ପାଦଚଲା ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ପର୍ଯ୍ୟଟକମାନଙ୍କୁ କେବଳ ୩ କି.ମି. ଯାଏ ଛଡ଼ାଯିବ। ସେଠାରେ ବନ କର୍ମଚାରୀଙ୍କ ରହିବା ପାଇଁ ୱାଚ ଟାୱାର ନିର୍ମାଣ କରାଯାଇଛି। ଖୋଲାରୁ ବୋଟ ଯୋଗେ କାଳିଭଞ୍ଜଡିଆ ଗଲେ ଦେଢ ଘଣ୍ଟା ସମୟ ଲାଗୁଥିବା ବେଳେ ତାଳଚୁଆରୁ କାଳିଭଞ୍ଜଡିଆ ଜଳପଥରେ ମାତ୍ର ୧୫ ମିନିଟ ସମୟ ଲାଗିବ ବୋଲି ବନ ବିଭାଗ ସୂତ୍ରରୁ କୁହାଯାଇଛି। ପର୍ଯ୍ୟଟକମାନେ ଭିତରକନିକା ଆସି ଯେପରି ବୋରିଂ ନ ହେବେ ଓ ବିଭିନ୍ନ ସ୍ଥାନ ବୁଲି ପାରିବେ, ସେଥିଲାଗି ବନ ବିଭାଗ ପକ୍ଷରୁ ପ୍ରଥମଥର ପାଇଁ କାଳିଭଞ୍ଜଡିଆ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିବାକୁ ଯାଉଛି।

### କେନାଲ୍‌ରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଡେରାବିଶ, ୨୫।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ରାଜନଗର ଗାଁର ଟୁକୁନା ଦାସଙ୍କ ସ୍ତ୍ରୀ ବିଦୁ (୭୦)ଙ୍କ ମୃତଦେହ ଗାଁ ନିକଟରେ ଯାଇଥିବା ୮ନଂ. କେନାଲ୍‌ରୁ ସୋମବାର ଉଦ୍ଧାର କରାଯାଇଛି। ଶନିବାର ସନ୍ଧ୍ୟାରେ କେନାଲ୍‌କୁ ଶୌଚ ହେବାକୁ ଯାଇଥିବା ବୃଦ୍ଧା ବିଦୁ ଆଉ ଘରକୁ ଫେରି ନ ଥିଲେ। ତେବେ ସୋମବାର ସକାଳୁ ବିଦୁଙ୍କ ମୃତଦେହ କେନାଲ୍‌ରେ ଭାସୁଥିବା ଦେଖି ଗାଁ ଲୋକେ ଦେଖି ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଦୁଙ୍କ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ନୂଆଁଖାଇ ପାଇଁ ନବାନ୍ନ ନୈବେଦ୍ୟ

ରାଜନଗର, ୨୫।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନାସ୍ଥିତ ମହିମା ଅଲେଖ ଆଶ୍ରମରେ ପବିତ୍ର ନୂଆଁଖାଇ ପାଇଁ ସୋମବାର ନବାନ୍ନ ପରବ୍ରହ୍ମଙ୍କୁ ଲାଗି କରାଯାଇଛି। ଆଠଗଡ଼ ଓ ବରୀ ଅଞ୍ଚଳରୁ ସଂଗ୍ରହ ହୋଇଥିବା ନୂଆ ଧାନରୁ ଚୁଡାଘଷା କରାଯାଇ ନବାନ୍ନ ପ୍ରସ୍ତୁତ ହୋଇଛି। ମହିମା ଧର୍ମର ସାଧୁ ବାବା ନଟବର ଦାସଙ୍କ ପୌରୋହିତ୍ୟରେ ବାବା ସୁବ୍ରତ ଦାସ, ପରିକ୍ଷିତ ମହାରାଜ, ମାଧବାନନ୍ଦ ଗିରିମହାରାଜଙ୍କ ସହ ଭକ୍ତ, ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଘର କରି ନ ଥିବା ହିତାଧିକାରୀଙ୍କ କାର୍ଯ୍ୟାଦେଶ ବାତିଲ କର

### ପଟ୍ଟାମୁଣ୍ଡାଇ ପୌରପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମୀକ୍ଷା ବୈଠକ

ପଟ୍ଟାମୁଣ୍ଡାଇ ୨୫।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଗରିବ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଯୋଗାଇ ଦିଆଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଠିକଣା ଭାବେ କାର୍ଯ୍ୟକରିବା ସହ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନର ଏସଏଲଟିସି ପାର୍ଥସାରଥୀ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶା ଅର୍ବାନ ହାଉସିଂ ମିଶନର ଏସଏଲଟିସି ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିୟମାବଳୀ, ହିତାଧିକାରୀ ଚୟନଠାରୁ ଆରମ୍ଭ କରି ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ପୌର ପରିଷଦ କାଉନସିଲର ପ୍ରଶାନ୍ତ ବାରିକ, ଗୋପୀବଲ୍ଲଭ ନାୟକ, ସାନିଆ ପରମିନ, ମୃତ୍ୟୁଞ୍ଜୟ ପାଢ଼ୀ,



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ପାରିଷଦଗଣ।

ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ସୁବାସ ମଲିକ, ସମ୍ରାଟ କେଶରୀ ଜେନା, ସୁଧାମୟ ମଲିକ, ଝରଣା ବେହେରା, ମଳୟ ଓଝା, ବନିତା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ୱାର୍ଡର ହିତାଧିକାରୀଙ୍କ ସ୍ଥିତି ଓ ସଫଳ କାର୍ଯ୍ୟକାରିତା ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଓଡ଼ିଶା ଅର୍ବାନ ହାଉସିଂ ମିଶନର ଏସ୍ଏଲଟିସି ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର କେତେକ ୱାର୍ଡକୁ ଯାଇ ସିଧାସଳଖ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୦ଟି ୱାର୍ଡରେ ୩୨୨୧ ହିତାଧିକାରୀ ଥିବାବେଳେ ୨୬୨୧ ଜଣ ଆବାସ ଗୃହ ସମ୍ପୂର୍ଣ୍ଣ କରିଥିବା, ୨୪୨ ଜଣ ଛାତ ପତନ ପର୍ଯ୍ୟନ୍ତ କରିଥିବା, ୧୨୪ ଜଣ ନିମଟଲ ପର୍ଯ୍ୟନ୍ତ ହୋଇଥିବା, ୩୩ଜଣ ଫାଉଣ୍ଡେଶନ ପକାଇଥିବା ଓ ୧୭୮ଜଣ ଆଦୌ ଆବାସ ଗୃହ ନିର୍ମାଣ କରି ନ ଥିବା ଜଣାପଡ଼ିଥିଲା। ଏସ୍ଏଲଟିସି ସାହୁ ଠିକଣା ଭାବେ ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରା ନ ଗଲେ ଓ ୟୁଟିଲାଇଜେଶନ ସାର୍ଟିଫିକେଟ ଦିଆ ନ ଗଲେ ଆଗାମୀ ଦିନରେ ଏହି ପୌର ପରିଷଦକୁ ଆଦୌ ଆବାସ ଯୋଜନା ଅର୍ଥ ମଞ୍ଜୁର କରାଯିବନାହିଁ। ଏତଦବ୍ୟତୀତ ଏ ବାବଦରେ ପୌର ପରିଷଦକୁ ଆସିଥିବା ଅନୁଦାନ ରାଶି ମଧ୍ୟ ସରକାର ଫେରାଇ ନେବାକୁ ବାଧ ହେବେ ବୋଲି ପ୍ରକାଶ କରିଥିଲେ। ଆବାସ ଯୋଜନାରେ ବର୍ଷ ବର୍ଷ ଧରି ଆଦୌ ଘର କରି ନ ଥିବା ହିତାଧିକାରୀଙ୍କ କାର୍ଯ୍ୟାଦେଶ ବାତିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଜନସଚେତନତା ଲାଗି ଡାକବାଜି ଯନ୍ତ୍ର ଯୋଗେ ବ୍ୟାପକ ପ୍ରଚାର କରିବାକୁ ସ୍ଥିର ହୋଇଥିଲା। ଏଥିରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣଗିରି, ସିଏଲଟିସି ଅରବିନ୍ଦ ପରିଡା, ପଟ୍ଟାମୁଣ୍ଡାଇ ପୌର ପରିଷଦର ରାଜ କିଶୋର ଦାସ, ତପସ୍ୱିନୀ ଦାଶ, ସରୋଜ ପଣ୍ଡା ଓ ବ୍ରଜ କିଶୋର ସେଠୀ ପ୍ରମୁଖ କର୍ମଚାରୀ ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଅରବିନ୍ଦ ପରିଡା ଧନ୍ୟବାଦ ଦେଇଥିଲେ।

## ରତାଦିଆ ଖଣ୍ଡସାହି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୩୯ ଅଭିଯୋଗ

ଡେରାବିଶ, ୨୫।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଶିଶିର ସାମଲ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ ପରିଡ଼ା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ଆସିଥିବା ୩୯ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ଓ ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠ ମନ୍ଦିରର ଉନ୍ନତିକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେଗୋଟିରେ ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ସବୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଏବିଡିଓ ନୟକ ପଠାଇ ଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଚାନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଦନ ମୋହନ ସାହୁ, ଲଲାଟେନ୍ଦୁ ଖୁଣ୍ଟିଆ, ବିମଳକାନ୍ତ ତ୍ରିପାଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଝୁନିଲତା ମଲିକ, ଗ୍ରାମ୍ୟ ରୋଜକାର ସେବକ ମାନସୀ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ହାଟସାହି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ: ୧୪୯ଟି ଅଭିଯୋଗ

ରାଜକନିକା, ୨୫।୯ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କନିକା ତହସିଲଦାର ଅଶୋକ କୁମାର ଦେହୁରି ଓ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତହସିଲ ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗରୁ ୨୧ଟି ଟେବୁଲ କରାଯାଇ ୨୧ ଅଧିକାରୀ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ୧୪୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ

**ସରପଞ୍ଚଙ୍କ ଅନୁପସ୍ଥିତିରେ କାର୍ଯ୍ୟକ୍ରମ**

କେତେକ ଅଭିଯୋଗ ତତ୍କାଳ ସମାଧନ ,ହୋଇଥିବା ବେଳେ ଅବଶିଷ୍ଟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ବିଡିଓ କହିଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ମହିଳା ସରପଞ୍ଚ ସୀତା ଦାସ ଅନୁପସ୍ଥିତ ଥିବା ବେଳେ, ସମିତିସଭ୍ୟ ସଞ୍ଜୟ କୁମାର ବେଉରିଆ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜିତ ପରିଡା ଓ ଜିଆରଏସ୍ ଦେବାଶିଷ ଲେଙ୍କା ପ୍ରମୁଖ ସମ୍ପାଦନ କରିଥିବା ଦେଖିବାକୁ ମିଳିଥିଲା।

## ଦାବି ପୂରଣ ଦାବିରେ ଜେଲ କର୍ମଚାରୀଙ୍କ ଅନଶନ



ବାରିମୂଳସ୍ଥ କେନ୍ଦ୍ରାପଡ଼ା ଉପକାରାଗାର କର୍ମଚାରୀ ଅନଶନରେ ବସିଛନ୍ତି।

କେନ୍ଦ୍ରାପଡା, ୨୫।୯ (ଜଗନ୍ନାଥ ଧଳ)

ଡେରାବିଶ ବ୍ଲକ ବାରିମୂଳସ୍ଥ କେନ୍ଦ୍ରାପଡ଼ା ଉପକାରାଗରର ୧୨ କର୍ମଚାରୀ ୫ ଦଫା ଦାବିର ସମାଧାନ ଦାବିରେ ସୋମବାରଠାରୁ ଅନଶନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଉପକାରାଗାର ସବ୍‌କମିଟି ସଭାପତି ଗୋପୀନାଥ ବେହେରା କହିଛନ୍ତ, କାରାଗାର କର୍ମଚାରୀ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଛନ୍ତ। କାରାରକ୍ଷୀଙ୍କ ଗ୍ରେଡ ପେ ୧୯୦୦ରୁ ୨୦୦୦ ଟଙ୍କା ଓ ମୁଖ୍ୟ କାରାରକ୍ଷୀଙ୍କ ଗ୍ରେଡ ପେ ୨୦୦୦ଟଙ୍କାରୁ ୨୪୦୦ ଟଙ୍କା ବୃଦ୍ଧି ପାଇଁ ନିଖିଳ ଓଡ଼ିଶା କାରା କର୍ମଚାରୀ ସଂଘ ପକ୍ଷରୁ ବାରାମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ପୁରୁଣା ପଦୋନ୍ନତି ନିୟମ ୨୦୧୨କୁ ଲାଗୁ କରିବା, ଉପଖଣ୍ଡସ୍ତରରେ ବଦଳି ନିୟମରେ କୋହଳ, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦ ଟଙ୍କାକୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି ଦାବିରେ ମହାସଂଘ ପକ୍ଷରୁ ଗତ ୧୩ ତାରିଖରୁ ଗତ ୨୪ ତାରିଖ ପର୍ଯ୍ୟନ୍ତ ଦାବି କରାଯାଇ କର୍ମଚାରୀମାନେ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରିଥିଲେ। ଏବେ କାରାଗାରର ଦୈନିକ କାର୍ଯ୍ୟକ୍ରମ ସହ ଜେଲ ସମ୍ମୁଖରେ କର୍ମଚାରୀ ଅନଶନ ଆରମ୍ଭ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଅଧୀକ୍ଷକ, ଜିଲାପାଳ, ସିଡିଏମ୍‌ଓ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଭାପତି ବେହେରା କହିଛନ୍ତି। ଏହି ଅନଶନରେ ସଭାପତି ବେହେରା, କୈଳାସ ଚନ୍ଦ୍ର ସେଠୀ, ସନ୍ତୋଷ କୁମାର ରାୟ, ଏସ୍ ସୋରେନ, ମାଥା ମାରାଣ୍ଡିଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି।

## ଜିଲାପାଳଙ୍କ ମିଳିତ ଜନଶୁଣାଣି : ୮୩ ଅଭିଯୋଗ

ମାର୍ଶାଘାଇ, ୨୫।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୩ଟି ଅଭିଯୋଗ ଆସିଥିଲା। ସେଥିରୁ ୭୮ଟି ବ୍ୟକ୍ତିଗତ ଥିବାବେଳେ ୫ଟି ସାମୂହିକ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ଦୁମୁକା ପଞ୍ଚାୟତର ଗିରଙ୍ଗ ଗ୍ରାମରେ ସ୍ଥାୟୀ ଜଳ ଯୋଗାଣ ଚ୍ୟାନେଲ ନିର୍ମାଣ ଓ ଦୁମୁକା ଗ୍ରାମରେ ଜଳ ନିଷ୍କାସନ ପଥ ଖୋଲାଯିବାକୁ ଦାବି କରାଯାଇଥିଲା। ମଣିକୁଣ୍ଡା ପଞ୍ଚାୟତର ଦରବଛା ଗ୍ରାମରେ ଥିବା ଏକ ପୁରୁଣା ବିଦ୍ୟାଳୟ କୋଠା ଗୃହକୁ ଭାଙ୍ଗିବା ପାଇଁ ଦରଖାସ୍ତ କରାଯାଇଥିଲା। ମଙ୍ଗରାଜପୁର ପଞ୍ଚାୟତର ମଧୁସୂଦନପୁର ଗ୍ରାମରେ ଏକ ପାଣି ଟାଙ୍କି ଚୋରି ହୋଇଥିବା ନେଇ ଅଭିଯୋଗ କରାଯାଇଥିଲା। ମାର୍ଶାଘାଇ



ମିଳିତ ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ନିକଟସ୍ଥ କଷଟି ଗ୍ରାମରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କରାଯାଇଥିବା ବ୍ରାଏଲର କୁକୁଡ଼ା ଫାର୍ମକୁ ସବ୍‌ସିଡ ପ୍ରଦାନ ପାଇଁ ମହିଳାମାନେ ଦାବି କରିଥିଲେ। ୭ ଜଣଙ୍କୁ ଚିକିତ୍ସା ଖର୍ଚ୍ଚ ବାବଦରେ ୮୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଭତ୍ତା, ଆବାସ ଗୃହ, ରାଶନ କାର୍ଡ ଆଦି ରହିଥିଲା। ସୂଚନା କର୍ମୀ ନୃସିଂହ ରାଉତ ଅଭିଯୋଗ କରିଥିଲେ ଯେ, ବେରୁହାଁ ପଞ୍ଚାୟତରେ ସିଆରପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ଚୟନ ସମ୍ପର୍କରେ ବ୍ଲକକୁ ତଥ୍ୟ ମାଗିଲେ ସେମାନେ ତାହା ପ୍ରଦାନ କରୁନାହାନ୍ତି। ଶିବିରରେ ଜିଲାପାଳ ଅନୁପସ୍ଥିତି ରହିଥିବା ବେଳେ ଏସ୍‌ପି ସନ୍ଦୀପ ସମ୍ପଦ ମଡକର, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାଜକନିକାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ରାଜକନିକା, ୨୫।୯ (ସଞ୍ଜୟ କୁମାର ଦାଶ)

ରାଜକନିକା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୭ତମ ଜୟନ୍ତୀ ମେଡିକାଲ ଛକସ୍ଥିତ ଯୁବମୋର୍ଚ୍ଚା କାର୍ଯ୍ୟାଳୟରେ ସୋମବାର ପାଳନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନୀତି ଆଦର୍ଶ ଓ ଦେଶ ପାଇଁ କରିଥିବା ମହତ କାର୍ଯ୍ୟ ବିଷୟରେ ଯୁବନେତା ସନ୍ତୋଷ କର ବକ୍ତବ୍ୟ ରଖିଥିଲେ। ଯୁବନେତା ସମୀର ପଣ୍ଡା, ଜଗନ୍ନାଥ ସାମଲ, ସୁଜିତ ବେହେରା, ଶୁଭକାନ୍ତ ମାହୁନ୍ତ, ସନ୍ତୋଷ କୁମାର ସେଠୀ, ବିଜୟ କୁମାର ବେହେରା, ସୁଶାନ୍ତ ସାହୁ, ସୁଧାକାର ମଲିକ, ଶଶାଙ୍କ ଶେଖର ନାୟକ, ପ୍ରୀତିରଞ୍ଜନ ନାୟକ, ସଚିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନିହାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ପଦବୀ ପୂରଣ ଦାବିରେ ପିଲାଙ୍କ ଧାରଣା

### ଶାସନିପଡ଼ା ଉଚ୍ଚ ବିଦ୍ୟାଳୟ

ମାର୍ଶାଘାଇ, ୨୫।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶିକ୍ଷା ବର୍ଷକୁ ୬ ମାସ ପୂରିବାକୁ ବସିଲାଣି। ମାତ୍ର ବହି ଖୋଲାଯାଇନାହିଁ। ମାଟ୍ରିକ ପରୀକ୍ଷା ମୁଣ୍ଡ ଉପରେ, ଆମେ କେମିତି ପଢ଼ିବୁ, ଭବିଷ୍ୟତ ଗଢ଼ିବୁ, ଆମକୁ ଶିକ୍ଷକ ଦିଅ ବୋଲି ଦାବି କରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନିପଡା ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର ଶ୍ରେଣୀ ବର୍ଜନ କରି ଫାଟକ ପାଖରେ ଧାରଣାରେ ବସିଥିଲେ। ସେମାନଙ୍କ ଦାବି ଅନୁଯାୟୀ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ମୋଟ ୮୨ ପିଲା ଅଧ୍ୟୟନ କରୁଛନ୍ତି। ମାତ୍ର ୨ଜଣ ଗଣିତ ଓ ବିଜ୍ଞାନ ଶିକ୍ଷକ ଅଛନ୍ତି। ଇଂରାଜି, ଇତିହାସ, ସାହିତ୍ୟ, ଭୂଗୋଳ ଓ ସଂସ୍କୃତ ପାଠ ପଢ଼ାଇବାକୁ କୌଣସି ଶିକ୍ଷକ ନାହାନ୍ତି। ସେମାନେ ପଢ଼ିବେ କେମିତି। ଏ ସମ୍ପର୍କରେ ଅଭିଭାବକମାନେ ବିଭିନ୍ନ ଫୋରମରେ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ




ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ସାମିଲ ହୋଇଛନ୍ତି।

ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତ ଯଦି କରା ନ ଯାଏ ସେମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶ୍ରେଣୀ ବର୍ଜନ କରିବା ସହ ଧାରଣାରେ ବସି ରହିବେ ବୋଲି କହିଛନ୍ତି। ପିଲାମାନଙ୍କ ସହ ସେମାନଙ୍କର ଅଭିଭାବକ ମଧ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

## କଂଗ୍ରେସକୁ ବିଶ୍ୱାସକୁ ନେଇ ପରିବର୍ତ୍ତନ ଆଣନ୍ତୁ

### ପଟ୍ଟାମୁଣ୍ଡାଇ ଧୋଆଞ୍ଚଳ କଂଗ୍ରେସ କର୍ମୀ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୨୫।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଧୋଆଞ୍ଚଳର ୭ଟି ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡାଙ୍କ ସଭାପତିତ୍ୱରେ ଦାଣ୍ଡିସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୋଆଞ୍ଚଳର ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହୀ ଓ ବଲୁରିଆ ସମେତ ୭ଟି ପଞ୍ଚାୟତର ୭ଶହରୁ ଊର୍ଦ୍ଧ୍ୱ କର୍ମୀ ଏକାଠି ହୋଇ ଆଗାମୀ ନିର୍ବାଚନରେ 'ଆମ୍ଭେ ବିଧାନସଭା ଯିବା' ଲକ୍ଷ୍ୟ ହାସଲ କରିବାକୁ ଶପଥ ନେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଚିତରଞ୍ଜନ ମଲ୍ଲିକ ସଭାର ସଞ୍ଚାଳନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା ଆହ୍ୱାନ ଦେଇ କହିଥିଲେ ଯେ 'ଏଥର କଂଗ୍ରେସ, ଏଥର ଗଣେଶ'। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଜ୍ୟେଷ୍ଠେ କଦଳୀ ଆଷାଢେ କିଆ,



ଡାକ ନଡାକ ହୋଇଛି ଠିଆ। ଅଗାମୀ ନିର୍ବାଚନ ଆମ ପାଇଁ 'କର ବା ମର'ର ଆହ୍ୱାନ ସୃଷ୍ଟି କରୁଛି। ଆପଣମାନେ ଏକାଠି ହେଲେ ଅସମ୍ଭବ ସମ୍ଭବ ହୋଇପାରିବ।

କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାରଙ୍କ ଜନ ବିରୋଧୀ ନୀତିର କଡା ସମାଲୋଚନା କରିବା ସହ ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ନେତା ଓ କର୍ମୀମାନେ ସମସ୍ତ ମତଭେଦ ଭୁଲି ଐକବଦ୍ଧ ଭାବେ ସଙ୍ଗଠନକୁ ମଜବୁତ କରି ବିଜୟ ହାସଲ ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଦଳଛାଡି ଚାଲି ଯାଉଥିବା ବନ୍ଧୁମାନଙ୍କୁ ଫେରି ଆସିବାକୁ ମଧ୍ୟ ନିବେଦନ କରିଥିଲେ। ମଞ୍ଚାସୀନ ନେତୃମଣ୍ଡଳୀ ଯଥା ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ, ଅଜୟ କୁମାର ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, କୂଳମଣୀ ମଲ୍ଲିକ, କ୍ଷମାନିଧି ସାମଲ, ଜିଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ପୂର୍ବତନ ସମିତି ସଭ୍ୟ ଗୋଲଖ ବେହେରା, ବରିଷ୍ଠ ଦଳିତ ନେତା ନିମାଇଁ ଚରଣ ସେଠୀ, ଜିଲା ଛାତ୍ର କଂଗ୍ରେସ ସଭାପତି ପରଭେଜ୍ ଅଖତର, କେନ୍ଦ୍ରାପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପଞ୍ଚାୟତ କଂଗ୍ରେସ ସଭାପତି ଚନ୍ଦନ କୁମାର ସାହୁ, ପଞ୍ଚାୟତ କଂଗ୍ରେସ ସଭାପତି ଦୀପକ କୁମାର ନାୟକ, ବରିଷ୍ଠ ଦଳିତ ନେତା ରଘୁନାଥ ଜେନା, ବରିଷ୍ଠ କଂଗ୍ରେସ ନେତା ଉମାକାନ୍ତ ରାଉତ, ବରିଷ୍ଠ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ଦାସ, ଡିସିସି ସାଧାରଣ ସମ୍ପାଦକ ଅଭିଷେକ ବିଶ୍ୱାଳ ପ୍ରମୁଖ ଭାଉଷଣ ଦେଇ କଂଗ୍ରେସର ବିଜୟ ଧୋଆଞ୍ଚଳର ବିକାଶ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଦୀପକ କୁମାର ଭଦ୍ର, ସୁରେନ୍ଦ୍ର ସେଠୀ, ରନ ରାଉତ, ସତ୍ୟସୁନ୍ଦର ରାୟ, କାଙ୍ଗାଳୀ ଚରଣ ସେଠୀ, ଭାଗୀରଥୀ ସାହୁ, ପ୍ରତାପ କୁମାର ବିଶ୍ୱାଳ, ମହେଶ୍ୱର ବିହାରୀ, କୁଶାସନ ସେଠୀ ବିଷ୍ଣୁଚରଣ ମାଝି, ରଘୁନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଜାନବିଲି ଆନିକଟରୁ ମୃତଦେହ ଜବତ

**ଧରାକୋଟ,୨୫।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ନିକଟସ୍ଥ ଜାନବିଲି ଆନିକଟରୁ ଋଷିକୁଲ୍ୟା ନଦୀରେ ଭାସି ଆସିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସୋମବାର ମଧ୍ୟାହ୍ନରେ ଜବତ କରାଯାଇଛି। ଏକ ଅଜଣା ବ୍ୟକ୍ତିର ଶବ ଋଷିକୁଲ୍ୟା ନଦୀରେ ସୋରଡ଼ା ପଟରୁ ଭାସି ଆସି ଆନିକଟ ଗେଟରେ ଲାଗିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଧରାକୋଟ ପୋଲିସ ପହଞ୍ଚି ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମ ବିଭାଗ ତରଫରୁ ନଦୀ ଭିତରୁ ମୃତଦେହକୁ ବାହାର କରାଯାଇଥିଲା। ଦୁଇ ତିନି ଦିନ ତଳର ମୃତଦେହକୁ ଧରାକୋଟ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ନୂତନ ସୁପରଭାଇଜରଙ୍କ ଯୋଗଦାନ

**ଧରାକୋଟ,୨୫।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ତହସିଲ କାର୍ଯ୍ୟାଳୟରେ ନୂତନ ସୁପରଭାଇଜର ଭାବରେ ସୁଜ୍ଞାନି କୁମାରୀ ବେହେରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଗଞ୍ଜାମ ତହସିଲରେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପାଇବା ପରେ ସେ ଧରାକୋଟ ତହସିଲରେ ଯୋଗଦେଇଥିବା ବେଳେ ତାଙ୍କୁ ତହସିଲ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା। ଏଠାରେ କାର୍ଯ୍ୟରତ ସୁପରଭାଇଜର ଶ୍ରୀକାନ୍ତ ମହାରଣାଙ୍କୁ ନୟାଗଡ଼ ଜିଲା ବନ୍ଦୋବସ୍ତ କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ନୂତନ ସୁପରଭାଇଜର ଧରାକୋଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖିବା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରାକେଶ କୁମାର ବଳ ଓ ଦେବୀ ପ୍ରସାଦ ନାହାକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

### ଜାତୀୟ ସେବା ଯୋଜନା ଦିବସ

**ବ୍ରାହ୍ମଣୀଗାଁ,୨୫।୯(ମନୋରଞ୍ଜନ ରଣା)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଋଷିମାଳ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ତଥା ଛାତ୍ରୀଛାତ୍ରମାନେ ଯୋଗଦେଇଥିବା ବେଳେ ଏହି ଯୋଜନାର ଅଧିକାରୀ ତଥା ଇତିହାସ ବିଭାଗର ଅଧ୍ୟାପକ ଅକ୍ଷୟ ବେହେରା ଦଳାଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିହାର ରେଜିମେଣ୍ଟର ତତ୍କାଳ ସେନା ଅଧିକାରୀ ବୁଲୁ ନାୟକ, ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗର ଅଧ୍ୟାପକ ପବିତ୍ର ମୋହନ ବାସୁପତି ଯୋଗଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ସେବା ଯୋଜନା ଓ ସ୍ୱେଚ୍ଛାସେବୀ ସମ୍ପର୍କରେ ଅତିଥିମାନେ ପ୍ରକାଶ କରିବା ସହ ମ୍ୟାଲେରିଆ, ଡେଙ୍ଗୁ, ଚାରା ରୋପଣ, ପରିବେଶ ତଥା ଏହି ଯୋଜନାରେ ନିୟମିତ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହାବିଦ୍ୟାଳୟ ପରିସର ଓ ଗାଁ ସଫେଇ କରାଯାଇଥିଲା।

### ମୋହନାରେ ଗଜାନନଙ୍କ ବିସର୍ଜନ



**ମୋହନା,୨୫।୯(ମନ୍ମଥ ମିଶ୍ର)**

ମୋହନା ସହରରେ ଗତ ଏକ ସପ୍ତାହ ଧରି ଚାଲିଥିବା ଗଣେଶଙ୍କ ପୂଜା ପରେ ସୋମବାର ବିସର୍ଜିତ ହୋଇଛନ୍ତି ଅଗ୍ରପୂଜ୍ୟ। ମୋହନା ଏମ୍‌କେସିଜି ଯୁବକ ସଂଘ, ନାରାୟଣ ନଗର, ପଣ୍ଡା ଛକ, ମେଡ଼ିକାଲ୍ ଛକ, ହିଲଟପ୍ କଲେଜ, ହାଇସ୍କୁଲ ଆଦି ସ୍ଥାନରେ ଗତ ୧୯ ତାରିଖଠାରୁ ଗଣେଶଙ୍କ ପୂଜା ଚାଲିଥିଲା। ଏହି ଅବସରରେ ଶ୍ରୀରାମ ନଗର ଓ ଏମକେସିଜି ଯୁବକ ସଂଘ ପକ୍ଷରୁ ଭାରତ ଲୀଳା ନାଟ୍ୟ ପରିବେଷଣ ହେବା ସହ ନାରାୟଣ ନଗର, ମେଡିକାଲ୍ ଛକରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ସୋମବାର ସପ୍ତମ ଦିନରେ ଅଗ୍ରପୂଜ୍ୟଙ୍କୁ ବାଜା ବଜାଇ ବାଣ ଫୁଟାଇ ଅତି ଆଡମ୍ବର ସହ ବିସର୍ଜନ କରାଯାଇଛି।

# ବିପଦସଙ୍କୁଳ ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟ





ଖଳିସାହି ସେବା ସମବାୟ ସମିତି ଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି।

**ଖଣ୍ଡପଡ଼ା,୨୫।୯(ଅଜୟ କୁମାର ମହାରଣା)**

ଦୀର୍ଘ ୬୭ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତିଷ୍ଠା ହୋଇଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଆବଶ୍ୟକ ଗୃହ ଅଭାବରୁ ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଏକ ଟିଣ ଛପର ଗୃହରେ ଥିବା ଏହି ସମିତି ଗୃହ ଓ କାର୍ଯ୍ୟାଳୟଟି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସମସ୍ୟା ସୃଷ୍ଟି କରିଛି। ଏହି ସମବାୟ ସମିତିର ସଦସ୍ୟା, ସଦସ୍ୟଙ୍କ ସଂଖ୍ୟା ସମୟାନୁକ୍ରମେ ବୃଦ୍ଧି ପାଇବା ସହ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ଏଠାରେ ଚାଷୀଙ୍କଠାରୁ ଧାନକ୍ରୟ ନିମନ୍ତେ ଏକ ମଣ୍ଡି ଖୋଲା ଯାଇଥାଏ । ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସ୍ଥାନ ଅଭାବରୁ କେତେ ବେଳେ ନିକଟସ୍ଥ ଖଳିସାହି ବଡ ପଡିଆ ନଟୁବା ଦଶଦୋଳ ଯାତ୍ରା ପଡ଼ିଆରେ ଚାଷୀମାନେ ଶତାଧିକ କୁଇଣ୍ଟାଲ ଧାନ ମହଜୁଦ ରଖି ମଣ୍ଡିରେ ବିକ୍ରୟ କରିଥାନ୍ତି । ଅଦିନିଆ ବର୍ଷା ଧାନ କ୍ରୟ ସମୟରେ ବାଧକ ସାଜିବା ସହ ଚାଷୀମାନେ କ୍ଷତି ସହିଥାଆନ୍ତି। ଖାଲି ସେତିକି ନୁହେଁ ଠିକ୍ ସମୟରେ ମିଲରମାନେ ଧାନ କ୍ରୟ ନ କଲେ ମଣ୍ଡିକୁ ଧାନ ବିକିବା ପାଇଁ ଆଣିଥିବା ଚାଷୀମାନେ ବହୁଦିନ ଧରି ଶୀତ କାକରରେ ବାହାରେ ପଡିରହି ଧାନକୁ ଜଗି ରହିଥାଆନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟର ନବୀକରଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସେହିପରି ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଟିଣ ଛପର ଗୃହଟି କଳଙ୍କି ଲାଗି ନଷ୍ଟ ହେବାକୁ ବସିଛି। ବର୍ଷା ଦିନେ ପାଣି ଗଳିବା ଯୋଗୁ ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଆସବାବପତ୍ର ସବୁ କିଛି ନଷ୍ଟ ହେବାକୁ ବସିଛି। ଏବେ ସରକାରଙ୍କ ପକ୍ଷରୁ ସମସ୍ତ କାଗଜପତ୍ର ଅନ୍‌ଲାଇନ ଜରିଆରେ କରାଯାଉଥିବାରୁ ଏଥି ନିମନ୍ତେ ସମବାୟ ସମିତି କର୍ତ୍ତୃପକ୍ଷ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟଟି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

**ନୟାଗଡ଼,୨୫।୯(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଖମାରସାହି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ସୋମବାର ନିଲମ୍ବିତ ହୋଇଛନ୍ତି । ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରାଥମିକ ତଦନ୍ତକୁ ଭିତ୍ତିକରି ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଖମାରସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା, ଅଭିଭାବକମାନଙ୍କ ସହିତ ସମୁଚିତ ବ୍ୟବହାର ନ କରିବା, ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନ ଭୋଜନ ଖୋଲା ପଡ଼ିଆରେ ବସି ଖୁଆଇବା ଇତ୍ୟାଦି ଖବର ଗଣମାଧ୍ୟମରେ ପ୍ରକାଶ ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତରେ ସତ୍ୟାସତ୍ୟ ପଦାକୁ ଆସିବା ପରେ ଜିଲା ଶିକ୍ଷା ଅଧିକାରୀ ତାଙ୍କୁ ନିଲମ୍ବିତ କରିଛନ୍ତି ।

# ଜଗନ୍ନାଥ ସେନା ପକ୍ଷରୁ ରଣପୁର ବନ୍ଦ ଡାକରା ପାଇଁ ବୈଠକ

**ରଣପୁର,୨୫।୯(ସୁକାନ୍ତ କିଶୋର ଡ଼ାକୁଆ)**

ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ଚାରିଦୁଆର ଖୋଲିବାକୁ ଓ ରତ୍ନଭଣ୍ଡାର ସୁରକ୍ଷା ଦାବିରେ ଶ୍ରୀଜଗନ୍ନାଥ ସେନା, ପୁରୀଙ୍କ ପକ୍ଷରୁ ଅକ୍ଟୋବର ୩ରେ ଶାନ୍ତିପୂର୍ଣ୍ଣ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ ଓ ସଫଳ କରିବାକୁ ନେଇ ପ୍ରସ୍ତୁତି ଚାଲିଛି। ଏଥିରୁ ବାଦ ପଡିନି ନୟାଗଡ଼ ଜିଲା ରଣପୁର ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ଜଗନ୍ନାଥ ମନ୍ଦିର ସେହିଦିନ ରଣପୁର ଜଗନ୍ନାଥ ସେନା, ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଜଗନାଥ ମନ୍ଦିର ଆଗରେ ଧାରଣା ଦିଆଯିବା ପାଇ ନିଷ୍ପତ୍ତି ନିଆଯାଇଛି। ଏହାସହ ରଣପୁରକୁ ବନ୍ଦ ଡାକରା ସଫଳ କରିବା ପାଇ ରଣପୁର ବଡ଼ ମଠ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆବାହକ ବିରଜା ଶଙ୍କର ମିଶ୍ର ଉପସ୍ଥିତ ରହି ବୈଠକକୁ ପରିଚାଳନା କରିଥିଲେ। ରଣପୁର ଜଗନ୍ନାଥ ସେନାର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜନିଜ ମତବ୍ୟକ୍ତ କରିଥିଲେ। ଏହା କିପରି ଶାନ୍ତିପୂର୍ଣ୍ଣ ଭାବେ କରାଯିବ ତାହା ଆଲୋଚନା ମଧ୍ୟ କରାଯାଇଥିଲା। ଜଗନ୍ନାଥ ସେନା ପକ୍ଷରୁ ରଣପୁର ସମସ୍ତ ସଂଘ, ବ୍ୟବସାୟ ପ୍ରତିଷ୍ଠାନ, ଆଦି ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ମହାପ୍ରଭୁଙ୍କ ପାଇଁ ଦିନଟିଏ ଏହା କହି ସ୍ଲୋଗାନ ଦିଆଯାଇଥିଲା। ଶାନ୍ତି ପୂର୍ଣ୍ଣ ଭାବେ ରଣପୁର ସିଂହଦ୍ୱାର ଆଗରେ ଧାରଣା ଦିଆଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ସତ୍ୟନାରାୟଣ ମିଶ୍ର, ଅଶୋକ ମହାପାତ୍ର, ନରେନ୍ଦ୍ର ପ୍ରତାପ ସ୍ୱାଇଁ, ବଡ଼ ମଠ ମହନ୍ତ ହରି ମହାରାଜ, ସୁରେଶ ମହାରଣା ସଦସ୍ୟ ଉପସ୍ଥିତ ରହିଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନାଗରିକମାନେ।

**ନୟାଗଡ଼,୨୫।୯(ଲୋକନାଥ ମିଶ୍ର):** ନୟାଗଡ଼ ଜିଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସ ଅବସରରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟସେବା ଶିବିର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ବ୍ଲକରୁ ପ୍ରାୟ ୫୦ରୁ ୬୦ଜଣ ବରିଷ୍ଠ ନାଗରିକ ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିରକୁ ଆଣିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ବ୍ଲକମାନଙ୍କୁ ବସ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଦିବସ ପାଳନ ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତିଯୋଗିତାଗୁଡ଼ିକ ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ କରାଯିବା ପାଇଁ ସ୍ଥିର କରାଯାଇଛି। ଦିବା ୧୦ଘଟିକା ସମୟରୁ ସ୍ୱାସ୍ଥ୍ୟସେବା ନିମନ୍ତେ ଆସିଥିବା ବରିଷ୍ଠ ନାଗରିକମାନଙ୍କ ପଞ୍ଜୀକରଣ ଆରମ୍ଭ କରାଯିବ। ଏହି ସ୍ୱାସ୍ଥ୍ୟ ଶିବିରରେ ଚକ୍ଷୁ, ଅସ୍ଥିଶଲ୍ୟ, ଭେଷଜ, କର୍ଣ୍ଣ, ନାସା, ଗଳା ଇତ୍ୟାଦି ବିଭାଗର ବିଶେଷଜ୍ଞମାନେ ସେବା ଯୋଗାଇ ଦେବେ ବୋଲି ସିଡିଏମ୍‌ଓ ପ୍ରକାଶ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ସିଡିଏମ୍‌ଓ ରମାକାନ୍ତ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ନୟାଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ଜିଲା ବରିଷ୍ଠ ନାଗରିକ ମଞ୍ଚ, ଜିଲା ଏଲଡରସ ଭିଜନ ଏବଂ ଆକ୍ସନ ଗ୍ରୁପ୍, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଲେଖନପୁର, ମହାବୀର ବରିଷ୍ଠ ନାଗରିକ ସଂଘ ସୁନାଖଳା, ସମର୍ପଣ ଇତ୍ୟାଦି ଅନୁଷ୍ଠାନଗୁଡିକର କର୍ମକର୍ତ୍ତା ଓ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

# ୮୩ ଖଣ୍ଡ ଶାଗୁଆନ ପଟା ଜବତ

**ଦଶପଲ୍ଲା ୨୫।୯ (ପ୍ରକାଶ କୁମାର ପାଣି):** ଦଶପଲ୍ଲା ମହୁଆବନ୍ଧ ନିକଟସ୍ଥ ଏକ କୋଚିଂ ସେଣ୍ଟର ପରିସରରୁ ସୋମବାର ଦଶପଲ୍ଲା ବନ ବିଭାଗ ପକ୍ଷରୁ ଚଡାଉ କରାଯାଇ ୮୩ ଖଣ୍ଡ ଶାଗୁଆନ ପଟାକୁ ଜବତ କରାଯାଇଛି। ଉକ୍ତ ଘରେ ଚୋରା ପଟା ଥିବାର ଖବର ପାଇ ସଦର ଫରେଷ୍ଟର ଶ୍ରବଣ କୁମାର ବଳିଆରସିଂଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀମାନେ ଚଡାଉ କରି ତାହାକୁ ଜବତ କରିଥିଲେ। ତେବେ ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାଯାଇଛି। ଜବତ ପଟାର ମୂଲ୍ୟ ୫୫ ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ। ଜବତ ପଟାଗୁଡିକୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିବା ରେଞ୍ଜର ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

# ଲୋକକଳା ପ୍ରଶିକ୍ଷଣ ଶିବିର

**ଧରାକୋଟ,୨୫।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ବ୍ଲକ ସଭାଗୃହରେ ବ୍ଲକ ସ୍ତରୀୟ ଲୋକକଳା ଦଳଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଡିଓ ଡେନିସ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିବା ବେଳେ ବ୍ଲକ କଳା ଓ ସଂସ୍କୃତି ସଂଘର ଉପସଭାପତି ସୁରେନ୍ଦ୍ର ନାଥ ଦାସ ଶର୍ମା ଉପସ୍ଥିତ ରହିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଚିନ ପାତ୍ର ଶିବିର ପରିଚାଳନା କରିଥିବା ବେଳେ ସିଡିପିଓ ସୁନୀଲ ପ୍ରଭା ରଥ, ଏବିଇଓ ଉମାଚରଣ ପାଣିଗ୍ରାହୀ, ବିପିଏମ୍ ପ୍ରତାପ ସ୍ୱାଇଁ ପ୍ରମୁଖ ନିଜ ନିଜ ବିଭାଗର ଲୋକାଭିମୁଖୀ ଯୋଜନା ସମ୍ପର୍କରେ କଳାକାରମାନଙ୍କୁ ଅବଗତ କରାଇଥିଲେ। କଳାକାରମାନଙ୍କ ତରଫରୁ କୃଷ୍ଣଚନ୍ଦ୍ର ବେହେରା ଓ ପାଣ୍ଡବ ବିଷୋୟୀ ଉପସ୍ଥାପନ ଶୈଳୀକୁ ପ୍ରଦର୍ଶନ କରିଥିଲେ।

# ହୀରାଖଣ୍ଡ ଓ ପୁରୀ ତିରୁପତି ଟ୍ରେନ୍ ପୁନଃ ରହଣି ନେଇ ପ୍ରସ୍ତୁତି

**ଗଞ୍ଜାମ,୨୫।୯(ବିଦ୍ୟାଧର ସାହୁ)**

ଗଞ୍ଜାମ ରେଳ ଷ୍ଟେଶନରେ ହୀରାଖଣ୍ଡ ଏବଂ ପୁରୀ –ତିରୁପତି ଏକ୍ସ ପ୍ରେସ ପୁନଃ ରହିବା ନେଇ ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ମଞ୍ଚ ପ୍ରାକ ପ୍ରସ୍ତୁତି ଜୋରଦାର କରିଛି। ଏ ସଂକ୍ରାନ୍ତୀୟ ଏକ ସ୍ମାରକପତ୍ର ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସାଂସଦ, ବିଧାୟକଙ୍କୁ ଲିଖିତ ଭାବେ ଏହି ଦାବି ସମ୍ପର୍କରେ ଅବଗତ କରାଯାଇଛି। ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ କାଉନସିଲର, ଅନ୍ୟ ପଞ୍ଚାୟତ ପ୍ରତିନିଧିଙ୍କୁ ଜଣାଇବା ସହ ଆନ୍ଦୋଳନରେ ସାମିଲ ହେବା ନେଇ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଗଞ୍ଜାମ ବୁଢ଼ୀ ଠାକୁରାଣୀ ଅଟୋ ଚାଳକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି। ସେମାନେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ରାକମା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଅନ୍ୟମାନେ।

**ଭାପୁର,୨୫।୯(ଭରତ କୁମାର ବେହେରା)**

ନୟାଗଡ଼ ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ରାକମା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନ୍ତୋଷୀ ବେହେରା, ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ କୁମାର ଦାଶ, ଜିଆରଏସ୍ ସୁଶାନ୍ତ କୁମାର ମହାପାତ୍ର, ଅଙ୍ଗନୱାଡ଼ି କର୍ମୀ ନମିତା ପାଟ୍ଟଯୋଶୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍‌ଏଚଜି ଗ୍ରୁପ, ଗାଁ କଲ୍ୟାଣ ସମିତିର ସମସ୍ତ ସଦସ୍ୟ, ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ୍ରୀଛାତ୍ରୀ ପ୍ରମୁଖ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଗ୍ରାମରେ ଡ଼ାକବାଜି ଯନ୍ତ୍ର ବ୍ୟବହୃତ କରି ପ୍ରଚାର ସହ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ନେଇ ସଚେତନତା ମୂଳକ ପଥ ପ୍ରାନ୍ତ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ଲାଷ୍ଟିକ, କାଚ, କାଗଜ, ପଲିଥିନ ଓ ଅଦରକାରୀ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଜମା କରି ପରିବେଶର ସୁରକ୍ଷା କରିବାକୁ ଗ୍ରାମର ଲୋକଙ୍କୁ ବୁଝାଇ ଥିଲେ।

# ଡିସେମ୍ବରରୁ ଏନ୍‌ଏଚ୍‌ରେ ଅଣ୍ଡରପାସ, ଫ୍ଲାଏଓଭର କାମ

**ବିଧାନସଭାରେ ପ୍ରଶ୍ନ କରିଥିଲେ ଛତ୍ରପୁର ବିଧାୟକ**

**ଛତ୍ରପୁର,୨୫।୯(ସନ୍ତୋଷ ପାଢ଼ୀ)**

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଜଗନ୍ନାଥପୁର ଛକଠାରୁ ରମ୍ଭା ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ପ୍ରସ୍ତାବିତ ଓଭରବ୍ରିଜ ଓ ଅଣ୍ଡରପାସ କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ ବୋଲି ବିଧାନସଭାରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିଲେ। ସେହିପରି ଛତ୍ରପୁର ସହରଠାରେ ପ୍ରସ୍ତାବିତ ଦୁଇଟି ଫ୍ଲାଏଓଭର କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ ବୋଲି ମଧ୍ୟ ପଚାରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାର ଉତ୍ତରରେ କହିଛନ୍ତି ଯେ, ଜାତୀୟ ରାଜପଥ–୧୬ ଅନ୍ତର୍ଗତ ପୁଇଁତୋଳାଠାରୁ ଇଚ୍ଛାପୁରମ ସେକ୍ସନ ମଧ୍ୟରେ ୮ଟି ଅଣ୍ଡରପାସ ଓ ୨ଟି ଫ୍ଲାଏଓଭର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଆସନ୍ତା ଅକ୍ଟୋବର ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯିବ। ଡିସେମ୍ବର ସୁଦ୍ଧା ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା କହିଛନ୍ତି । ସେହିପରି ଛତ୍ରପୁର ଠାରୁ ଗୋପାଳପୁର ମଧ୍ୟରେ ୨ଟି ଫ୍ଲାଏଓଭର ନିର୍ମାଣ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଯଥାଶୀଘ୍ର କାର୍ଯ୍ୟାରମ୍ଭ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି ।

# ପାଚିକା, ସହାୟିକା ସଂଘର ଦାବିପତ୍ର ପ୍ରଦାନ

**ବେଗୁନିଆପଡ଼ା,୨୫।୯(ସୁଶାନ୍ତ କୁମାର ପଟ୍ଟନାୟକ)**

ଏଆଇଟିୟୁସି ସହିତ ସହବନ୍ଧିତ ବେଗୁନିଆପଡ଼ା ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାନେତ୍ରୀ ଝୁନୁ ପ୍ରଧାନ ଅଧ୍ୟକ୍ଷତାରେ କରେଇଶୁଣି ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଛାୟା ବେହେରାଙ୍କ ତତ୍ତ୍ୱାବଧାନରେ ସାଂଗଠନିକ କର୍ମକର୍ତ୍ତା ପ୍ରବୀଣ କର, ସଂପାଦକ ପ୍ରଣିତା ରଥଙ୍କ ସମେତ ପାଚିକାମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ପୂରଣ ନ ହେଲେ ୨୭ ତାରିଖଠାରୁ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।



ବିଇଓଙ୍କୁ ପାଚିକା ଓ ସହାୟିକାମାନେ ଦାବିପତ୍ର ଦେଉଛନ୍ତି।

# ପାନୀୟ ଜଳରୁ ବଞ୍ଚିତ କିରାମାହାବାସୀ

**ପ୍ରକଳ୍ପ ଅଛି, ୨ମାସ ହେଲା ମିଳୁନି ପାଣି**

**ବ୍ରାହ୍ମଣୀଗାଁ,୨୫।୯(ମନୋରଞ୍ଜନ ରଣା)**



ପାନୀୟ ଜଳ ପାଇଁ ଲମ୍ବାଧାଡି ଲଗାଇଛନ୍ତି କିରାମାହାବାସୀ।

ପ୍ରକଳ୍ପ ଅଛି ହେଲେ ମିଳୁନି ବସୁଧା ପାନୀୟ ଜଳ। ସାଧାରଣ ଫ୍ୟୁଜ୍‌ଟିଏ ପକାଯାଇ ନ ଥିବାରୁ ଦୁଇମାସ ହେଲାଣି ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଝିଞ୍ଜିରୀଗୁଡା ପଞ୍ଚାୟତର କିରାମାହାବାସୀ। ଏହି ଗ୍ରାମରେ ଆଦିବାସୀ ଓ ଦଳିତବର୍ଗର ପ୍ରାୟ ୪୦୦ ପରିବାରର ୨୦୦୦ ଲୋକ ବସବାସ କରନ୍ତି। ୯୫ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବେଳେ ଦିନ ମଜୁରି ଉପରେ ନିର୍ଭର କରିଥାନ୍ତି।

ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ଗରିବ ଜନସାଧାରଣଙ୍କ ପାନୀୟ ଜଳ କଷ୍ଟ ଦୂର କରିବା ପାଇଁ ବସୁଧା ଯୋଜନାରେ ଏକ ପ୍ରକଳ୍ପ ପ୍ରଦାନ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ତଦାରଖର ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ପ୍ରାୟ ଦୁଇ ମାସ ହେବ ସାଧାରଣ ଫ୍ୟୁଜ୍‌ଟିଏ ପାଇଁ ଏହି ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ି ରହିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପାଣି ପଞ୍ଚାୟତର ସଭାପତି ଗଙ୍ଗାଧର ନାୟକ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ବେଳେ ଯନ୍ତ୍ରୀଙ୍କୁ କହିଲେ ସେ ଲାଇନ ମ୍ୟାନ୍‌ଙ୍କୁ ଡାକନ୍ତୁ ବୋଲି କହୁଛନ୍ତି ଏବଂ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀଙ୍କୁ କହିଲେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରନ୍ତୁ ବୋଲି ଉତ୍ତର ମିଳୁ ଥିବା ସେ କହିଛନ୍ତି, ପାନୀୟ ଜଳର ଅଭାବ ହେତୁ ଠିକ୍ ସମୟରେ କାମକୁ ଯାଇପାରୁ ନ ଥିବା ଏବଂ ବର୍ଷା ଦିନ ଥିବାରୁ ଚାଳରୁ ପଡୁଥିବା ପାଣିକୁ ବ୍ୟବହାର କରନ୍ତି ଓ ବର୍ଷା ଛାଡ଼ିଲେ ଚୁଆଁ କିମ୍ବା ବିଲ ମାଳ ପାଣି ବ୍ୟବହାର କରୁଥିବା ଗ୍ରାମର ମହିଳାମାନେ କହିଛନ୍ତି । ଏଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ୬ ଫୁଟ୍‌ର ଅଜଗର ଉଦ୍ଧାର



ଉଦଳା,୨୫।୯(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନୟାରଙ୍ଗାମାଟିଆ ଗ୍ରାମରୁ ଏକ ୬ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ଗ୍ରାମର ଆଶାରାମ ବିନ୍ଧାଣୀଙ୍କ ଘର ବାଡ଼ିରେ ଥିବା ଏକ ଜାଲରେ ଅଜଗର ଛନ୍ଦି ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ନେକ୍ ଲାଇଫ୍ ଲାଇନ୍ ସଦସ୍ୟ ଅଭିଜିତ ବେହେରା ଓ ଅଭିନନ୍ଦନ ଦଣ୍ଡପାଟ ପହଞ୍ଚି ସାପକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

### ସଂକୀର୍ତ୍ତନ ପ୍ରେମୀଙ୍କ ପରଲୋକ

ପାଣିକୋଇଲି,୨୫।୯
(ବିକାଶ କୁମାର ମଲିକ)

କୋରାଇ ବ୍ଲକ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ସଂକୀର୍ତ୍ତନ ପ୍ରେମୀ ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ୭୮ ବର୍ଷ ବୟସରେ ପରଲୋକ ଘଟିଛି । କିଛି ଦିନ ହେବ ସେ ବୃକକ୍ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସୋମବାର ଭୋରୁ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ଅଣାଯାଇଥିଲା। ଖବର ପାଇ କୋରାଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ବଟକୃଷ୍ଣ ସାମନ୍ତରା, ରାମଚନ୍ଦ୍ର ଖୁଣ୍ଟିଆଙ୍କ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସଂକୀର୍ତ୍ତନ ସହ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଛି । ବଡପୁଅ ସନାତନ ମୁଖାଗ୍ନୀ ଦେଇଥିଲେ ।

### ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

କେନ୍ଦୁଝର,୨୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ ମରସୁଆଁ ମୁଣ୍ଡା ସାହିରେ ରବିବାର ରାତିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ବିଳାସ ମୁଣ୍ଡା (୪୫)। ସେ ଘର ବାହାରେ ଛିଡ଼ା ହୋଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ଆସି ତାଙ୍କୁ ଆକ୍ରମଣ କରିଥିଲା। ଅନ୍ଧାର ହୋଇଥିବାରୁ ସେ ଦେଖିପାରି ନ ଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଖଣି ଅଞ୍ଚଳକୁ ମେଗାପାନୀୟ ଜଳ ଯୋଗାଣ ପ୍ରହସନ

- ୪ବର୍ଷ ବିତିଲା, ଜଳ ଯୋଗାଣ ଫେଲ୍
- ପାଣିରେ ପଡିବ ୧୩୨ କୋଟି ଟଙ୍କା

କାଳିଆପାଣି,୨୫।୯(ଅସିତ ମହାନ୍ତ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳକୁ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ହୋଇନି । ହେଲେ ଜିଲା ଖଣିଜ ନ୍ୟାସ ପାଣ୍ଠି ଅନୁଦାନରେ ଖଣି ଅଞ୍ଚଳର ୧୦ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ଚାଲିଥିବା କାର୍ଯ୍ୟ ଅତି ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି । ଖଣି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଅତି ଉତ୍କଟ ହୋଇ ଥିବାରୁ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ଖଣି ଅଞ୍ଚଳ ପାଇଁ ୧୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ଚାଲିଛି। ଏନ୍‌ଏସିସି ନାମକ ଠିକା ସଂସ୍ଥା ଆଜକୁ ୪ ବର୍ଷ ତଳେ ଅର୍ଥାତ୍ ୨୦୨୦ରେ କାମ ଆରମ୍ଭ କରିଥିଲା । ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କାମ ଶେଷ କରି ଜଳ ଯୋଗାଣ ପାଇଁ ଜନପ୍ରତିନିଧିମାନେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ଏଥିପ୍ରତି ଠିକା ସଂସ୍ଥା ଚୁପ୍ ବସିଥିବା ଅଭିଯୋଗ ହୋଇଛି।



ଜଳଯୋଗାଣ ପ୍ରକଳ୍ପ ।

ସୂଚନାଯୋଗ୍ୟ, ପ୍ରାୟ ୧ବର୍ଷ ତଳେ ଖଣି ଅଞ୍ଚଳର ୩୭ନଂ.ଜୋନ୍ ଜିଲାପରିଷଦ ସଭ୍ୟା ଜେମା ଚାଖିଙ୍କ ନେତୃତ୍ୱରେ କାଳିଆପାଣି ସରପଞ୍ଚ ବିକାଶ ପାତ୍ର, କଂସ ପଞ୍ଚାୟତ ସରପଞ୍ଚ ରାଜାରାଣୀ ଦେହୁରୀ, ଚିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରୀ, କଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡ଼ା ପ୍ରମୁଖ କଙ୍କଡ଼ପାଳ ଜଳପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ତୁରନ୍ତ ପ୍ରକଳ୍ପ କାମ ଶେଷ କରି ପାନୀୟ ଜଳ ଯୋଗାର ପାଇଁ ଦାବି କରିଥିଲେ । ହେଲେ ପ୍ରକଳ୍ପ ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ପ୍ରଧାନ ପ୍ରକଳ୍ପ କାମ ସରିବାକୁ ବିଳମ୍ବ ହେବ କହିଥିଲେ । ସେଦିନଠାରୁ ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଛି । ଅତି ନିମ୍ନମାନର କାମ ହୋଇଛି । ବାରମ୍ବାର ପାଇପ୍ ଫାଟିବା, ଭାଙ୍ଗିବା ଦେଖିବାକୁ ମିଳୁଛି। କାର୍ଯ୍ୟର ଅଗ୍ରଗତି ପରିବର୍ତ୍ତେ ପାଇପ୍ ଫାଟିବା, ଯନ୍ତ୍ରାଂଶ ମରାମତିରେ ଦିନ ଅତିବାହିତ ହେଉଛି। ପ୍ରତିଦିନ କେଉଁଠି ନା କେଉଁଠି ପାଇପ୍ ଫାଟିବା କାରଣରୁ ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗତ ୨ ଦିନ ତଳେ ଟମକା-ମଙ୍ଗଳପୁର ରାସ୍ତାର କଲରଙ୍ଗୀଠାରେ ମୁଖ୍ୟ ପାଇପ୍ ଲାଇନ ଫାଟିବାରୁ ପ୍ରାୟ ୧୦ ଫୁଟ ଉଚ୍ଚର ପାଣି ରାସ୍ତା ଉପରେ ଜଳଫୁଆର ପରି ବାହାରି ଥିଲା । ପଥଚାରୀ, ଖୋଲା ଗାଡ଼ି ଓ ବାଇକ୍‌ରେ ଯାତାୟତ କରୁଥିବା ଲୋକମାନେ ସମସ୍ୟାରେ ପଡିଥିଲେ। ଦୀର୍ଘ ସମୟ ଧରି ଏପରି ଭାବେ ଜଳ ଅପବ୍ୟୟ ହୋଇଥିଲା । ହେଲେ ନିର୍ମାଣକାରୀ ସଂସ୍ଥାର କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ପାନୀୟ ଜଳ ପାଇଁ ଖଣି ଅଞ୍ଚଳବାସୀ ଡହକବିକଳ ହେଉଥିବାବେଳେ ଠିକାସଂସ୍ଥା ଦୀର୍ଘଦିନ ହେଲା ଜଳକୁ ଏଭଳି ନଷ୍ଟ କରୁଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ଏଣେ ପ୍ରକଳ୍ପ ନିର୍ମାଣ ଶେଷ କରିବା ସମୟ ବୃଦ୍ଧି କରାଯାଉଛି । ଏଥିସହିତ ଏଗ୍ରିମେଣ୍ଟ ଅର୍ଥ ପ୍ରାୟ ୩ ଥର ବୃଦ୍ଧି କରାଯାଇଥିବା ଶୁଣିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଏନ୍‌ଇସିସିର ପ୍ରୋଜେକ୍ଟ ମ୍ୟାନେଜର ପ୍ରଧାନଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ କୌଣସି ଉତ୍ତର ଦେଇ ନ ଥିଲେ। ତୁରନ୍ତ ଏହି ପ୍ରକଳ୍ପକୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଯୁବନେତା ଦିଲୀପ ପାତ୍ର, ରବୀନ୍ଦ୍ର ଭଞ୍ଜ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୭୧ ଅଭିଯୋଗର ତତ୍କାଳ ସମାଧାନ




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ ।

ବରୀ,୨୫। ୯(ମହେନ୍ଦ୍ର ସ୍ୱାଇଁ) :

**ବରୀ ବ୍ଲକ୍‌ରେ ଜନଶୁଣାଣି ଶିବିର**

ସୋମବାର ଯାଜପୁର ଜିଲା ବରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଶିବରି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରା, ବରୀ ତହସିଲଦାର ତିଳୋତ୍ତମା ପୃଷ୍ଟି, ବରୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ । ବ୍ୟକ୍ତିଗତ ଭାବେ ୯୪ ଅଭିଯୋଗ ଆସିଥିବା ବେଳେ ସାମୁହିକ ଭାବେ ୧୨, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୯, ରେଡ଼କ୍ରସ ତରଫରୁ ସହଯୋଗ ନିମନ୍ତେ ୧୫ ଜଣ ଅଭିଯୋଗକାରୀ ଆବେଦନ କରିଥିବାର ସୂଚନା ମିଳିଛି। ମୋଟ୍ ଆବେଦନକାରୀଙ୍କ ମଧ୍ୟରୁ ୭୧ ଜଣଙ୍କର ସମସ୍ୟାକୁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ ତତ୍କାଳ ସମାଧାନ କରିଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି। ମାତ୍ର ଜନଶୁଣାଣୀ ଶିବିର ଆୟୋଜନ କରାଯାଉଥିବା ବେଳେ ବ୍ଲକ୍ ପ୍ରଶାସନ ତରଫରୁ ଏହି ସୂଚନାକୁ ସାର୍ବଜନୀନ କରାଯାଉ ନ ଥିବାରୁ ବହୁ ଅଭିଯୋଗକାରୀ ଏହି କାର୍ଯ୍ୟକ୍ରମରେ ବଞ୍ଚିତ ହୋଇଥିଲେ । କେତେଜଣ ଅଭିଯୋଗ କରିବାକୁ ଆସିଥିଲେ ମଧ୍ୟ ବିଳମ୍ବରେ ପହଞ୍ଚିଥିଲେ। ଉକ୍ତ ଜନଶୁଣାଣୀ ଶିବିରରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଅବକାରୀ, ପାନୀୟ ଜଳ ବିଭାଗ, ବିଦ୍ୟୁତ, ଜଳସମ୍ପଦ ବିଭାଗର ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ।

# ଷ୍ଟିଲ୍ ଓପନ ବୋଟ୍ ଉପରେ ପ୍ରଶାସନର ନଜର ପଡ଼ିଲା




ପୂର୍ବରୁ ଅବହେଳିତ ଭାବେ ପଡ଼ିଥିବା ଷ୍ଟିଲ୍ ଓପନ ବୋଟ୍। ଖବର ପ୍ରକାଶ ପରେ ସଫେଇ କରାଯାଇଛି।

କାଏମା,୨୫।୯( ଶିବପ୍ରସାଦ ମହାନ୍ତି)

**ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତତ୍ପରତା**

ଧର୍ମଶାଳା ବ୍ଲକ କାଏମା ବ୍ରିଜର ପାଳା ଚାନ୍ଦିନୀ ନିକଟରେ ମୋଟର ଚାଳିତ ବୋଟ୍ ଏସ୍‌ଓବି(ଷ୍ଟିଲ ଓପନ ବୋଟ୍) ଦୀର୍ଘଦିନରୁ ଅବହେଳିତ ଭାବେ ପଡ଼ିରହିଥିଲା। ଏ ସଂକ୍ରାନ୍ତରେ ଗତ ୨୩ ତାରିଖ ଧରିତ୍ରୀରେ 'ଅବହେଳିତ ଅବସ୍ଥାରେ ଷ୍ଟିଲ ଓପନ ବୋଟ' ଶୀର୍ଷକରେ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ଧର୍ମଶାଳା ବ୍ଲକ ପକ୍ଷରୁ ବୋଟ୍‌ର ଡ୍ରାଇଭର ସୁଶାନ୍ତ କୁମାର ବିଶ୍ୱାଳ ଓ ଅନ୍ୟ ଜଣେ କର୍ମଚାରୀ ଆସି ଏହାର ଭିତର ଓ ଚାରିପାର୍ଶ୍ୱରୁ ଗଛଲତା ସଫା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘଟଣାସ୍ଥଳରୁ ଅନେକ ମଦ ବୋତଲ ଓ ଆପତ୍ତିଜନକ ସାମଗ୍ରୀ ମିଳିଥିବା ଡ୍ରାଇଭର ବିଶ୍ୱାଳ କହିଛନ୍ତି।

ସୂଚନଯୋଗ୍ୟ, ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରେ ବନ୍ୟା ଓ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳ ଲୋକମାନଙ୍କ ସୁରକ୍ଷା ଓ ସ୍ଥାନାନ୍ତର ପାଇଁ ଏହି ବୋଟ୍‌କୁ ନିୟୋଜିତ କରାଯାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡ୍ରାଇଭର ବ୍ୟବସ୍ଥା କରାଯାଇଥିଲା । ଡ୍ରାଇଭରଙ୍କ ରହିବା ପାଇଁ ସରକାରୀ କ୍ୱାର୍ଟର୍ସ ଯୋଗାଇ ଦିଆଯାଇଥିଲା। ହେଲେ ଦୀର୍ଘଦିନ ହେବ ଉକ୍ତ ବୋଟ୍‌ଟି ପଡି ରହିବା ଯୋଗୁ ତଳ ଅଂଶରେ ଫାଟ ସୃଷ୍ଟି ହୋଇଥିଲା । ଏକଥା ଜଣାପଡିବା ପରେ ଜିଲା ପ୍ରଶାସନ ପକ୍ଷରୁ ବୋଟ୍‌ର ମରାମତି କରାଯାଇଥିଲା। ଏହାପରେ ବି ରକ୍ଷଣାବେକ୍ଷଣ ଅଭାବରୁ ବୋଟ୍‌ଟି ସେହି ସ୍ଥାନରେ ପଡି ରହିଛି। ଫଳରେ ପୂର୍ବ ସ୍ଥିତିର ପୁନରାବୃତ୍ତି ହେବାକୁ ଯାଉଥିବା ଅଞ୍ଚଳବାସୀ କହିଛନ୍ତି। ଧର୍ମଶାଳା ଅଞ୍ଚଳରେ ଏହା ଏକମାତ୍ର ଷ୍ଟିଲ ଓପନ ବୋଟ ହୋଇଥିବାରୁ ଏହାକୁ ଧର୍ମଶାଳାର ଐତିହ ବୋଟ୍ ଭାବେ ପରିଚିତ ପାଇଛି । ଏହି ଐତିହ୍ୟ ବୋଟ୍‌କୁ ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ମାଙ୍କଡ଼ ଆକ୍ରମଣରେ ୧୦ ଗୁରୁତର

ସିମୁଳିଆ, ୨୫।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ଓ ବାଉରିପଦା ଦୁଇଟି ପଞ୍ଚାୟତର ୧୦ଜଣ ବ୍ୟକ୍ତି ମାଙ୍କଡ଼ କାମୁଡାରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜନସାଧାରଣ ସୋମବାର ଜିଲା ବନବିଭାଗଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଆକ୍ରମଣର ଶିକାର ହୋଇଥିବା ଗରିବ ଶ୍ରେଣୀର ବ୍ୟକ୍ତିଙ୍କୁ ସହାୟତା ଦେବା ପାଇଁ ଦାବି କରାଯାଇଛି। ୨ମାସ ହେଲା ମାଙ୍କଡ଼ମାନେ ଦଳବଦ୍ଧ ରୂପେ ଦୁଇଟି ପଞ୍ଚାୟତର ବଣା, ବରିହା ଓ ଭୁବନପୁର ଅଞ୍ଚଳର ଚାଷୀଙ୍କର ଫସଲ ନଷ୍ଟ କରିବା ସହିତ ଲୋକଙ୍କୁ କାମୁଡିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜନସାଧାରଣ ପୂର୍ବରୁ ବନବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛ। ମାଙ୍କଡ଼ ଆକ୍ରମଣରେ ରାଜେନ୍ଦ୍ର ସାହୁ, ଶଶୀକାନ୍ତ ସାହୁ, ଶୁଭଶ୍ରୀ ସାହୁ, ସୁରେନ୍ଦ୍ର ଲେଙ୍କା, ମହେନ୍ଦ୍ର ବେହେରା, କାଞ୍ଚନ ମିଶ୍ର, ବାସନ୍ତୀ ପଣ୍ଡା, ରଜନୀ ସାହୁ, ଅକ୍ଷୟ ମହାପାତ୍ର ଓ ବିଭୂତି ଖଣ୍ଡେଇ ଆହତ ହୋଇଥିବା ଅଭିଯୋଗ ହୋଇଛି।

### ସ୍କୁଲ ଆଲମିରାରୁ ନାଗ ଉଦ୍ଧାର

ରୂପସା, ୨୫।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ୍ କଷିପଦା ପଞ୍ଚାୟତର ମିଡ଼ିଗିମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାଢ଼େ ୪ଫୁଟ୍‌ର ନାଗ ଉଦ୍ଧାର ହୋଇଛି। ପ୍ରଧାନଶିକ୍ଷକ କାଠ ଆଲମିରାକୁ ଖୋଲିଲା ବେଳେ ସାପ ଥିବା ଦେଖି ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ସୁବ୍ରତ ପ୍ରଧାନ ପହଞ୍ଚି ସାପକୁ ଉଦ୍ଧାର କରି ସ୍ଥାନୀୟ କେଶୁରା ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଥିଲେ।

### ଜାତୀୟ ରାଜପଥରେ ଲୁଟ୍ କରୁଥିବା ୩ ଯୁବକ ଗିରଫ

ବାହାନଗା, ୨୫।୯(ଅରୂପ କୁମାର ଦାସ)

୧୬ ନମ୍ବର ଜାତୀୟ ରାଜପଥ ଗୌଡୁଣୀ ପୋଖରୀ ନିକଟରେ ଏକ ମାଲ ବୋଝେଇ ଟ୍ରକ୍‌କୁ ଅଟକାଇ ଲୁଟ୍ କରୁଥିବା ୩ ଯୁବକଙ୍କୁ ଖନ୍ତାପଡା ଥାନା ପୋଲିସ ଗିରଫ କରିଛି। ଗିରଫ ଯୁବକଙ୍କଠାରୁ ଟଙ୍କା, ଏକ ମୋବାଇଲ ଫୋନ, ଏକ ମୋଟରସାଇକେଲ ଓ ଲୁହା ରଡ ଜବତ କରାଯାଇଛି। ୩ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଖନ୍ତାପଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି । ୨୩ ତାରିଖ ରାତି ସାଢେ ୧୨ଟାରେ ଏକ ମାଲ ବୋଝେଇ ଟ୍ରକକୁ ଗୌଡୁଣୀ ପୋଖରୀ ନିକଟରେ ବାଇକ୍ ଯୋଗେ ୩ଜଣ ଯୁବକ ଆସି ଅଟକାଇଥିଲେ । ଟ୍ରକ୍ ଅଟକିବା ପରେ ଲୁହା ରଡ୍ ସାହାଯ୍ୟରେ ଆକ୍ରମଣ କରି ଡ୍ରାଇଭରଙ୍କଠାରୁ ୧ହଜାର ୮ଶହ ଟଙ୍କା ଓ ଏକ ମୋବାଇଲ ଫୋନ ନେଇ ପଳାଇଥିଲେ। ଏନେଇ ଟ୍ରକ ମ୍ୟାନେଜର ସୌମ୍ୟରଞ୍ଜନ ମହାନ୍ତି ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ନୀଳଗିରି ଥାନା ଅଞ୍ଚଳରୁ ୩ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲୁଟ୍ ସାମଗ୍ରୀ ଜବତ କରିଥିଲେ ।

# ୨୦ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଘାସ, ବେଣାବୁଦା

ପ୍ରୀତିପୁର,୨୫।୯(ସୁଶାନ୍ତ ବେହୁରିଆ)

କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟର ଉନ୍ନତିକରଣ ନିମନ୍ତେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କେତେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁ ଜାତୀୟ ରାଜପଥ ପଥଚାରୀଙ୍କ ପାଇଁ ବିପଦ ପାଲଟିଛି । ଏହାର ଉଦାହରଣ ଯାଜପୁର ଜିଲା ଅଧୀନ କୁଆଖିଆ -ସାତଭାୟା ରାସ୍ତାର କୟାଁଗୋଲାଠାରେ ଦେଖିବାକୁ ମିଳିଛି । ପୂର୍ବରୁ ଏହି ରାସ୍ତା ରାଜ୍ୟ ରାଜପଥ( ଏସ୍‌ଏଚ୍) ୫୬ ଥିବାବେଳେ ଏହା ବିଂଝାରପୁର ଆର୍ ଆଣ୍ଡ ବି ସେକ୍ସନ ଅଧୀନରେ ରହିଥିଲା । ପରେ ଏହା ଜାତୀୟ ରାଜପଥ(ଏନ୍‌ଏଚ୍) ୨୦ରେ ପରିଣତ ହେବା ପରେ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଜାତୀୟ ରାଜପଥ ଅଧୀନରେ ରହିଛି। ପୂର୍ବରୁ ଏହି ରାସ୍ତାର ମଲ୍ଲିପୁର ନିକଟସ୍ଥ ନୂଆନଈଠାରୁ କୟାଁ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୩ ଫୁଟ ଲେଖାଏ କଙ୍କ୍ରିଟରେ ସମ୍ପ୍ରସାରଣ କରାଯାଇଥିଲା । ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହି ସମ୍ପ୍ରସାରିତ ରାସ୍ତାରେ ଘାସ ଓ ବେଣାବୁଦା ଭର୍ତ୍ତି ହେବା ସହିତ ଏକାଧିକ କଣ୍ଟା ଜାତୀୟ ଗଛ ଉଠି ରାସ୍ତାର ଉଭୟ ପାର୍ଶ୍ୱକୁ ସଙ୍କୁଚିତ କରିଛି । ପ୍ରତ୍ୟେହ ଏହି ରାସ୍ତାରେ ବହୁସଂଖ୍ୟାରେ ବସ୍ ଆରଡ଼ି-ଭୁବନେଶ୍ୱର ଓ କୟାଁଗୋଲା-ଭୁବନେଶ୍ୱର ଯାତାୟାତ କରିବା ସହିତ ଶତାଧିକ ସଂଖ୍ୟାରେ ଚାରି ଚକିଆ ଯାନ ଆରଡ଼ିର ଆଖଣ୍ଡଳମଣିଙ୍କ ପୀଠକୁ ଯାତାୟତ କରୁଛି । ମାତ୍ର ରାସ୍ତାର ଉଭୟ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବା ଏହି ବୁଦାରେ ବିଷଧର ସାପ ଓ ଶିଆଳ ଛପି ରହୁଛନ୍ତି । ଫଳରେ



ପଥଚାରୀ, ବାଇକ୍ ଆରୋହୀଙ୍କ ପାଇଁ ବିପଦର କାରଣ ହୋଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦାୟିତ୍ୱ ନେବା ପରେ ଏକାଧିକ ଥର ରାସ୍ତା ମରାମତି ହୋଇଛି। ହେଲେ ରାସ୍ତାପାର୍ଶ୍ୱରୁ ଅବରୋଧ ହଟାଇବାକୁ କର୍ତ୍ତୃପକ୍ଷ କୌଣସି ଉଦ୍ୟମ କରି ନ ଥିବା ଅଭିଯୋଗ ହୋଇଛି । ଫଳରେ ଏହି ୨ କି.ମି. ରାସ୍ତା ପଥଚାରୀ ଓ ଯାନବାହାନ ଚାଳକମାନଙ୍କ ପ୍ରତି ବିପଦର କାରଣ ପାଲଟିଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କରିବା ସହିତ ମରାମତି କରି ଗମନାଗମନ ଉପଯୁକ୍ତ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

# ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ଫୁଟବଲ୍ ଟୁର୍ନାମେଣ୍ଟ




ଫୁଟବଲ୍ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଛାତ୍ରମାନେ।

ଜେନାପୁର,୨୫।୯ (ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଯାଜପୁର ଜିଲାର କୋଣ ଅନୁକୋଣରେ ଥିବା ଫୁଟବଲ ଖେଳାଳି, ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । ଟୁର୍ନାମେଣ୍ଟ ୨ଦିନ ଚାଲିବ । ଏଥିରେ ଜିଲାର ୧୦ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଯୋଗଦେଇ କ୍ରୀଡ଼ାକ୍ଷେତ୍ରରେ ପିଲାମାନେ କି ଭଳି ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସମ୍ପାଦକ ଅଜୟ କୁମାର ଦାସ, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାସ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ଏକ ଶାରୀରିକ ମାନସିକ ବିକାଶର ଅଙ୍ଗ ବୋଲି କହିଥିଲେ। ସହକାରୀ ଶିକ୍ଷକ ନିତ୍ୟାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦାନଗଦି ଓ ଯାଜପୁର ବ୍ଲକର ୨ଟି ବାଳିକା ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଦାନଗଦି ବ୍ଲକ ୧-୦ ଗୋଲରେ ବିଜୟୀ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁ , ଅଶୋକ କୁମାର ସାହୁ , ଦିଲୀପ କୁମାର ବରାଳ, କ୍ଷେତ୍ରବାସୀ ରାଉତଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### ରାସ୍ତା ପାର୍ଶ୍ୱରେ ପଡିଥିବା ନିର୍ମାଣ ସାମଗ୍ରୀ ଉଠିଲା

କାଏମା,୨୫।୯(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତର ଶେରପୁର ଗ୍ରାମକୁ ଯିବା ବାଟରେ ବହୁ ଦିନ ହେବ ରାସ୍ତା ପାର୍ଶ୍ୱରେ ବାଲି, ଗୋଡ଼ି ଓ ଇଟା ପଡି ରହିଥିଲା । କାଏମା ହାଟ ରାସ୍ତାର ବାମପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଉପରୋକ୍ତ ସାମଗ୍ରୀ ଆସିଥିଲା। ହେଲେ ଅଳ୍ପ କାମ ହେବା ପରେ ସେହି ସାମଗ୍ରୀ ରାସ୍ତାପାର୍ଶ୍ୱରେ ପଡି ରହିଥିଲା। ଏହାକୁ ନେଇ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିଲା । ଏହାର ସମାଧାନ ପାଇଁ ଟାଟାର ସିଭିଲ ଅଫିସର କ୍ରିଷ୍ଣା ସାହୁଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ସେ କହିଥିଲେ ଏହି କାମ ପାଇଁ ଚୁକ୍ତି କରିଥିବା କଣ୍ଟ୍ରାକ୍ଟରର କୌଣସି ଅସୁବିଧା ପାଇଁ କାମ କରିପାରିନାହାନ୍ତି । ସେଥିପାଇଁ ଉପରୋକ୍ତ ନିର୍ମାଣ ସାମଗ୍ରୀ ରାସ୍ତା ପାର୍ଶ୍ୱରେ ପଡ଼ି ରହିଛି । ୨ ମଧ୍ୟରେ ଏହାକୁ ସଫା କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ଅନୁଯାୟୀ ଟାଟା କର୍ମଚାରୀମାନେ ଉପରୋକ୍ତ ସାମଗ୍ରୀକୁ ରାସ୍ତା ପାର୍ଶ୍ୱରୁ ସଫା କରିଛନ୍ତି ।

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

ବରୀ,୨୫।୯(ମହେନ୍ଦ୍ର ସ୍ୱାଇଁ)

ରବିବାର ଅଲିପୁର ଗ୍ରାମର ଅର୍ପିତା ଗେଡ଼ି (୪) ନାମକ ଏକ ଶିଶୁର ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ତ୍ରୁଟିପୂର୍ଣ୍ଣ ଇଞ୍ଜେକଶନ ଯୋଗୁ ଶିଶୁର ମୃତ୍ୟୁ ଘଟିଥିଲା ବୋଲି ଅର୍ପିତାଙ୍କ ବାପା ବିରଞ୍ଚି ଗେଡିଙ୍କ ଅଭିଯୋଗ କରିଥିଲେ । ଏହାକୁ ନେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ ଲୋକମାନେ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୋମବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଜନଶୁଣାଣି ଶିବିରିରେ ଯୋଗ ଦେବାକୁ ଆସିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଉପରୋକ୍ତ ଘଟଣା ଉପରେ ସମୀକ୍ଷା କରିଥିଲେ । ଆଗାମୀ ଦିନରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ସେ ଡାକ୍ତର ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାୟୀ ଡାକ୍ତର ନିଯୁକ୍ତି ସହିତ ପରୀକ୍ଷାଗାର, ନିରାମୟ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ କହିଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ମାଣଧୀନ ଗୃହ କାମ ତ୍ୱରାନ୍ୱିତ କରିବା ସହ ଆସନ୍ତା ଡ଼ିସେମ୍ବର ସୁଦ୍ଧା କାମ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ ହେଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଂପୃକ୍ତ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରିବାକୁ ଜିଲାପାଳ ଚେତାବନୀ ଦେଇଥିଲେ।



ଜିଲାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ମୋହନାରେ ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ମୋହନା,୨୫।୯(ମନ୍ମଥ ମିଶ୍ର)

ମୋହନାର ବିଭିନ୍ନ ସାହିରେ ଚାଲିଥିବା ଖୁଦୁରୁକୁଣି ଓଷା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ନାରାୟଣ ନଗର, ପାତ୍ର ସାହି, ହାଇସ୍କୁଲ୍ ଛକ, ପଣ୍ଡା ଛକ, ଜଗନ୍ନାଥ ମନ୍ଦିର ସାହି ଆଦି ବିଭିନ୍ନ ସ୍ଥାନରେ ଖୁଦୁରୁକୁଣି ଓଷା ପାଳନ କରିଥିଲେ ମହିଳା ଓ କୁମାରୀ ଝିଅମାନେ। ସୋମବାର ଉଦଯାପନ କରି ଡିଜେ ବଜାଇ ବାଣ ଫୁଟାଇ ମାଁଙ୍କୁ ବିସର୍ଜନ କରାଯାଇଥିଲା।

### ୧୯୦ ଛାତ୍ରୀଛାତ୍ର ଦେଲେ ଏନ୍‌ଆରଟିଏସ୍ ପରୀକ୍ଷା

ବୁଗୁଡା,୨୫।୯(କାଳି ଚରଣ ଦାଶ)

ବୁଗୁଡା ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ସୋମବାର ନବମ ଶ୍ରେଣୀ ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୧୯୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ଲ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ରହିଥିଲା ବେଳେ ଶଙ୍କର ଦାସ, କାହ୍ନୁ ଚରଣ ଗୌଡ, ତପନ କୁମାର ପାଢୀ, ଉଷାରାଣୀ ସିଂ, ବିଶ୍ୱେଶ୍ୱର ଗିରି, ଭାରତୀ ମହାନ୍ତି, ସସ୍ମିତା ମହାରଣା, ଜ୍ୟୋସ୍ନା ସେଠୀ ଓ ସୁସ୍ମିତା କୁମାରୀ ପଟ୍ଟନାୟକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କକ୍ଷ ନିରୀକ୍ଷକ ଭାବେ ନିୟୋଜିତ ଥିଲେ। ବିଇଓ ଚିନ୍ମୟ ମହାପାତ୍ର ପର୍ଯ୍ୟବେକ୍ଷକ ରୂପେ ଯୋଗ ଦେଇଥିଲେ।

### ୧୬୮ ୟୁନିଟ୍ ରକ୍ତ ସଂଗୃହୀତ

ବୁଗୁଡା,୨୫।୯(କାଳି ଚରଣ ଦାଶ)

ବୁଗୁଡା ଶ୍ରୀବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ପରିସରରେ ଓଡିଶା ମୋ ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ମୋ ପରିବାର ସଂଯୋଜକ ତଥା କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୬୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କ ତରଫରୁ ୧୨ ଜଣିଆ ଦଳ ରକ୍ତ ସଂଗ୍ରହ କରିଥିଲେ। ବୁଗୁଡା ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଏବଂ ଏନଏସି ସଭାପତି କେ.ତ୍ରିଲୋଚନ ଦୋରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ଦାଶ, ରାଜେନ୍ଦ୍ର ଦାଶ., ଚନ୍ଦନ ସାହୁ ଓ ବସନ୍ତ ସ୍ୱାଇଁଙ୍କ ସମେତ ଅନେକ ବିଜେଡି କର୍ମକର୍ତ୍ତା ଓ କର୍ମୀ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ବିୟୋଗ

ବାଲିଗୁଡା,୨୫।୯
(ସଞ୍ଜୟ କୁମାର ପାଣିଗ୍ରାହୀ)



ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ସରକାରୀ ଆଇନଜୀବୀ ଦିଲୀପ ବଳିଆରସିଂଙ୍କ ସୋମବାର ହୃଦଘାତରେ ପରଲୋକ ହୋଇଛି। ଦିଲୀପ ଭଞ୍ଜନଗରରେ ରହୁଥିବା ତାଙ୍କ ପରିବାର ଲୋକଙ୍କ ପାଖକୁ ଯାଇଥିବା ବେଳେ ସେଠାରେ ହୃଦଘାତର ଶିକାର ହୋଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଓକିଲ ସଂଘ ତରଫରୁ ସଭାପତି ଟି.ହରିଶ୍ଚନ୍ଦ୍ର ରାଓଙ୍କ ଅଧକ୍ଷତାରେ ସଂଘ ପରିସରରେ ଏକ ଶୋକ ସଭା ହୋଇଥିଲା। ସଂଘ ସଦସ୍ୟମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଂଘ ସମ୍ପାଦକ ଅନିଲ କୁମାର ଦାଶ, ନୀଳାଦ୍ରି କେଶରୀ ସାହାଣୀ, ସୁରେଶ କୁମାର ପଟ୍ଟନାୟକ, ପଦ୍ମ ଚରଣ ପଟ୍ଟନାୟକ, ରବିନ ଚନ୍ଦ୍ର ସାହୁ, ଶିରିସ ପ୍ରଧାନ, ଅବନୀ ପଟ୍ଟନାୟକ, ଚିତ୍ତରଞ୍ଜନ ନାୟକ, ରମେଶ ଚନ୍ଦ୍ର ମହାରଣା, ପଦ୍ମ ଚରଣ ପଣ୍ଡା, ପ୍ରଦୀପ କୁମାର ପାଣିଗ୍ରାହୀ, ଗୋବର୍ଦ୍ଧନ ମଳିକ, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦିଲୀପଙ୍କ ସ୍ମୃତି ଚାରଣ କରିଥିଲେ।

# ପ୍ରତିଶୋଧ ପାଇଁ ହତ୍ୟାକାଣ୍ଡ, ୨ ଅଭିଯୁକ୍ତ ଗିରଫ

## ଜଙ୍ଗଲରୁ ମୃତଦେହ ଜବତ ଘଟଣା

ଦିଗପହଣ୍ଡି/ପାଟପୁର,୨୫।୯
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)




ଗିରଫ ୨ ଅଭିଯୁକ୍ତ।

ସାନଖେମୁଣ୍ଡି ବ୍ଲକ ପଦ୍ମପୁର ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ଛେଳି ଚରାଳି ଅନୀଲ ନାୟକଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାସ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅନୀଲଙ୍କୁ ଗଳାକାଟି ହତ୍ୟା କରିବା ପରେ ନିକଟସ୍ଥ ଜଙ୍ଗଲରେ ଫୋପାଡିବା ଦିଆଯାଇଥିଲା ବୋଲି ପାଟପୁର ପୋଲିସ କହିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟପୁର ଥାନା ପୋଡ଼ାମାରି ଗ୍ରାମ ଗୋଲାସାହିର ଏସ.ମାଲେଶୁ ପାତ୍ର ଏବଂ ବୃନ୍ଦାବନପୁର ଗ୍ରାମର କୁନା ଦଳାଇ। ମାମଲା ନଂ.୬୧୦/୨୩ରେ ଉଭୟଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ଜବତ କରାଯାଇଛି। ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ସବ୍ୟସାଚୀ ମଲ୍ଲଙ୍କ ଉପସ୍ଥିତିରେ ଆସିକା ଏସଡିପିଓ ଉମାଶଙ୍କର ସିଂ ହତ୍ୟାକାଣ୍ଡର ସବିଶେଷ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କୁନାଙ୍କ ବଡ଼ଭାଇ ମୁନା ଦଳାଇ ୮ ମାସ ହେବ ନିଖୋଜ ଥିବାରୁ ଅନୀଲଙ୍କ ବାପା ସନାତନ ତାଙ୍କୁ ମାରିଦେଇଥିବା ସନ୍ଦେହ କରି ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗିରହିଥିଲା। କୁନା ପୋଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି। ସେ ଏହାର ପ୍ରତିଶୋଧ ପାଇଁ ସୁଯୋଗ ଖୋଜୁଥିଲେ। ବାପା ଅସୁସ୍ଥ ଥିବାରୁ ଶନିବାର ସକାଳୁ ଅନୀଲ ଛେଳି ଧରି ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କୁନା ଓ ସହଯୋଗୀ ଏସ. ମାଲେସୁ ତାଙ୍କ ପିଛା କରି ସୁଯୋଗ ଦେଖି ଜଙ୍ଗଲରେ ତାଙ୍କ ତଣ୍ଟି କାଟି ହତ୍ୟା କରିଥିଲେ। ମୃତଦେହକୁ ଲଟା ବୁଦାରେ ଲୁଚାଇଥିଲେ। ମଧ୍ୟାହ୍ନରେ ଅନୀଲଙ୍କ ମା' ଖାଇବା ଧରି ଜଙ୍ଗଲକୁ ଯାଇଥିବା ବେଳେ ପୁଅକୁ ପାଇନଥିଲେ । ଅନୀଲଙ୍କ ତଲାରୀ ପଡ଼ିଥିବା ଦେଖି ତାଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା । ରବିବାର ସକାଳେ ମା' ପୁଣିଥରେ ଅନୀଲଙ୍କୁ ଖୋଜିବାକୁ ଗ୍ରାମବାସୀଙ୍କ ସହ ଯାଇଥିବା ବେଳେ ବୁଦା ମଧ୍ୟରେ ରକ୍ତାକ୍ତ ମୃତଦେହ ପଡ଼ିଥିବା ଜଣାପଡିଥିଲା। ସୂଚନା ଯୋଗ୍ୟ, ଅନୀଲଙ୍କ ଭଉଣୀ ଗତ ପ୍ରାୟ ୧ ମାସ ହେଲା ନିଖୋଜ ଅଛନ୍ତି। ଏହାର ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି ।

# ୧୨ ଦଫା ଦାବି ନେଇ ମହିଳା ମହାସଂଘର ଶୋଭାଯାତ୍ରା




ମହିଳା ମହାସଂଘର ଶୋଭାଯାତ୍ରା ।

ରାୟଗଡ଼୨୫।୯(ଜ୍ୟୋତି ପ୍ରସାଦ ପାଣି)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାଠାରେ ସୋମବାର ମହିଳା ମହାସଂଘ ପକ୍ଷରୁ ୧୨ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ଶିବ ମନ୍ଦିର ଠାରୁ ଶତାଧିକ ମହିଳା ଶୋଭାଯାତ୍ରା ଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଥାନା ଅଧିକାରୀ ସୁନୀଲ ବେହେରା ଏବଂ ବିଡିଓ ସୁଧୀର କୁମାର ସିଂଙ୍କୁ ପ୍ରଦାନ କରିଛନ୍ତି। ଏହାର ନକଲ ୫-ଟି ସଚିବ, ମିଶନ ଶକ୍ତି ଉପଦେଷ୍ଟା, ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ଡିଜି, ଆରଡିସି (ଦକ୍ଷିଣାଞ୍ଚଳ), ଆଇଜି ବ୍ରହ୍ମପୁର, ଗଜପତି ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷିକାଙ୍କ ଅବଗତ ନିମନ୍ତେ ପଠାଯାଇଛି। ଦାବି ଗୁଡିକ ମଧ୍ୟରେ ରାୟଗଡ଼ ବିପିଏମ ଲତିକା ଦେବୀ ରାୟଗଡ଼ ଥାନାରେ ରୁଜୁ କରିଥିବା ମାମଲାକୁ ପୋଲିସ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ୪ ଜଣ ନକଲି ମିଶନ ଶକ୍ତି ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ଅନ୍ୟାନ୍ୟ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ରହିଛି। ଦୋଷୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ମହିଳା ମହାସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ନୃତ୍ୟ ଉତ୍ସବ



ଅତିଥିମାନଙ୍କୁ ସମ୍ମାନିତ କରାଯାଉଛି।

ଶେରଗଡ,୨୫।୯
(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡର ଆସିକା ରୋଡସ୍ଥିତ ବିଜୁ ପଟ୍ଟନାୟକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ରବିବାର ରାଇଜିଂ ଷ୍ଟାର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଏକ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବହୁ ନୃତ୍ୟଦଳକୁ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ବହୁ ବଦାନ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ଦେଇ ଶୁଭେଚ୍ଛା ଜଣାଇଥିଲେ। ରାଇଜିଂ ଷ୍ଟାର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସୁସ୍ମିତା ସାହୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଜୁ ପଟ୍ଟନାୟକ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧକ୍ଷ ଗୌରହରି ବିଷୋୟୀ, ଖବରଦାତା ସୁବ୍ରତ କୁମାର ପଣ୍ଡା, ବାବୁ ପ୍ରଧାନ, ବାବୁଲା ପଣ୍ଡାଙ୍କୁ ଟୋପି, ଫଟୋଚିତ୍ର ଦେଇ ସମ୍ମାନିତ କରିଥିଲେ। ପରେ ପ୍ରତିଯୋଗୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବେଙ୍ଗାଲୁରୁରେ ଓଡିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଗୁମ୍ମା,୨୫।୯(ପ୍ରବୀଣ କୁମାର ଲିମା)

ପରିବାର ପୋଷଣ କରିବାକୁ ବେଙ୍ଗଲୁର ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଗଜପତି ଜିଲା ଗୁମ୍ମା ଖ୍ରୀଷ୍ଟିୟାନ ସାହିର ସୁମନ ପାଣି(୪୬)। ସୁମନ ୪ବର୍ଷ ହେଲା ବେଙ୍ଗାଲୁରୁଠାରେ ସ୍ୱେଟର ବ୍ୟବସାୟୀ କରି ପରିବାର ପରିପୋଷଣ କରି ଆସୁଥିଲେ। କିଛି ଦିନ ଧରି ସୁମନଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅବସ୍ଥା ଗୁରୁତର ଥିବାରୁ ସରକାରୀ ବଡ଼ ମେଡିକାଲକୁ ନେବା ସମୟରେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକେ ଗାଁରେ ଚାନ୍ଦା କରି ସୁମନଙ୍କ ମୃତଦେହ ଆଣିବାକୁ ଚେଷ୍ଟା କରଥିଲେ ମଧ ମୃତଦେହ ବ୍ୟବଚ୍ଛେଦ ଓ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଇଥିଲା। ଫଳରେ ମୃତଦେହ ଗାଁକୁ ଆଣାଯାଇପାରି ନାହିଁ। ସେଠାକାର ବ୍ୟବସ୍ଥା ତୁଟାଇବା ପରେ ମୃତଦେହ ଗ୍ରାମକୁ ଅଣାଯିବ ବୋଲି ଜଣାପଡିଛି। ସୁମନଙ୍କ ପୁଅ ଓ ଗୋଟିଏ ଝିଅ ବୃଦ୍ଧ ବାପା ସାନ ଭାଇ ଦିବ୍ୟାଙ୍ଗ। ଏଥିପାଇଁ ସୁମନଙ୍କ ପରିବାର ପ୍ରତି ସରକାରୀ ଓ ବେସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗୁମ୍ମା ଅଞ୍ଚଳର ଅଧିକାଂଶ ଲୋକେ ରୋଜଗାର ଅଭାବ ଯୋଗୁ ଦାଦନ ଶ୍ରମିକ ଭାବେ ବାହାରକୁ ଯାଉଛନ୍ତି। ଏହି କାରଣରୁ ଦାଦନଙ୍କ ମୃତ୍ୟୁ ସଂଖ୍ୟା ଅଞ୍ଚଳରେ ବୃଦ୍ଧି ପାଇଛି।

### ସୋରଡ଼ାରେ ବଡଖାନା କାର୍ଯ୍ୟକ୍ରମ

ସୋରଡା,୨୫।୯(ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ଏନ୍‌ଏସି ତରଫରୁ ମଙ୍ଗଳବାର ଖୁଣ୍ଟେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ବଡ଼ଖାନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା, ପୁନଃ ପ୍ରକ୍ରିୟା କରଣ, ପୁନଃ ବ୍ୟବହାର ଯୋଜନାକୁ ସଫଳ ରୂପାୟନ କରିବା ସହ ସହରର ପରିବେଶକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ସଫେଇ କର୍ମଚାରୀମାନେ ଅହରହ ଉଦ୍ୟମ ଜାରି ରଖିଛନ୍ତି । ଏଥିପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଦୁତୀ କୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଏଥିରେ କାଉନ ସିଲର, ସଭ୍ୟା ସସ୍ମିତା ପାଢୀଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

# ଦୁର୍ଘଟଣାରେ ମୋପେଡ୍ ଜଳିଗଲା

ହିଞ୍ଜିଳିକାଟୁ, ୨୫।୯(ଦ୍ୱିତୀକୃଷ୍ଣ ପଣ୍ଡା )

ସୋମବାର ହିଞ୍ଜିଳିକାଟୁ ପୌରାଞ୍ଚଳ ୫୯ ନମ୍ବର ଜାତୀୟ ରାଜପଥର ବିଦ୍ୟୁତ୍ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବାଇକ ସହ ଏକ ମୋପେଡ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ମୋପେଡ (ଓଡି୦୭ଜି ୫୭୩୩)ରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡିଯାଇଛି। ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶିକିରି ଗ୍ରାମର ଗୌରାଙ୍ଗ ବରଡ ମୋପେଡରେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ଘଟିଥିଲା। ଦୁର୍ଘଟଣାରେ ମୋପେଡ ଚାଳକ ବରଡ ସାମାନ୍ୟ ଆହତ ହୋଇଥିବା ବେଳେ ବାଇକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ୫ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ଆମରଣ ଅନଶନ



ଛତ୍ରପୁର ଉପକାରାଗାର କର୍ମଚାରୀମାନେ ଆମରଣ ଅନଶନ ଚଳାଇଛନ୍ତି। ( ଫଟୋ- ଦିଲୀପ କୁମାର ସାମଲ )

ପାରଳାଖେମୁଣ୍ଡି/ଆସିକା/ଜି.ଉଦୟଗିରି,
୨୫।୯ (ଗିରିଧାରୀ ପରିଛା/
(ସୁରେନ୍ଦ୍ର ନାଥ ସାହୁ / (ପି ସଞ୍ଜୀବ କୁମାର ପାତ୍ର)

୫ଦଫା ଦାବି ନେଇ ସୋମବାରରୁ ଆମରଣ ଅନଶନକୁ ଓହ୍ଲାଇଛି ଓଡିଶା ରାଜ୍ୟ ଜେଲ କର୍ମଚାରୀ ସଂଘ। ଗତ ଦଶ ଦିନ ହେଲା କଳା ବ୍ୟାଜ ପରିଧାନ କରି କାର୍ଯ୍ୟ ତୁଲାଇ ଆସୁଥିଲେ ଜେଲ ୱାର୍ଡନମାନେ, କିନ୍ତୁ ତାଙ୍କର ଦାବି ପୂରଣ ନହେବା ଯୋଗୁ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ରିଲେ ଅନଶନରେ ରହି ନିଜ ଦାଇତ୍ୱ ତୁଲାଉଛନ୍ତି। ଏହାକୁ ସମର୍ଥନ କରି ଗଜପତି ଜିଲା ଜେଲ କର୍ମଚାରୀମାନେ ଜେଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ଜେଲ ୱାର୍ ମାନଙ୍କ ଗ୍ରେଡ ପେ ୧୯ଶହ ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି, ଚିଫ ଜେଲ ୱାର୍ ମାନଙ୍କ ଗ୍ରେଡ ପେ ୨ହଜାର ଟଙ୍କାରୁ ୨୪ଶହ ଟଙ୍କା ବୃଦ୍ଧି କରିବା ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ଉପଖଣ୍ଡର ଜେଲକୁ ବଦଳି ନ କରିବା ପାଇଁ ଥିବା ନିୟମକୁ ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଏଥିସହିତ ଦାବି ମଧ୍ୟରେ କର୍ମଚାରୀଙ୍କ ଖାଦ୍ୟଭତ୍ତା ୪ଶହ ଟଙ୍କାରୁ ୧୪ଶହ ଟଙ୍କାକୁ ବୃଦ୍ଧି, ଦରମା ବୃଦ୍ଧି ମଧ୍ୟ ରହିଛି। ଏହି ଦାବି ସମୂହ ନେଇ ଜେଲ କର୍ମଚାରୀମାନେ ଅନଶନ ଜାରି ରଖିଛନ୍ତି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜେଲ ୱାର୍ଡନମାନେ କହିଛନ୍ତି।

ସେହିପରି ଆସିକା ସବ ଜେଲରେ କର୍ତ୍ତବ୍ୟରତ କର୍ମଚାରିମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି ।

ଜି.ଉଦୟଗିରିରେ ଜେଲ ୱାର୍ଡରମାନେ ମଧ ଧାରଣାରେ ବସିଛନ୍ତି। ଧାରଣାରେ ଭାଗିରଥୀ ବେହେରା, ସମ୍ପାଦକ ସାଗର କୁମାର ଗୁମାନ୍ ସିଂ, ମୁରଲୀ ସେଠୀ, ଦେବରାଜ ଡାକୁଆ, ହୀନ ସେଠୀ, ବିକ୍ରମ ପ୍ରଧାନ, ଯୋଗେନ୍ଦ୍ର ମାହାଙ୍କୁଡ, ସଂଯୁକ୍ତା ବେହେରା ଓ ପ୍ରଭାସିନୀ ମହାପାତ୍ର ଆଦି ସାମିଲ୍ ଥିବା ସଭାପତି ଲିଙ୍ଗରାଜ ସାହୁ କହିଛନ୍ତି।

## ଫେରିବାଲାଙ୍କୁ ହତ୍ୟା ଘଟଣା

# ୭ ଦିନ ପରେ ହତ୍ୟାକାରୀ ଗିରଫ

ଫୁଲବାଣୀ, ୨୫।୯(ରାକେଶ କୁମାର ରାଉତ)

ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ପେଞ୍ଜି ସାହିରେ ଜଣେ ଫେରିବାଲାଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ୭ ଦିନ ପରେ ସମ୍ପୃକ୍ତ ହତ୍ୟାକାରୀ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେ ହେଲେ ଜି.ଉଦୟଗିରି ଶଙ୍ଖ ସାହିର ଶତ୍ରୁଘନ ବେହେରା।

ଶତ୍ରୁଘନ ନିଜ ପରିବାର ସହ ଆସି ପେଞ୍ଜିସାହିରେ ଏକ ଘର ଭଡ଼ା ନେଇ ରହୁଥିଲେ। ସେ ଫୁଲବାଣୀ ପୌର ପରିଷଦରେ ସୁଇପର ଭାବରେ କାମ କରୁଥିଲେ। ସେହି ସାହିରେ ଅନ୍ୟ ଏକ ଘରେ ପଶ୍ଚିମ ବଙ୍ଗର ୩ ଜଣ କମ୍ବଳ ବେପାରୀ ୩ ବର୍ଷ ହେଲା ଭଡ଼ାରେ ରହୁଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ନିଜ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ରହିଥିବା ଶତ୍ରୁଘନ ସନ୍ଦେହ କରୁଥିଲେ। ଗତ ୧୩ ତାରିଖରେ ଶତ୍ରୁଘନ ଏକ ଧାରୁଆ ଛୁରୀରେ ସମ୍ପୃକ୍ତ ଫେରିବାଲାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଅନ୍ୟ ସାଥିମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ୧୪ ତାରିଖରେ ମୃତ୍ୟୁ ହୋଇଥିଲା। ମୃତ ବ୍ୟକ୍ତି ଜଣକ ପଶ୍ଚିମ ବଙ୍ଗ ପୂର୍ବ ମେଦିନିପୁର ଜିଲାର ନମାଲବାଗ ଗ୍ରାମର ଶେଖ ଜାକିର ଅଲ୍ଲୀ( ୫୨) ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ତାଙ୍କ ସହଯୋଗୀମାନେ ଭୟରେ ଥାନାରେ କେସ ନ କରି ମୃତଦେହକୁ ବ୍ରହ୍ମପୁରରୁ ନିଜ ଗ୍ରାମକୁ ନେଇ ଯାଇଥିଲେ। ବ୍ରହ୍ମପୁର ମେଡିକାଲରୁ ଏ ନେଇ ଫୁଲବାଣୀ ଥାନାକୁ ଜଣାଯାଇଥିଲା। ମେଡିକାଲ ଆଉଟ ପୋଷ୍ଟ ଫାଣ୍ଡି ଅଧିକାରୀ ବାଳ କୃଷ୍ଣ ସ୍ୱାଇଁ ଘଟଣା ସମ୍ପର୍କରେ ଥାନାରେ ରିପୋର୍ଟ କରିଥିଲେ। ଏସ୍‌ଆଇ ରଞ୍ଜିତା ବେହେରା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଶତ୍ରୁଘନଙ୍କୁ ନିଜ ଗ୍ରାମ ଜି. ଉଦୟଗିରି ଶଙ୍ଖ ସାହିରୁ ଗିରଫ କରିଥିଲା। ଥାନାରେ ନଂ.୨୩୬/୨୩ରେ ଏକ ମାମଲା ରୁଜୁ କରାଯାଇ ଶତ୍ରୁଘନଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ରଞ୍ଜିତା ସୂଚନା ଦେଇଛନ୍ତି।

# ବେଲଗୁଣ୍ଠା ବ୍ଲକ: ୧୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନ

ବେଲଗୁଣ୍ଠା,୨୫।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଭଞ୍ଜନଗର ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ରାଷ୍ଟ୍ର ନିର୍ମାତା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବ୍ଲକର ୧୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ସୁରେନ୍ଦ୍ର କୁମାର ସାହୁ, ସୁରେଶ ମହାପାତ୍ର, ଶିଶିର କୁମାର ସ୍ୱାଇଁ, ଶଙ୍କର ନାରାୟଣ ସେଠୀ, ରମେଶ କୁମାର ପାତ୍ର, ଅଳିଅ ସ୍ୱାଇଁ, ଅତୁଲ୍ୟ କୁମାର ସାହୁ, ସୁବ୍ରତ ପାତ୍ର, ନିଶାକର ନାୟକ ଏବଂ ଶିକ୍ଷୟିତ୍ରୀ କବିତା କୁମାରୀ ଦେବୀ, ସଂଘମିତ୍ରା ପଣ୍ଡା, ସାବିତ୍ରୀ ଶତପଥୀ, ଗୀତାଞ୍ଜଳି ପାଣିଗ୍ରାହୀ। ରୋଟାରୀ କ୍ଲବ ସଭାପତି ସନତ କୁମାର ସୁବୁଦ୍ଧିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢୀ, ମୁଖ୍ୟବକ୍ତା ରୂପେ ବ୍ରହ୍ମପୁର ପ୍ରେସିଡେନ୍ସି ମହାବିଦ୍ୟାଳୟର ଅଧକ୍ଷ ରୋଟାରୀଆନ୍ ଶ୍ରୀନିବାସ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟ ଏବଂ ରୋଟାରୀ କ୍ଲବ ସମ୍ପାଦକ ଦିଲୀପ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରିଥିଲେ। ରୋଟାରିଆନ୍ ପ୍ରଦ୍ୟୁମ୍ନ କୁମାର ମଳିକ, ସନ୍ତୋଷ ଜେନା, ସୁଶାନ୍ତ କୁମାର ବେହେରା, ରବୀନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ସାହୁ, ପବିତ୍ର ମୋହନ ପ୍ରଧାନ, ଗୌରୀ ଶଙ୍କର ବେହେରା, ଶ୍ରୀନିବାସ ସୁବୁଦ୍ଧି, ଗୁପ୍ତେଶ୍ୱର ସୁବୁଦ୍ଧି, ସନ୍ତୋଷ କୁମାର ପାତ୍ର, ସୁଧୀର କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ମିଶ୍ର ଏବଂ ସ୍ୱାଗତ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରୀଆନ୍ ଶ୍ରୀରାମ ପାଳ ମଞ୍ଚ ସଂଯୋଜନା କରିଥିବା ବେଳେ ରୋଟାରୀ କ୍ଲବ୍ ସମ୍ପାଦକ ଦିଲୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଛତ୍ରପୁର,୨୫।୯(ସନ୍ତୋଷ ପାଢୀ)




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗଞ୍ଜାମ ଜିଲାସ୍ତରୀୟ ସ୍କୁଲ କ୍ରୀଡା ପ୍ରତିଯୋଗିତା ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ଖେଳପଡିଆ ଠାରେ ସୋମବାର ଉଦଘାଟିତ ହୋଇଛି। ପ୍ରତିଯୋଗିତାକୁ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଉଦଘାଟନ କରି ପାଠପଢା ସହ ଖେଳର ଆବଶ୍ୟକତା ଥିବା କହିଥିଲେ। ପ୍ରତିଯୋଗିତାରେ ୨୨ ବ୍ଲକ ଅଧୀନ ୧୨ଟି ଜୋନାଲସ୍ତରୀୟ ବିଭିନ୍ନ ସ୍କୁଲ କ୍ରୀଡା ପ୍ରତିଯୋଗିତାର କୃତୀ ୫୦୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଥଲେଟିକ ଆସୋସିଏଶନର ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ସାହୁ, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର, ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଉପସ୍ଥିତ ହୋଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ଭାଗିରଥି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନ ଫୁଟବଲ, ହକି, ଆଥଲେଟିକ, ଦୌଡ, କବାଡି, ଖୋଖୋ ଆଦି ଖେଳ ପ୍ରତିଯୋଗିତା ହୋଇଥିଲା। ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନୁଷ୍ଠିତ ପ୍ୟାରେଡରେ ବେଲଗୁଣ୍ଠା ଜୋନ ପ୍ରଥମ, କବିସୂର୍ଯ୍ୟନଗର ଜୋନ୍ ଦ୍ୱିତୀୟ ଏବଂ ପୋଲସରା ଜୋନ ତୃତୀୟ ସ୍ଥାନରେ ହି ପୁରସ୍କୃତ ହୋଇଥିଲେ ।

**୧୮ ଲିଟର ଚୋରା ମଦ ଜବତ: ଜଣେ ଗିରଫ**

କୁଜଙ୍ଗ, (ମନୋଜ ପ୍ରଧାନ) କୁଜଙ୍ଗ ଥାନା ଅନ୍ତର୍ଗତ ବଡପାଳ ଗ୍ରାମର ଏକ ଭେରାଇଟି ଷ୍ଟୋରରୁ ରବିବାର ୧୮ ଲିଟର ଚୋରା ମଦ ଜବତ ହୋଇଛି। ଏହି କାରବାର ଅଭିଯୋଗରେ ବିଭୂତି ଭୂଷଣ ମହାପାତ୍ରଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ମାମଲା( ନଂ.୪୩୨/୨୩) ରୁଜୁ କରାଯାଇଛି। ବିଭୂତି ପୂର୍ବରୁ ମଦ କାରବାର କରୁଥିଲେ ମଧ୍ୟ ହାତପାଆନ୍ତୁ ନ ଥିଲେ। ପୂର୍ବ ଯୋଜନା ମୁତାବକ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ରବିବାର ଗଣେଶ ଭଷାଣି ସମୟରେ ଜଣଙ୍କୁ ମଦ କିଣିବାକୁ ସେଠାକୁ ପଠାଇ ବିଭୂତିଙ୍କୁ ଧରିଥିଲେ।

## ସଂକ୍ଷେପରେ

### ବାଲିକୁଦାରେ ମିଶନ ଶକ୍ତି କାଫେ ଖୋଲିଲା

ବାଲିକୁଦା,୨୫।୯(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଶନ ଶକ୍ତି ପକ୍ଷରୁ କାଫେ ଖୋଲା ଯାଇଛି । ଉଦ୍‌ଘାଟକ ଭାବେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଯୋଗଦେଇ କାଫେକୁ ଉଦ୍‌ଘାଟନ କରିଥିଲେ। ଏହାର ଦାୟିତ୍ୱ ସ୍ଥାନୀୟ ଇଶ୍ୱରପୁର ଗାଁର ଚନ୍ଦ୍ରଶେଖର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଛି। ଏଠୁ ସୁସ୍ୱାଦୁ ଖାଦ୍ୟ ସମେତ ସହରୀ ଓ ଗ୍ରାମାଞ୍ଚଳ ଉଭୟ ଖାଦ୍ୟ ମିଳିପାରିବ । ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କର ବିଭିନ୍ନ ଯୋଜନା ମଧ୍ୟରୁ ଏହା ଅନ୍ୟତମ। ଏହି ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ପ୍ରକାରର ଖାଦ୍ୟ ମିଳିଥିଲା । ବିଧାୟକଙ୍କ ସମେତ ଜିଲାପାଳ ପାରୁଲ ପଟାୱାରୀ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ବିଡିଓ ବିକାଶ ମହାନ୍ତି, ଏବିଡିଓ ସଞ୍ଜୟ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ସିଡିପିଓ ସୁବାସ ମୋହିନୀ ସାହୁ, ବ୍ଲକ ପ୍ରକଳ୍ପ ସଂଯୋଜକ ସତ୍ୟାର୍ଥପ୍ରକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । କାଫେ ଉଦ୍‌ଘାଟନ ପରେ ଅତିଥିମାନଙ୍କୁ କାଫେରେ ମହିଳାମାନଙ୍କ ହାତ ରନ୍ଧା ଖାଦ୍ୟ ପରଷା ଯାଇଥିଲା । ଚନ୍ଦ୍ର ଶେଖର ଏସ୍‌ଏଚ୍‌ଜିର ସଭାନେତ୍ରୀ ସରଳା ପାଢ଼ୀ, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ, ପ୍ରଭାତୀ ଲେଙ୍କା, ଚିନ୍ମୟୀ ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ଚାରୁଲତା ମହାନ୍ତି, ଶୀଲ୍ପା ଲେଙ୍କା, ଅର୍ଚ୍ଚନା ଆଚାର୍ଯ୍ୟ ଓ ନୟନା ପଣ୍ଡା ପ୍ରମୁଖ ଏହାକୁ ପରିଚାଳନାରେ ସହାୟତା କରିଥିଲେ।

### ବାତେରା ଗଛର ଚେର ଚୋରି ଘଟଣାରେ ୨ ଗିରଫ

ରାଜନଗର, ୨୫।୯
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବାତେରା ଗଛର ହେଉଛି ଚୋରା ଚାଲାଣ। ଏହି ଗଛର ଲତା ଓ ଗଣ୍ଡିକୁ ପାଣିରେ ବୁଡାଇ ରଖିବା ପରେ ଓଦା ଗଣ୍ଡିରେ ଚନ୍ଦନ ସେଣ୍ଟ ଦେଇ ଏହାକୁ ଚନ୍ଦନକାଠ କହି ବିକ୍ରି କରାଯାଉଛି। ରବିବାର ରାତିରେ ଭିତରକନିକା ଜାତୀୟ ଉଦ୍ୟାନର ସୁନେଇରୁପେଇ ଫରେଷ୍ଟ ବ୍ଲକରେ ବାତେରା ଗଛର ଚେରକୁ କାଟି ନେଉଥିବା ବେଳେ ବନ ବିଭାଗ ଟିମ୍ ସେଠାରେ ପହଞ୍ଚି ୨ଜଣଙ୍କୁ କାବୁ କରି ନେଇଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନ, ହିମାଂଶୁ ଶେଖର ରାଉତ, ଦିବାକର ମଲିକ, ଚିନ୍ମୟ ପ୍ରଧାନ, କଳ୍ପତରୁ ନାଥ, ବଂଶୀଧର ବେହେରା, ନିତାଇ ମଣ୍ଡଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ୩ କୁଇଣ୍ଟାଲ ବାତେରା ଗଛର ଚେରକୁ ଜବତ କରିଛନ୍ତି। ଏହି ଘଟଣାରେ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ପ୍ରଭାସ ମିସ୍ତ୍ରି ଓ ସାତଭାୟା ପଞ୍ଚାୟତ ଚାରିଘରିଆର ବିଶ୍ୱଜିତ ବିଶ୍ୱାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# 'ରାସ୍ତା ପାର୍ଶ୍ୱ ୧୧୦ ବିଦ୍ୟାଳୟରେ ଉପରାସ୍ତା କରନ୍ତୁ'


ଜିଲା ସଡ଼କ ସୁରକ୍ଷା ବୈଠକରେ ଜିଲାପାଳ ପାରୁଲ ପଟାୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର, ୨୫।୯
(ପ୍ରମୋଦ କୁମାର ନାୟକ)

**ଜିଲା ସଡ଼କ ସୁରକ୍ଷା ବୈଠକ**
- ରାସ୍ତା ପାର୍ଶ୍ୱ ବୃକ୍ଷରେ ପେଣ୍ଟିଂ, ନୋ ପାର୍କିଂ ଜୋନରେ ସାଇନବୋର୍ଡକୁ ଗୁରୁତ୍ୱ
- ଦୋକାନୀମାନେ ଜବରଦଖଲ କଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଜଗତ୍‌ସିଂହପୁର ଜିଲାରେ ଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୧୧୦ଟି ମୁଖ୍ୟ ଫାଟକ ରାସ୍ତା ପାର୍ଶ୍ୱରେ ରହିଛି। ସେଗୁଡ଼ିକରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସବୁବେଳେ ବିପଦ ରହୁଛି। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବାକୁ ପଡ଼ିବ। ମୁଖ୍ୟ ଫାଟକ ଅନ୍ୟତ୍ର କରି ସୁବିଧାଜନକ ଉପରାସ୍ତା ବ୍ୟବସ୍ଥା କଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିବ । ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ସଡ଼କ ସୁରକ୍ଷା ବୈଠକରେ ପୌରୋହିତ୍ୟ କରି ଜିଲାପାଳ ପାରୁଲ ପଟାୱରୀ ଏହା କହିଛନ୍ତି । ସେ ଏକଥା ମଧ୍ୟ କହିଥିଲେ, ବ୍ଲାକ ସ୍ପଟ ଚିହ୍ନଟ ସହ ଏହାର ପ୍ରତିକାର, ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷରେ ପେଣ୍ଟିଂ, ନୋ ପାର୍କିଂ ଜୋନରେ ସାଇନ୍ ବୋର୍ଡ ଲଗାଇବା, ଟ୍ରାଫିକ ପରିଚାଳନା, ପୌରାଞ୍ଚଳରେ ବୁଲା ପ୍ରାଣୀଙ୍କ ସମସ୍ୟା, ରକ୍ଷକ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଓ ପୋଲଗୁଡ଼ିକର ଭାଙ୍ଗି ଯାଇଥିବା ବାଡ଼ାଗୁଡିକର ମରାମତି ଆଦି କରିବାକୁ ପଡିବ। ଦୁର୍ଗାପୂଜା ଆଗକୁ ଥିବାରୁ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଦୋକାନଗୁଡ଼ିକ ସଚେତନ କରିବା ଆବଶ୍ୟକ। ଯେଉଁମାନେ ରାସ୍ତା ଆଡକୁ ମଡ଼ାଇ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୨୦୨୩ରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ଦୁର୍ଘଟଣା କମିଛି ତଥାପି ଦୁର୍ଘଟଣାର ହାର ହ୍ରାସ ଦରକାର। ଆବଶ୍ୟକସ୍ଥଳେ ଆଇନ ଅମାନ୍ୟକାରୀଙ୍କ ବିରୋଧରେ ଦଣ୍ଡ ବିଧାନ କରିବାକୁ ପଡ଼ିବ। ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବା ଦୁର୍ଘଟଣାର ଏକ ପ୍ରମୁଖ କାରଣ। ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ। ସେହିପରି ୪୦ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ହେବା ଜରୁରୀ। ବୈଠକରେ ଅତିରିକ୍ତ ଜିଲାପାଳ ପାରାଦୀପ ଲଗ୍ନଜିତ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ତଥା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ, ବସ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଆଲୋଚନା କରିଥିଲେ।

# ୧୫ ଟ୍ରିପ୍ କାଠ ଜବତ

କୁଜଙ୍ଗ,୨୫।୯ (ମନୋଜ ପ୍ରଧାନ)

**ବନ ବିଭାଗର ଚଢ଼ାଉ**

କୁଜଙ୍ଗ ବନବିଭାଗ ଅଧୀନ ନୂଆଗାଁ ସେକ୍ସନର କୋଳିଆ ସାହିର ବିଭିନ୍ନ ସ୍ଥାନରେ ସୋମବାର ଚଢ଼ାଉ କରାଯାଇ ୧୫ ଟ୍ରିପ୍ କାଠ ଜବତ କରାଯାଇଛି। ଏହି ସେକ୍ସନ ଅଧୀନ ବଡ଼ତଣ୍ଡାରେ ଥିବା ଗଛ ଝାଉଁ ଜଙ୍ଗଲରୁ ପ୍ରତ୍ୟହ ଟ୍ରିପ୍ ଟ୍ରିପ୍ କାଠ କଟାଯାଇ ଡଙ୍ଗା ସାହାଯ୍ୟରେ ଅଣାଯାଏ। ଏ ନେଇ ବାରମ୍ବାର ଅଭିଯୋଗ ହେବାପରେ କୁଜଙ୍ଗ ବନ ବିଭାଗ ପକ୍ଷରୁ କୋଳିଆସାହିରେ ବିଭିନ୍ନ ଲୋକଙ୍କ ଘର ଓ ବାଡ଼ିରେ ଚଢ଼ାଉ କରାଯାଇ ଉପରୋକ୍ତ କାଠ ଜବତ କରାଯାଇଛି। ଏହି ଚଢ଼ାଉରେ କୁଜଙ୍ଗ ବନ ବିଭାଗର କର୍ମଚାରୀଙ୍କ ସମେତ ଗଡ଼ହରମଥା, ମହାକାଳପଡ଼ା ବନ ବିଭାଗ ଓ ଅଭୟଚାନ୍ଦପୁର ପୋଲିସ ସାମିଲ ହୋଇଥିଲେ । ସମସ୍ତ କାଠକୁ ଜବତ କରାଯାଇ ବିଭିନ୍ନ ଗାଡିରେ ବୁହାହୋଇ କୁଜଙ୍ଗ ବନ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି ବୋଲି କୁଜଙ୍ଗ ରେଞ୍ଜର ରଞ୍ଜନ ମିଶ୍ର କହିଛନ୍ତି। ଜଙ୍ଗଲରୁ କାଠ କାଟିବା ଅଭିଯୋଗରେ ୨ ମାସ ପୂର୍ବରୁ ନୂଆଗାଁ ସେକ୍ସନର ବନପାଳ ଓ ଗାର୍ଡ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ଏହାସତ୍ତ୍ୱେ ଜଙ୍ଗଲରୁ କାଠ କଟା ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାଠମାଫିଆମାନେ କୋଳିଆ ସାହିର ଗରିବ ଲୋକଙ୍କ ଜରିଆରେ ସେମାନଙ୍କ ଘରେ ଓ ବାଡିରେ ଚୋରା କାଠ ଗଚ୍ଛିତ ରଖିଥିବା ଚର୍ଚ୍ଚା ହେଉଛି। ଏବେ ଯେଉଁମାନଙ୍କ ଘରୁ କାଠ ଜବତ କରାଯାଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କାଗଜପତ୍ର ପ୍ରସ୍ତୁତ ହେଉଛି ବୋଲି ରେଞ୍ଜର ମିଶ୍ର କହିଛନ୍ତି।

# ୫ଦଫା ଦାବିରେ କାରାଗାର କର୍ମଚାରୀଙ୍କ ଆମରଣ ଅନଶନ


କାରାଗାର କର୍ମଚାରୀମାନେ ଅନଶନରେ ବସିଛନ୍ତି।

କୁଜଙ୍ଗ,୨୫।୯ (ମନୋଜ ପ୍ରଧାନ)

ନିଖିଳ ଓଡିଶା କାରାଗାର କର୍ମଚାରୀ ମହାସଂଘ ଆହ୍ୱାନ କ୍ରମେ ସୋମବାରଠାରୁ କୁଜଙ୍ଗ ଉପକାରାଗାର କର୍ମଚାରୀମାନେ ୫ଦଫା ଦାବିନେଇ ଆମରଣ ଅନଶନ କରିଛନ୍ତି । ସେମାନେ ଦାବିଗୁଡ଼ିକ ମଧ୍ୟରେ କାରାରକ୍ଷୀମାନଙ୍କ ଗ୍ରେଡପେ ୧୯ଶହ ଟଙ୍କାରୁ ୨ହଜାରଟଙ୍କା, ମୁଖ୍ୟ କାରାରକ୍ଷୀଙ୍କ ଗ୍ରେଡପେ ୨ହଜାର ଟଙ୍କାରୁ ୨୪ଶହ ଟଙ୍କାକୁ ବୃଦ୍ଧି, ପୁରୁଣା ପଦୋନ୍ନତି ନିୟମ ୨୦୧୨ ଲାଗୁକରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪ଶହ ଟଙ୍କାରୁ ୧୪ ଶହ ଟଙ୍କାକୁ ବୃଦ୍ଧି ଓ ୧୩ମାସିଆ ଦରମା ବୃଦ୍ଧି ଲାଗୁ କରିବା ଆଦି ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ, ରାଜ୍ୟ ମହାସଂଘର ନିଷ୍ପତ୍ତିକ୍ରମେ ୧୩-୯-୨୦୨୩ରୁ ୨୪-୯-୨୦୨୩ ପର୍ଯ୍ୟନ୍ତ କାରାଗାର କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଥିଲେ । ଏହି ସମୟ ମଧ୍ୟରେ ଦାବି ପୂରଣ ନ ହେବାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି ବୋଲି ସଭାପତି ପ୍ରହଲ୍ଲାଦ ମଲ୍ଲିକ ଓ ସମ୍ପାଦକ ସୂର୍ଯ୍ୟ ନାରାୟଣ ରାଉତ କହିଛନ୍ତି।

# ଟଙ୍କା ନେଣଦେଣରୁ ହଣାକଟା: ୩ ଆହତ

ପାରାଦୀପ,୨୫।୯(ଶରତ ରାଉତ)

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଗଡ ବଜାରରେ ସୋମବାର ଟଙ୍କା ନେଣଦେଣକୁ ନେଇ ହଣାକଟା ହୋଇଛି। ଏଥିରେ ୩ ଭାଇ ଆହତ ହୋଇଛନ୍ତି। ସେମାନଙ୍କମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବାପରେ ୨ଟି ମାମଲା (୪୦୦/୨୩ ଓ ୪୦୧/୨୩)ରୁଜୁ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଡ ଗ୍ରାମର ପ୍ରଶାନ୍ତ ଜେନା (୪୫)ଙ୍କ ବାପାଙ୍କ ଶ୍ରାଦ୍ଧ ଭୋଜି ଚାଲିଥିଲା। ଏହି ସମୟରେ ଖାଇବାପତ୍ର କମିଯିବାରୁ ଆଣିବାକୁ ସେ ବଜାରକୁ ଆସିଥିଲେ।

ସେଠାରେ ଦୋକାନୀ ଦିଲୀପ ସେନାପତିଙ୍କଠାରୁ ପତ୍ର କିଣିଥିଲେ। ଟଙ୍କା ନେଣଦେଣବେଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରଶାନ୍ତଙ୍କ ଯୁକ୍ତି ଥିଲା ୫୦୦ ଟଙ୍କା ନେଇ ପତ୍ର ବାବଦରେ ୨୦୦ ଟଙ୍କା ରଖି ଅବଶିଷ୍ଟ ୩୦୦ ଟଙ୍କା ଫେରାଅ। ଅପରପକ୍ଷେ ଦୋକାନୀ ଦିଲୀପ କହିଥିଲେ ତୁମେ ୨୦୦ ଟଙ୍କା ଦେଇଛ। ଏହି କଥାକୁ ନେଇ ହାତାହାତି ମଧ୍ୟହୋଇଥିଲା। ପ୍ରଶାନ୍ତ ଏହି ଖବର ତାଙ୍କ ସାନଭାଇ ପ୍ରଭାତ ଓ ପ୍ରତାପଙ୍କୁ ଜଣାଇବାରୁ ସେମାନେ ସେଠାରେ ପହଞ୍ଚି ଥିଲେ। ଦୋକାନୀ ଦିଲୀପ ପାଖ ଦୋକାନୀକୁ ଡାକି ଏକାଠି ହୋଇଯାଇଥିଲେ। ଉଭୟ ପକ୍ଷରୁ ଗଣ୍ଡଗୋଳ ମଧ୍ୟରେ ହଣାକଟା ହୋଇ ୩ ଭାଇ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭାତଙ୍କ ମୁଣ୍ଡ ଫାଟି ଯାଇଛି। ଖବରପାଇ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ଅଲଗା କରିବା ସହ ଆହତଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି।

# ଚାରାରୋପଣ, ସଚେତନତା କାର୍ଯ୍ୟକ୍ରମ

ନାଉଗାଁ, ୨୫।୯ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା (ମଝିପଡା) ଗ୍ରାମର ମା'କୁତାମଚଣ୍ଡୀ ହେଲ୍ଥ କ୍ଲବ ଆନୁକୂଲ୍ୟରେ ଚାରାରୋପଣ ଓ ସାମାଜିକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ, ସାମାଜିକ ସହିଷ୍ଣୁତା ଓ ନିଶା ନିବାରଣ ପରି ସାମ୍ପ୍ରତିକ ସମସ୍ୟା ଗୁରୁତ୍ୱାରୋପ କରାଯାଇଥିଲା। ଓଷ୍ଟା ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ପରିବେଶବିତ୍ ନିରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ତଥା ପରିବେଶବିତ୍ ହୃଦାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଚିତ୍ର କୁମାର ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଲବର ସମ୍ପାଦକ ପବିତ୍ର କୁମାର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ତଥା ପରିବେଶବିତ୍ ଲିଙ୍ଗରାଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିସହ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ। ଚଳିତ ବର୍ଷ ଓଡିଶା ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ ସମ୍ମାନରେ କ୍ଲବ ସଭାପତି ସାହୁ ସମ୍ମାନିତ ହୋଇଥିବାରୁ ତାଙ୍କୁ କ୍ଲବ ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପୂଜ୍ୟପୂଜାର ପରମ୍ପରାରେ ଗ୍ରାମର ବରିଷ୍ଠ ନାଗରିକ ଭବାନୀ ଚରଣ ସାହୁ, ବିପିନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବାଲୁ ନାୟକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଁର ୧୦ବର୍ଷର ଶିଶୁ ନିହାର ରଞ୍ଜନ ସାହୁଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ ପରିବେଷଣ କରାଯାଇଥିଲା। କ୍ଲବ ସଦସ୍ୟ ନୃସିଂହ ଚରଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ଦାବିରେ ସାମୂହିକ ଦୀପଦାନ

ତିର୍ତ୍ତୋଲ, ୨୫।୯
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରରେ ସୋମବାର ଶ୍ରୀ ଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ତରଫରୁ ପୁରୀ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ନେଇ ସାମୂହିକ ଦୀପଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ପୁରୀ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ପାଇଁ ମାତ୍ର ଗୋଟିଏ ଦ୍ୱାର ଖୋଲା ରହୁଛି। କରୋନା ଆଳ ଦେଖାଇ ସରକାର ଅନ୍ୟ ୩ଟି ଦ୍ୱାର ବନ୍ଦ କରିଦେଇଥିଲେ। ମାତ୍ର ପୁରୀ ବାସିନ୍ଦାଙ୍କ ପ୍ରବଳ ବିରୋଧ ଯୋଗୁ କେବଳ ପୁରୀବାସୀଙ୍କ ପାଇଁ ପଶ୍ଚିମ ଦ୍ୱାର ଖୋଲା ରହୁଛି। ପୁରୀ ବାହାର ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ଯାଇପାରୁଛନ୍ତି। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଘଣ୍ଟା ଧାଡ଼ିରେ ଛିଡ଼ା ହେବାକୁ ଫଳରେ ବୟସ୍କ ଭକ୍ତ, ରୋଗୀ ଓ ଶିଶୁମାନେ ଅସୁବିଧା ଭୋଗୁଛନ୍ତି। ଭିଡ଼ ଯୋଗୁ ଅନେକ ଭକ୍ତ ବଡ଼ଦାଣ୍ଡରୁ କେବଳ ନୀଳଚକ୍ର ଓ ପତିତପାବନ ବାନାକୁ ଦର୍ଶନ କରି ଫେରିବାକୁ ବାଧ ହେଉଛନ୍ତି। ଏହାର ସମାଧାନ ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଶ୍ରୀ ଜଗନ୍ନାଥ ସେନା, ପୁରୀ ପକ୍ଷରୁ ଅକ୍ଟୋବର ୩ରେ ମଙ୍ଗଳବାର ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ କରି ମା'ଶାରଳାଙ୍କ ପାଖରେ ସାମୂହିକ ଦୀପଦାନ କରାଯାଇଛି ବୋଲି ଚେତନା ଅଭିଯାନ ପକ୍ଷରୁ କୁହାଯାଇଛି। ଏଥିରେ କର୍ମକର୍ତ୍ତା ଜ୍ୟୋତି ରଞ୍ଜନ ପରିଡ଼ା, ଜଗନ୍ନାଥ ସଂସ୍କୃତିର ଗବେଷକ ଡ.ଧୃତିଧର ଦାସ, ଜଗତ୍‌ସିଂହପୁର ସାରସ୍ୱତ ପରିଷଦର ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ, ଖବରଦାତା ନୃସିଂହ ଚରଣ ବାରିକ, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଆବାହକ ସରୋଜ ନାୟକ ଦୀପଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ପକ୍ଷରୁ ମା' ଶାରଳାଙ୍କ ମନ୍ଦିରରେ ସାମୂହିକ ଦୀପଦାନ କରାଯାଉଛି।

# ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜୟନ୍ତୀ

କେନ୍ଦ୍ରାପଡ଼ା, ୨୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୦୭ତମ ଜୟନ୍ତୀ ଦୁହୁରିଆସ୍ଥିତ କାର୍ଯ୍ୟାଳୟରେ ସୋମବାର ପାଳନ କରାଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କୁମାର କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ପଣ୍ଡିତ ଉପାଧ୍ୟାୟଙ୍କ ଜୀବନୀ ଏକ ରାଷ୍ଟ୍ରଭକ୍ତିର ନିଚ୍ଛକ ଉଦାହରଣ। ମାତ୍ର ୫୨ ବର୍ଷ ଜୀବନକାଳରେ ସେ ମାନବତାର ଉଦାହରଣ ଦେଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏହି ପ୍ରମୁଖ ନେତା ଏକ ରାଜନେତା ଭାବେ ପ୍ରାଥମିକ ଜୀବନରେ ଭାରତୀୟ ଜନ ସଂଘର କର୍ମକର୍ତ୍ତା ଓ ପରେ ଭାରତୀୟ ଜନତା ପାର୍ଟିର ଫାଉଣ୍ଡର ମେମ୍ବର ଥିଲେ। ମାସିକ ପତ୍ରିକା ରାଷ୍ଟ୍ରଧର୍ମରେ ଦେଶର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଦିଗକୁ ତର୍ଜମା କରି ଶାସନ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସ୍ୱର ଉଠାଇଥିଲେ। ତେବେ ତାଙ୍କୁ ହୀନ ଚକ୍ରାନ୍ତ କରି ମାରି ଦିଆଯାଇଥିଲା ବୋଲି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅମିତାଭ ସୁଆର, ବିକ୍ରମ ସାହୁ, ପ୍ରିୟଦର୍ଶିନୀ ନନ୍ଦ, ଶୋଭନ ଆଚାର୍ଯ୍ୟ, ମଦନମୋହନ ରାଉତ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ଏହାକୁ ଜିଲା ଉପସଭାପତି ଉପିନ ରାଉତ ପରିଚାଳନା କରିଥିଲେ।

# ଯୁଗ୍ମ ଜନ ଶୁଣାଣି: ୧୦୭ ଅଭିଯୋଗ, ୨୦ ଫଇସଲା

ବାଲିକୁଦା,୨୫।୯ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ପାରୁଲ ପଟାୱାରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୧୦୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୨୦ ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ପିଆର, ଜିଲା ପରିଷଦ ସହକାରୀ ବିକାଶ-ତଥା-ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ବିଡିଓ ବିକାଶ ମହାନ୍ତି, ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହ ଏହାର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥରେ ବିଭିନ୍ନ ବିଭାଗର କ୍ଷେତ୍ର ଅଧିକାରୀମାନେ ଅଂଶ ଗ୍ରହଣ କରି ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଶିବିରରେ ୧୪ ଗୋଷ୍ଠୀଗତ ଓ ୯୩ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସେହିପରି ସମିତିସଭ୍ୟଙ୍କ କୋଟା ପାଣ୍ଠିରୁ ବେଆଇନ ଭାବେ ଅର୍ଥ କଟାଯିବାକୁ ନେଇ ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, କାଳିଓ ସମିତିସଭ୍ୟ ସମିର ସେନାପତି, ମାଛଗାଁ ସମିତିସଭ୍ୟ ନିରଞ୍ଜନ ଦାସଙ୍କ ସମେତ ଅନ୍ୟ କେତେଜଣ ସମିତି ସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ ବାଢ଼ିଥିଲେ।


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀଙ୍କ ଧାରଣା

ଏରସମା,୨୫।୯
(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କେନ୍ଦୁରିଶାଳ ଗ୍ରାମରେ ଏକ ଗୋଚର ଜମି ଦବର ଦଖଲ ଉଚ୍ଛେଦ ଦାବିରେ ସୋମବାର ଅସନ୍ତୁଷ୍ଟ ଗ୍ରାମବାସୀ ତହସିଲ ସମ୍ମୁଖରେ ଧାରଣାରେ ଦେଇଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଗୋଚର ଜମିକୁ ଜବରଦଖଲ କରିଛନ୍ତି । ଏହି ଜାଗା ଉପରେ ଗଛ ଲଗାଇଛନ୍ତି । ଏହାକୁ ଉଚ୍ଛେଦ କରିବା ପାଇଁ ଗତ ମାସରେ ଗ୍ରାମବାସୀ ଏରସମା ତହସିଲରେ ଅଭିଯୋଗ କରିଥିଲେ। ତହସିଲ ପକ୍ଷରୁ ସେହି ଜାଗା ମାପ କରାଯାଇଥିଲା । ଏହି ସମୟରେ ଜବର ଦଖଲ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ତହସିଲ ପକ୍ଷରୁ ୧୦୦୦ ଟଙ୍କା ଜରିମାନା କରାଯିବା ସହ ଜାଗା ଛାଡ଼ିବା ପାଇଁ ନୋଟିସ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତି ଜଣକ ଜାଗା ନ ଛାଡ଼ିବାରୁ ପ୍ରତିବାଦରେ ଭରତ ଜେନା, ପ୍ରଭାତ ମଲ୍ଲିକ, ଭାରତ ଚନ୍ଦ୍ର ନାୟକ, ବିଜୟ କୁମାର ଦାସ ପ୍ରମୁଖ ଗ୍ରାମବାସୀ ଧାରଣାରେ ବସିଥିଲେ । ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଥାନା ଅଧିକାରୀ ନିରଞ୍ଜନ ଦାସ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଆସନ୍ତା ୭ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ଧାରଣା ଦେଇଛନ୍ତି।

# ପରିବେଶକୁ ଅଣଦେଖା: ୩ ବର୍ଷରେ ୯ ଏନ୍‌ଜିଟି ମାମଲା

■ ରାଜସ୍ୱ ହାନି, ତଟାଞ୍ଚଳକୁ ବିପଦ
■ ପ୍ରାକୃତିକ ବିପର୍ଯ୍ୟୟ ରୋକିବାକୁ ସଚେତନତା ନାହିଁ

କେନ୍ଦ୍ରାପଡା, ୨୫।୯ (ଜଗନ୍ନାଥ ଧଳ)

ପରିବେଶ ସୁରକ୍ଷା ସାମ୍ପ୍ରତିକ ସମୟରେ ଏକ ଆହ୍ୱାନ ହୋଇଛି। ଜାତିସଂଘଠାରୁ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟନ୍ତ ଏ ନେଇ ବିବିଧ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ଶିକାର ହେଉଥିବା କେନ୍ଦ୍ରାପଡ଼ା ଜିଲା ଏ ନେଇ ସଚେତନ ହୋଇନାହିଁ। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ବର୍ଦ୍ଧିତ ମାମଲା ସଂଖ୍ୟାରୁ ଏହାର ସୂଚନା ମିଳିଛି। ଲଘୁ ଖଣିଜ ସମ୍ପଦ ଉଠାଣ ଓ ଜୈବ ବିବିଧତା ନଷ୍ଟକୁ ନେଇ ୩ ବର୍ଷ ମଧ୍ୟରେ ୯ଟି ଏନ୍‌ଜିଟି ମାମଲା ରୁଜୁ ହୋଇଛି। ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ନଷ୍ଟହେବା ଆଶଙ୍କାରେ ହୋଇଥିବା ଏନ୍‌ଜିଟି ମାମଲା ଏବେ ଶୁଣାଣି ଅପେକ୍ଷାରେ ଅଛି। ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ଜଙ୍ଗଲ ଜମିରେ ଅଛି। ଏ ନେଇ ଏନ୍‌ଜିଟିର ନିର୍ଦ୍ଦେଶକ୍ରମେ ଜମି ବଦଳ ସହ ଗଛ କ୍ଷତିଭରଣା ବାବଦ ୮୪,୫୬,୩୭୦ ଟଙ୍କା ଗ୍ରାମ୍ୟ ଜଳ ଯୋଗାଣ ବିଭାଗରୁ ଜଙ୍ଗଲ ବିଭାଗକୁ ଦିଆ ଯାଇଥିବା ସୂଚନା ମିଳିଛି। ସେହିପରି ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ୍ ରେଳପଥରେ ମହାନଦୀ ଓ ବ୍ରାହ୍ମଣୀ ତଟର ଲଘୁ ଖଣିଜ ସମ୍ପଦ ବିନିଯୋଗ ବିରୋଧରେ ହୋଇଥିବା ଏନ୍‌ଜିଟି ମାମଲାରେ ଜିଲା ପ୍ରଶାସନର ବିଫଳତା ପଦାକୁ ଆସିଛି। ନଦୀ ତଟାଞ୍ଚଳକୁ ସାଟେଲାଇଟ ସର୍ଭିଲାନ୍ସ ଓ ଆବଶ୍ୟକ ସିସିଟିଭିରେ ନଜର ରଖିବା ସହ ଅନ୍ୟ ପରାମର୍ଶ ଦିଆଯାଇଥିଲେ ମଧ୍ୟ ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହି ମାମଲାରେ ଲୁଟ ଖଣିଜ ସମ୍ପଦର ଭରଣା ବାବଦ ୨,୫୫,୧୧,୬୩୨ ଟଙ୍କା ଧାର୍ଯ୍ୟ ହୋଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ପରିବେଶ ସୁରକ୍ଷା ପ୍ରତି ଜିଲା ପ୍ରଶାସନ ସଚେତନ ନୁହନ୍ତି। ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି। ତଟକ୍ଷୟରୁ ରକ୍ଷା ପାଇଁ ହେନ୍ତାଳବଣ ରକ୍ଷା ଆବଶ୍ୟକ। ଶିଳ୍ପ ଓ ଚିଙ୍ଗୁଡ଼ି ଘେରିର ବର୍ଜ୍ୟ ରାସାୟନିକ ପଦାର୍ଥ ହେନ୍ତାଳବଣ ସହ ସାମୁଦ୍ରିକ ଅଞ୍ଚଳ ନଷ୍ଟ କରୁଛି। ଏ ନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁକରି ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭଦ୍ରକର ମେଗା ପାନୀୟ ଜଳ ପ୍ରକଳ୍ପକୁ ଖରସ୍ରୋତା ନଦୀରୁ ପାଣି ଉଠାଗଲେ ଜାତୀୟ ଉଦ୍ୟାନର ଜୈବ ବିବିଧତା ନଷ୍ଟହେବ। ଏହା ଜାଣିବା ସତ୍ତ୍ୱେ ପ୍ରକଳ୍ପ ବନ୍ଦ କରାଯାଉନାହିଁ। ଏ ନେଇ ଜିଲାର ୪ ପରିବେଶବିତ ଓ ଶିକ୍ଷାବିତ ଏନ୍‌ଜିଟିରେ ମାମଲା କରିଛନ୍ତି। ବୁଦ୍ଧିଜୀବୀ ବିଭୂତି ଭୂଷଣ ରାଉତ କହିଛନ୍ତି, ଜିଲାର ଆଳି, ଡେରାବିଶ, ଗରଦପୁର, ରାଜକନିକା, ମାର୍ଶାଘାଇ, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ନଦୀର ୨୮ ସଇରାତରେ ବାଲି ଉଠାଣ ପାଇଁ ଜିଲା ପ୍ରଶାସନ ଟେଣ୍ଡର ମାଧ୍ୟ ଦେଇଛନ୍ତି। ସମୁଦାୟ ୧୫୭.୩୩୬ ହେକ୍ଟର ଆୟତନର ଏହି ସଇରାତ ପାଇଁ ରାଜସ୍ୱ ଧାର୍ଯ୍ୟ କରାଯାଇଛି। ଏଥିସହ ନିର୍ଦ୍ଦିଷ୍ଟ ପରିମାଣରେ ବାଲି ଉଠାଣ ପାଇଁ ଅନୁମତି ଦିଆଯାଉଥିଲେ ମଧ୍ୟ ଲିଜ୍‌ଧାରୀ ଅଧିକ ପରିମାଣରେ ବାଲି ଉଠାଉଛନ୍ତି। ଏପରିକି କେତେକ ସ୍ଥାନରେ ସଇରାତ ନିଲାମ ହୋଇ ନ ଥିଲ ମଧ୍ୟ ବାଲି ଉଠାଣ ଚାଲିଛି। ଏଥିପାଇଁ ପଟ୍ଟାମୁଣ୍ଡାଇ ବ୍ଲକର ବ୍ରାହ୍ମଣୀ ନଦୀରୁ ବାଲି ଉଠାଣ, କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରରେ ବାଲି ଉଠାଣକୁ ନେଇ ଏନ୍‌ଜିଟିରେ ମାମଲା ହୋଇଛି। ଅଶେଷ ଖଟୁଆ କହିଛନ୍ତି, ପାଟକୁରା ଥାନା ଅଞ୍ଚଳରେ ବେଆଇନ ବାଲି ଉଠାକୁ ନେଇ ଗ୍ୟାଙ୍ଗୱାର ହୋଇଛି। ପରିବେଶ ମଞ୍ଜୁରୀ ସମ୍ପର୍କିତ ମଞ୍ଜୁରୀ ନ ଥାଇ ଲଘୁ ଖଣିଜ ସମ୍ପତ୍ତି ଲୁଟ ହେଉଛି। ଜିଲା ପ୍ରଶାସନ ଏ ସମ୍ପର୍କରେ ଅଧିକ ସମ୍ବେଦନଶୀଳ ହେବା ଆବଶ୍ୟକ ହୋଇପଡ଼ିଛି।



ବ୍ରାହ୍ମଣୀ ନଦୀର ବାଲି ସଇରାତ।

# ଶିଶୁଙ୍କଠୁ ହଟିବ ଅପପୁଷ୍ଟି, କୁପୋଷଣ

■ ମହାକାଳପଡ଼ା ବ୍ଲକରେ ୨୦୨ ଶିଶୁଙ୍କୁ ଅଙ୍କୁର କିଟ୍ ପ୍ରଦାନ
■ ରାଜ୍ୟର ପ୍ରଥମ କେନ୍ଦ୍ରାପଡ଼ା ଜିଲାପାଳ କାର୍ଯ୍ୟକାରୀ କଲେ

ମହାକାଳପଡ଼ା, ୨୫।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ୱପୋଷଣ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ବେଶ୍ ଫାଇଦା ମିଳିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଫଳ ରୂପାୟନ ପାଇଁ ଉଭୟ ଜିଲା ସମାଜ କଲ୍ୟାଣ ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଅଙ୍କୁର କିଟ୍ ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ରହିଛି ୭ ମାସରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ଅତିଶୟ କମ୍ ଓଜନ ବିଶିଷ୍ଟ ଶିଶୁ ନିମନ୍ତେ ଉଦ୍ଦିଷ୍ଟ। ଏହି ଜରିଆରେ ଶିଶୁଙ୍କୁ ଖାଦ୍ୟ ଓ ଭିଟାମିନ ଔଷଧ ସେବନ ନିୟମିତ କଲେ ଭବିଷ୍ୟତରେ ଶିଶୁଟି କୁପୋଷଣ ତଥା ଅପପୁଷ୍ଟିରେ ଶିକାର ହେବ ନାହିଁ। ଜିଲାରେ ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ପ୍ରଥମଥର ପାଇଁ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ପ୍ରତ୍ୟକ୍ଷ ସହଯୋଗରେ ମହାକାଳପଡ଼ା ବ୍ଲକରେ ୨୦୨ ଶିଶୁଙ୍କ ମା'ମାନଙ୍କୁ ଅଙ୍କୁର କିଟ୍ ପ୍ରଦାନ କରାଯାଇଛି।

ସୋମବାର ବ୍ଲକ ପରିସରରେ ଶିଶୁ ସୁରକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଅଙ୍କୁର କିଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସାଗର କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଥର ମହତ ଉଦ୍ଦେଶ୍ୟ ରଖି ଶିଶୁମାନଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଯୋଜନାରେ ଶିଶୁମାନଙ୍କୁ ୭ ମାସରୁ ୧ ବର୍ଷ ଶିଶୁଙ୍କୁ ଦଲିଆ, ଗୁଡ଼, ଘିଅ, ଭିଟାମିନ ବିସ୍କୁଟ ପ୍ରଦାନ କରାଯାଉଛି। ଏକ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦଲିଆ, ଗୁଡ଼, ଘିଅ, ବିସ୍କୁଟ ଓ ବାଦାମ ଚକି ପ୍ରଦାନ କରାଯାଉଥିବା ବେଳେ ୩ ବର୍ଷରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମାନ ଅନୁପାତର ଭିଟାମିନଯୁକ୍ତ ଖାଦ୍ୟ ସେବନ କରିବେ। ସେହିପରି ଶିଶୁମାନଙ୍କୁ କ୍ୟାଲ୍‌ସିମ ସିରପ, ମଲ୍ଟି ଭିଟାମିନ ଡ୍ରପ୍ ଆଦି ସେବନ କରିପାରିବେ। ତେବେ ଶିଶୁମାନଙ୍କୁ ଖାଦ୍ୟ ଓ ଭିଟାମିନ ଔଷଧ ସେବନ ନିୟମିତ ଭାବେ ପାଳନ କରିବାକୁ ଦାୟିତ୍ୱରେ ଥିବା ଅଙ୍ଗନୱାଡି ଓ ଆଶାକର୍ମୀ ତଦାରଖ କରିବା ସହ ପ୍ରତି ୧୫ ଦିନରେ ଶିଶୁମାନଙ୍କୁ ଓଜନ ବୃଦ୍ଧି ପାଇବା ନେଇ ତଦାରଖ କରି ରିପୋର୍ଟ ପ୍ରଦାନ କରିବେ ବୋଲି ବିଡିଓ ନନ୍ଦ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀ ଓ ମା'ମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ ବ୍ଲକ ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ନିରାକରଣ ଅଧିକାରିଣୀ କବିତା ମଲିକ ଉପସ୍ଥିତ ମା' ଓ ଅଙ୍ଗନୱାଡି କର୍ମୀମାନଙ୍କୁ କହିଥିଲେ, ଠିକ୍ ଭାବେ ଶିଶୁର ବୟସ ଅନୁସାରେ ଖାଦ୍ୟ ସାରଣୀ କରି ଖାଦ୍ୟ ଖୁଆଇବାକୁ ପରାମର୍ଶ ଦେଇଥିଲେ। ଶିଶୁଙ୍କୁ ମା' କ୍ଷୀର ୬ ମାସ ପର୍ଯ୍ୟନ୍ତ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହାସହ ଶିଶୁମାନଙ୍କୁ ବାଡ଼ିରେ ଥିବା ଶାଗ, ଅମୃତଭଣ୍ଡା ଭଳି ଖାଦ୍ୟ ସିଝାଇ ଖାଇବାକୁ ଦେବାକୁ କହିଥିଲେ। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ଅତିରିକ୍ତ ତହସିଲଦାର ଶାନ୍ତିଲତା ହାଁସଦା, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା, ସ୍ୱାସ୍ଥ୍ୟ କର୍ମଚାରୀ ପ୍ୟାରୀମୋହନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଅଙ୍କୁର କିଟ୍ ଶିଶୁଙ୍କ ମା'ଙ୍କ ପ୍ରଦାନ କରାଯାଇଥିଲା। ଏଥିରେ ଶିଶୁ ବିକାଶ ସମସ୍ତ କର୍ମଚାରୀଙ୍କ ସମେତ ସମସ୍ତ ମା' ଓ ଶିଶୁମାନେ ଉପସ୍ଥିତ ଥିଲେ।



ବ୍ଲକ ଶିଶୁ ସୁରକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଶିଶୁଙ୍କ ଲାଗି ମା'ଙ୍କୁ ଅଙ୍କୁର କିଟ୍ ଦିଆଯାଉଛି।

# ପାଇଖାନା ଟାଙ୍କିରେ ପଡ଼ି ନାବାଳିକା ମୃତ

ଧର୍ମଶାଳା/କାଏମା, ୨୫।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ବଡକାଏମା ପଞ୍ଚାୟତ ରାଧାନଗର ଗ୍ରାମରେ ପାଇଖାନା ଟାଙ୍କିରେ ପଡି ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ରାଧାନଗର ଗ୍ରାମର ପୂର୍ବତନ ସରପଞ୍ଚ ଅଙ୍କୁର କୁମାର ନାୟକଙ୍କ ଝିଅ ଅଙ୍କିତା(୧୬)। ସୂଚନା ଅନୁଯାୟୀ, ଅଙ୍କିତା ସୋମବାର ସକାଳେ ଘର ନିକଟ ଗଛରୁ ସଜନା ଶାଗ ତୋଳିବାକୁ ଯାଇଥିଲେ। ଅସାବଧାନତାବଶତଃ ନିକଟରେ ଥିବା ପାଇଖାନା ଟାଙ୍କିରେ ଗଳି ପଡିଥିଲେ। ଝିଅ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ସେ ଟାଙ୍କିରେ ପଡିଯାଇଥିବା ପରିବାର ଲୋକ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୨୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ଧନେଶ୍ୱର



@ ଜୀବନ



@ ମନୋଜ



@ ତିଲକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାଙ୍ଗଙ୍କ ଛୁରାମାଡ଼ରେ ସାଙ୍ଗ ମୃତ

କେନ୍ଦ୍ରାପଡ଼ା, ୨୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ଅଞ୍ଚଳରେ ନିଶା ସେବନ ସମୟରେ ସାଙ୍ଗଙ୍କ ଛୁରାମାଡରେ ସାଙ୍ଗ ତ୍ରିଲୋଚନ ମଲ୍ଲିକ (୩୦)ଙ୍କ ସୋମବାର ମୃତ୍ୟୁ ହୋଇଛି। ତ୍ରିଲୋଚନଙ୍କ ଘର ଥାନା ଅନ୍ତର୍ଗତ ଧୂମାତ ଶାସନସ୍ଥିତ ଚାରିଗାଁ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଚାରିଗାଁ ନିକଟ କେନାଲ ବନ୍ଧ ଉପରେ ତ୍ରିଲୋଚନ ଓ ଅନ୍ୟ ୪ଜଣ ମିଶି ନିଶା ସେବନ କରୁଥିଲେ। କୌଣସି କାରଣରୁ ଜଣେ ସାଙ୍ଗ ଉତ୍ତ୍ୟକ୍ତ ହୋଇ ତ୍ରିଲୋଚନଙ୍କୁ ଛୁରାମାଡ଼ କରିଥିଲେ। ଫଳରେ କାନ୍ଧ ଓ ଛାତିରେ ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହି ସମୟରେ ସାଙ୍ଗମାନେ ଘଟଣାସ୍ଥଳରୁ ଫେରାର ପରେ ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ନିକିରେଇ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀ କହିଛନ୍ତି, ଘଟଣା ସମ୍ପର୍କରେ ଜାଣିବା ପରେ ତଦନ୍ତ ଆରମ୍ଭ ହୋଇଛି। ଫୋରେନସିକ ବିଭାଗ ଘଟଣାସ୍ଥଳର ଚିକିନିଖି ଅନୁସନ୍ଧାନ ଚଳାଇଛନ୍ତି। ତ୍ରିଲୋଚନଙ୍କ ନାମରେ ଚୋରି, ଅପହରଣ, ଦାଦାଗିରି, ଅସ୍ତ୍ର ରଖିବା ଆଦି ଘଟଣାରେ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କୁ ଆକ୍ରମଣ, ଥାନାରେ ମାମଲା

ବରୀ, ୨୫।୯ (ମହେନ୍ଦ୍ର ସ୍ୱାଇଁ) : ବରୀ ବ୍ଲକ ବୋଦୁଅ ପଞ୍ଚାୟତ ସରପଞ୍ଚ ଦେବୀ ମିଶ୍ରଙ୍କୁ ସେହି ପଞ୍ଚାୟତର ୨ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶଯେ, ସରପଞ୍ଚ ମିଶ୍ର ବାଇକ୍‌ରେ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିବାକୁ ଯାଉଥିଲେ। ପଞ୍ଚାୟତର ସ୍ୱାଇଁ ସାହି ଛକ ନିକଟରେ ପାର୍ଥସାରଥୀ ଜେନା ଓ ବିଭୁତି ଜେନା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ସରପଞ୍ଚଙ୍କୁ ଆକ୍ରମଣ କରାଯିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ଓ ଆକ୍ରମଣର ଶିକାର ହୋଇଥିବା ସରପଞ୍ଚ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ ବିଞ୍ଝାରପୁର ଥାନା ପୋଲିସ ମାମଲା ରୁଜୁ କରି ହାତବାନ୍ଧି ବସିଛି ବୋଲି ଅଭିଯୋଗ ହୋଇଛି। ଥାନାଧିକାରୀ ଶଙ୍କର୍ଷଣ ଦଳାଇ କହିଛନ୍ତି, ବୋଦୁଅ ପଞ୍ଚାୟତ ସରପଞ୍ଚଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କାମ ହୋଇନି, ୬ ପ୍ରକଳ୍ପ ନାଁରେ ୧୦ ଲକ୍ଷ ହଡ଼ପ

ରାଜନଗର, ୨୫।୯ (ଭାସ୍କର ରାଉତରାୟ)

ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତଗୁଡ଼ିକର ଉନ୍ନତି ଓ ବିକାଶ ପାଇଁ କ୍ଷମତା ଅର୍ପଣ କରାଯାଇଛି। କରୋନା ମହାମାରୀ ସମୟରେ ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ଅର୍ପଣ କରାଗଲା। ମାତ୍ର ଜିଲାପାଳଙ୍କ କ୍ଷମତା ପାଇଥିବା ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧି ଏପରିକି ଅଞ୍ଚଳବାସୀଙ୍କୁ ଅନ୍ଧାରରେ ରଖି ସରକାରୀ ଟଙ୍କା ଲୁଟି ନିଆଯାଇଛି। ଏହି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ କ୍ଷେତ୍ରରେ। ପଞ୍ଚାୟତରେ ଫାଇଲ ଖୋଲିଲେ ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ଯାଏ ଜାଣିବାର ସମ୍ଭାବନା ଥିବାରୁ ସେମାନଙ୍କ ଅଗୋଚରରେ ବ୍ଲକ କାର୍ଯ୍ୟାଳୟରେ ଫାଇଲ ଖୋଲି ସରକାରୀ ଟଙ୍କା ଲୁଟି ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଗୋଟିଏ କି ଦୁଇଟି ନୁହେଁ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତାପାର୍ଶ୍ୱ ମାଟି ଫିଲିଂ ଲାଗି ୬ ପ୍ରକଳ୍ପ ନାଁରେ ଫାଇଲ ଖୋଲି ୧୦ ଲକ୍ଷ ଟଙ୍କା ଲୁଟି ନିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି।

କୋଲଇପୁର ପଞ୍ଚାୟତରେ ୬ଟି ପ୍ରକଳ୍ପ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫାଇଲ ଖୋଲାଯାଇଛି। ଗ୍ରାମସଭାରେ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଗୃହୀତ ହେବା ପରେ ପଞ୍ଚାୟତ ପରିବର୍ତ୍ତେ ବ୍ଲକ କାର୍ଯ୍ୟାଳୟରେ ଏହି ସମସ୍ତ ଫାଇଲ ଖୋଲାଯାଇଛି। ୨୦୨୨ ଜୁଲାଇ ୨୨ରେ ଗୋଟିଏ ଦିନରେ ଏହି ସମସ୍ତ ଫାଇଲ ଖୋଲାଯାଇଛି। ଏହି ପଞ୍ଚାୟତର ବଡ଼ପଲ୍ଲୀ ଗାଁର ପ୍ରାଥମିକ ବିଦ୍ୟାଳୟଠାରୁ ସବ୍‌ଷ୍ଟେଶନ ସ୍କୋୟାର ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ କାମ ୨୦୨୩ ମେ ୩୦ରେ ଆରମ୍ଭ ହୋଇ ୧୨ଜୁନ ଯାଏ କାମ ହୋଇଥିବା ଦର୍ଶାଇ ୪୫୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୬୫୦ ଟଙ୍କା, କାଙ୍କଦିଆ ଗାଁର ଶେଷମୁଣ୍ଡଠାରୁ ସାଲାଇନ ଏମ୍ବାକମେଣ୍ଟ ଯାଏ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଫିଲିଂ କାମ ୨୦୨୨ ନଭେମ୍ବର ୨୨ରୁ ଆରମ୍ଭ ହୋଇ ଡିସେମ୍ବର ଯାଏ ହୋଇଥିବା ଦର୍ଶାଇ ୪୭୩ ଜଣ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୫ ହଜାର ୬ ଟଙ୍କା, ବରୁଣିପଲ୍ଲୀ ଗାଁର ଗୋଜବାୟାଣୀ ପୀଠଠାରୁ ଶ୍ରୀଧର ବେଜ ଘର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ ଦର୍ଶାଇ ୨୦୨୨ ନଭେମ୍ବର ୨୪ରୁ ଡିସେମ୍ବର ୭ ପର୍ଯ୍ୟନ୍ତ ୪୮୦ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୬ ହଜାର ୫୬୦ ଟଙ୍କା, ବଡ଼ପଲ୍ଲୀସ୍ଥିତ ଚଞ୍ଚଳା ଷ୍ଟାଡିୟମର ସାଇଡରେ ମାଟି ଫିଲିଂ ଦର୍ଶାଇ ୨୦୨୨ ନଭେମ୍ବର ୨୪ରୁ ୨୦୨୩ ମାର୍ଚ୍ଚ ୨୫ ମଧ୍ୟରେ ୮୮୫ ଶ୍ରମିକଙ୍କ ନାଁରେ ୧ ଲକ୍ଷ ୯୬ ହଜାର ୪୭୦ ଟଙ୍କା, ତେତେଲେଙ୍ଗା ଗାଁର ପ୍ରଫୁଲ୍ଲ ଦାସ ଘରଠାରୁ ଶ୍ମଶାନ ଘର ଯାଏ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ ନାଁରେ ୨୦୨୩ ମେ ୩୦ରୁ ଜୁନ୍ ୧୨ ମଧ୍ୟରେ ୪୫୬ଜଣ ଶ୍ରମିକ କାମ କରିବା ଦର୍ଶାଇ ୧ ଲକ୍ଷ ୮ ହଜାର ୭୨ ଟଙ୍କା, ବଡପଲ୍ଲୀ ହରଗୌରୀ ମାର୍କେଟ ନିକଟ ଏସ୍‌ଡବ୍ଲ୍ୟୁପିସି ନିକଟରେ ମାଟି ଫିଲିଂ ନାଁରେ ୨୦୨୨ ଅକ୍ଟୋବରରୁ ନଭେମ୍ବର ୧୪ ମଧ୍ୟରେ ୧୬୩୭ ଶ୍ରମିକଙ୍କ ନାଁରେ ୩ ଲକ୍ଷ ୬୪ ହଜାର ୪୧୪ ଟଙ୍କା ବିଲ କରି ଉଠାଇ ନିଆଯାଇଛି।



ବଡ଼ପଲ୍ଲୀସ୍ଥିତ ଚଞ୍ଚଳା ଷ୍ଟାଡିୟମର ସାଇଡରେ ମାଟି ଫିଲିଂ ଦର୍ଶାଇ ଟଙ୍କା ହଡ଼ପ ହୋଇଛି।

## ବ୍ଲକ କାର୍ଯ୍ୟାଳୟରେ ଫାଇଲ ଖୋଲି ସରକାରୀ ଅର୍ଥ ହେରଫେର

୬ଟି ପ୍ରକଳ୍ପ ମଧ୍ୟରୁ ୫ଟି ପ୍ରକଳ୍ପ ରାସ୍ତାର ଦୁଇପାର୍ଶ୍ୱରେ ମାଟି ଫିଲିଂ କାମ ବୋଲି ଦର୍ଶାଯାଇଥିବା ବେଳେ ଅନ୍ୟଟି ଏସ୍‌ଡବ୍ଲ୍ୟୁପିସି ନିକଟରେ ମାଟି ଫିଲିଂ ବୋଲି ଦର୍ଶାଇ ବିଲ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬ଟି କାମରେ ଶ୍ରମିକଙ୍କ ନାଁରେ ୯ ଲକ୍ଷ ୮୬ ହଜାର ୧୭୨ ଟଙ୍କା ଉଠାଇ ନିଆଯାଇଛି ବୋଲି କୋଲଇପୁର ସରପଞ୍ଚ ଦିଲୀପ କୁମାର ରାଉତ ଅଭିଯୋଗ କରିଛନ୍ତି। ଦିଲୀପଙ୍କ ଅଭିଯୋଗ ମୁତାବକ, ଯେଉଁ ୬ଟି କାମ ନାଁରେ ମାଟି ଫିଲିଂ ଦର୍ଶାଇ ୧୦ ଲକ୍ଷ ଉଠାଇ ନିଆଯାଇଛି, କୌଣସି ଗୋଟିଏ ବି ସ୍ଥାନରେ ଝୁଡ଼ିଏ ବି ମାଟି ପଡିନି କି କୋଦାଳ ଦାଗ ବସିନାହିଁ। ମୋତେ ଓ ପଞ୍ଚାୟତର ନିର୍ବାଚିତ ସମିତିସଭ୍ୟ, ୱାର୍ଡସଭ୍ୟମାନଙ୍କୁ ଅନ୍ଧାରରେ ରଖି ବ୍ଲକରେ ଫାଇଲ ଖୋଲି କାଗଜକଲମରେ କାମ ହୋଇଥିବା ଦର୍ଶାଇ ବିଡିଓଙ୍କ ତଙ୍ଗଲରେ ସରକାରୀ ଅର୍ଥ ଲୁଟି ନିଆଯାଇଛି ବୋଲି ସେ କହିଛନ୍ତି। ସବୁଠୁ ବଡ଼କଥା ହେଲା ଯେଉଁ ୬ଟି ପ୍ରକଳ୍ପ ନାଁରେ ଏହି ଅର୍ଥ ଲୁଟ ହୋଇଛି, ସେ ପ୍ରକଳ୍ପ କୌଣସି ଜରୁରୀ କାମର ଆବଶ୍ୟକତାକୁ ସୂଚାଉ ନାହିଁ। ପ୍ରକଳ୍ପ ସବୁ ଜରୁରୀ ନ ଥିବା ବେଳେ ପଞ୍ଚାୟତ ପରିବର୍ତ୍ତେ କାହିଁକି ବ୍ଲକରେ ଫାଇଲ ଖୋଲାଗଲା ଓ ପ୍ରଶାସନିକ ଅଧିକାରୀ କିପରି ମଞ୍ଜୁରୀ ଦେଲେ, ଜିଆରଏସ୍, ଏପିଓ, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ କାହାକୁ ଦେଖି ବିଲ୍ କଲେ ଓ ଟଙ୍କା ଉଠାଇଲେ, ତାହା ଏବେ ଆଲୋଡନ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଡିଓ ନିଶାନ ମିଶ୍ରଙ୍କୁ ପଚାରିବାରେ ଏବେ ନୂଆ କରି ଆସିଛି, କ'ଣ ହୋଇଛି ଦେଖିବି ପରେ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

# ବର୍ଷେ ପରେ ବି ଟେର୍ ପାଉନି ପୋଲିସ

## ଜୁଏଲେରି, ପେଟ୍ରୋଲ ପମ୍ପ ଡକାୟତି ଘଟଣା
## ପୋଲିସ ପାଟ୍ରୋଲିଂ ନାହିଁ

ନୟାଗଡ଼,୨୫।୯ (ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାରେ ଚୋରି, ଡକାୟତି ପରି ଘଟଣା ଚିନ୍ତାର କାରଣ ପାଲଟିଛି। ପୋଲିସ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ କେତେଜଣ ଚୋରି ଓ ଡକାୟତି ଘଟଣାରେ ଗିରଫ କରି ବାହାବା ନେଉଛି। ହେଲେ ଜିଲାର ଲୋକ ନିରାପଦ ନୁହନ୍ତି ବୋଲି ଅଭିଯୋଗ ହେଉଛି। ତାଲା ପଡୁଥିବା ଘରୁ ଚୋରି ହେଉଛି। ପୁଣି ଦିନ ଦିପ୍ରହରରେ ବନ୍ଧୁକ ଫୁଟାଇ, ବୋମା ପକାଇ ଡକାୟତି ଚାଲିଛି। ତେବେ ପୋଲିସ ଚୋରି ଓ ଡକାୟତିରର ଟେର ପାଉନି। ଶରଣକୁଳ, ରଣପୁର ଓ ନୟାଗଡ଼ ଟାଉନ ଥାନାର ଡକାୟତି, ଚୋରି ଘଟଣାକୁ ଲକ୍ଷ୍ୟ କଲେ ପୋଲିସର ପାରିଦର୍ଶିତା ବାରି ହୋଇ ପଡୁଛି। ଗୋଡିପଡା ଡକାୟତି ଘଟଣା ହେଉ ଅଥବା ନୟାଗଡ଼ ଭିଜିଲାନ୍ସ ଅଫିସ ପାଖରେ ଘରେ କଳାକନା ବୁଲାଇବା, ସବୁଠି ଚୋର ଓ ଡକାୟତମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଚୋରି, ଡକାୟତି ପଛରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାକୁ ଦାୟୀ କରାଯାଉଛି। ନୟାଗଡ଼ ସହରର ଲୋକସଂଖ୍ୟା, ବିଭିନ୍ନ ଲେନ ଓ ଗଳି ବଢ଼ିବାରେ ଲାଗିଛି। ଅନେକ ଏରିଆରେ ପୋଲିସ ଆଦୌ ପାଟ୍ରୋଲିଂ କରୁନାହିଁ। ଶରଣକୁଳ ଓ ରଣପୁର ଥାନା ଅଞ୍ଚଳରେ ଥିବା ବହୁ ଗାଁକୁ ପୋଲିସର ଭ୍ୟାନ ଆଦୌ ଗଡୁ ନ ଥିବା ଅଭିଯୋଗ ରହିଛି। ଗୋଡିପଡା ଫାଣ୍ଡି ଗୋଡିପଡ଼ା ବଜାରର ରଣପୁର ରୋଡ଼ରେ ଥିବା ମହାଲକ୍ଷ୍ମୀ ଜୁଏଲେରୀ ଓ ଏହାର ୱାର୍କ ସପ ଭଙ୍ଗାରୁଜା କରି ୨୦୨୨ ଜୁଲାଇ ୧୯ ଅପରାହ୍ନରେ ଡକାୟତି ହୋଇଥିଲା। ସେହିଦିନ ଗୋଡିପଡ଼ା ନିକଟସ୍ଥ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ଡମସାହି ବାଗ୍‌ଦେବୀ ମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅନୁରୂପ ଭାବେ ଭଙ୍ଗାରୁଜା କରି ୧ ଲକ୍ଷ ୩୦ ହଜାର ଟଙ୍କା ଅନୁରୂପ ଡକାୟତି ହୋଇଥିଲା। ଦୁଇ ଡକାୟତି ଘଟଣାକୁ ବର୍ଷେରୁ ଉର୍ଦ୍ଧ୍ୱ ବିତି ଯାଇଥିବାବେଳେ ଡକାୟତଙ୍କୁ ଠାବ କରିବାରେ ଶରଣକୁଳ ଓ ରଣପୁର ଥାନା ପୋଲିସ ବିଫଳ ହୋଇଛି।

ଗୋଡିପଡାର ମହାଲକ୍ଷ୍ମୀ ଜୁଏଲେରୀରୁ ୫ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଡକାୟତି ହୋଇଥିଲା। ଡକାୟତି ବେଳେ ଜୁଏଲେରୀର ସିସିଟିଭି କାମ କରୁ ନ ଥିଲା। ସେହିପରି ପେଟ୍ରୋଲ ପମ୍ପର ସିସିଟିଭି ବନ୍ଦ ଥିଲା। ଅନ୍ୟପକ୍ଷେ କିଛି ଜୁଏଲେରୀ ଭିତରେ କେବଳ ଖୋଳ ଥିଲା। ସେଥିରେ ଅଳଙ୍କାର ନ ଥିଲା। ଡକାୟତମାନେ ସେଥିରେ ହାତ ମାରିନାହାନ୍ତି। ଏଣୁ ପୂର୍ବରୁ ଡକାୟତିମାନେ ଜୁଏଲେରୀ ଓ ପେଟ୍ରୋଲ ପମ୍ପକୁ ଆସି ଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଥିଲା। ପୁଣି ଡକାୟତିମାନେ ଗଞ୍ଜାମ ଲୋକଙ୍କ ପରି କଥାବାର୍ତ୍ତା ସହ ଗାଳିଗୁଲଜ କରିଥିଲେ। ଏଣୁ ଚୋରମାନେ ଗଞ୍ଜାମ ଜିଲାର ଲୋକ ହୋଇପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ନୟାଗଡ଼ ଟାଉନ ଥାନା ନୟାଗଡ଼ ପୁରୁଣା ସହର ଭିଜିଲାନ୍ସ କାର୍ଯ୍ୟାଳୟ ଲେନରେ ଗତ ୧୭ ତାରିଖ ରବିବାର ସନ୍ଧ୍ୟାରେ ୩ଜଣ ଦୁର୍ବୃତ୍ତ ପାଣି ମାଗି ଘରେ କଳାକନା ବୁଲାଇ ଦେଇଥିଲେ। ଘର ମାଲିକାଣି ଉର୍ମିଳା ଦେଓଙ୍କୁ ବାନ୍ଧି, ମାରପିଟ୍ କରି ଟ୍ରଙ୍କ ଓ ଗଡରେଜରୁ ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟେରା ଚାଲିଯିବା ପରେ ଉର୍ମିଳା ବହୁ କଷ୍ଟରେ ବାହାରକୁ ଆସି ଲୁଟ୍ ସମ୍ପର୍କରେ କହି ସହଯୋଗ ମାଗି ଥିଲେ। ସ୍ଥାନୀୟ ଲୋକ ଉର୍ମିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ଘଟଣାର ୮ ଦିନ ପରେ ପୋଲିସ ହାତ ଖାଲି ପଡିଛି। ପୋଲିସ ଅନ୍ଧାରରେ ବାଡି ବୁଲାଉଥିବା ଅଭିଯୋଗ ରହିଛି। ୩ ଦୁର୍ବୃତ୍ତ ପ୍ରଥମେ ଘର ଭଡା ବାହାନରେ ଘରକୁ ଆସିଥିଲେ। ଘର ନାହିଁ କହିବାକୁ ଚାଲାକ କରି ପାଣି ମାଗିଥିଲେ। ପାଣି ଦେବାକୁ ଯିବା ସମୟରେ ଉର୍ମିଳାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିଲେ। ପରେ ମାରପିଟ୍ କରି ବାନ୍ଧି ଦେଇଥିଲେ। ଅନ୍ୟପକ୍ଷେ ଟ୍ରଙ୍କ ଓ ଗଡରେଜରୁ ଅଳଙ୍କାର ଲୁଟି ନେଇଥିଲେ।

# ସବ୍‌ଜେଲ କର୍ମଚାରୀଙ୍କ ଆମରଣ ଅନଶନ


ଉପକାରାଗାର କର୍ମଚାରୀମାନେ ଆମରଣ ଅନଶନରେ ବସିଛନ୍ତି।

**ନୟାଗଡ଼,୨୫।୯(ଲୋକନାଥ ମିଶ୍ର):** ନିଖିଳ ଓଡ଼ିଶା ଜେଲ କାରାଗାର କର୍ମଚାରୀ ମହାସଂଘ ଆହ୍ୱାନରେ ନୟାଗଡ଼ ଜିଲା କାରାଗାର କର୍ମଚାରୀ ଶାଖା ପକ୍ଷରୁ ନୟାଗଡ଼ ଉପକାରାଗାରର କର୍ମଚାରୀମାନେ ୫ ଦଫା ଦାବି ପୂରଣ ନେଇ ସୋମବାରଠାରୁ ଆମରଣ ଅନଶନ କରିଛନ୍ତି । ଗତ ୧୩ ତାରିଖରୁ ସବ୍‌ଜେଲ କର୍ମଚାରୀ କଳାବ୍ୟାଜ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଥିଲେ। ସରକାର ଦାବି ପ୍ରତି ଅଣଦେଖା କରିବା ପରେ ଆମରଣ ଅନଶନ ହୋଇଛି । ୱାର୍ଡରମାନଙ୍କ ଗ୍ରେଡ୍ ପେ ୧୯୦୦ରୁ ୨ହଜାର ଓ ଚିଫ୍ ୱାର୍ଡରମାନଙ୍କର ଗ୍ରେଡ୍ ପେ ୨ହଜାରରୁ ୨୪ଶହକୁ ବୃଦ୍ଧି, ପୁରୁଣା ପଦୋନ୍ନତି ନିୟମ ୨୦୧୨ ଲାଗୁ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪୦୦ରୁ ୧୪୦୦କୁ ବୃଦ୍ଧି, ୧୩ ମାସିଆ ଦରମା ବୃଦ୍ଧି ଆଦି ଦାବି ନେଇ ଜେଲ କର୍ମଚାରୀମାନେ ଏହି ଆନ୍ଦୋଳନ ଜାରି ରଖିଛନ୍ତି । ଜେଲ ଏମ୍ପ୍ଲୋଇ ଆସୋସିଏଶନର ନୟାଗଡ଼ ଶାଖାର ହିମାଂଶୁ ଶେଖର ପାଇକରାୟ, ଉପସଭାପତି ତପନ କୁମାର ପାଲଟାସିଂହ, ସମ୍ପାଦକ ଅଜୟ ମଲିକ ପ୍ରମୁଖଙ୍କ ନେତୃତ୍ୱରେ ୩ ଚିଫ୍ ୱାର୍ଡର, ୭ ୱାର୍ଡର, ୨ ମହିଳା ୱାର୍ଡର ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ନୀଳମାଧବ ପୀଠରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

**ଖଣ୍ଡପଡ଼ା,୨୫।୯(ଅଜୟ କୁମାର ମହାରଣା):** ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ସୋମବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ପାରମ୍ପରିକ ରୀତିରେ ପାଳିତ ହୋଇ ଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରୁ ଭଗବାନ ବିଷ୍ଣୁ ଶୟନ କରି କାର୍ତ୍ତିକ ଏକାଦଶୀରେ ନିଦ୍ରା ତ୍ୟାଗ କରିଥାଆନ୍ତି। ଭାଦ୍ରବ ଶୁକ୍ଳ ପକ୍ଷରେ ଶ୍ରୀଜୀଉ କଡ ଲେଉଟାଉଥିବାରୁ ଏହାକୁ ଠାକୁରଙ୍କ ପାର୍ଶ୍ୱ ପରିବର୍ତ୍ତନ କୁହାଯାଏ । ଏହି ଅବସରରେ ନୀଳମାଧବ ଜୀଉ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ସକାଳ ଧୂପ ସମ୍ପନ୍ନପରେ ଅପରାହ୍ନ ପ୍ରାୟ ସାଢେ଼୧୨ଟାରେ ବେଢା ପରିକ୍ରମା ପରେ ମଙ୍ଗଳାର୍ପଣ ହୋଇଥିଲା । ରାତିରେ ପୁନର୍ବାର ୩ ଘେରା ବେଢା ପରିକ୍ରମା ପରେ ମହାଦୀପ ଉଠିଥିଲା। ଠାକୁରଙ୍କ ବଡ଼ ଏକାଦଶୀ ବେଶ ଦର୍ଶନ କରିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ ।



# କୁନି ବୈଜ୍ଞାନିକଙ୍କ ମଧ୍ୟରେ ଲୁକ୍କାୟିତ ରହିଛି ବହୁ ପ୍ରତିଭା

## ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା

ନୂଆଗାଁ, ୨୫।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ଖଣ୍ଡୁଗାଁ ବିଦ୍ୟାଳୟର ଛାତ୍ରୀଛାତ୍ର ୫୨ଟି ପ୍ରକଳ୍ପ ନିର୍ମାଣ କରି ପ୍ରଦର୍ଶନ କରିଥିଲେ। ଖଣ୍ଡୁଗାଁ ସରପଞ୍ଚ ସସ୍ମିତା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାର ଉଦ୍‌ଘାଟନ କରିଥିଲେ। ବିଜ୍ଞନମେଳା ସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ଦୟାନିଧି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ମୋ ସ୍କୁଲ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ପାଣି, ସଦସ୍ୟ ଦୀପକ ରଞ୍ଜନ ଦାଶ, ସୁରେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ତେବେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ଓ ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ଦେଖି ଅତିଥିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ପ୍ରକଳ୍ପ ମଧ୍ୟରେ ବାୟୁ ପ୍ରଦୂଷଣ, ଭୂକମ୍ପ ହେବା ପୂର୍ବରୁ ସତର୍କ ସୂଚନା ଆଦି ଅନେକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଶ୍ରେଣୀର ଛାତ୍ରୀ ପବନରୁ କିଭଳି ବିଦ୍ୟୁତ ଉତ୍ପାଦନ ହୋଇପାରିବ ସେ ବିଷୟରେ ଏକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉକ୍ତ ପ୍ରକଳ୍ପଟି ପ୍ରଥମ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲା। ବିଜ୍ଞାନମେଳାର ବିଚାରକ ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସ୍ୱାଗତିକା ମହାପାତ୍ର, ଗତିକେଶ୍ୱର ଉଚ୍ଚବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ନିଳିମା ଶତପଥୀ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ତେବେ ଖଣ୍ଡୁଗାଁ ସ୍କୁଲର କୁନି ବୈଜ୍ଞାନିକଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁକାୟିତ ରହିଛି ବୋଲି ବିଚାରକ ଅଧ୍ୟାପିକା ମହାପାତ୍ର କହିଥିଲେ।


ବିଚାରକମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ତଦନ୍ତ କରି ରିପୋର୍ଟ ଦେବାକୁ ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ

## ତାରିଆ କୃଷି ସମବାୟ ସମିତିରେ ଦୁର୍ନୀତି ପ୍ରସଙ୍ଗ

ନୟାଗଡ଼ଲ୨୫।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ତାରିଆ ପ୍ରାଥମିକ କୃଷି ସମବାୟ ସମିତିର ହୋଇଥିବା ଦୁର୍ନୀତିର ତଦନ୍ତ ହେବ। ରାଜ୍ୟ ସମବାୟ ସମିତି ସମୂହର ଯୁଗ୍ମ ନିବନ୍ଧକଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ(ଏଆରସିଏସ୍) ଏହାର ତଦନ୍ତ କରିବେ । ତାରିଆ ସେବା ସମବାୟ ସମିତିରେ ସଭ୍ୟମାନଙ୍କ ଦୀର୍ଘ ଦିନ ଧରି ଋଣ ଲଗାଣ, ସାରଳ କୀଟନାଶକ ବିକ୍ରୀ, ଧାନ ସଂଗ୍ରହ, କର୍ମଚାରୀମାନଙ୍କ ବ୍ୟକ୍ତିଗତ ହାତପାଣ୍ଠି ସଂଗ୍ରହରେ ପୂର୍ବରୁ ଅନେକ ବାର ଆପତ୍ତି ଅଭିଯୋଗ ହୋଇଥିଲା। କେତେକ ସଭ୍ୟଙ୍କ ପରଲୋକ ଘଟିଥିଲେ ମଧ୍ୟ ତାଙ୍କ ନାମରେ ଋଣ ଉଠିଛି । ଅତୀତରେ ସମିତିର ମିନି ବ୍ୟାଙ୍କ ଜରିଆରେ ସଂଗ୍ରହ ହୋଇଥିବା ଜମାକୁ ଠିକ ଭାବେ କାଗଜପତ୍ରରେ ଦର୍ଶାଯାଇ ନ ଥିବା ଅଭିଯୋଗ ହୋଇଥିଲା । ସେହିଭଳି ଖରିଫ ଓ ରବି ଋତୁରେ ଫସଲ ବୀମା ନ କରିବା, ଧାନ ସଂଗ୍ରହରେ ମନମାନି କରିବା ଅଭିଯୋଗ ରହିଛି। ତଦନ୍ତ କଲେ ସବୁ କିଛି ଜଣାପଡିବ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦିତ୍ୟ


@ ଧନେଶ୍ୱର


@ ଜୀବନ


@ ମନୋଜ


@ ତିଲକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ଗାଁ ଦାଣ୍ଡ


ଝିଅମାନେ ସଜବାଜ ହୋଇ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ଖଣ୍ଡପଡ଼ା,୨୫।୯
(ଅଜୟ କୁମାର ମହାରଣା)

ସଂପ୍ରତି ସହରୀ ଢାଞ୍ଚାକୁ ଅନୁସରଣ କରି ଗାଁ ଗହଳିର ଯୁବ ଗୋଷ୍ଠୀ ବିଶେଷ କରି ମହିଳା ଓ ଯୁବତୀମାନେ ବିଭିନ୍ନ ପୂଜାପର୍ବ ପାଳନ କରୁଛନ୍ତି। ଖାଲି ସେତିକି ନୁହେଁ, ଭସାଣୀ ଉତ୍ସବକୁ ଧୁମଧାମରେ ପାଳନ କରୁଥିବା ପରିଲକ୍ଷିତ ହୋଇଛି। ଗତ ୩ ତାରିଖରୁ ଖୁଦୁରୁକୁଣୀ ଓଷା ପାରମ୍ପରିକ ରୀତିରେ ଆରମ୍ଭ ହୋଇ ରବିବାର ୪ର୍ଥ ପାଳିରେ ଉଦ୍‌ଯାପିତ ହୋଇଛି। ଗାଁ ଗହଳିର ଝିଅ,ବୋହୂମାନେ ଶେଷ ପାଳି ଖୁଦୁରୁକୁଣୀ ଓଷାକୁ ବିଳମ୍ବିତ ରାତିରେ ସମ୍ପନ୍ନ କରିଥିଲେ। ରାତି ପାହିବା ପୂର୍ବରୁ ଗାଁ ଗହଳିର ଝିଅମାନେ ସଜବାଜ ହୋଇ ସାଙ୍ଗ ସାଥୀଙ୍କ ଗହଣରେ ଭାସାଣି ଉତ୍ସବ ସମ୍ପନ୍ନ କରିଛନ୍ତି। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଝିଅମାନେ ସ୍ୱତନ୍ତ୍ର ଭାବେ ଭସାଣୀ ଉତ୍ସବ ଶେଷ କରିଛନ୍ତି। କିମ୍ବଦନ୍ତୀକୁ ନେଇ ଯୁବତୀମାନେ ସାଧବ ଘର ୭ ଭାଇ ଓ ୭ ବୋହୂ ବେଶରେ ସଜ୍ଜିତ ହୋଇ ଭସାଣୀ ଉତ୍ସବରେ ଗ୍ରାମ ପରିକ୍ରମା କରିଥିଲେ। ସେମାନେ ଡାକବାଜି ଯନ୍ତ୍ରରେ ବାଜୁଥିବା ସଙ୍ଗୀତର ତାଳ ତାଳେ ଯାଉଥିବା ଦୃଶ୍ୟ ଅଞ୍ଚଳବାସୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ପରେ ଖୁଦୁରୁକୁଣୀ ମୃଣ୍ମୟୀ ମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ନେଇ ନିକଟସ୍ଥ ଚଣ୍ଡୀ ପୋଖରୀରେ ବିସର୍ଜନ କରିଥିଲେ।

# ୧୦୪ ଅଭିଯୋଗ ପଞ୍ଜୀକୃତ: ୩୭ ତତ୍କାଳ ସମାଧାନ

ନୂଆଗାଁ,୨୫।୯ (ଧନେଶ୍ୱର ସାହୁ)



ଜିଲାପାଳ ଓ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
- ଶିବିର ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ନାହିଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ୬୮, ସାମୁହିକ ୯, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ୨୬ ଓ ରେଡକ୍ରସ ଗୋଟିଏ ଅଭିଯୋଗ ହୋଇଥିଲା। ପଞ୍ଜୀକୃତ ହୋଇଥିବା ୧୦୪ଟି ଅଭିଯୋଗ ମଧ୍ୟରୁ ୩୭ଟିର ତତ୍କାଳ ସମାଧାନ କରାଯାଇଥିଲା। ବ୍ଲକରେ ଅନୁଷ୍ଠିତ ହୋଇଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିର ପ୍ରଚାର ପ୍ରସାର ଅଭାବରୁ ଅଭିଯୋଗକାରୀ ଆସି ପାରି ନ ଥିଲେ। ଏପରିକି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଅଭିଯୋଗ ଶୁଣାଣି ଶିବିର ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା।

ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ସମସ୍ୟା ବାବଦରେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଥିଲେ। ଉଦୟପୁର ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ। ଯାହା କାମ ହେଉଛି ସେ ସବୁର ବିଲ୍ କରାଯାଉନାହିଁ। ଏପରି ଅନେକ ସମସ୍ୟାର ସମାଧାନ କରିବା ସହ ଯନ୍ତ୍ରୀଙ୍କୁ ପରିବର୍ତ୍ତନ କରିବା ପାଇଁ ଉଦୟପୁର ସରପଞ୍ଚ ମମତା ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଅଭିଯୋଗ କରିଥିଲେ। ତେବେ ଏହାର ସମାଧାନ କରିବା ପାଇଁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର-୨ ରୋଷେଇ ସମୟରେ ଭାତହାଣ୍ଡିରେ ପଡ଼ି ଜଣେ ଶିଶୁ ଗୁରୁତର ଆହତ ହୋଇଥିଲେ ମଧ୍ୟ ଆହତଙ୍କ ଚିକିତ୍ସା ପାଇଁ କୌଣସି ସହାୟତା ଦିଆଯାଇନାହିଁ କିମ୍ବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତେଣୁ ତାଙ୍କୁ ତୁରନ୍ତ ସହାୟତା ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗାତେରୀ ପଞ୍ଚାୟତ ଚଣ୍ଡିଝରୀ ଗ୍ରାମର କେତେଜଣ ଲୋକ ସରକାରୀ ଜମିରେ ବାସ କରି ଆସୁଥିବା ବେଳେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ଅନୁଦାନ ଦିଆଯାଇଛି। ସେହି ଅନୁସାରେ ସେମାନେ ପକ୍କା ଘର ନିର୍ମାଣ କରିବା ଉଦ୍ଦେଶ୍ୟରେ ଚାଳ ଘରକୁ ଭାଙ୍ଗି ନିଅଁ ପକାଇଛନ୍ତି। କିନ୍ତୁ ସେମାନଙ୍କୁ ପରବର୍ତ୍ତୀ କିସ୍ତି ଦିଆଯିବ ନାହିଁ ବୋଲି ମନା କରିବାରୁ ସେମାନେ ଜିଲାପାଳଙ୍କୁ ଗୁହାରୀ କରିଥିଲେ। ଜାକେଡା ପଞ୍ଚାୟତ ଡୁକୁଡା ଗ୍ରାମରେ ପାଣି ବ୍ୟବହାର କରି ଲୋକମାନେ ରୋଗରେ ଆକ୍ରାନ୍ତ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବାରେ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ଆରଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଲିପ୍ସା ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ନୟାଗଡ଼ ଜିଲାପାଳ ସାହୁ, ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ ଶକ୍ତିକାନ୍ତ ରାୟ , ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ମିଶ୍ର, ନୂଆଗାଁ ବ୍ଲକ ନୂତନ ବିଡିଓ ବାସୁଦେବ ନାୟକଙ୍କ ସମେତ ଜିଲାସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ।

# ଭାରତରେ ଉତ୍ପାଦନ ବଢ଼ାଇବ ଆପଲ୍

ନୂଆଦିଲ୍ଲୀ,୨୫।୯ (ଅଭୟ ଦାଶ)

ଅନ୍ତଃରାଷ୍ଟ୍ରୀୟ ତଥା ପ୍ରିମିୟମ ସ୍ମାର୍ଟଫୋନ୍ ନିର୍ମାତା ଆପଲ୍ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତରେ ଆଇଫୋନ୍ ଉତ୍ପାଦନ ବଢାଇବା ନେଇ ବିଚାରବିମର୍ଶ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାରଣ ନିକଟରେ କମ୍ପାନୀ ଭାରତୀୟ ବଜାରରେ ଆପଲର ଏକ୍ସକ୍ଲୁସିଭ ଆଉଟଲେଟ ଜରିଆରେ ଗ୍ରାହକଙ୍କୁ ଆଇଫୋନର ସମସ୍ତ ଉତ୍ପାଦ ଯୋଗାଉଛି। ଏପରିକି ଭାରତୀୟ ବଜାରରେ ଆପଲ ବ୍ରାଣ୍ଡର ଚାହିଦା ପୂର୍ବପେକ୍ଷା ବୃଦ୍ଧି ପାଇଛି। ଫଳରେ କମ୍ପାନୀ ଚଳିତ ବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ମଧ୍ୟରେ ଆଇଫୋନ୍ ଉତ୍ପାଦନ ପୂର୍ବପେକ୍ଷା ୨ରୁ ୩ ଗୁଣା ବଢାଇବାକୁ ଯୋଜନା କରୁଛି। ଅପରପକ୍ଷରେ ଭାରତରୁ ସର୍ବାଧିକ ଫୋନ୍ ରପ୍ତାନି କରୁଥିବା ସଂସ୍ଥା ଭାବେ ଆପଲ୍ ପ୍ରଥମ ସ୍ଥାନ ଅଧିକାର କରିଛି। ଦୀର୍ଘ ବର୍ଷ ଧରି ଉକ୍ତ ସ୍ଥାନ ସାମ୍‌ସଙ୍ଗ ନିକଟରେ ରହିଥିବାବେଳେ ବର୍ତ୍ତମାନ ଆପଲ ସେହି ସ୍ଥାନ ଗ୍ରହଣ କରିଛି। ସେହିଭଳି ଆଗାମୀ ଦିନରେ ଆଇଫୋନ ସିରିଜର ଉତ୍ପାଦନକୁ ବ୍ୟାପକ କରିବା ସହିତ ଆଇଫୋନ୍ ବ୍ୟତୀତ ଅନ୍ୟାନ୍ୟ ଉତ୍ପାଦ ମଧ୍ୟ କମ୍ପାନୀ ଭାରତରେ ତିଆରି କରିବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆପଲର ସ୍ୱୀକୃତିପ୍ରାପ୍ତ ତଥା ତିନି ଭାରତୀୟ ଚୁକ୍ତିଭିତ୍ତିକ ଉତ୍ପାଦନକାରୀ ଫକ୍ସକନ୍, ୱିଷ୍ଟ୍ରନ୍ ଓ ପେଗାଟ୍ରନ୍ ଭାରତରେ ଆଇଫୋନ୍ ତିଆରି କରୁଛନ୍ତି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରୁ ଉକ୍ତ ଉତ୍ପାଦନକାରୀ ସଂସ୍ଥାଗୁଡିକ ଭାରତରେ ଆଇପଡ୍ ଉତ୍ପାଦନ ଆରମ୍ଭ କରିବେ ବୋଲି ଆପଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ,୨୦୨୨ରେ ଆପଲ୍ ସାରା ବିଶ୍ୱରେ ୧୯,୧୦୦ କୋଟି ଡଲାର ମୂଲ୍ୟର ଆଇଫୋନ୍ ଏବଂ ୩୮୩୬କୋଟି ଡଲାରର ଅନ୍ୟାନ୍ୟ ଆପଲ ଉତ୍ପାଦ ବିକ୍ରି କରିଥିଲା। ଏପରିକି ନିକଟରେ କମ୍ପାନୀ ଆଇଫୋନ୍ ୧୫ ସରିଜର ୪ଟି ଏକ୍ସକ୍ଲୁସିଭ ମଡେଲକୁ କମ୍ପାନୀ ଅନ୍ତଃରାଷ୍ଟ୍ରୀୟସ୍ତରରେ ଉନ୍ମୋଚନ କରିଥିଲା। ବିଶେଷ କରି ଉକ୍ତ ମଡେଲ୍ ମଧ୍ୟରୁ କିଛି ମଡେଲ ଭାରତ ବଜାରରେ ତିଆରି କରାଯାଉଛି। ସେହିପରି ପ୍ରଥମ ଥର ପାଇଁ ମେଡ୍ ଇନ୍ ଇଣ୍ଡିଆ ଆଇଫୋନ୍ ଭାରତୀୟ ବଜାରରେ ପ୍ରଥମ ଦିନରୁ ବିକ୍ରି ହୋଇଛି। ଅପରପକ୍ଷରେ ରେଟିଂ ଏଜେନ୍ସି ମର୍ଗାନ୍ ଷ୍ଟାନଲିର ଆକଳନ ଅନୁଯାୟୀ ଆସନ୍ତା ୫ ବର୍ଷ ମଧ୍ୟରେ ଆପଲ୍ ପାଇଁ ଭାରତ ଏକ ପ୍ରମୁଖ ବଜାରରେ ପରିଣତ ହେବ। ଆପଲ ଆଇଫୋନ୍ ୧୫କୁ ନେଇ ସାରା ବିଶ୍ୱରେ ଉତ୍ସାହ ଲାଗିରହିଛି, ସେଥି ମଧ୍ୟରୁ ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କ ବି ବାଦ ପଡ଼ିନାହାନ୍ତି। ମସ୍କ ମଧ୍ୟ ଏକ ଆଇଫୋନ୍ ୧୫ କିଣିବି ବୋଲି କହିଛନ୍ତି। ଏହା ପଛର କାରଣ ବିଷୟରେ ମଧ୍ୟ ସେ ତାଙ୍କ ଏକ୍ସରେ ବର୍ଣ୍ଣନା କରିଛନ୍ତି। ଏ ନେଇ ସୋସିଆଲ ମିଡିଆ 'ଏକ୍ସ'ରେ ଆପଲ ସିଇଓ ଟିମ୍ କୁକ୍ ଆଇଫୋନ୍ ୧୫ ଜରିଆରେ ଉଠାଯାଇଥିବା ଏକ ଫଟୋ ମଧ୍ୟ ଶେୟାର କରିଥିଲେ। ଉକ୍ତ ଫୋନର ଫଟୋ ଓ ଭିଡିଓ ଉତ୍ତୋଳନ କ୍ଷମତା ମସ୍କଙ୍କୁ ବେଶ ପ୍ରଭାବିତ କରିଛି, ସେଥିପାଇଁ ସେ ଆଇଫୋନ୍ ୧୫ କିଣିବେ ବୋଲି ଏକ୍ସ ରେ କହିଛନ୍ତି।



ଆପଲ୍ ସିଇଓ ଟିମ୍ କୁକ୍ ଆଇଫୋନ୍ ୧୫ ସିରିଜ୍‌କୁ ଅନ୍ତରାଷ୍ଟ୍ରୀୟସ୍ତରରେ ଉନ୍ମୋଚନ କରୁଛନ୍ତି।

## ନିବେଶକ ନିରୁତ୍ସାହିତ

ନୂଆଦିଲ୍ଲୀ,୨୫।୯

ବିଗତ କିଛି ଦିନ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇପଡିଛନ୍ତି। କାରଣ ଗତ କିଛି ସପ୍ତାହ ହେବ କ୍ରମାଗତ ଭାବେ ଶେୟାର ବଜାର କାରବାରରେ ହ୍ରାସ ଘଟୁଥିବାବେଳେ ସୋମବାର ଆଶା ଓ ଆଶଙ୍କା ମଧ୍ୟରେ ବଜାର କାରବାର ଶେଷ ହୋଇଛି। ଫଳରେ ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪.୫୪ ପଏଣ୍ଟ ବୃଦ୍ଧି ଘଟି ୬୬,୦୨୩.୬୯ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ୦.୩୦ ପଏଣ୍ଟ ହ୍ରାସ ଘଟି ୧୯,୬୭୪.୫୫ ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସଇର ସେନସେକ୍ସର କାରବାର ସବୁଜ ରଙ୍ଗରେ ବନ୍ଦ ହୋଇଥିଲା।

## ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ୟୁଆର୍‌ସି



ଭୁବନେଶ୍ୱର,୨୫।୯

ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସ୍‌ଏଫ୍‌ବିଏଲ୍) ର ନୂତନ ଅନ୍‌ବ୍ୟାଙ୍କଡ ରୁରାଲ ସେଣ୍ଟର (ୟୁଆର୍‌ସି) ଅନୁଗୋଳ ଜିଲାରେ ଉଦ୍‌ଘାଟିତ ହୋଇଯାଇଛି। ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଉଜ୍ଜୀବନ ଇଟିରା ଡେଭିସ କହିଛନ୍ତି, ଓଡ଼ିଶାର ଏକ ଅଣସଂରକ୍ଷିତ ଅଞ୍ଚଳ ଅନୁଗୋଳଠାରେ ଆମର ୟୁଆରସି ଶାଖା ଖୋଲିଥିବାରୁ ଆମେ ବେଶ୍ ଉତ୍ସାହିତ। ଏପରିକି ୟୁଏସ୍‌ଏଫ୍‌ବିଏଲ୍ ରାଜ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ଏବଂ ଏହି ବ୍ୟାଙ୍କ ସମସ୍ତଙ୍କ ପାଇଁ ବ୍ୟାଙ୍କିଙ୍ଗକୁ ସୁବିଧାଜନକ ତଥା ଅର୍ଥପୂର୍ଣ୍ଣ କରିବା ପାଇଁ ପ୍ରତିବଦ୍ଧ ଅଟେ। ଅପରପକ୍ଷରେ ବ୍ୟାଙ୍କ ବର୍ତ୍ତମାନ ୨୫ଟି ଶାଖା ମାଧ୍ୟମରେ ଓଡ଼ିଶାର ୨.୧ଲକ୍ଷରୁ ଅଧିକ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଉଛି। ଯେଉଁଥିରେ ରାଜ୍ୟର ୧୪ ଅନ୍‌ବ୍ୟାଙ୍କଡ ଶାଖା ଗ୍ରାମାଞ୍ଚଳରେ ରହିଛି। ସେହିଭଳି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ସମ୍ପୂର୍ଣ୍ଣ ନିଧି, ମାସିକ ସୁଧ ଦେୟ ବିକଳ୍ପ ସହିତ ଫିକ୍ସଡ ଜମା ଏବଂ ନିର୍ଦ୍ଦିଷ୍ଟ ଆର୍ଥିକ ଲକ୍ଷ୍ୟ ପାଇଁ ପ୍ରସ୍ତୁତ ସଞ୍ଚୟ ଉତ୍ପାଦ ସମ୍ପୂର୍ଣ୍ଣ ଲକ୍ଷ୍ୟ ପ୍ରଦାନ କରିଥାଏ।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟର ଲକି ଡ୍ର ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର

ଭୁବନେଶ୍ୱର,୨୫।୯

GUPTA DISTRIBUTORS No.1 Retail Chain Stores 50

ରାଜ୍ୟର ପ୍ରମୁଖ ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ବହୁ ପ୍ରତୀକ୍ଷିତ ମେଗା ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଭୁବନେଶ୍ୱରର ସତ୍ୟନଗର ଫୋରମ୍ ମାର୍ଟ ନିକଟସ୍ଥ ଆର୍.ଆର.କନ୍‌ଭେନଶନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲକି ଡ୍ର ଉଠାଣ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ବିଶେଷକରି ଲକି ଡ୍ର ଉଠାଣ ଜରିଆରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟରର ୩୦ ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଗ୍ରାହକମାନଙ୍କୁ ଦିଆଯାଇଥିବା କୁପନ୍ ନମ୍ବରରେ ରହିଥିବା ନାମ ଓ ନମ୍ବର ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଥିଲା। ସେହିଭଳି ଲକି ଡ୍ର ଉଠାଣର ବିଜେତାଙ୍କୁ ୱାଗ୍‌ନ ଆର୍ କାର ଦିଆଯାଇଥିବାବେଳେ ଅନ୍ୟ ବିଜେତାମାନଙ୍କୁ ଇଲେକ୍ଟ୍ରିକ୍ ସ୍କୁଟର,ଏଲ୍‌ଇଡି ଟିଭି, ଏୟାର କଣ୍ଡିଶନର, ୱାଶିଂ ମେଶିନ, ଟ୍ରାଭେଲ୍ ବ୍ୟାଗ୍ ଆଦି ପୁରସ୍କାର ସ୍ୱରୂପ ଲକି ଡ୍ର ଜରିଆରେ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଓଡ଼ିଶାର ସମସ୍ତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ଶାଖାରୁ କୁପନ୍ ନେଇଥିବା ଗ୍ରାହକମାନେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ବର୍ତ୍ତମାନ ଓଡ଼ିଶାରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ୨୮ଟି ଷ୍ଟୋର ରହିଛି। ଏପରିକି ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଗ୍ରାହକମାନଙ୍କ ଲାଗି ଆହୁରି ଆକର୍ଷଣୀୟ ଅଫରର ଯୋଜନା କରାଯାଉଛି ବୋଲି ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ସୂଚନା ଦିଆଯାଇଛି।

## ଟାଟା ହିଟାଚିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୫।୯

ଟାଟା ହିଟାଚିର ନୂତନ ଉତ୍ପାଦ ଇଏକ୍ସ ୧୩୦ ପ୍ରାଇମ୍ ଓ ଜାକ୍ସିସ୍ ୧୪୦ଏଚ୍ ଅଲ୍‌ଟ୍ରାର ସର୍ବଭାରତୀୟ ଉନ୍ମୋଚନ ସହିତ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଉନ୍ନତ ଖନନ ଉପକରଣଗୁଡିକ ଉତ୍କୃଷ୍ଟମାନର ପ୍ରଦର୍ଶନ, ବର୍ଦ୍ଧିତ ଦକ୍ଷତା ଓ ଅଭିନବ ଫିଚରଗୁଡ଼ିକ ସହିତ ବଜାର ପ୍ରବେଶରେ ଉପଲବ୍ଧ ହେଉଛି। ଅପରପକ୍ଷରେ କର୍ଣ୍ଣାଟକର ଧାରୱାଡ଼ସ୍ଥିତ ଟାଟା ହିଟାଚି କାରଖାନା (ପ୍ଲାଣ୍ଟ) ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପରୋକ୍ତ ଉତ୍ପାଦ ଦ୍ୱୟ କମ୍ପାନୀର ବରିଷ୍ଠ ପରିଚାଳନା ଅଧିକାରୀ ଓ ଡିଲର ପାର୍ଟନେର୍‌ମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏପରିକି ଉଭୟ ମେଶିନ୍ ଇଏକ୍ସ ୧୩୦ ପ୍ରାଇମ୍ ଓ ଜାକ୍ସିସ୍ ୧୪୦ଏଚ୍ ଅଲ୍‌ଟ୍ରା ଗ୍ରାହକଙ୍କୁ ଅତୁଳନୀୟ ଲାଭ ପ୍ରଦାନକାରୀ ନିର୍ମାଣ ଉପକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବ। ସେହିଭଳି ଉଭୟ ମେଶିନରେ ଇଣ୍ଟଲିଜେଣ୍ଟ କଂଟ୍ରୋଲ ଓ ହିଟାଚିର ହାଇଡ୍ରାଉଲିକ୍ ଟେକ୍ନୋଲୋଜି ରହିଛି, ଯାହା ସଠିକତା ଓ ସହଜ ପରିଚାଳନା ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ଟାଟା ହିଟାଚିର ପରିଚାଳନା ନିର୍ଦ୍ଦେଶକ ସନ୍ଦିପ ସିଂହ କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ସଶକ୍ତ କରୁଥିବା ଅତ୍ୟାଧୁନିକ ଉପକରଣ ପ୍ରଦାନ କରିବା ଲାଗି ପ୍ରତିବଦ୍ଧ ରହିଛୁ, ବିଶେଷକରି ଇଏକ୍ସ ୧୩୦ପ୍ରାଇମ୍ ଓ ଜାକ୍ସିସ୍ ୧୪୦ ଏଚ୍ ଅଲ୍‌ଟ୍ରା ମେଶିନ୍ ବିଶ୍ୱସନୀୟତା, କ୍ଷମତା ଓ ନିର୍ଭରଶୀଳତା ପ୍ରତି ଆମର ସମର୍ପଣ ଭାବକୁ ଧାରଣ କରିଛି। ଏହି ମେଶିନଗୁଡିକ ନିର୍ମାଣ ଉପକରଣ ଶିଳ୍ପରେ ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସ ପ୍ରତି ଏକ ପ୍ରମାଣ ଅଟେ।





## ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା

ଭୁବନେଶ୍ୱର,୨୫।୯

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍‌ଏଫ୍‌ବିଏଲ୍)ର ନୂତନ ଶାଖା ସୋହେଲାଠାରେ ଉଦ୍‌ଘାଟିତ ହୋଇଯାଇଛି। ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଓଡିଶା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବାବେଳେ ରାଜ୍ୟରେ ଆଉ ଏକ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମକୁ ସ୍ଥାନୀୟ ସମୁଦାୟ ମଧ୍ୟରେ ଏକ ଔଦ୍ୟୋଗିକ ମାନସିକତା ବିକଶିତ କରିବାରେ ଉକ୍ତ ଶାଖା ବେଶ୍ ସହଯୋଗ କରିବ। ବିଶେଷ କରି ସୋହେଲାର ଗ୍ରାହକମାନେ ବର୍ତ୍ତମାନ ବ୍ୟାଙ୍କର ଉତ୍ପାଦ ଓ ସେବା ପାଇପାରିବେ। ଯେଉଁଥିରେ ସେଭିଙ୍ଗ୍‌ସ ବ୍ୟାଙ୍କ ଆକାଉଣ୍ଟ, କରେଣ୍ଟ ଆକାଉଣ୍ଟ, ଫିକ୍ସଡ୍ ଡିପୋଜିଟ୍ ଓ ରିକରିଙ୍ଗ୍ ଡିପୋଜିଟ୍ ସମେତ ବିଭିନ୍ନ ଋଣ ଉତ୍ପାଦ ଯଥା ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଋଣ, କ୍ରେଡିଟ୍, ଇନସ୍ୟୁରାନ୍ସ ଓ ଇନ୍‌ଭେଷ୍ଟମେଣ୍ଟ ପ୍ରଡକ୍ଟ ଆଦି ସାମିଲ ରହିଛି। ଉକ୍ତ ଶାଖାର ଭିତ୍ତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷମତା ଓ ଏଟିଏମ୍ ନେଟ୍‌ୱର୍କ ସହିତ ବ୍ୟାଙ୍କ ଇଣ୍ଟିଗ୍ରେଟେଡ୍ କଷ୍ଟମର୍ ସର୍ଭିସ୍ ପ୍ରଦାନ କରୁଛି। ଉକ୍ତ ଶାଖା ସମୁଦାୟକୁ ସେମାନଙ୍କର ଆର୍ଥିକ ଆତ୍ମବିଶ୍ୱାସକୁ ବଢାଉଥିବା ଏକ ବିକଳ୍ପକୁ ଆବିଷ୍କାର କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ,ଏଥିସହିତ ନିଯୁକ୍ତି ସୁଯୋଗ ଓ ସଫଳତାର ଏକ ସମୃଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ଏକ ଉତ୍ପ୍ରେରକ ଭାବେ ଉକ୍ତ ଶାଖା କାର୍ଯ୍ୟ କରିବ। ଏହି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍ ଅଣସଂରକ୍ଷିତ ଓ କମ୍ ଆୟ ବର୍ଗର ଲୋକଙ୍କୁ ତଥା ଗୋଷ୍ଠୀଗୁଡ଼ିକୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବ। ଓଡ଼ିଶାରେ ୟୁଏସ୍‌ଏଫ୍‌ବିଏଲର ୮୩ ଶାଖାଥିବା ବେଳେ ଭାରତର ୨୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟାଙ୍କର ମୋଟ ୮୭୧ଟି ଶାଖା ରହିଛି।

ଫୁର୍‌ସତ୍

# ମା' ପରିବାରର ସୁରକ୍ଷା କବଚ

### ବିଶ୍ୱ ଗର୍ଭ ନିରୋଧକ ଦିବସ

ପୃଥିବୀର ଜନସଂଖ୍ୟା ଯୋଗୁ ସଙ୍କଟ ବଢ଼ିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧିର ବହୁ କାରଣ ରହିଛି। ସେଗୁଡ଼ିକ ମଧ୍ୟରେ ପାଠପଢ଼ାର ଅଭାବ, ଲୋକଙ୍କ ଆର୍ଥିକ ସ୍ଥିତି, ସ୍ୱାସ୍ଥ୍ୟସେବାର ଅଭାବ ଆଦି ମୁଖ୍ୟ କାରଣ। ତେବେ ଜନସଂଖ୍ୟା ବୃଦ୍ଧିକୁ ରୋକିବା କ୍ଷେତ୍ରରେ ଗର୍ଭ ନିରୋଧକ ଏକ ବିକଳ୍ପ ଭାବେ ଉଭା ହୋଇଛି। ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ସ୍ଥାୟୀ ବିକାଶ ଏଜେଣ୍ଡା ଲକ୍ଷ୍ୟ ନେଇ ୧୯୯୪ ସେପ୍ଟେମ୍ବର ୨୬ରେ ଅନୁଷ୍ଠିତ ହୋଇଥିବା ଜନସଂଖ୍ୟା ଏବଂ ବିକାଶ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ବିଶ୍ୱ ଗର୍ଭ ନିରୋଧକ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୨୬କୁ ବିଶ୍ୱ ଗର୍ଭ ନିରୋଧକ ଦିବସ ଭାବରେ ପାଳନ କରାଯାଇ ଆସୁଛି। ଏହିଦିନ ବିଶ୍ୱବ୍ୟାପୀ ପରିବାର ଯୋଜନା, ସୂଚନା ଏବଂ ଶିକ୍ଷା ଏବଂ ପ୍ରଜନନ ସ୍ୱାସ୍ଥ୍ୟକୁ ନେଇ ଜାତୀୟ ରଣନୀତି ଏବଂ କାର୍ଯ୍ୟକ୍ରମର ଏକୀକରଣ ଉପରେ ଗୁରୁତ୍ୱାରୋପ କରାଯିବା ସହିତ ସଚେତନତା ସୃଷ୍ଟି କରାଯାଇଥାଏ।



ପରିବାରର ମେରୁଦଣ୍ଡ ହେଉଛନ୍ତି ମା'। ତାଙ୍କ ଉପରେ ସମସ୍ତ ବୋଝ ପଡ଼ିଥାଏ। ମା' ହେଉଛନ୍ତି ପରିବାରର ସୁରକ୍ଷା କବଚ। ମା' ସୁସ୍ଥ ରହିଲେ ପରିବାର ସୁଖୀ ହୋଇଥାଏ। ମା'ଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ପ୍ରଜନନ ବ୍ୟବସ୍ଥା ଜରୁରୀ। ଏ କ୍ଷେତ୍ରରେ ଗର୍ଭ ନିରୋଧକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ମହିଳା ଅଧିକାର ଏବଂ ସେମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ବିଶ୍ୱ ଗର୍ଭ ନିରୋଧକ ଦିବସ ପାଳନ କରାଯାଇଥାଏ। ଜାତିସଂଘ ଅନୁସାରେ ପ୍ରତ୍ୟେକ ମହିଳା ଏବଂ କିଶୋରୀଙ୍କର ଗର୍ଭନିରୋଧକ ତଥା ପରିବାର ଯୋଜନା ସେବା, ସୂଚନା ଏବଂ ଶିକ୍ଷା ପାଇବାକୁ ଅଧିକାର ରହିଛି। ଅନ୍ତର୍ଜାତୀୟ ମାନବିକ ଅଧିକାର ଆଇନ ଅନୁଯାୟୀ, ଯୌନ ତଥା ପ୍ରଜନନ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରିବା ଜରୁରୀ। ଏହି ଦିବସର ପାଳନ ୨୦୦୭ରେ ଆରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଗର୍ଭ ନିରୋଧକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୁବବର୍ଗଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ପ୍ରଦାନ କରିବା। ବିଗତ ଦଶନ୍ଧି ମଧ୍ୟରେ ପରିବାର ଯୋଜନା ବିସ୍ତାର କରିବାରେ ବହୁ ଅଗ୍ରଗତି ସତ୍ତ୍ୱେ ଗର୍ଭ ନିରୋଧକ ଔଷଧର ପ୍ରବେଶ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ହୋଇପାରିନାହିଁ।

## ବିପର୍ଯ୍ୟୟ ପୀଡ଼ିତଙ୍କୁ ଆମୀରଙ୍କ ସହାୟତା

**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମୀର ଖାନ୍ କିଛି ସମୟ ଧରି ପରଦାରୁ ଦୂରରେ ଅଛନ୍ତି। କୁହାଯାଉଛି ସେ ଏବଂ ନିଜ ପରିବାର ଓ ପିଲାଙ୍କ ସହ ସମୟ ବିତାଉଛନ୍ତି। ଏଥିସହ ସେ ଝିଅର ବିବାହ ପାଇଁ ମଧ୍ୟ ବ୍ୟସ୍ତ ରହିଛନ୍ତି। ଏସବୁ ବ୍ୟସ୍ତତା ମଧ୍ୟରେ ଆମୀର ହିମାଚଳ ପ୍ରଦେଶର ବନ୍ୟା ବିପର୍ଯ୍ୟସ୍ତ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। କିଛିଦିନ ତଳେ ହିମାଚଳପ୍ରଦେଶରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ଭୂସ୍ଖଳନ ହୋଇ ବହୁ କୋଠା ଭାଙ୍ଗିଯାଇ ମାଟିରେ ମିଶିଯାଇଛି। ଏବେ ସେଠାରେ ବନ୍ୟା ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଠାକାର ଲୋକଙ୍କୁ ସହାୟତା ଯୋଗାଇଦେବାକୁ ଅନେକ ଲୋକ ହାତ ବଢ଼ାଉଥିବାବେଳେ ଏଥିରେ ଆମୀର ମଧ୍ୟ ସାମିଲ ହୋଇଛନ୍ତି। ସେ ହିମାଚଳବାସୀଙ୍କୁ ୨୫ ଲକ୍ଷ ଟଙ୍କା ସାହାଯ୍ୟ କରିଛନ୍ତି। ବିପର୍ଯ୍ୟୟ ପାଣ୍ଠିରେ ଆମୀରଙ୍କ ଏହି ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ଆମୀର ୧୯୭୩ରେ ଅଭିନୟ ଜଗତରେ ପ୍ରଥମ କରି ପାଦ ରଖିଥିଲେ। ସେବେଠାରୁ ସେ ତାଙ୍କ ଅଭିନୟର ଯାଦୁ ଦର୍ଶକଙ୍କ ପାଖରେ ପହଞ୍ଚାଇ ଆସୁଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ସଲାମ ଭେନ୍‌କି'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଟେଲିଭିଜନର ଅନେକ ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।



## ଆରବିଆନ୍ ବକ୍ସ ଜେଲିଫିସ୍ ଅଧିକ ବୁଦ୍ଧିମାନ୍



କୋପେନହାଗେନ୍

ପାଣି ଭିତରେ ଅନେକ ପ୍ରକାର ଜୀବ ରହିଥାନ୍ତି। ଅନେକଙ୍କୁ ଆମେ ଜାଣି ନ ଥାଉ। ତେବେ ନିକଟରେ ବିଷାକ୍ତ ଆରବିଆନ୍ ବକ୍ସ ଜେଲିଫିସ୍ ବାବଦରେ କିଛି ନୂଆ ତଥ୍ୟ ସାମ୍ନାକୁ ଆସିଛି। ନୂଆ ଅଧ୍ୟୟନରୁ ଜଣାପଡ଼ିଛି, ଆମେ ଭାବିବାଠାରୁ ଏହି ଜେଲିଫିସ୍ ବହୁ ବୁଦ୍ଧିମାନ। ଆରବିଆନ୍ ବକ୍ସ ଜେଲିଫିସ୍‌ର ସେଣ୍ଟ୍ରାଲାଇଜ୍ ନର୍ଭସ ସିଷ୍ଟମ ନାହିଁ। ତା'ର ୨୪ଟି ଆଖି ଅଛି। ତା' ସାହାଯ୍ୟରେ ସେ ନିଜର ଭୁଲ୍‌କୁ ସୁଧାରି ଥାଏ। ରିପୋର୍ଟ ମୁତାବକ, କରେଣ୍ଟ ବାୟୋଲୋଜି ଜର୍ନାଲରେ ବାହାରିଥିବା ଏକ ତଥ୍ୟ ମୁତାବକ, ଏହି ଜେଲିଫିସ୍ ପାଖରେ କେବଳ ୧ହଜାର ଲର୍ଭ ସେଲ୍ ରହିଛି। ବୈଜ୍ଞାନିକଙ୍କ କହିବା ମୁତାବକ, ଏହା ଆମ ମସ୍ତିଷ୍କର ପ୍ରକ୍ରିୟା ବାବଦରେ ଅଧିକ ତଥ୍ୟ ଦେଇପାରେ। ୫ଶହ ମିଲିୟନରୁ ଅଧିକ ବର୍ଷ ଧରି ଜେଲିଫିସ୍ ଅଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ସୀମିତ ଶିଖିବାର କ୍ଷମତା ଥିବା ସରଳ ଜୀବ ବୋଲି ବୁଝାଯାଉଥିଲା। ହେଲେ ବୈଜ୍ଞାନିକଙ୍କ ଏହି ନୂଆ ତଥ୍ୟ ଏପର୍ଯ୍ୟନ୍ତର ଭାବନାକୁ ଓଲଟପାଲଟ କରିଦେଇଛି। ଜଣାପଡ଼ିଛି କି, ବିଷାକ୍ତ ଆରବିଆନ୍ ବକ୍ସ ଜେଲିଫିସ୍ ପାଖରେ ଶିଖିବାର ଅଧିକ କ୍ଷମତା ରହିଛି। ୟୁନିଭର୍ସିଟି ଅଫ୍ କୋପେନହାଗେନ୍‌ର ନ୍ୟୁରୋଲୋଜିଷ୍ଟ ପ୍ରଫେସର ଏଣ୍ଡର୍ସ ଗାର୍ମ ଅଧିକ ସମୟ ଧରି ଏହି ଜେଲିଫିସ୍ ଉପରେ ଅଧ୍ୟୟନ କରୁଛନ୍ତି। ଏହାକୁ ସାଧାରଣତଃ ଦୁନିଆର ସବୁଠୁ ବିଷାକ୍ତ ଜେଲିଫିସ୍ କୁହାଯାଏ। ସେମାନେ କାଦୁଅ ପଙ୍କରେ ଥିବା ଗଛ ଅଞ୍ଚଳରେ ରୁହନ୍ତି। ସେଠାରେ ଥିବା ଛୋଟ ଛୋଟ ଜୀବଙ୍କୁ ଶିକାର କରନ୍ତି। ଏଥିପାଇଁ ସେ ତା'ର ୨୪ ଆଖି ଏବଂ ପ୍ରଭାବଶାଳୀ ଭିଜୁଆଲ ସିଷ୍ଟମର ଉପଯୋଗ କରିଥାଏ। ବୈଜ୍ଞାନିକମାନେ କହିଛନ୍ତି, ଏହି ଜେଲିଫିସ୍ ବାସ୍ତବରେ ଦୂରର ଆକଳନ କରିପାରେ ଏବଂ ନିଷ୍ପତ୍ତି ମଧ୍ୟ ନେଇପାରେ।

## ଗର୍ଭଧାରଣରେ ଦୁଃଖପୂର୍ଣ୍ଣ ଫଟୋଶୁଟ୍



ଫ୍ରାଙ୍କଫର୍ଟ

ମହିଳାଙ୍କ ପାଇଁ ମା' ହେବାର ଅନୁଭବ ବହୁତ ଖାସ୍ ହୋଇଥାଏ। ହେଲେ ନିକଟରେ ଜଣେ ମହିଳା ମା' ହେବାକୁ ନେଇ ଯେଭଳି ସେଲିବ୍ରେଟ୍ କରିଛନ୍ତି, ସେପରି କେହି ବୋଧେ କରି ନ ଥିବେ। ମହିଳା ସେଥିନେଇ ଦୁଃଖ ପ୍ରକାଶ କରି ଫଟୋଶୁଟ କରାଇଛନ୍ତି, ଯେଉଁଥିରେ ସେ କଳାରଙ୍ଗର କପଡ଼ାରେ ନଜରକୁ ଆସିଛନ୍ତି। ଫ୍ରାଙ୍କଫର୍ଟ ଲୁଇସାବଲର ବାସିନ୍ଦା ୨୩ ବର୍ଷୀୟା ଚେରିଡନ୍ ଲଗ୍‌ସଡନ୍ ନାମ୍ନୀ ମହିଳା ନିକଟରେ ତାଙ୍କର ଏପରି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ କଳାରଙ୍ଗର ପୋଷାକ ପିନ୍ଧିବା ସହ ମୁହଁରେ ନକାବ ପକାଇଛନ୍ତି। କିଛି ଫଟୋରେ ସେ ଆଖିରୁ ଲୁହ ପୋଛିବା ଓ ଅନ୍ୟ କିଛି ଫଟୋରେ ହାତରେ ସୋନୋଗ୍ରାଫିର କିଛି ଫଟୋ ମଧ୍ୟ ଧରିଥିବା ନଜରକୁ ଆସିଛନ୍ତି। ତାଙ୍କର ଏହି ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ଚେରିଡନ୍‌ଙ୍କ କହିବା ମୁତାବକ, ତାଙ୍କର ଏପରି ଫଟୋଶୁଟ କରିବା ଅତ୍ୟନ୍ତ ଦରକାର ଥିଲା। ସେ ମା' ହେବାକୁ ନେଇ ବହୁ ଉତ୍ସାହୀ ଅଛନ୍ତି। ଏପରି ଫଟୋଶୁଟ୍ କରି ସେ ମା' ହେବାର ପୂର୍ବ ଜୀବନକୁ ବିଦାୟ ଦେଇଥିବା କହିଛନ୍ତି। ତାକୁ ରିପ୍ କହିବାକୁ ମଧ୍ୟ ସେ ଅନ୍ତିମ ସଂସ୍କାରର ଥିମ୍ ରଖିଛନ୍ତି। ଚେରିଡନ୍‌ଙ୍କ ଏପରି ଫଟୋଶୁଟ୍ ଅନେକଙ୍କୁ ଅଜବ ଲାଗୁଥିଲେ ମଧ୍ୟ କେତେଜଣଙ୍କୁ ଏହା ପସନ୍ଦ ଆସିଛି। ଲୋକେ ତାଙ୍କର ପିଲା ଜନ୍ମ ହେବାର ଫଟୋଶୁଟ୍‌କୁ ମଧ୍ୟ ଅପେକ୍ଷାକରି ରହିଥିବା କମେଣ୍ଟ କରିଛନ୍ତି। ସେ ଆସନ୍ତା ଅକ୍ଟୋବରରେ ମା' ହେବାକୁ ଯାଉଛନ୍ତି।

## ବିଜେଡିରୁ ୨ ନିଲମ୍ବିତ

ଭୁବନେଶ୍ୱର,(ଅନିଲ ଦାସ): ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ପ୍ରକାଶ ପାଣଓ୍ୱାନଙ୍କୁ ତାଙ୍କ ପଦବୀରୁ ହଟାଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରଧାନଙ୍କୁ ମଧ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ସୋମବାର ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚିତ କରାଯାଇଛି।

# ମମତା ବିଳାସପୂର୍ଣ୍ଣ ହୋଟେଲରେ କିପରି ରହିଲେ: ଅଧୀର

କୋଲକାତା,୨୫।୯ : ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସ୍ପେନ ଗସ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଅଧୀର କହିଛନ୍ତି ରାଜ୍ୟରେ ଡେଙ୍ଗୁ ରୋଗ ବଢୁଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା କିପରି ବିଦେଶ ଗଲେ? ଆଉ ସ୍ପେନର ଏକ ବିଳାସପୂର୍ଣ୍ଣ ହୋଟେଲରେ ମମତାଙ୍କ ରହଣିକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ମିଳିତ ମୋର୍ଚ୍ଚା 'ଇଣ୍ଡିଆ'ରେ ଫାଟ ବଢୁଥିବା ଚର୍ଚ୍ଚା ହେଉଛି।

ମୁର୍ଶିଦାବାଦଠାରେ ଖବରଦାତାଙ୍କ ସହ ଆଲୋଚନା ବେଳେ ଅଧୀର କହିଛନ୍ତି, ଅଗଷ୍ଟ-ସେପ୍ଟେମ୍ବରରେ ଡେଙ୍ଗୁ ସଂକ୍ରମଣବୃଦ୍ଧି ପାଇବ ବୋଲି ଆମେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇସାରିଛୁ। ଏହି ସରକାର ସାଧାରଣ ଜନତାଙ୍କ ପ୍ରତି ହେୟ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଆମେ ଶୁଣିଛୁ ମୁଖ୍ୟମନ୍ତ୍ରୀ ଦରମା ନେଉନାହାଁନ୍ତି। ସେ ତାଙ୍କ ବହି, ପେଣ୍ଟିଂ ବିକ୍ରୟ କରି ନିଜ ଖର୍ଚ୍ଚ ପୂରଣ କରୁଛନ୍ତି। ମାତ୍ର ଏଭଳି ସ୍ଥିତିରେ ସେ ମାଦ୍ରିଦର ଏକ ବିଳାସପୂର୍ଣ୍ଣ ହୋଟେଲରେ କିପରି ରହିଲେ। ଯାହାର ଭଡା ଦିନକୁ ୩ ଲକ୍ଷ ଟଙ୍କା। ଏହି ବିଦେଶ ଗସ୍ତରେ କେତେ ଖର୍ଚ୍ଚ ହୋଇଛି? କେଉଁ ଶିଳ୍ପପତି ଏଠାରେ ବିନିଯୋଗ କରୁଛନ୍ତି? ବିଶ୍ୱ ବଙ୍ଗଳା ଶିଳ୍ପପତି ସମ୍ମିଳନୀ ଆୟୋଜନ ପାଇଁ ସରକାର ଖର୍ଚ୍ଚ କରିଥିବା ଅର୍ଥର ୧୦ ପ୍ରତିଶତ ଯଦି ଫେରସ୍ତ କରାଯାଏ, ତେବେ ଏହା ରାଜ୍ୟର ଲକ୍ଷ ଲକ୍ଷ ବେକାର ଲୋକଙ୍କୁ ରୋଜଗାର ଯୋଗାଇବ ବୋଲି ସେ କହିଛନ୍ତି।



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ, ରାଜ୍ୟ ପ୍ରଭାରୀ କୁମାରୀ ଶେଲ୍‌ଜା ଏବଂ ଅନ୍ୟ ନେତାମାନେ ସ୍ୱାଗତ ଜଣାଉଛନ୍ତି।



ଭୋପାଳଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା କାର୍ଯ୍ୟକର୍ତ୍ତା ମହାକୁମ୍ଭରେ ଯୋଗଦେଇଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ରାଜ୍ୟ ଭାଜପା ସଭାପତି ଭି.ଡି. ଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ।

# ରୋହିତ ସମ୍ବଲପୁର, ମାନସ ମାଲକାନଗିରି ସଭାପତି

### ବିଜେଡି କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୨୫।୯(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ରାଜ୍ୟ ଓ ଜିଲା କର୍ମକର୍ତ୍ତା ନିଯୁକ୍ତି କରିଛନ୍ତି। ସିଦ୍ଧାର୍ଥ ଶଙ୍କର ଦାସଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସମ୍ବଲପୁର ଜିଲା ସଭାପତି ଭାବେ ରୋହିତ ପୂଜାରୀ ଏବଂ ମାଲକାନଗିରି ଜିଲା ସଭାପତି ଭାବେ ମାନସ ମାଡକାମୀଙ୍କୁ ନିଯୁକ୍ତ କରାଯାଇଛି। ସୋମବାର ବିଜେଡି ପକ୍ଷରୁ ଏନେଇ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# କେବେ କାର୍ଯ୍ୟକାରୀ ହେବ ସରକାର କହିପାରିବେନି : କଂଗ୍ରେସ

### ମହିଳା ସଂରକ୍ଷଣ ବିଲ୍‌କୁ ନେଇ କେନ୍ଦ୍ରକୁ ଟାର୍ଗେଟ

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର): ଲୋକ ସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଉଦ୍ଦେଶ୍ୟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରଣୟନ କରିଥିବା ନାରୀ ବନ୍ଦନ ଅଧିନିୟମ ବସ୍ତୁତଃ ଅର୍ଥହୀନ। ନାରୀ ବନ୍ଦନ ନାମରେ ନାରୀ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ ନ କରାଇବା ମହିଳାମାନଙ୍କ ପ୍ରତି ଘୋର ଅବିଚାର ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ମୁଖପାତ୍ର ରଞ୍ଜିତ ରଞ୍ଜନ କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଞ୍ଜନ କହିଛନ୍ତି ଯେ, ଆମେ ପୋଷ୍ଟ ଡେଟେଡ ଚେକ୍ ବିଷୟରେ ଜାଣିଥିଲୁ, ହେଲେ ପୋଷ୍ଟ ଡେଟେଡ ବିଲ୍ କେବେ ଶୁଣି ନ ଥିଲୁ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଆଗରେ ରଖିଛନ୍ତି। ମୋଦି ସରକାର ଏହି ମହିଳା ସଂରକ୍ଷଣ ବିଲ୍-୨୦୨୩ରେ ୨ଟି ସର୍ତ୍ତ ରଖିଛନ୍ତି। ପ୍ରଥମରେ ଏହି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଆଇନରେ ପରିଣତ ହେଲେ ମଧ ୨୦୨୪ରେ କାର୍ଯ୍ୟକାରୀ ହେବନାହିଁ। ୨୦୨୬ ପରେ ହେବାକୁ ଥିବା ଜନଗଣନା ପରେ ଓ ୨ୟରେ ଲୋକ ସଭା ଏବଂ ବିଧାନସଭା ଆସନଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ନିର୍ଦ୍ଦିଷ୍ଟ ଭାବେ କେଉଁ ତାରିଖ ବା ବର୍ଷରେ ଏହା କାର୍ଯ୍ୟକାରୀ ହେବ ସେକଥା କେନ୍ଦ୍ର ସରକାର କହିନାହାନ୍ତି। ଯଦି ପାର୍ଲାମେଣ୍ଟରେ ପାରିତ ବିଧେୟକ କେବେ କାର୍ଯ୍ୟକାରୀ ହେବ ସରକାର କହିବାକୁ ଅସମର୍ଥ ତେବେ ସ୍ୱତନ୍ତ୍ର ଅଧିବେଶନ କାହିଁକି ଆହୂତ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜାତୀୟ ରାଜପଥ ନିର୍ମାଣ ବିଳମ୍ବ ଲାଗି ରାଜ୍ୟ ସରକାର ଦାୟୀ:ମହାଲିଙ୍ଗ

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର): ଗତ ୯ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାରେ ୨୮,୨୫୧ କୋଟି ଟଙ୍କା ବ୍ୟୟରେ ୪୧୪୩ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛନ୍ତି। ଉପା ସରକାର ତୁଳନାରେ ୭ ଗୁଣ ଅଧିକ ଅର୍ଥ ଓଡ଼ିଶାରେ ଜାତୀୟ ରାଜପଥ ପାଇଁ ଦିଆଯାଇଛି। ଜାତୀୟ ରାଜପଥ ନିର୍ମାଣ ପାଇଁ ହେଉଥିବା ବିଳମ୍ବର ମୁଖ୍ୟ କାରଣ ଜମି ଅଧିଗ୍ରହଣ ଓ ଜଙ୍ଗଲ କ୍ଲିୟରାନ୍ସ, ଯାହା ପାଇଁ ରାଜ୍ୟ ସରକାର ମଧ ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହାଲିଙ୍ଗ କହିଛନ୍ତି, ଉପା ସରକାରର ୧୦ ବର୍ଷ ଅବଧିରେ ଓଡ଼ିଶାକୁ ଜିଏସ୍‌ଟି ସଂଗ୍ରହ, ଖଣି ରାଜସ୍ୱ ଓ ଆର୍ଥିକ କ୍ଷେତ୍ରରେ ଅନୁଦାନ ବାବଦକୁ ୩ ଲକ୍ଷ କୋଟି ଟଙ୍କା ମିଳିଥିଲା। ହେଲେ ଗତ ୯ ବର୍ଷରେ ମୋଦି ସରକାର ସମୟରେ ୧୮ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓଡ଼ିଶାକୁ ମିଳିଛି। ଓଡ଼ିଶାକୁ ଆର୍ଥିକ ରୂପେ ସଶକ୍ତ ଓ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଗତ ୯ ବର୍ଷରେ ୧୦ ଲକ୍ଷ ୬୯ ହଜାର କୋଟି ଅନୁଦାନ/ଟିକସ ଭାଗ ରାଜ୍ୟକୁ ମିଳିଛି, ଯାହା କଂଗ୍ରେସ ସମୟରେ ମାତ୍ର ୨ ଲକ୍ଷ ୪୩ ହଜାର କୋଟି ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୨୭.୫୦ ଲକ୍ଷ ପକ୍କାଘର ମଞ୍ଜୁର ହୋଇଛି ବୋଲି ମହାଲିଙ୍ଗ କହିଛନ୍ତି।

# ସରପଞ୍ଚ, ସମିତି ସଭ୍ୟଙ୍କ ଦାବିକୁ ଗୃହରେ ଉଠାଇବ ଭାଜପା

ଭୁବନେଶ୍ୱର, ୨୫।୯(ସୁନିତ୍ ମିଶ୍ର)

ରାଜ୍ୟର ନିର୍ବାଚିତ ସରପଞ୍ଚ ଏବଂ ସମିତି ସଭ୍ୟମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ରାସ୍ତାକୁ ଓହ୍ଲାଇଛନ୍ତି। ଏବେ ଉଭୟ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଆନ୍ଦୋଳନରେ ବସିଥିବା ବେଳେ ଭାଜପାର ଏକ ପ୍ରତିନିଧି ଦଳ ସେମାନଙ୍କୁ ଭେଟିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଓ ପୂର୍ବତନ ଭାଜପା ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଦଳର ବିଧାୟକ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସେମାନଙ୍କୁ ଭେଟିବା ସହ ବିଧାନସଭାରେ ଏହି ପ୍ରସଙ୍ଗକୁ ଜୋରଦାର୍ ଭାବେ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଆନ୍ଦୋଳନରତ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛି।

ଭାଜପା ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି ଯେ, ସରପଞ୍ଚ ହୁଅନ୍ତୁ ବା ସମିତିସଭ୍ୟ ଏମାନେ ବାସ୍ତବରେ ତୃଣମୂଳସ୍ତରରେ ଗଣତନ୍ତ୍ରର ପ୍ରତିନିଧି। ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଏମାନଙ୍କ ଭୂମିକା ସର୍ବାଧିକ। କିନ୍ତୁ ଓଡ଼ିଶାରେ ବିଜେଡି ସରକାର ପଞ୍ଚାୟତିରାଜ ବ୍ୟବସ୍ଥାର ନୀତି ନିୟମକୁ ଜଳାଞ୍ଜଳି ଦେଇଦେଲାଣି। ପଞ୍ଚାୟତ ପ୍ରତିନିଧିଙ୍କୁ ଦିଆଯାଇଥିବା ସମ୍ବିଧାନ ପ୍ରଦତ୍ତ କ୍ଷମତାକୁ ଯେଉଁଭଳି ସଙ୍କୁଚିତ କରୁଛନ୍ତି, ତାହା ଅଗଣତାନ୍ତ୍ରିକ। କେନ୍ଦ୍ର ସରକାର ପଞ୍ଚାୟତକୁ

### ■ଆନ୍ଦୋଳନ ସ୍ଥଳରେ ପହଞ୍ଚିଲା ଭାଜପା ପ୍ରତିନିଧି ଦଳ

ଅର୍ଥ କମିଶନ ଜରିଆରେ ସିଧାସଳଖ ୪୦ରୁ ୮୦ ଲକ୍ଷ ପର୍ଯ୍ୟନ୍ତ ଅନୁଦାନ ଦେବାର ବ୍ୟବସ୍ଥା ଆରମ୍ଭ କରିଛନ୍ତି। କିନ୍ତୁ ଓଡ଼ିଶାରେ ବାବୁତନ୍ତ୍ରକୁ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟ ସରକାର ସରପଞ୍ଚ ଓ ସମିତିସଭ୍ୟଙ୍କ କ୍ଷମତାକୁ ନେଇ ଅଫିସରଙ୍କ ହାତକୁ ଟେକି ଦେଇଛନ୍ତି। ଏହା ପଞ୍ଚାୟତିରାଜ ବ୍ୟବସ୍ଥାର ମହତ ଉଦ୍ଦେଶ୍ୟକୁ କୁଠାରାଘାତ କରିଛି। ଚଳିତ ବିଧାନସଭା ଅଧିବେଶନରେ ଭାଜପା ବିଧାୟକମାନେ ଏହି ପ୍ରସଙ୍ଗ ଉପସ୍ଥାପନା କରିବା ସହିତ ପଞ୍ଚାୟତରେ ନିର୍ବାଚିତ ଜନପ୍ରତିନିଧିଙ୍କ ଦାବିକୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଜଣାଇବେ ବୋଲି କୁହାଯାଇଛି।

# ୩ ଭାଜପା ମଣ୍ଡଳ ସଭାପତିଙ୍କ ଇସ୍ତଫା

### ନୂତନ ସଭାପତିଙ୍କ ନାମ ସୁପାରିସ

ଘଟଗାଁ,୨୫।୯(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଭାଜପାର ଘଟଗାଁ, ଢେଙ୍କିକୋଟ ଓ ପଣ୍ଡାପଡ଼ା ମଣ୍ଡଳର ସଭାପତି ରବିବାର ଇସ୍ତଫା ଦେଇଛନ୍ତି। ସେମାନଙ୍କ ଇସ୍ତଫାପତ୍ର ଜିଲା ସଭାପତି, ରାଜ୍ୟସଭାପତି ଏବଂ ସଂଗଠନ ସାଧାରଣ ସମ୍ପାଦକଙ୍କ ନିକଟକୁ ପଠାଇଥିବା କହିଛନ୍ତି।

ସୂଚନାଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଘଟଗାଁ ଜିଲାପରିଷଦ ପ୍ରାର୍ଥୀ ଚୟନକୁ ନେଇ ଘଟଗାଁ ମଣ୍ଡଳର ସହମତି ନିଆଯାଇ ନ ଥିଲା। ଯାହାକୁ ନେଇ ମଣ୍ଡଳସଭାପତି ସମେତ ବହୁ କାର୍ଯ୍ୟକର୍ତ୍ତା ଇସ୍ତଫା ଦେଇଥିଲେ। ପରେ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ଶନିବାର ବୈଠକରେ କେନ୍ଦୁଝର ଲୋକସଭା ପାଇଁ ଜୋରଦେବ, ଘସିପୁରା ବିଧାନସଭା ପାଇଁ ନୁହେଁ ବୋଲି କୁହାଯିବା ପରେ ଘଟଗାଁ ମଣ୍ଡଳ ସଭାପତି ଗୋଲକ ବଳ, ଢେଙ୍କିକୋଟ ମଣ୍ଡଳ ସଭାପତି ଜିତେନ୍ଦ୍ର ପଲେଇ, ପଣ୍ଡାପଡ଼ା ମଣ୍ଡଳ ସଭାପତି ମୁରଲୀଧର ମହାନ୍ତଙ୍କ ସମେତ ବିଭିନ୍ନ କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫାପତ୍ର ପଠାଇଥିବା ଜଣାଯାଇଛି। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ବୈଠକ ଘଟଣାକୁ ଅସ୍ୱୀକାର କରିଛନ୍ତି। ଘଟଗାଁ ମଣ୍ଡଳ ସଭାପତି ପାଇଁ ରବିନ୍ଦ୍ର ଦେହୁରୀ, ଢେଙ୍କିକୋଟ ମଣ୍ଡଳ ପାଇଁ ମୁକୁନ୍ଦ ମୁଣ୍ଡା ଓ ପଣ୍ଡାପଡ଼ା ମଣ୍ଡଳ ପାଇଁ ମନୋରଞ୍ଜନ ମହାନ୍ତିଙ୍କ ନାମ ସୁପାରିସ କରାଯାଇ ରାଜ୍ୟ କାର୍ଯ୍ୟାଳୟକୁ ପଠାଯାଇଥିବା କହିଛନ୍ତି।

## ରାଜ୍ୟ ଖବର

# ନିଯୁକ୍ତି ଦାବିକଲେ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୫।୯ (ଅସମାପିକା ସାହୁ)



ରାଜ୍ୟରେ ଗତ ୨୧ବର୍ଷ ହେବ ଆୟୁଷ ଡାକ୍ତରଙ୍କ ପାଇଁ ନିଯୁକ୍ତି ବହାରିନି। ଫଳରେ ବହୁ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ରାଜ୍ୟରେ ୫୦୦ ସରକାରୀ ଆୟୁର୍ବେଦିକ ଏବଂ ୫୦୦ ସରକାରୀ ହୋମିଓପାଥିକ ଡିସ୍‌ପେନ୍‌ସାରୀ ଖୋଲିବାକୁ ଦାବି କରିଛନ୍ତି ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର। ଏଭଳି କିଛି ସମସ୍ୟା ଓ ଦାବି ନେଇ ଅଲ୍ ଓଡ଼ିଶା ଆୟୁଷ ଛାତ୍ର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଗତ ୩୧ ତାରିଖରୁ ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିଲେ। ଏଥିସହ ରୋଗୀସେବା ମଧ ନିରନ୍ତର ଭାବେ ଜାରି ରଖିଥିଲେ। କିନ୍ତୁ ରାଜ୍ୟ ସରକାର ତାଙ୍କ ଦାବି ପୂରଣ ନ କରିବାରୁ ସୋମବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଧାରଣା ଦେବା ସହ ବିକ୍ଷୋଭ କରିଛନ୍ତି ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର। ସେମାନଙ୍କ କହିବାନୁସାରେ, ଆମେ ବି ନିଟ୍ ଅଧୀନରେ ପରୀକ୍ଷା ଦେଉଛୁ। ଏମ୍‌ବିବିଏସ୍ ଭଳି ସାଢ଼େ ୫ବର୍ଷ ପାଠ ପଢୁଛୁ। କିନ୍ତୁ ଆମ ପାଇଁ ନିଯୁକ୍ତି ନାହିଁ। ଦୀର୍ଘ ୨୧ବର୍ଷ ହେବ ନିଯୁକ୍ତି ବାହାରି ନ ଥିବାରୁ ଶତାଧିକ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ଏବେ ବେକାର ହୋଇ ବସିଛନ୍ତି। ତେଣୁ ସରକାର ତୁରନ୍ତ ଡିସ୍‌ପେନ୍‌ସାରୀ ଖୋଲିବା ସହିତ ପ୍ରତିବର୍ଷ ୧୦୦ ଏଏମ୍‌ଓ ଏବଂ ୧୦୦ ଏଚ୍‌ଏମ୍‌ଓ ପଦବୀ ପାଇଁ ନିଯୁକ୍ତି ଦିଅନ୍ତୁ ବୋଲି ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

# ଏକାଠି ହେଲେ ପୁରାତନ ଛାତ୍ର-ଶିକ୍ଷକ-ଅଭିଭାବକ

### ଆନ୍ଦୋଳନକୁ ଓହ୍ଲାଇଲା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୨୫।୯(ଅସମାପିକା ସାହୁ)

ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଜାରି ରହିଥିବାବେଳେ ଏବେ ମାଧ୍ୟମିକ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଆହ୍ୱାନରେ ସୋମବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଶିକ୍ଷକ, ପୁରାତନ ଛାତ୍ର, ଅଭିଭାବକ ତଥା ପରିଚାଳନା କମିଟିର ମହାମେଳି ଦେଖିବାକୁ ମିଳିଛି। ୨୧ ଦଫା ଦାବି ନେଇ ସେମାନେ ସରକାରଙ୍କ ଉପରେ ଗର୍ଜିବା ସହ ତୁରନ୍ତ ଦାବି ପୂରଣ କରିବାକୁ ଚେତାବନୀ ଦେଇଛନ୍ତି।




ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ଶିକ୍ଷକଙ୍କ ସମସ୍ୟାର ସମାଧାନ ନ ହେଲେ ରାଜ୍ୟରେ ଥିବା ୩,୫୦୦ ମାଧ୍ୟମିକ ବିଦ୍ୟାଳୟ ବନ୍ଦ ହୋଇଯିବ। ମାଧ୍ୟମିକ ଶିକ୍ଷାର ଅର୍ଦ୍ଧାଧିକ ଭାର ବହନ କରୁଥିବା ଏହି ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଗଲେ ରାଜ୍ୟର ଶିକ୍ଷାବ୍ୟବସ୍ଥା ଯେ ଭୁଶୁଡ଼ି ପଡ଼ିବ ଏଥିରେ ସନ୍ଦେହ ନାହିଁ। ଏହି କଥାକୁ ବୁଝି ଆଜି ଶିକ୍ଷକଙ୍କ ସହିତ ସ୍ୱର ମିଳାଇଛନ୍ତି ବହୁ ପୁରାତନ ଛାତ୍ର, ଅଭିଭାବକ ତଥା ପରିଚାଳନା କମିଟିର ସଦସ୍ୟ। କ୍ରମଶଃ ଏହା ବଢ଼ିବ ଏବଂ ଆହୁରି ତୀବ୍ରତର ହେବ। ଓଡ଼ିଶାର ପୁରପଲ୍ଲୀ ସବୁଠି ସ୍ୱର ଉଠିବା ପୂର୍ବରୁ ଶିକ୍ଷକଙ୍କ ସମସ୍ୟା ସମାଧାନ କରି ଶିକ୍ଷାକୁ ସରକାର ବଞ୍ଚାନ୍ତୁ ଏବଂ ନିଜର ଉତ୍ତରଦାୟିତ୍ୱ ପାଳନ କରନ୍ତୁ ବୋଲି ସେ ଦୃଢ଼ ଦାବି କରିଛନ୍ତି। ଓଷ୍ଟା ପକ୍ଷରୁ ସରକାରୀ ଅବହେଳାର ତୀବ୍ର ସମାଲୋଚନା କରି କୁହାଯାଇଛି, ମୁଖ୍ୟମନ୍ତ୍ରୀ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ଯେଭଳି ରେକର୍ଡ କରିଛନ୍ତି, ସେଭଳି ପଚିଶ ତିରିଶ ବର୍ଷ ଧରି ଶିକ୍ଷକଙ୍କୁ ଅନୁଦାନ ଓ ଚାକିରି ସର୍ତ୍ତାବଳୀ ସହ ଅବସରକାଳୀନ ସୁବିଧା ନ ଦେଇ ଆଉ ଏକ ଇତିହାସ ସୃଷ୍ଟି କରିଛନ୍ତି। ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅହୋରାତ୍ର ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ। କୌଣସି ପ୍ରତିଶ୍ରୁତିରେ ଆମେ ହଟିବୁ ନାହିଁ। ଯଦି ସରକାର ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ରକ୍ଷା କରିବାକୁ ଚାହୁଁଥାନ୍ତି, ତେବେ ଅବିଳମ୍ବେ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ଘୋଷଣା କରନ୍ତୁ, ସପ୍ତମ ବେତନ କମିଶନରୁ ବାଦ୍ ପଡ଼ିଥିବା ବିଦ୍ୟାଳୟଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରନ୍ତୁ। ଆମର ମୁଖ୍ୟ ଦାବି ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଲାଗୁ କରନ୍ତୁ ବୋଲି ଓଷ୍ଟା ପକ୍ଷରୁ ଦାବି କରାଯାଇଛି।

# ଘାସ, ନଡ଼ା ଖାଇ ଗାଁ ସାଥୀଙ୍କ ବିକ୍ଷୋଭ



ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା): ଗାଁ ସାଥୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରାଯାଉନାହିଁ। ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ୨୦୨୧ରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ ବର୍ତ୍ତମାନ ଯାଏ ପ୍ରଦାନ କରାଯାଉନାହିଁ। ଏଭଳି ୨ଟି ଅଭିଯୋଗ ନେଇ ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଅଭିନବ ପ୍ରତିବାଦ କରାଯାଇଛି। ହଜାର ହଜାର ଗାଁ ସାଥୀ ଲୋୟର ପିଏମ୍‌ଜିରେ ପହଞ୍ଚି ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଯଜ୍ଞପାଠ କରିଥିଲେ। ଜୀବନଜୀବିକା ବିପନ୍ନ ହୋଇଯାଇଥିବା ଦର୍ଶାଇ ଘାସ ଓ ନଡ଼ା ଖାଇ ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ସମ୍ମୁଖରେ ଏପରି ପ୍ରତିବାଦ କରାଯାଇଥିବାବେଳେ ଆସନ୍ତା ୩୦ ତାରିଖରେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଚେତାବନୀ ଦେଇଛନ୍ତି।

# ଆଶାକର୍ମୀଙ୍କ ଗଣବିକ୍ଷୋଭ, ପୋଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା): ଆଶାକର୍ମୀଙ୍କ ମାସିକ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ଓ ଅନ୍ୟାନ୍ୟ ଦାବିରେ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ରାଜଧାନୀରେ ଗଣବିକ୍ଷୋଭ କରାଯାଇଛି। ହଜାର ହଜାର ସଂଖ୍ୟକ ଆଶାକର୍ମୀ ମାଷ୍ଟରକ୍ୟାଣ୍ଟିନ ଛକରେ ଏକାଠି ହୋଇ ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ବାଟରେ ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଆୟତ୍ତ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଜାତୀୟ ଶ୍ରମ ସମ୍ମିଳନୀରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ପେନ୍‌ସନ୍, ସାମାଜିକ ନିରାପତ୍ତା, ମାସିକ ଭତ୍ତା ପ୍ରଦାନ, ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ଅନ୍ୟାନ୍ୟ ଯୋଜନାର ଦେୟ ଆଶାଙ୍କ ଜମାଖାତାରୁ କାଟିବା ବନ୍ଦ କରିବା ସହ ସରକାର ବୀମା ଯୋଜନାର ପ୍ରିମିୟମ ପ୍ରଦାନ, ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା ପ୍ରଦାନ, ଅବସର ବୟସ ସୀମା ୬୫ବର୍ଷ କରାଯିବା ସହିତ ଅବସରକାଳୀନ ସହାୟତା ରାଶି ୮ଲକ୍ଷ ଟଙ୍କାକୁ ବୃଦ୍ଧି, ଜନନୀ ସୁରକ୍ଷା ଯୋଜନାର ଅନୁଦାନ ବୃଦ୍ଧି, ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ତାନ ଜନ୍ମ ହେଲେ ସହାୟତା ରାଶି ପ୍ରଦାନ, ଆଶାକର୍ମୀଙ୍କ ପାଇଁ ଗଠିତ ସଂସଦୀୟ କମିଟିର ସୁପାରିସ ଅନୁସାରେ ୧୦ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ଏଏନ୍‌ଏମ୍‌କୁ ପଦୋନ୍ନତି, ୫ ବର୍ଷ ଅଭିଜ୍ଞତା ଥିବା ଆଶାକର୍ମୀଙ୍କ ନର୍ସିଂ ସ୍କୁଲ କଲେଜରେ ତାଲିମ ପାଇଁ ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା।



# ୭ ଦଫା ଦାବିରେ ପାଚିକା ପାଚକଙ୍କ ଆନ୍ଦୋଳନ




ଭୁବନେଶ୍ୱର,୨୫।୯(ଅନୁରାଧା ମହାରଣା): ୭ ଦଫା ଦାବି ନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ସୋମବାର ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାସଂଘ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ୩୦ ଜିଲାର ଶହ ଶହ ପାଚିକା ପାଚକ ଆନ୍ଦୋଳନରେ ସାମିଲ ହୋଇ ଅଧିକାର ପାଇଁ ନାରାବାଜି କରିଛନ୍ତି। ରାଜ୍ୟ ସରକାର ପାଚକ ପାଚିକାଙ୍କ ଦରମା ୧ହଜାର ଟଙ୍କାରୁ ୨ହଜାର ଟଙ୍କା (ଦୈନିକ ମଜୁରି ୬୬.୬୬ଟଙ୍କା)କୁ ବୃଦ୍ଧି କରିଥିଲେ ମଧ ସେମାନଙ୍କୁ ୧୪୦୦ ଟଙ୍କା ମିଳୁଛି। ଦୈନିକ ମଜୁରି ହିସାବରେ ଏହା ୪୬.୬୬ ଟଙ୍କା ହେଉଛି। ଏତିକି ଟଙ୍କାରେ ଘର ଚଳାଇବା କଷ୍ଟକର ହେଉଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ୨୭୫ଟଙ୍କା ଦୈନିକ ମଜୁରି ହିସାବରେ ମାସିକ ୮୨୫୦ଟଙ୍କା ଦରମା ଲାଗୁ କରାଯାଉ ବୋଲି ଦାବି ହୋଇଛି। ସେହିପରି ସମସ୍ତଙ୍କୁ ଚତୁର୍ଥଶ୍ରେଣୀ କର୍ମଚାରୀ ମାନ୍ୟତା ପ୍ରଦାନ, ଚିକିତ୍ସା ଭତ୍ତା, ଜୀବନ ବୀମା, ଭବିଷ୍ୟନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅବସର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବି କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...........................................
ବୟସ:...........................................
ଜନ୍ମ ତାରିଖ: ..................................


ଗୁଡୁ
ପରିବାରବର୍ଗ


ଇଶାନୀ
ପରିବାରବର୍ଗ


ରାହୁଲ୍
ପରିବାରବର୍ଗ


ସିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ରୋଲ୍‌ବଲ୍ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର,୨୫।୯
(ସରୋଜ ଜେନା)

ଚେନ୍ନାଇରେ ହେବାକୁ ଥିବା ୧୩ତମ ଜାତୀୟ ରୋଲ୍‌ବଲ୍ ଚାମ୍ପିୟନଶିପ ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆସନ୍ତା ୨୭ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଟିଏନ୍‌ପିଇଏସ୍‌ୟୁ ଇନଡୋର ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ବାଳିକା ଦଳ ପାଇଁ ଅଶ୍ଳେଷା ପଣ୍ଡା ଅଧିନାୟିକା ରହିଥିବା ବେଳେ ବାଳକ ଦଳର ଅଧିନାୟକ ରହିଛନ୍ତି ଶିବେଶ ଗୋରାଇ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ବିଦାୟ ସମ୍ବର୍ଦ୍ଧନାରେ କ୍ରୀଡା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଏସ୍‌ଡି ସୋନାଲି ଚାନ୍ଦ ଓ ସିଦ୍ଧାର୍ଥ ଦାସ ଉପସ୍ଥିତ ରହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ରୋଲ୍‌ବଲ୍ ଆସୋସିଏଶନ୍ ଉପ ସଭାପତି ହରେଶ ମିଶ୍ର, ସମ୍ପାଦକ ସୌଦାମିନୀ ପାତ୍ର, ପ୍ରତିଷ୍ଠାତା ପାର୍ଥ ସାରଥୀ ଜେନା ଓ ସଦସ୍ୟ ସୁଶାନ୍ତ ସାହୁ ଏବଂ ସୌମ୍ୟ ପ୍ରଧାନ ଉପସ୍ଥିତ ଥିଲେ।

ବାଳକ ଦଳ: ସେୟଶ ଅଧିକାରୀ, ଶ୍ରୀୟାଂସ ପଟ୍ଟନାୟକ, ସହର୍ଷ ପଟ୍ଟନାୟକ, ଅଧିବ ଚନ୍ଦୁକା, ଅଜିତେଶ ପ୍ରଧାନ, କୀର୍ତ୍ତି କୌଶିକ ଦାସ, ଆର. ଏନ୍. ଆୟନ, ଅସ୍ମିତ ଦାସ, ମନନ କଶ୍ୟପ, ଦେବବ୍ରତ ନାୟକ, ଶିବେଶ ଗୋରାଇ (ଅଧିନାୟକ ଓ ଗୋଲକିପର), ଶ୍ରେୟସ ଶ୍ରୀୟାଂସ।

ବାଳିକା ଦଳ: ଅଶ୍ଳେଷା ପଣ୍ଡା(ଅଧିନାୟକ), ଅଭ୍ୟୁକ୍ତା ପଣ୍ଡା, ସିମୋନ ଶ୍ରେୟା, ଇଚିନି ଦିବ୍ୟାଞ୍ଜଳି, ଆର୍ଶୀ କାନୁନ୍‌ଗୋ, ମଧୁକ୍ଷରା ମିଶ୍ର, ସୁଦୀକ୍ଷା ସ୍ୱାଇଁ, ସୁସାନ୍ନା ରାଉଳ, ଗୁଞ୍ଜନ ରାଉତ, ଆନ୍‌ଭି ସୁଦୀପ କୁମାରୀ, ଓଁ ଦିବ୍ୟାଂଶୀ ବେହେରା, ଗୀତିକା ଗୀତିମୟ (ଗୋଲ କିପର)।



ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ରୋଲବଲ ଦଳ।

# ଧୋନୀଙ୍କ ଶେଷ, ଇଂଲଣ୍ଡର ପ୍ରଥମ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଇଂଲଣ୍ଡ ମାଟିରେ ଆୟୋଜିତ ହୋଇଥିଲା। ପଞ୍ଚମ ଥର ପାଇଁ ଇଂଲଣ୍ଡ କ୍ରିକେଟ ବିଶ୍ୱକପ ଆୟୋଜନର ସୌଭାଗ୍ୟ ହାସଲ କରିଥିଲା। ଭାରତୀୟ କ୍ରିକେଟ ଦଳର କରିତ୍‌କର୍ମା ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ କ୍ୟାରିୟରର ଏହା ଅନ୍ତିମ ବିଶ୍ୱକପ ହୋଇଥିବା ବେଳେ ଇଂଲଣ୍ଡ ଦଳ ହାସଲ କରିଥିଲା ଏହାର ପ୍ରଥମ ବିଶ୍ୱକପ ଟାଇଟଲ। କ୍ରିକେଟର ଜନକ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ଇଂଲଣ୍ଡ ପୂର୍ବରୁ ୩ ଥର ବିଶ୍ୱକପ ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିବା ବେଳେ ପ୍ରଥମ ଥର ଟାଇଟଲ ଜିତିବାର ସୌଭାଗ୍ୟ ହାସଲ କରିଥିଲା। ତେବେ ବିଶ୍ୱକପର ଫାଇନାଲ ଅନେକ କାରଣରୁ ବେଶ୍ ବିବାଦୀୟ ରହିଥିଲା। ଫାଇନାଲ ମ୍ୟାଚର ସ୍କୋର ଟାଇ ରହିବା ପରେ ସୁପର ଓଭର ଖେଳା ଯାଇଥିଲା। ସୁପର ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡ୍ରି ମାରିଥିବା ଇଂଲଣ୍ଡକୁ ବିଜେତା ଘୋଷଣା କରାଯାଇଥିଲା। ତେବେ ଅମ୍ପାୟର କୁମାର ଧର୍ମସେନାଙ୍କ ଏକ ନିଷ୍ପତ୍ତିକୁ ନେଇ ବିତର୍କ ଦେଖିବାକୁ ମିଳିଥାଏ।

ଇଂଲଣ୍ଡକୁ ବିଶ୍ୱକପ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପୂର୍ବ ଦୁଇ ସଂସ୍କରଣ ଅପେକ୍ଷା ୧୦ ଦଳ ଅଂଶଗ୍ରହଣ କରିଥିଲେ। ସମୁଦାୟ ୪୮ ମ୍ୟାଚ ଖେଳା ଯାଇଥିଲା। ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୯ଟି ଲେଖାଏ ମ୍ୟାଚ୍ ଖେଳିଥିବା ବେଳେ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିବା ୪ ଦଳ ସେମି ଫାଇନାଲରେ ପ୍ରବେଶ କରିଥିଲେ। ଭାରତ ସର୍ବାଧିକ ୧୫ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା। ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲେ। ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ସମାନ ୧୧ ପଏଣ୍ଟ ଅର୍ଜନ କରିଥିଲେ। ମାତ୍ର ଉନ୍ନତ ରନରେଟ୍ ହାରରେ ପାକିସ୍ତାନକୁ ପଛରେ ପକାଇଥିଲା ନ୍ୟୁଜିଲାଣ୍ଡ।

ଇଂଲଣ୍ଡ ଚତୁର୍ଥ ଥର ପାଇଁ ଦିନିକିଆ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲା। ଏହା ପୂର୍ବରୁ ୧୯୭୯,୧୯୮୭ ଓ ୧୯୯୨ ବିଶ୍ୱକପରେ ଦଳ ରନର ଅପ୍ ରହିଥିଲା। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୨୪୧ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୫୦ ଓଭରରେ ୨୪୧ ରନରେ ଅଲଆଉଟ ହୋଇଥିଲା। ସୁପର ଓଭର ଖେଳା ଯାଇଥିବା ବେଳେ ଉଭୟ ଦଳ ସମାନ ୧୫ ରନ୍ ଲେଖାଏ ସ୍କୋର କରିଥିଲେ। ଅଧିକ ବାଉଣ୍ଡ୍ରି ସ୍କୋର କରିଥିବା ଇଂଲଣ୍ଡକୁ ଟାଇଟଲ ବିଜେତା ଘୋଷଣା କରାଯାଇଥିଲା। ଇଂଲଣ୍ଡ ଇନିଂସରେ ୨୬ ଓ ନ୍ୟୁଜିଲାଣ୍ଡ ଇନିଂସରେ ୧୭ ବାଉଣ୍ଡ୍ରି ସ୍କୋର ହୋଇଥିଲା। ରୋହିତ ଶର୍ମା ଏହି ସଂସ୍କରଣରେ ସର୍ବାଧିକ ୬୪୮ ରନ୍ ସ୍କୋର କରିଥିବା ବେଳେ ମିଚେଲ ଷ୍ଟାର୍କ ୨୭ ଉଇକେଟ ନେଇଥିଲେ।


ଇଅନ ମୋର୍ଗାନଙ୍କ ହାତରେ ବିଶ୍ୱକପ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୯ ଦିନ**

# ପାକିସ୍ତାନ ଖେଳାଳିଙ୍କୁ ମିଳିଲା ଭାରତୀୟ ଭିଜା

ଇନ୍ଦୋର, ୨୫।୯ (ପି.ଟି.)

ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ପାକିସ୍ତାନ କ୍ରିକେଟ ଦଳର ସଦସ୍ୟମାନଙ୍କୁ ଭାରତୀୟ ଭିଜା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୋମବାର ଏହି ସୂଚନା ଦିଆଯାଇଛି। ଭିଜା ମିଳିବାର ବିଳମ୍ବ ଘଟୁଥିବାରୁ ପାକିସ୍ତାନ କ୍ରିକେଟ ଦଳର ହାଇଦ୍ରାବାଦ ଗସ୍ତରେ ବିଳମ୍ବ ଘଟୁଛି ବୋଲି ଦର୍ଶାଇ ଏଥିରେ ହସ୍ତକ୍ଷେପ କରିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ଆଇସିସିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାର୍ଯ୍ୟସୂଚୀ ଅନୁସାରେ ପାକିସ୍ତାନ ସେପ୍ଟେମ୍ବର ୨୭ ପ୍ରତ୍ୟୁଷରେ ହାଇଦ୍ରାବାଦରେ ପହଞ୍ଚିବା କଥା। ଏହାର ୪୮ଘଣ୍ଟା ପୂର୍ବରୁ ଭିଜା ମିଳିଯାଇଛି। ଦଳ ସେପ୍ଟେମ୍ବର ୨୯ରେ ଏହାର ପ୍ରଥମ ୱାର୍ମଅପ୍ ଗେମ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ।

# ଟିମ୍ ୱାର୍ଲ୍ଡକୁ ଲାଭର କପ୍

ଭାଙ୍କୋଭର (ବ୍ରିଟିଶ କଲମ୍ବିଆ), ୨୫।୯ (ଏପି)

ଟିମ୍ ୱାର୍ଲ୍ଡ କ୍ରମାଗତ ଦ୍ୱିତୀୟ ଥର ଲାଭର କପ୍ ଟାଇଟଲ ହାସଲ କରିଛି। ସ୍ଥାନୀୟ ରୋଜର ଆରେନାଠାରେ ଆମେରିକାର ବେନ୍ ଶେଲ୍‌ଟନ ଓ ଫ୍ରାନ୍‌ସେସ୍ ଟିଆଫୋ ୭-୬(୭), ୭-୬ (୭)ରେ ଟିମ୍ ୟୁରୋପ୍‌ର ହୁବର୍ଟ ହୁର୍କାଜ ଓ ଆନ୍ଦ୍ରେ ରୁବ୍ଲେଭଙ୍କୁ ହରାଇ ଦେଇଛନ୍ତି। ଟିମ୍ ୱାର୍ଲ୍ଡ ଗତବର୍ଷ ମଧ୍ୟ ଏହି ଟୁର୍ନାମେଣ୍ଟ ଜିତିଥିଲା। ଏଥିରେ ସୁଇସ୍ ଷ୍ଟାର ରୋଜର ଫେଡରର ଅବସର ପୂର୍ବରୁ ତାଙ୍କ ଶେଷ ମ୍ୟାଚ ଖେଳିଥିଲେ। ଟିମ୍ ୱାର୍ଲ୍ଡ ଶନିବାର ୧୦-୨ରେ ଅଗ୍ରଣୀ ସହ ଅଗ୍ରଣୀ ରହିଥିଲ। ମ୍ୟାଚ ପରେ ଟିମ୍ ୱାର୍ଲ୍ଡ ଅଧିନାୟକ ଜନ୍ ମ୍ୟାକେନ୍‌ରୋ ତାଙ୍କ ଦଳର ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ।

# ୧୯ ବର୍ଷରୁ କମ୍ ସାଫ୍: ସେମିରେ ଭାରତ

କାଠମାଣ୍ଡୁ,୨୫।୯(ପି.ଟି.)

ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପର ସେମି ଫାଇନାଲରେ ପ୍ରବେଶ କରିଛି ଭାରତ। ସୋମବାର ଭୁଟାନକୁ ୨-୧ରେ ହରାଇବା ସହିତ ଗ୍ରୁପ୍ ଚାମ୍ପିୟନ ଭାବରେ ସେମି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି ଭାରତ। ଭାରତ ପକ୍ଷରୁ ଜି. ଗୋୟାରି ଓ ରିକି ମେଇତେଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚରେ ଭାରତ ବାଂଲାଦେଶକୁ ୩-୦ରେ ହରାଇଥିଲା। ଏହି ମ୍ୟାଚ୍ ଡ୍ର ରଖିଲେ ଭାରତ ସେମିକୁ ଉନ୍ନୀତ ହୋଇଥାନ୍ତା। ଭୁଟାନ୍ ପକ୍ଷରୁ ୨୦ ତମ ମିନିଟରେ ଜିଗ୍‌ମେ ନାମଗ୍ୟେଲ ଗୋଲ୍ ଦେଇ ଦଳକୁ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ମେଇତେଇଙ୍କ ଗୋଲରେ ଭାରତ ବିଜୟୀ ହୋଇଥିଲା। ବୁଧବାର ନେପାଳ ବିପକ୍ଷରେ ଭାରତ ଏହାର ସେମି ଫାଇନାଲ ମ୍ୟାଚ୍ ଖେଳିବ।


ମ୍ୟାଚ ଜିତିବାପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ସ୍ୱୟମଶ୍ରୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍**

# ଆରିନ୍ ଅନ୍ୱେଷ ଚାମ୍ପିୟନ

ଭୁବନେଶ୍ୱର, ୨୫।୯
(ବିଜୟ ରଣା)

ସ୍ଥାନୀୟ ପଟିଆସ୍ଥିତ ସ୍ୱୟମଶ୍ରୀ ଆକ୍ଟିଭିଟି ହବ୍ ଆନୁକୂଲ୍ୟରେ ସୁଭଦ୍ରା ବିଲ୍ଡିଂଠାରେ ରବିବାର ଦିନିକିଆ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୟୋଲା ସ୍କୁଲର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ସେ ୭ରାଉଣ୍ଡ ଖେଳରୁ ୬.୫ ପଏଣ୍ଟ ଅର୍ଜନ କରିଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଜିଲା ଚେସ୍ ସଂଘ ଏବଂ ଏସ୍.ଆର୍. ଚେସ୍ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ କଟକର ଆୟୁଷ ଆର୍ୟନ ମହାପାତ୍ର ଦ୍ୱିତୀୟ, ମନୀଷ ମିଶ୍ର ତୃତୀୟ, ଲଳିତ ରଞ୍ଜନ ସାହୁ ୪ର୍ଥ, ଶୁଭମ ପ୍ରତୀକ ମିଶ୍ର ୫ମ, ଆୟୁଷ ପରିଡ଼ା ୬ଷ୍ଠ, ରାଜଶ୍ରୀ ପୁହାଣ ୭ମ, ଜିତେଶ ସାମଲ ୮ମ, ତ୍ରିଦେବ ତୀର୍ଥଙ୍କର ୯ମ ଏବଂ ସୂର୍ଯ୍ୟାଂଶୁ ମହାକୁଡ଼ ୧୦ମ ସ୍ଥାନ ଅଧିକାର କରିଥିଲେ। ଏମାନଙ୍କୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ୱୟମଶ୍ରୀ ଆକ୍ଟିଭିଟି ହବ୍‌ର ଅଧ୍ୟକ୍ଷ ମୁକ୍ତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର ବୟୋଜ୍ୟେଷ୍ଠ ଚେସ୍ ପରାମର୍ଶଦାତା ଅସିତ ମୁଖାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସଦସ୍ୟ ତଥା ରେଟେଡ ଖେଳାଳି ସୂର୍ଯ୍ୟକାନ୍ତ ବିଶୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସର୍ବଭାରତୀୟ ଚେସ୍ ମହାସଂଘର ଯୁଗ୍ମ ସମ୍ପାଦକ ତଥା ଆୟକର ଅଧିକାରୀ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଏବଂ ଏସ୍.ଆର. ଚେସ୍ ସେଣ୍ଟର ଅଧ୍ୟକ୍ଷ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ତଥା ଫିଡେ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।


CLASSIFIED DISPLAY
MORE SPACE ' SAME PRICE
TARIFF
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

1st Birthday

(Rahul)
Avyan Abhishek
" The best part of having an amazing son is that all of life's shortcomings undone".
Happy Birthday Beta.
-:Best Wishes:-
Mummy, Papa, Tubu, Gudu, Mamuni & All Family.
ଧ-୧୪୦୧

ଜନ୍ମଦିନ ଶୁଭେଚ୍ଛା

HAPPY Birthday
ଗୁଡୁଲ୍ (ଶ୍ୱେତା)
Unit-IX-Road- 3,Bhubaneswar
ଆଜି ୨୬।୯।୨୩, ମଙ୍ଗଳବାର
ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତ କାନି ତଳେ ଘଷ୍ଟ ଘୋଡ଼େଇ ରଖନ୍ତୁ, ନୀରୋଗ ରଖନ୍ତୁ, ଦୀର୍ଘାୟୁ କରନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ, ଭଲମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ ତୋର- ଅଜା (ଧନ୍ତୁ), ଆଇ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁଗାମା), ସାନ ଗେହ୍ଲୁଭାଇ (ଆଶ୍ଣୁ) ଓ ସାନ ଭଉଣୀ (ସାନୁ)।
ଧ-୧୩୭୯

ଜନ୍ମଦିନ ଶୁଭେଚ୍ଛା

ଶ୍ରୀ ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ସିଲୁ)
ଗ୍ରାମ: ପ୍ରହରାଜପୁର ମଣ୍ଡାସାହି, ଜଗତ୍‌ସିଂହପୁର
ତୋର ଜନ୍ମଦିନର ଶୁଭେଚ୍ଛା ସହ ତୋତେ ୧୭ ବର୍ଷ ଚାଲିଲା, ଆଶୀର୍ବାଦ ସହ ବାପା, ଆଇ, ଦାଦା, ଖୁଡ଼ୀ, ଅନିଲ, ସ୍ନେହା, ରାଜା, ଲିସି, ମିଲିଭଞ୍ଜି ତୋର ଚଲାପଥ ସୁଖମୟ ହେଉ ମା' ତାରିଣୀ, ଜଗନ୍ନାଥ, ସାଇବାବାଙ୍କ ପାଖରେ ମୋର ପ୍ରାର୍ଥନା।
Mo- 7735634659, 8895883920
ଧ-୧୩୯୫

# Classified Everyday
0674-2580101, 2549949


REAL ESTATE
SALE

North & West facing 60'x45' (2,700sqft.) freehold corner plot in Saheed Nagar. 9937041033. D-74586

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604. D-75222

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


FOR RENT

1400sqft. in First Floor Rent for Office in Forest Park Bhubaneswar. No Parking Space. Contact- 9437024647, 9098913483. D-1381

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


Healthcare

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75042

Spa Kerala body Massage only best Therapist @699/- Bhubaneswar. 9337672475. D-1364

Bodyrelax/Mindfresh massage @800/- by trend therapist. 7008773793. D-75148

Newly open SPA positively health benefits with expert therapist. 9938843929. D-75150

Relax, Refresh your body, Mind at Saikrupa Spa with best therapies. 8984068077. D-1358

AFFIDAVIT

We, Partha Sarathi Mandal and Kumkum Mandal declare that our surname is wrongly reflected in our Son's Birth Certificate as Mondal. We, Partha Sarathi Mandal and Partha Sarathi Mondal, Kumkum Mandal and Kumkum Mondal both are same and one person respectively. D-1389

By virtue of an affidavit sworn in the Court of Executive Magistrate of Kujang, Jagatsinghpur, I, Prajna Paramita Das, W/o Sanjay Kumar Das, At-Charibatia, P.S- Mangalpur, Dist.- Jajpur changed my name's spelling Pragngya Paramita Das to Prajna Paramita Das. Henceforth I will be known as Prajna Paramita Das for all purposes. D-1399

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Nandita Mondal, aged about 36 years, D/o- Nani Gopal Mandal, Residence- MV-79, Lachipeta, P.S- MV-79, Malkangiri- 764087 declare by this affidavit No- 14AA022969, Date- 11.9.2023 that now onwards I shall be known as Nandita Mandal for all future purposes. D-1402

I, Sri Nani Gopal Mondal, S/o- Nalini Ranjan Mandal, Resident of MV-79, Lachipeta, P.S- MV-79, Dist.- Malkangiri, -764087 declare by this affidavit No-14AA022969, Date.- 11.9.2023 that now onwards I shall be known as Nani Gopal Mandal for all future purposes. D-1403

I, Smt. Ramarani Mondal, D/o Banamali Ray, Residence- MV-79, Lachipeta, P.S- MV-79, Malkangiri-764087 declare by this affidavit No-14AA022969, Date-11.9.2023 that now onwards I shall be known as Ramarani Mandal for all future purposes. D-1404

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫ୍ୟାଶନ

# ଗର୍ଜିଅସ୍ ଗାଉନ୍

ବିଶେଷ ଉତ୍ସବରେ କିମ୍ବା ପାର୍ଟିରେ ମଧ ମହିଳାମାନେ ଗାଉନ୍ ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ଗାଉନ୍ ପିନ୍ଧି ଗର୍ଜିଅସ୍ ଲୁକ୍ ଦେବାକୁ ଚାହୁଁଥିଲେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ଜାଣିରଖନ୍ତୁ...



- ଗାଉନ୍‌କୁ ଲେହେଙ୍ଗା ଭଳି ଭାବନ୍ତୁ ନାହିଁ। ଲେହେଙ୍ଗା ଓ ଗାଉନ୍ ମଧ୍ୟରେ ବହୁ ଫରକ ରହିଛି ତାହା ପ୍ରଥମେ ଜାଣନ୍ତୁ। ସେହି ଅନୁସାରେ ଆପଣ ନିଜ ପାଇଁ କିଭଳି ଗାଉନ୍ ଭଲ ଲାଗିବ ଚୟନ କରିବା ପରେ କିଣନ୍ତୁ।
- ଗାଉନ୍ ପିନ୍ଧିବା ସମୟରେ ଲେହେଙ୍ଗା ପିନ୍ଧିବା ଭଳି ମେକ୍‌ଅପ୍ ଆଦୌ ନିଅନ୍ତୁ ନାହିଁ। ଗାଉନ୍‌ର ପ୍ରିଣ୍ଟ ଓ ରଙ୍ଗ ଅନୁସାରେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ। ଅଧିକ ମେକ୍‌ଅପ୍ ଆଦୌ ଭଲ ଲାଗି ନ ଥାଏ। ବେଷ୍ଟ ମେକ୍‌ଅପ୍ ଲୁକ୍ ପାଇବା ପାଇଁ ଗାଉନ୍ ସହିତ ଲାଇଟ୍ ମେକ୍‌ଅପ୍ ନେଇପାରିବେ।
- ଲମ୍ବା ହୋଇଥିବାରୁ ଗାଉନ୍ ଦେଖିବାକୁ ବେଳେବେଳେ ହେଭି ଲାଗିଥାଏ, କିନ୍ତୁ ତା’ ସହ ହେଭି ଗହଣା ପିନ୍ଧିଲେ ଲୁକ୍ ଖରାପ ହୋଇଥାଏ। ସବୁବେଳେ ଗାଉନ୍ ସହ ଅଳ୍ପ ଗହଣା ପିନ୍ଧନ୍ତୁ, ଯାହା ଏକ ପରଫେକ୍ଟ ଲୁକ୍ ଦେଇପାରିବ।
- ଗାଉନ୍‌ରେ ହାଇ ହିଲ୍ସ ବହୁତ ସୁନ୍ଦର ଲାଗେ। କିନ୍ତୁ ଯଦି ପିନ୍ଧିବାର ଅଭ୍ୟାସ ନ ଥାଏ ତା’ହେଲେ ହାଇ ହିଲ୍ସ ପିନ୍ଧନ୍ତୁ ନାହିଁ। ନିଜେ ଯେଉଁଭଳି ଜୋତା ପିନ୍ଧିବାରେ କମ୍ଫର୍ଟେବୁଲ୍ ସେଭଳି ପିନ୍ଧନ୍ତୁ। ନଚେତ୍ ଆପଣଙ୍କ ଆତ୍ମବିଶ୍ୱାସ କମ୍ ହୋଇଯିବ ଯାହା ଫଳରେ ସୌନ୍ଦର୍ଯ୍ୟ ମଧ ନଷ୍ଟ ହୋଇଥାଏ।
- ହେୟାର ଷ୍ଟାଇଲ୍ ଠିକ୍ ରଖିଲେ ଗାଉନ୍‌ରେ ଆପଣଙ୍କ ସୌନ୍ଦର୍ଯ୍ୟ ବହୁତ ବଢ଼ିଯିବ। ଗାଉନ୍‌ରେ ଯଦି ଅଧିକ କାମ ହୋଇଥାଏ ତେବେ ଆପଣ କେଶ ଖୋଲା ରଖିଲେ ସୁନ୍ଦର ଲାଗିବ। ନଚେତ୍ କେଶରେ ବନ୍ ଷ୍ଟାଇଲ୍ ମଧ ବହୁତ ଭଲ ଲାଗିବ। ଗାଉନ୍ ସହ ଏକ ପରଫେକ୍ଟ ଲୁକ୍ ମିଳିବ। ଛୋଟ କେଶ ହୋଇଥିଲେ ଖୋଲା ମଧ ରଖିପାରିବେ।

## ଘରକରଣା

- ରୋଷେଇ ଘରେ କିମ୍ବା ବଥରୁମରେ ନଳା ଜାମ୍ ହୋଇଥିଲେ ଜୋର୍‌ରେ ପାଣି ଖୋଲି ଦିଅନ୍ତୁ। କିଛି ଅଟକି ରହିଥିଲେ ଭିତରକୁ ଚାଲିଯିବ।
- ନଳା ଭିତରେ ଯଦି କିଛି ଆବର୍ଜନା ଲାଗି ଯାଇଥାଏ ତେବେ ପ୍ରଥମେ ହାତରେ ଗ୍ଲୋଭ୍‌ସ ପିନ୍ଧି ବାହାର କରି ଦିଅନ୍ତୁ।
- ଜାମ୍ ହୋଇଥିବା ନଳା ସଫା କରିବା ପାଇଁ ବେକିଂ ସୋଡା ଏବଂ ଭିନେଗାର ବ୍ୟବହାର କରିପାରିବେ। ପ୍ରଥମେ ନଳାରେ ଏକ କପ୍ ବେକିଂ ସୋଡା ପକାଇ କିଛି ସମୟ ଛାଡି ଦିଅନ୍ତୁ। ଏହାପରେ ସେହି ସମାନ ମାତ୍ରାରେ ଏକ କପ୍ ଭିନେଗାର ନଳାରେ ପକାଇ ଦିଅନ୍ତୁ। ନଳାରେ ଜମି ରହିଥିବା ଆବର୍ଜନା ସଫା ହୋଇଯିବ।
- ତରକାରି ଶୀଘ୍ର କରିବାକୁ ଚାହୁଁଥିଲେ ଗରମ ତେଲରେ ପ୍ରଥମେ କିଛି ଜୀରା ଓ ହେଙ୍ଗୁ ଫୁଟାନ୍ତୁ। ପିଆଜ ଅଧା ଭାଜି ହୋଇ ଆସିଲେ ସେଥିରେ ସମସ୍ତ ପରିବାକୁ ପକାଇ ଭାଜନ୍ତୁ। ତା’ପରେ ମସଲା ଓ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ଖୁବ୍ ଶୀଘ୍ର ଏହି ଶୁଖିଲା ତରକାରି ତିଆରି ହୋଇଯିବ।



# ସୋଲୋ ଟ୍ରାଭେଲିଂ

ଲଙ୍ଗ୍ ଡ୍ରାଇଭ୍‌ର ମଜା ନେବା ପାଇଁ ହେଉ ଅବା ଜରୁରୀ କାମ, ଅନେକ ସମୟରେ ସୋଲୋ ଟ୍ରାଭେଲିଂରେ ବାହାରନ୍ତି ମହିଳା। ହେଲେ ଯିବା ପୂର୍ବରୁ ସବୁ ଦିଗରୁ ସତର୍କ ନ ରହିଲେ ବହୁ ବିପଦକୁ ସାମ୍ନା କରିବାକୁ ପଡ଼ିପାରେ...



କେବେ ଅଫିସ୍ କାମରେ ତ କେବେ ନିଜର ଆବଶ୍ୟକତା ପାଇଁ ସୋଲୋ ଟ୍ରାଭେଲିଂରେ ଯିବାକୁ ହୁଏ। ଦୂରଯାତ୍ରା ପାଇଁ ମନରେ ଉତ୍ସାହ ଉଦ୍ଦୀପନା ତ ରହିଥାଏ ହେଲେ ସବୁ ଦିଗରୁ ସତର୍କ ନ ହେଲେ ଅନେକ ବିପଦକୁ ଯେ ସାମ୍ନା କରିବାକୁ ପଡ଼ିପାରେ ଏକଥା ଭୁଲିବା ଠିକ୍ ନୁହେଁ।

ଆଧୁନିକ ଲାଇଫ୍ ଷ୍ଟାଇଲ୍ ଏବେ ମହିଳାଙ୍କ ପାଇଁ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରିବା ଶିଖାଇଛି। ତେଣୁ ସୋଲୋ ଟ୍ରାଭେଲିଂରେ ଯିବା ପାଇଁ ସେମାନେ ଆଦୌ କୁଣ୍ଠା ପ୍ରକାଶ କରୁନାହାନ୍ତି। ବେଳେବେଳେ ପରିବାର ଲୋକ କିମ୍ବା ସାଙ୍ଗସାଥୀଙ୍କ ପାଖରେ ସମୟର ଅଭାବ ଯୋଗୁ କୌଣସି କାମ ପାଇଁ ସେମାନଙ୍କୁ ଏକୁଟିଆ ଦୂର ସ୍ଥାନକୁ ବି ଯିବାକୁ ପଡୁଛି। ଅନେକ ସମୟରେ ଅଫିସ୍ କାମରେ ବାହାରକୁ ଯିବାକୁ ପଡ଼େ ତ ଆଉ କେବେ ପାରିବାରିକ କାମରେ ବି ଏଭଳି ଯାତ୍ରା କରିବାକୁ ପଡ଼ିଥାଏ। ତେବେ ସୋଲୋ ଟ୍ରାଭେଲିଂରେ କୌଣସି ସ୍ଥାନକୁ ଯିବା ପୂର୍ବରୁ ନିଜ ସୁରକ୍ଷା ନିମନ୍ତେ ଯତ୍ନଶୀଳ ହେବା ବି ଜରୁରୀ। ଏଭଳି ସ୍ଥିତିରେ କେଉଁ ସବୁ ଦିଗ ପ୍ରତି ସତର୍କ ରହିବେ ଜାଣିରଖନ୍ତୁ।

**ପ୍ରସ୍ତୁତି:** ଅଧିକାଂଶ ମହିଳା ଏବେ କର୍ମଜୀବୀ। ସେଥିପାଇଁ ପରିବାର ଲୋକ କିମ୍ବା ବନ୍ଧୁମାନଙ୍କ ସହ ନିଜର ସମୟ ବାହାର କରିବା ଏତେ ସହଜ ହୋଇ ନ ଥାଏ। ତେଣୁ ଅନେକ ସମୟରେ ସେମାନେ ମଧ ସମୟ ବାହାର କରିପାରନ୍ତି ନାହିଁ। ସେଥିପାଇଁ ବେଳେବେଳେ ଏକୁଟିଆ କୌଣସି କାମ ପଡ଼ିଲେ ବାହାରକୁ ଯିବାକୁ ପଡ଼ିଥାଏ। ତେବେ ଦୂରଯାତ୍ରାରେ କିଛିଦିନ ପାଇଁ ଯିବାକୁ ଥିଲେ ସେହି ଅନୁସାରେ ପ୍ରସ୍ତୁତି କରିବାକୁ ହେବ।

**ଅଚିହ୍ନା ବନ୍ଧୁ:** କୌଣସି ଏକ ନୂଆ ସ୍ଥାନକୁ ଯାଉଥିଲେ ଆପଣଙ୍କ ଅଞ୍ଚଳରୁ ଆଉ କିଏ ସେହି ସ୍ଥାନକୁ ଯାଉଛନ୍ତି ଜାଣିବାକୁ ଚେଷ୍ଟା କରନ୍ତୁ। ହୁଏତ ବସ୍ ଅବା ଟ୍ରେନ୍‌ରେ ଯିବା ସମୟରେ ପଚାରି ବୁଝିଲେ ସହଜରେ ଜଣାପଡ଼ିଯିବ। ସମସ୍ତଙ୍କ ସହ କଥାବାର୍ତ୍ତା ପରେ ନିଜ ଅଞ୍ଚଳରୁ ଯାଉଥିବା ଅଚିହ୍ନା ଲୋକଙ୍କ ସହ ବି ବନ୍ଧୁତା କରିବା ଠିକ୍ ହେବ। ଏମିତି ବି ହୋଇପାରେ ହୁଏତ କୌଣସି ଅସୁବିଧା ହେଲେ ସେମାନଙ୍କ ଠାରୁ ସାହାଯ୍ୟ ନେଇପାରିବେ।



**ଠିକ୍ ସ୍ଥାନ ଚୟନ:** ଏକୁଟିଆ ମହିଳାମାନେ କୌଣସି ସ୍ଥାନକୁ ଯାଉଥିଲେ ପ୍ରଥମେ ସେହି ସ୍ଥାନ ସମ୍ପର୍କରେ ତଥ୍ୟ ସଂଗ୍ରହ କରନ୍ତୁ। ସେଠାକୁ ଯାଇଥିବା ଅନ୍ୟମାନଙ୍କୁ ପଚାରି ସେଠାକାର ପରିବେଶ ସମ୍ପର୍କରେ ବୁଝନ୍ତୁ। ସେଠାରେ ସୁବିଧା ଅସୁବିଧା ଓ ମହିଳାଙ୍କ ପାଇଁ ସ୍ଥାନ କେତେ ସୁରକ୍ଷିତ ସେସବୁ ଆଗୁଆ ଜାଣିବା ଭଲ ହେବ।





**କମ୍ ସାମଗ୍ରୀ:** ଏକୁଟିଆ କୌଣସି ସ୍ଥାନକୁ ଯାତ୍ରା କରୁଥିଲେ ସାଙ୍ଗରେ କମ୍ ସାମଗ୍ରୀ ନେବା ପାଇଁ ଚେଷ୍ଟା କରନ୍ତୁ। କାରଣ ଏକୁଟିଆ ସବୁ ସାମଗ୍ରୀ ଧରି ଯିବାକୁ ହେବ। ଜିନିଷ ଅଧିକ ରହିଲେ ନେବା ଆଣିବାରେ ସମସ୍ୟା ହୋଇପାରେ ଏବଂ ସେସବୁକୁ ଦାୟିତ୍ୱରେ ରଖିବା ମଧ କିଛି ମାତ୍ରାରେ ସମସ୍ୟା ସୃଷ୍ଟି କରିପାରେ। ନିଜେ ଆରାମରେ ନେଇପାରିବା ଭଳି ସାମଗ୍ରୀ ସାଙ୍ଗରେ ନେଇ ଗଲେ ଯାତ୍ରାରେ ସଫଳତା ହାସଲ କରିପାରିବେ।

**କ୍ୟାଶ୍ କମ୍ :** ଦୂର ସ୍ଥାନକୁ ଯାଉଥିଲେ ସାଙ୍ଗରେ ଅଧିକ କ୍ୟାଶ୍ ନିଅନ୍ତୁ ନାହିଁ। ଚୋରି ହେବାର ଭୟ ରହିବ ନାହିଁ। ଡିଜିଟାଲ୍ ମନି ବ୍ୟବହାର କରିବା ପାଇଁ ସବୁ ସୁବିଧା ନେଇ ଯାଆନ୍ତୁ ଏବଂ ଫୋନ୍ କିମ୍ବା କାର୍ଡକୁ ଯତ୍ନରେ ନିଜ ପାଖରେ ରଖନ୍ତୁ।

**ମୋବାଇଲ ବାଲାନ୍ସ ଓ ଚାର୍ଜ:** ସବୁଠୁ ବଡ଼ କଥା ହେଉଛି ଏକା କୌଣସି ସ୍ଥାନକୁ ଯାଉଥିଲେ ନିଜ ସହ ଯୋଗାଯୋଗ କରିବା ପାଇଁ ବିଭିନ୍ନ ମାଧ୍ୟମ ସମ୍ପର୍କରେ ପରିବାର ଲୋକଙ୍କୁ ସବୁ ସୂଚନା ଦେଇଥାନ୍ତୁ। ମୋବାଇଲରେ ବାଲାନ୍ସ କିମ୍ବା ଚାର୍ଜ ଯେପରି ଶେଷ ନ ହୁଏ ସେଥିପ୍ରତି ପୂର୍ବରୁ ପ୍ରସ୍ତୁତ ହୋଇ ଯାଆନ୍ତୁ। ଏହା ବ୍ୟତୀତ ଏକା ଯାତ୍ରା କରୁଥିଲେ ସେସମ୍ପର୍କରେ ସୋସିଆଲ ମିଡିଆରେ କୌଣସି ତଥ୍ୟ ଶେୟାର କରନ୍ତୁ ନାହିଁ।

## ଏମାନେ କ’ଣ କରନ୍ତି

### ଅଭ୍ୟାସ ହୋଇଗଲାଣି



ବେଳେବେଳେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପୁଅକୁ ନେଇ ବାହାର ରାଜ୍ୟକୁ ଯାଏ। ଗାର୍ଡିଆନ୍ ଭାବେ ଏକା ଯାଉଛି ଭାବି ମତେ ପ୍ରଥମେ ପ୍ରଥମେ ଭୟ ଲାଗୁଥିଲା। କିନ୍ତୁ ଏବେ ଆଉ କିଛି ଲାଗୁନି। କାହିଁକିନା ଅନ୍ୟ ପିଲାଙ୍କ ପ୍ୟାରେଣ୍ଟଙ୍କ ସହ ନିଜକୁ ସାମିଲ କରି ନେଇ ବେଶ୍ ସହଜରେ ଟ୍ରିପ୍ ଶେଷ କରିଦିଏ। ଶିମ୍‌ଲା, ଗୋଆ ଆଦି ବିଭିନ୍ନ ସ୍ଥାନକୁ ଏକୁଟିଆ ପୁଅକୁ ନେଇ ୧୦ ରୁ ୧୫ ଦିନ ରହିକି ଆସିଛି। ସ୍ୱାମୀଙ୍କୁ ଏତେଦିନ ଛୁଟି ମିଳେନି ବୋଲି ସେ ଆମ ସହ ଯାଇପାରନ୍ତି ନାହିଁ। ତେଣୁ ବାହାରକୁ ଗଲେ କେମିତି ସବୁ ମ୍ୟାନେଜ୍ କରିବି ସେଥିପାଇଁ ଆଗରୁ ସବୁ ପ୍ରସ୍ତୁତି କରି ଯାଇଥାଏ। ସବୁଠୁ ବଡ଼ କଥା ହେଉଛି ସାଙ୍ଗରେ ଯାଇଥିବା ଅଚିହ୍ନା ଲୋକଙ୍କ ସହ ବନ୍ଧୁତା କରିବା ଆଉ ନିଜ ଫୋନ୍ ଓ ପଇସା ତଥା କାର୍ଡ ସବୁକୁ ସୁରକ୍ଷିତ ରଖିବା। ଏତିକି କରିବା ଫଳରେ ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଏ।

*–ସୀମା ପାଣି, ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### କାମ ସରିଲେ ଶୀଘ୍ର ଫେରିଆସେ



କାମ ପାଇଁ ବହୁ ଥର ବାହାରକୁ ଏକା ଯିବାକୁ ହୁଏ। କିନ୍ତୁ ସେଥିପାଇଁ ସବୁ ପ୍ରସ୍ତୁତି କରି ଯାଇଥାଏ। ଅଫିସ୍ ତରଫରୁ ରହିବା ପାଇଁ ଯଦି ସୁବିଧା ଦିଆଯାଇ ନ ଥାଏ ତେବେ ଲୋକ ଗହଳି ଥିବା କୌଣସି ଏକ ସ୍ଥାନରେ ରୁହେ। ମୁଖ୍ୟ କଥା ହେଉଛି ଫୋନ୍‌ରେ ସବୁବେଳେ ପରିବାର ଓ ଅଫିସ ଲୋକଙ୍କ ସହ ଯୋଗାଯୋଗରେ ରହିଥାଏ। ଯେଉଁ ସ୍ଥାନକୁ ଯାଏ ତା’ ପୂର୍ବରୁ ଘର ଲୋକଙ୍କୁ ସବୁ ସୂଚନା ଦେଇଥାଏ। ଏକା ଯାଉଛି କିମ୍ବା ଦୂରରୁ ଆସିଛି ବୋଲି ଅଚିହ୍ନା ଲୋକଙ୍କୁ ଜଣାଇବାକୁ ଦିଏନି। ନିଜ ସୁରକ୍ଷା ପାଇଁ ଯଥାସମ୍ଭବ ପ୍ରସ୍ତୁତ ହୋଇ ଯାଏ। କାମ ସରିବା ମାତ୍ରେ ତୁରନ୍ତ ଫେରିଆସେ, କାରଣ ଏକା ଏକା କୌଣସି ସ୍ଥାନରେ ବୁଲାବୁଲି କରିବା ପାଇଁ ଆଦୌ ଇଚ୍ଛା ହୁଏନି।

*– ଡ. ଦେବଦର୍ଶିନୀ ସାମନ୍ତରାୟ*
*ସହକାରୀ ପ୍ରଫେସର, ସୁଶୀଳାବତୀ ମହାବିଦ୍ୟାଳୟ, ରାଉରକେଲା*

ସୌନ୍ଦର୍ଯ୍ୟ

# ଶାମ୍ପୁ କରିବା ଆଗରୁ

ସୁନ୍ଦର ଓ ମଜଭୁତ କେଶ ପାଇଁ ନାରୀମାନେ ବିଭିନ୍ନ ପ୍ରକାର ଯତ୍ନ ନିଅନ୍ତି। ବେଳେବେଳେ ଏଥିପାଇଁ ଶାମ୍ପୁ କିମ୍ବା ସେରମ୍ ଆଦି ବ୍ୟବହାର କରିଥାନ୍ତି। କିନ୍ତୁ ଏପରି କିଛି କଥା ଜାଣିରଖନ୍ତୁ ଯାହା କେଶକୁ ସୁନ୍ଦର କରିବାରେ ସହାୟକ ହୋଇପାରିବ।



- ଶାମ୍ପୁ କରିବା ପୂର୍ବରୁ ପ୍ରଥମେ କେଶକୁ ଭଲଭାବେ କୁଣ୍ଡାଇ ନିଅନ୍ତୁ। ଏପରି କରିବା ଫଳରେ ଶାମ୍ପୁ କରିବା ପରେ କେଶ ଅଧିକ ଅଡୁଆ ହେବ ନାହିଁ ଏବଂ ଅଧିକ କେଶ ଝଡ଼ିବ ନାହିଁ।
- ଶାମ୍ପୁ କରିବା ପୂର୍ବରୁ କେଶରେ ଭଲଭାବେ ତେଲ ଲଗାନ୍ତୁ। ତେଲ ଲଗାଇବା ଫଳରେ କେଶ ମୁଲାୟମ ହେବା ସହ ମଜଭୁତ ହୋଇଥାଏ। ତେଣୁ ଶାମ୍ପୁ କରିବାର ଦିନକ ପୂର୍ବରୁ କିମ୍ବା ଅତି କମ୍‌ରେ ୨ ଘଣ୍ଟା ପୂର୍ବରୁ ତେଲ ନିଶ୍ଚୟ ଲଗାନ୍ତୁ।
- ନିଜ କେଶର ପ୍ରକାର ଅନୁସାରେ ହିଁ ଶାମ୍ପୁ କିଣନ୍ତୁ। କେଶ ଅନୁସାରେ ଶାମ୍ପୁ ବ୍ୟବହାର ନ କରିଲେ ଖୁବ୍‌ଶୀଘ୍ର କେଶ ଖରାପ ହୋଇଯାଏ।
- ଆବଶ୍ୟକତାଠାରୁ ଅଧିକ ଶାମ୍ପୁ ଲଗାଇ କେଶ ସଫାକଲେ ତାହା ଖୁବ୍‌ଶୀଘ୍ର କେଶକୁ ଖରାପ କରି ଦେଇଥାଏ। ତେଣୁ ଏଭଳି ଅଭ୍ୟାସକୁ ଖୁବ୍‌ଶୀଘ୍ର ବଦଳାଇ ଦେବା ଦରକାର। କେଶ ପାଇଁ ଯେତିକି ଶାମ୍ପୁ ଆବଶ୍ୟକ ସେତିକି ହିଁ ବ୍ୟବହାର କରନ୍ତୁ।
- ଶାମ୍ପୁ କରି ସାରିବା ପରେ କଣ୍ଡିଶନର ନିଶ୍ଚିତ ଲଗାନ୍ତୁ। ତେବେ ଧ୍ୟାନରଖନ୍ତୁ ଯେପରି କଣ୍ଡିଶନର କେଶ ମୂଳରେ ନ ଲାଗିବ। କଣ୍ଡିଶନର ଲଗାଇବା ଫଳରେ କେଶ ମୁଲାୟମ ହୋଇଥାଏ।
- ଶାମ୍ପୁ କରିବା ପାଇଁ ସବୁବେଳେ ଥଣ୍ଡା ପାଣି ହିଁ ବ୍ୟବହାର କରନ୍ତୁ। ଯଦି ଅଧିକ ଥଣ୍ଡା ଲାଗୁଥାଏ ତେବେ ଅଳ୍ପ ଉଷୁମ ପାଣି ବ୍ୟବହାର କରନ୍ତୁ। କିନ୍ତୁ ଗରମ ପାଣି ସବୁବେଳେ ବ୍ୟବହାର କଲେ କେଶ ରୁକ୍ଷ ହେବା ସହ ଦୁର୍ବଳ ହୋଇଯାଏ।
- ସଫା କରିବା ପରେ କେଶକୁ ଧୀରେ ଧୀରେ ହାଲ୍‌କା ହାତରେ ଶୁଖାନ୍ତୁ। ନଚେତ୍ କେଶ ଛିଣ୍ଡିବା ଭଳି ସମସ୍ୟା ଦେଖାଦେଇପାରେ।



ଖାଦ୍ୟରୁଚି

# ନମ୍‌କିନ୍ ବିସ୍କୁଟ୍



**ଆବଶ୍ୟକ ସାମଗ୍ରୀ:** ୨୦୦ଗ୍ରାମ ମଇଦା, ବେକିଂ ପାଉଡର– ୧/୨ ଚାମଚ, ଘିଅ କିମ୍ବା ବଟର ୨ ଚାମଚ, ଜୁଆଣି ୧/୨ ଚାମଚ, ପାଣି ୧ କପ୍, ଛାଣିବା ପାଇଁ ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା ନିଅନ୍ତୁ। ସେଥିରେ ବେକିଂ ପାଉଡର, ଜୁଆଣି, ଘିଅ/ବଟର, ସ୍ୱାଦାନୁସାରେ ଲୁଣ ଏବଂ ଅଳ୍ପ ଅଳ୍ପ ପାଣି ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ଚକଟା ଯେପରି ପାଣିଆ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଚକଟିବା ପରେ ଏହାକୁ ଘୋଡ଼ାଇ ରଖିଦିଅନ୍ତୁ। ୧୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ଏହାକୁ ରୁଟି ଭଳି ବେଲି ଦିଅନ୍ତୁ। ଛୋଟ ଗ୍ଲାସ୍ ସାହାଯ୍ୟରେ ଛୋଟ ଛୋଟ ଗୋଲ କାଟି ଦିଅନ୍ତୁ। ଆପଣ ଚାହିଁଲେ ଏହାକୁ ସ୍କୋୟାର, ହାର୍ଟ, ଷ୍ଟାର ଭଳି ଯେକୌଣସି ଶେପ୍‌ରେ କାଟିପାରିବେ। ଏକ ଟୁଥ୍‌ପିକ୍‌ରେ ଏସବୁକୁ ଛୋଟ ଛୋଟ କଣା କରିଦିଅନ୍ତୁ। ବର୍ତ୍ତମାନ ଦୁଇଟି ଲେଖାଏଁ ଗୋଲ୍‌କୁ ଧୀରେ ଧୀରେ ଏକାଠି ଚାପି ଦିଅନ୍ତୁ। ଏକ କଡ଼େଇରେ ତେଲ ଗରମକରି ଏହାକୁ ଛାଣନ୍ତୁ। ଉଭୟ ପାର୍ଶ୍ୱ ହାଲ୍‌କା ବ୍ରାଉନ୍ ହୋଇଗଲେ ଏହାକୁ ବାହାର କରିଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଘରେ ପ୍ରସ୍ତୁତ ଏହି ନମ୍‌କିନ୍ ବିସ୍କୁଟ୍ ଖାଇବାର ମଜା ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୬/୨୦୨୩ Bhubaneswar, Tuesday, September 26/ 2023



ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା କ୍ରିକେଟ ଦଳ।

# ମହିଳା କ୍ରିକେଟରେ ଭାରତକୁ ସ୍ୱର୍ଣ୍ଣ

**ହାଙ୍ଗଝୋ, ୨୫।୯ (ପି.ଟି.)**

ଚଳିତ ଏସିଆନ ଗେମ୍ସର ମହିଳା କ୍ରିକେଟ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଯୁବ ପେସ୍ ବୋଲର ଟିଟାସ ସାଧୁଙ୍କ ଘାତକ ବୋଲିଂ ବଳରେ ଭାରତ ସୋମବାର ଅନୁଷ୍ଠିତ ଫାଇନାଲରେ ଶ୍ରୀଲଙ୍କାକୁ ୧୯ ରନରେ ହରାଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛି। ପ୍ରଥମ ପଦାର୍ପଣରେ ଭାରତକୁ ଏହି ସଫଳତା ମିଳିଛି। ବ୍ୟାଟିଂ ପାଇଁ କଷ୍ଟସାଧ୍ୟ ହୋଇଥିବା ପିଚ୍‌ରେ ଭାରତୀୟ ମହିଳାମାନେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୬ ରନ କରି ପାରିଥିଲେ। ସ୍ମୃତି ମନ୍ଧାନା (୪୬ ରନ, ୪୫ ବଲ, ୪ ଚୌକା, ୧ ଛକା) ଓ ଜେମିମା ରୋଡ୍ରିଗ୍ସେଜ (୪୨ ରନ, ୪୦ ବଲ, ୫ ଚୌକା)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟର ଶ୍ରୀଲଙ୍କା ବୋଲିଂକୁ ମୁକାବିଲା କରିପାରି ନ ଥିଲେ। ନିଜର ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଅଧିନାୟିକା ହରମନପ୍ରୀତ କୌର ମାତ୍ର ୨ ରନ କରିବାକୁ ସକ୍ଷମ ହୋଇଥିଲେ। ମାତ୍ର ପିଚ୍ ଏପରି ଥିଲା ଯେ ୧୧୬ ରନ୍ ସ୍କୋର ମଧ୍ୟ ପାର୍ ହୋଇଯାଇଥିଲା। ଶ୍ରୀଲଙ୍କା ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଟିଟାସ ନିଜ ପ୍ରଥମ ସ୍ପେଲ୍‌ରେ ଘାତକ ବୋଲିଂ କରିଥିଲେ। ସେ ମୋଟ ୪ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୬ ରନ ଦେଇ ୩ଟି ଉଇକେଟ ଅକ୍ତିଆର

**ଏସିଆନ୍ ଗେମ୍ସ**

କରିବାରୁ ଶ୍ରୀଲଙ୍କା ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଏହି କ୍ଷତିକୁ ଦଳ ଶେଷ ପର୍ଯ୍ୟନ୍ତ ଭରଣା କରିପାରି ନ ଥିଲା। ସ୍ପିନର ଦେବିକା ବୈଦ୍ୟ ମଧ୍ୟ ଚମତ୍କାର ବୋଲିଂ କରିଥିଲେ। ତାଙ୍କ ବୋଲିଂ ଫିଗର ଥିଲା ୪-୦-୧୫-୧। ପ୍ରତିଭା ସମ୍ପନ୍ନ ଟିଟାସ ନିଜ ପ୍ରଥମ ଦୁଇ ଓଭରରେ ହିଁ ୩ ଉଇକେଟ ନେଇ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏହା ମଧ୍ୟରେ ଦଳର ଅଧିନାୟିକା ତଥା ଶ୍ରୀଲଙ୍କା ବେଷ୍ଟ ବ୍ୟାଟର ଚାମରି ଆଟାପାଟ୍ଟୁଙ୍କ ଉଇକେଟ ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ହସିନି ପେରେରା ସର୍ବାଧିକ ୨୫ ରନ କରିଥିଲେ।



ଉଇକେଟ ନେବାପରେ ଟିଟାସ ସାଧୁ (ଡାହାଣ)ଙ୍କୁ ସ୍ମୃତି ମନ୍ଧାନାଙ୍କ ବଧେଇ।



ଶୁଟିଂରେ ବ୍ରୋଞ୍ଜ ପଦକ ବିଜେତା ଆଦର୍ଶ ସିଂ, ବିଜୟବୀର ସିଦ୍ଧୁ ଓ ଅନିଶ।



ରୋଇଂର ମେନ୍ସ ଫୋର୍ ସ୍କଲ୍ସ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୯ | ୨୧ | ୯ | ୬୯ |
| ଦ.କୋରିଆ | ୧୦ | ୧୦ | ୧୩ | ୩୩ |
| ଜାପାନ | ୫ | ୧୪ | ୧୨ | ୩୧ |
| ଉଜ୍‌ବେକିସ୍ତାନ | ୪ | ୪ | ୬ | ୧୪ |
| ହଂକଂ | ୩ | ୪ | ୭ | ୧୪ |
| ଭାରତ | ୨ | ୩ | ୬ | ୧୧ |
| ଚାଇନିଜ ତାଇପେ | ୨ | ୧ | ୩ | ୬ |
| ଇଣ୍ଡୋନେସିଆ | ୧ | ୧ | ୬ | ୬ |
| ଥାଇଲାଣ୍ଡ | ୧ | ୦ | ୨ | ୩ |
| ମକାଓ | ୧ | ୦ | ୧ | ୨ |
| ତାଜିକିସ୍ତାନ | ୧ | ୦ | ୧ | ୨ |
| ଇରାନ | ୦ | ୩ | ୫ | ୮ |
| ଉ. କୋରିଆ | ୦ | ୨ | ୨ | ୪ |
| ଭିଏତନାମ | ୦ | ୧ | ୫ | ୬ |
| କାଜାଖସ୍ତାନ | ୦ | ୧ | ୪ | ୫ |
| ମଙ୍ଗୋଲିଆ | ୦ | ୧ | ୩ | ୪ |

# ରୋଇଂରୁ ଆଉ ୨ ବ୍ରୋଞ୍ଜ

**ହାଙ୍ଗଝୋ, ୨୫।୯ (ପି.ଟି.)**

ଏସିଆନ ଗେମ୍ସର ରୋଇଂ ଇଭେଣ୍ଟରେ ଭାରତୀୟମାନେ ସୋମବାର ଆଉ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ୱାଟରସ୍ପୋର୍ଟରେ ଭାରତୀୟ ରୋୟରମାନେ ୫ ପଦକ ସହ ଅଭିଯାନ ଶେଷ କରିଛନ୍ତି। ମେନ୍ସ ଫୋର୍ସ ସ୍କଲ୍ସ ଇଭେଣ୍ଟରେ ଯଶବିନ୍ଦର ସିଂ, ଭୀମ ସିଂ, ପୁନିତ କୁମାର ଓ ଆଶିଷ ଗୋଲିୟାନ ଅଳ୍ପକେ ରୌପ୍ୟ ପଦକରୁ ବଞ୍ଚିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଥିଲେ। ଭାରତ ୬:୧୦.୮୧ ସେକେଣ୍ଡ ନେଇ ତୃତୀୟ ହୋଇଥିବାବେଳେ ଚାଇନା ୬:୧୦.୦୪ ସେକେଣ୍ଡ ସହିତ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିଲା। ଉଜ୍‌ବେକିସ୍ତାନ ୬:୦୪.୯୬ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିଲା। ସେହିପରି ସତ୍‌ନାମ ସିଂ, ପରବିନ୍ଦର ସିଂ, ଜାକର ଖାଁ ଓ ସୁଖମିତ ସିଂଙ୍କୁ ନେଇ ଗଠିତ ପୁରୁଷ କ୍ୱାଡ୍ରୁପଲ ସ୍କଲ୍ସ ଟିମ୍ ୬:୦୮.୬୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲା। ଚାଇନା ୬:୦୨.୬୫ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଉଜ୍‌ବେକିସ୍ତାନ ୬:୦୪.୬୪ ସେକେଣ୍ଡ ସହିତ ରୌପ୍ୟ ପଦକ ହାସଲ କରିଥିଲା। ଗତ ସଂସ୍କରଣ ଅପେକ୍ଷା ଏଥର ଭାରତ ଅଧିକ ପଦକ ପାଇଛି। ତେବେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛି। ଗତ ସଂସ୍କରଣରେ ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥର ଭାରତ ଓଭରଅଲ୍ ରୋଇଂରେ ୫ମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଚାଇନା ୧୧ ସ୍ୱର୍ଣ୍ଣ ୨ ରୌପ୍ୟ ସହ ପ୍ରଥମ ଏବଂ ଉଜ୍‌ବେକିସ୍ତାନ ୨ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଛି।

# ପଦକ ନିଶ୍ଚିତ କଲେ ନାଓରେମ୍ ରୋଶିବିନା ଦେବୀ

**ହାଙ୍ଗଝୋ, ୨୫।୯ (ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ର ଦ୍ୱିତୀୟ ଦିନରେ ଭାରତୀୟ ଖେଳାଳିଙ୍କ ମିଶ୍ର ପ୍ରଦର୍ଶନ ଜାରି ରହିଛି। ଉଷୁରେ ଭାରତର ନାଓରେମ୍ ରୋଶିବିନା ଦେବୀ ଏକ ପଦକ ପକ୍କା କରିଛନ୍ତି। ସେ ୬୦ କିଗ୍ରା ଓଜନ ବର୍ଗର ସାଣ୍ଡାରେ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟୁନ ଏକ ବ୍ରୋଞ୍ଜ ପଦକ ହାସଲ କରିବା ସ୍ପଷ୍ଟ ହୋଇଛି । ସେ ପୂର୍ବରୁ ୨୦୧୮ ସଂସ୍କରଣରେ ମଧ୍ୟ ଏକ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ କାଜାଖସ୍ତାନର ଆଇମାନ କାର୍ଶିଗାଙ୍କୁ ପରାସ୍ତ କରିଥିଲେ। **ଚେସ୍:** ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ ସନ୍ତୋଷ ଗୁଜରାଠୀ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ଦୁଇଟି ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଦିନରେ ସଫଳ ରହିଥିବା ଉଭୟ ମହିଳା ଖେଳାଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ହାସଲ କରିଛନ୍ତି। ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ୨୮ ବର୍ଷୀୟ ଗୁଜରାଠୀ ତୃତୀୟ ରାଉଣ୍ଡରେ ଥାଇଲାଣ୍ଡର ପ୍ରିନ୍ ଲାଓହାୱିରାପାପଙ୍କୁ ପରାସ୍ତ କରିଥିବା ବେଳେ ପରବର୍ତ୍ତୀ ରାଉଣ୍ଡରେ ଭିଏତନାମର ଲେ ଟୁଆନ୍ ମିନଙ୍କୁ ହରାଇଥିଲେ। ଅନ୍ୟତମ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ୍ ଏରିଗାସୀ ଭିଏତ୍‌ନାମର ଏନ୍‌ଗୁଏନ୍ ଏନଗକ୍ ଟ୍ରୁଓଙ୍ଗଙ୍କୁ ହରାଇଥିବା ବେଳେ ଇରାନର ଗ୍ରାଣ୍ଡ ମାଷ୍ଟର ଟାବାଟବେଆଇ ସୟଦ ମହମ୍ମଦାମିଙ୍କ ସହିତ ମ୍ୟାଚ୍ ଡ୍ର ରଖିଥିଲେ। ଉଭୟ ଭିଦିତ ଓ ଅର୍ଜୁନ୍ ୩ ପଏଣ୍ଟ ସହିତ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଜ୍‌ବେକିସ୍ତାନର ନୋଡିର୍ବେକ୍ ଅବଦୁସାଟୋରୋଭ ଓ ଚାଇନାର ୱେଇ ଇ ୩.୫ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଛନ୍ତି। ମହିଳା ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ଡି. ହାରିକା ଓ କୋନେରୁ ହମ୍ପି ଗୋଟିଏ ଲେଖାଏ ମ୍ୟାଚ୍ ଡ୍ର ରଖିଥିବା ବେଳେ ଗୋଟିଏ ଲେଖାଏ ପରାଜୟ ବରଣ କରିଛନ୍ତି। ଉଭୟ ପ୍ରଥମ ଦିନରେ ୨ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ଚାଇନାର ଟପ୍ ସିଡ୍ ଖେଳାଳି ହୋଉ ୟିଫାନ୍ ଉଭୟ ଭାରତୀୟ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଚାଇନାର ଝୁ ଜିନରଙ୍କ ସହିତ ହମ୍ପି ମ୍ୟାଚ୍ ଡ୍ର ରଖିଥିବା ବେଳେ ଉଜ୍‌ବେକିସ୍ତାନର ନିଲୁଫର ୟାକୁବ ବାୟେଭାଙ୍କ ସହିତ ଡ୍ର ରଖିଥିଲେ ଡି ହାରିକା। **ଟେନିସ୍:** ଟେନିସ୍‌ରେ ଭାରତ ସୋମବାର ଏକ ବଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟପ୍ ସିଡେଡ୍ ତଥା ସ୍ୱର୍ଣ୍ଣ ପଦକ ଫେଭରିଟ୍ ରୋହନ ବୋପାନ୍ନା-ୟୁକି ଭାମ୍ବ୍ରିଙ୍କ ଯୋଡି ବିଦାୟ ନେଇଛନ୍ତି। ଉଜବେକିସ୍ତାନର ସେର୍ଗେଇ ଫୋମିନ୍-ଖୁମୋୟୁନ୍ ସୁଲତାନୋଭଙ୍କଠାରୁ ୨-୬, ୬-୩ ଓ ୧୦-୬ରେ ପରାସ୍ତ ହୋଇଛନ୍ତି। ୨୦୧୮ରେ ଦ୍ୱିଜ ଶରଣଙ୍କ ସହିତ ବୋପାନ୍ନା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାମକୁମାର ରାମନାଥନ ଓ ସାକେତ୍ ମାଇନେନିଙ୍କ ଯୋଡି ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମିକ୍ସଡ୍ ଡବଲ୍ସରେ ବୋପାନ୍ନା ଓ ଋତୁଜା ଭୋସଲେଙ୍କ ଯୋଡି ୬-୪, ୬-୨ ସେଟରେ ଉଜ୍‌ବେକିସ୍ତାନର ଅକଗୁଲ ଅମାମୁରାଦୋଭା ଓ ମାକ୍ସିମ୍ ଶିମ୍‌ଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଡବଲ୍ସରେ ରୁତୁଜା ଓ କର୍ମନ କୌର ଥଣ୍ଡିଙ୍କ ଯୋଡି ପ୍ରି- କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଦୁଇ ଭାରତୀୟ ଖେଳାଳି ଅଙ୍କିତା ରାଇନା ଓ ଋତୁଜା ଭୋସଲେ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୱାକଓଭର ସହିତ ରାମକୁମାର ରାମନାଥନ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। **ରଗ୍‌ବୀ:** ସେଭେନ୍ ଏ ସାଇଡ୍ ରଗ୍‌ବୀରେ ଭାରତୀୟ ମହିଳା ଦଳ କ୍ରମାଗତ ୪ ମ୍ୟାଚରେ ପରାଜୟ ବରଣ କରିଛି। ପ୍ରଥମ ଦିନରେ ଦୁଇଟି ପରାଜୟ ସହ ଦଳ ବିଦାୟ ନେଇଥିଲା। ରବିବାର ହଂକଂ ଓ ଜାପାନଠାରୁ ହାରିଥିବା ବେଳେ ସୋମବାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ସିଙ୍ଗାପୁର ଠାରୁ ୧୫-୦ରେ ପରାଜିତ ହୋଇଥିଲା। ସପ୍ତମ-ଅଷ୍ଟମ ସ୍ଥାନ ପାଇଁ ଖେଳା ଯାଇଥିବା ମ୍ୟାଚରେ କାଜାଖସ୍ତାନ ନିକଟରୁ ୨୪-୭ରେ ପରାଜିତ ହୋଇ ଅଭିଯାନ ଶେଷ କରିଛି ଭାରତ। **ହ୍ୟାଣ୍ଡବଲ୍:** ହ୍ୟାଣ୍ଡବଲରେ ଜାପାନ ନିକଟରୁ ୪୧-୧୩ରେ ପରାଜିତ ହୋଇଛି ଭାରତୀୟ ମହିଳା ଦଳ। ଭାରତ ପକ୍ଷରୁ ମେନିକା ସର୍ବାଧିକ ୪ ପଏଣ୍ଟ ଅର୍ଜନ କରିଥିଲେ। ପ୍ରିୟଙ୍କା ଓ ପି. ଠାକୁର ୩ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ବୁଧବାର ଭାରତ ହଂକଂ ବିପକ୍ଷରେ ଏହାର ପରବର୍ତ୍ତୀ ମ୍ୟାଚ ଖେଳିବ। **୩ ଏ ସାଇଡ୍ ବାସ୍କେଟବଲ୍:** ୩ ଏ ସାଇଡ୍ ବାସ୍କେଟବଲରେ ଭାରତୀୟ ପୁରୁଷ ଦଳ ବିଜୟୀ ହୋଇଥିବା ବେଳେ ମହିଳା ଦଳ ପରାଜିତ ହୋଇଛି। ପୁଲ୍ ସି'ରେ ଭାରତୀୟ ପୁରୁଷ ଦଳ ୨୦-୧୬ ପଏଣ୍ଟରେ ମାଲେସିଆକୁ ପରାସ୍ତ କରିଥିଲା।

## ଝାଡ଼ଖଣ୍ଡ-ହରିୟାଣା ଫାଇନାଲ ମୁକାବିଲା

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ଏଠାରେ ୧୭ ବର୍ଷରୁ କମ୍ ଜୁନିୟର ବାଳିକା ୬୨ତମ ସୁବ୍ରତ କପ୍ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଗତବର୍ଷର ଚାମ୍ପିୟନ ଝାଡ଼ଖଣ୍ଡର ସେଣ୍ଟ ପ୍ୟାଟ୍ରିକ୍ ସ୍କୁଲ ଏବଂ ଜିଏସ୍‌ଏସ୍‌ଏସ୍ ଅଲକ୍ଷପୁର ମଧ୍ୟରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ରିଶିକା ଅଲକ୍ଷପୁରଙ୍କ ନିର୍ଣ୍ଣାୟକ ଗୋଲ୍ ବଳରେ ଜିଏସ୍‌ଏସ୍‌ଏସ୍ ଅଲକ୍ଷପୁର ମଣିପୁରର ଆନନ୍ଦପୂର୍ଣ୍ଣ ସ୍କୁଲ ଅଫ୍ ସାଇନ୍ସକୁ ହରାଇ ଦେଇଥିଲା। ଦ୍ୱିତୀୟ ସେମିଫାଇନାଲରେ ସେଣ୍ଟ୍ ପ୍ୟାଟ୍ରିକ୍ ୨-୦ ଗୋଲ୍‌ରେ ମିଜୋରାମର ହୋମ୍ ମିଶନ ସ୍କୁଲକୁ ପରାସ୍ତ କରିଥିଲା। ଜିଏସ୍‌ଏସ୍‌ଏସ୍ ଅଲକ୍ଷପୁର କ୍ୱାର୍ଟରରେ ଲୋହିତ ଡିକ୍‌ରଙ୍ଗ୍ ଏଚ୍‌ଏସ୍‌ଏସ୍‌କୁ ପରାଜିତ କରିଥିଲା।

# ଓଡ଼ିଶା ସେମିଫାଇନାଲରେ

**ଭୁବନେଶ୍ୱର, ୨୫।୯**
**(ତପନ ସ୍ୱାଇଁ)**

**ଜାତୀୟ ଜୁନିୟର ବାଳିକା ଫୁଟବଲ**

ଏଠାରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଓଡ଼ିଶା ଆସନ୍ତା ୨୮ ତାରିଖରେ କ୍ୟାପିଟାଲ ଆରେନାରେ ମଣିପୁରକୁ ଭେଟିବ। ସେହିଦିନ ତାମିଲନାଡୁ ଓ ଝାଡ଼ଖଣ୍ଡ ମଧ୍ୟରେ ଅନ୍ୟ ସେମିଫାଇନାଲ ମୁକାବିଲା ହେବ। ତାମିଲନାଡୁ-ଝାଡ଼ଖଣ୍ଡ ମ୍ୟାଚ ପୂର୍ବାହ୍ନ ୯ଟା ଏବଂ ଓଡ଼ିଶା-ମଣିପୁର ମ୍ୟାଚ ଅପରାହ୍ଣ ୨ଟା ୩୦ରେ ଅନୁଷ୍ଠିତ ହେବ।

ସୋମବାର କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ଗୁଜରାଟକୁ ପରାସ୍ତ କରିଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ପ୍ରୀୟା ଓରାମ ୮୫ତମ ମିନିଟରେ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ମଣିପୁର ୧-୦ ଗୋଲରେ ହରିୟାଣାକୁ ପରାସ୍ତ କରିଥିଲା। ମଣିପୁର ପକ୍ଷରୁ ନିଙ୍ଗଥୋଉଜାମ ଓଲିଭିଆ ଚାନୁ ୫୫ତମ ମିନିଟରେ ବିଜୟ ସୂଚକ ଗୋଲଟି ଦେଇଥିଲେ।

୭ମ ବାଟାଲିୟନରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୬-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ଦିଲ୍ଲୀ ପକ୍ଷରୁ ଦୀପିକା ପାଲ୍ ୨୪ ଓ ୮୪ତମ ମିନିଟରେ ୨ଟି ଏବଂ ଭାନି କାଲୁଚା ୮ମ, ଭୂମି ଶର୍ମା ୪୦, ତାରିଣୀ ସିବଲ ୪୫+୩ ଓ ତାନ୍ୟା ସିଂ ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଗ୍ରାଉଣ୍ଡରେ କେରଳ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିଲା। ଅରୁଣାଚଳ ପକ୍ଷରୁ ଗୁନାଇଲୁ ତସିକ ୬୨ ଓ ୭୫ତମ ମିନିଟରେ ୨ଟି ଏବଂ ୟୁମଲାମ ଲାଲି ପେନାଲ୍ଟିରୁ ୩ୟ ଓ ନବମ ରିନା ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କେରଳର ଭାଗ୍ୟା ବିନୋଦ ୭୭, ୮୬ ଓ ୮୯ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅଖିଳ ବି.ଏଲ. ୭୨ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ।



ସୋମବାର କ୍ୟାପିଟାଲ ଫୁଟବଲ ଆରେନାରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ